# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୫/୨୦୨୨ (୧୮ ପୃଷ୍ଠା) | Bhubaneswar, Friday, August 5/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୨୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଆଲିଆଙ୍କ 'ଡାର୍ଲିଂ'କୁ ବଏକଟ୍**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସିନେମା 'ଡାର୍ଲିଂ' ରିଲିଜ୍ ପୂର୍ବରୁ ଏହାକୁ ବଏକଟ୍ କରିବାକୁ ସୋସିଆଲ ମିଡିଆରେ ଦାବି ହେଉଛି।

୧୨

୧୬

**ହରମନପ୍ରୀତ୍‌ଙ୍କ ହ୍ୟାଟ୍ରିକ୍**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୱେଲ୍ସ ବିପକ୍ଷ ହକି ମ୍ୟାଚରେ ଭାରତର ହରମନପ୍ରୀତ୍ ସିଂ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।



## ଜଷ୍ଟିସ୍ ୟୁ.ୟୁ. ଲଳିତ ପରବର୍ତ୍ତୀ ସିଜେଆଇ



**ନୂଆଦିଲ୍ଲୀ,୪।୮:** ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁବାର ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ ଉଦୟ୍ ଉମେଶ ଲଳିତ (ୟୁ.ୟୁ.ଲଳିତ)ଙ୍କ ନାମ ସରକାରଙ୍କୁ ସୁପାରିସ କରିଛନ୍ତି। ଜଷ୍ଟିସ ରମନାଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୬ରେ ଶେଷ ହେଉଥିବାବେଳେ ☞ପୃଷ୍ଠା-୪






# ମା'ଝିଅଙ୍କୁ ଗାଡ଼ି ମଡ଼ାଇ ହତ୍ୟା

## ଟିପ୍ପର ଧକ୍କାରେ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଲା

**ଧର୍ମଶାଳା/ଜେନାପୁର, ୪।୮(ଡି.ଏନ.ଏ.)**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ବୁଧବାର ଟିପ୍ପର ଧକ୍କାରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଗୁରୁବାର ଭିନ୍ନମୋଡ଼ ନେଇଛି। ଟିପ୍ପର ଚାଳକ ସାମାନ୍ୟ ବଚସାରେ ଉତ୍ତ୍ୟକ୍ତ ହୋଇ ଗାଡ଼ି ମଡ଼ାଇ ସେହି ମା'ଝିଅଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ମୃତକ ହେଲେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ରଥପଡ଼ିଆର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ଶ୍ରୀତିକା ଚକ୍ରବର୍ତ୍ତୀ(୪୭) ଓ ତାଙ୍କ ଝିଅ ସୋମାଲୀ ଚକ୍ରବର୍ତ୍ତୀ(୨୬)। ଏନେଇ ପୋଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ ଗୁରୁବାର ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଚାଳକ ହେଲେ ଉକ୍ତ ଥାନା ଅଧୀନ ସଂପାରୁ ପଞ୍ଚାୟତ ତୋଟାକଣ ଗ୍ରାମର ଅମର ସ୍ୱାଇଁ। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଚାଳକଙ୍କୁ ପଚରାଉଚରା ବେଳେ ସେ ନିଜ ଭୁଲ୍ ସ୍ୱୀକାର କରିଥିବା କଥା ଏସ୍‌ପି ରାହୁଲ୍ ପିଆର୍ ସୂଚନା ଦେଇଛନ୍ତି। ଏଥିସହିତ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଆରୁହା ଛକରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି।



ମୃତ ମା'ଝିଅ

ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଶ୍ରୀତିକା ତାଙ୍କ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଗ୍ରାମକୁ ଝିଅ ସହ ଯାଇଥିଲେ।

- **ନିଜ ପକ୍ଷରୁ ମାମଲା ରୁଜୁକଲା ପୋଲିସ**
- **ଚାଳକ ଗିରଫ, ହତ୍ୟା ମାମଲା ରୁଜୁ**



ଗିରଫ ଗାଡ଼ି ଚାଳକ।

ଶୁଦ୍ଧିକ୍ରିୟା ସାରି ମା',ଝିଅ ବୁଧବାର ଅପରାହ୍ନରେ ଏକ ସ୍କୁଟି(ନଂ.ଓଡି୦୬ଜି ୭୯୨୯)ରେ ଘରକୁ ଫେରୁଥିଲେ। ଆରୁହା ଛକ ନିକଟରେ ଶ୍ରୀତିକା, ସୋମାଲୀ ଓ ଟ୍ରକ୍ ଚାଳକ ଅମରଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ସେଠାରେ ରୁଣ୍ଡ ହୋଇ ଯାଇଥିଲେ। ତେବେ କ'ଣ ପାଇଁ ଏହି ବଚସା ଚାଲିଛି ବୋଲି ପଚାରିବାରୁ ଶ୍ରୀତିକା, ସୋମାଲୀ କହିଥିଲେ, ସ୍କୁଟିରେ ଆସୁଥିବା ବେଳେ ଟିପ୍ପର ଚାଳକ ସେମାନଙ୍କୁ ସାଇଡ୍ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେଣୁ ସେମାନେ ଆରୁହା ଛକରେ ଟ୍ରକ୍‌କୁ ଅଟକାଇ ସମ୍ପୃକ୍ତ ଚାଳକଙ୍କୁ ପଚାରିବାରୁ ଚାଳକ ତାଙ୍କୁ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ଏହି ଘଟଣାର ଆପୋସ ସମାଧାନ କରି ଶ୍ରୀତିକା ଓ ସୋମାଲୀଙ୍କୁ ବିଦା କରିଦେଇଥିଲେ। ତେବେ ଏହାର କିଛି ସମୟ ପରେ ଟିପ୍ପର ଚାଳକ ସେହି ରାସ୍ତାରେ ଗାଡ଼ି ନେଇ ଯାଇଥିଲେ। ମାତ୍ର ୧୫ରୁ ୨୦ ମିନିଟ ପରେ ସେମାନଙ୍କୁ ବରଡ଼ା ଛକରେ ଦେଖି ଗାଡ଼ି ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ମା'ଝିଅଙ୍କ ମୃତ୍ୟୁ ହୋଇଥିଲା। ଚାଳକ ଜାଣିଶୁଣି ଗାଡ଼ି ଚଢ଼ାଇ ହତ୍ୟା କରି ଦୁର୍ଘଟଣାର ରୂପଦେବାକୁ ଚେଷ୍ଟା କରିଥିଲେ ବୋଲି ☞ପୃଷ୍ଠା-୪






**ଆଜିର ମନ୍ତବ୍ୟ**

"ଗାନ୍ଧୀ ପରିବାର ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡି ପ୍ରଶ୍ନର ଉତ୍ତର ଦେବାକୁ ସେମାନେ ବାଧ୍। ଦୁର୍ନୀତି, ଆଇନ ଉଲ୍ଲଂଘନ, ତଦନ୍ତକାରୀ ସଂସ୍ଥାକୁ ଧମକ ଦେବାରେ ଏହି ପରିବାର ଭୟ କରନ୍ତି ନାହିଁ।

- ଗୌରବ ଭାଟିଆ, ଭାଜପା ମୁଖପାତ୍ର

**ଆଜିର ସମ୍ପାଦକୀୟ**

**ସଚେତନ ହେବାର ବେଳ**


DSPL - 127

ଡାଇରିଆ (ତରଳ ଝାଡ଼ା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ

**ଡାଇରିଆର ଲକ୍ଷଣ :**

ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡ଼ା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା। ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।

**ଡାଇରିଆର ପ୍ରତିରୋଧ :**

**କରନ୍ତୁ :**

- ✓ ବାହାରେ ଝାଡ଼ା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ।
- ✓ ତରଳ ଝାଡ଼ା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ।
- ✓ ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ।

**କରନ୍ତୁ ନାହିଁ :**

- ✗ ନଈ, ଝରଣା, ଚୂଆ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ।
- ✗ ଝାଡ଼ା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୂଅନ୍ତୁ ନାହିଁ।



ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ। ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ।

OIPR-10003/13/0057/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha


# ୨୨୫୩.୧୫ କୋଟିରେ ହେବ ୧୧ ପ୍ରକଳ୍ପ

- **୩,୮୧୭ ଜଣଙ୍କୁ ମିଳିବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ**
- **ସୁନ୍ଦରଗଡ଼ରେ ଲୁହାପଥର ବେନିଫିକେଶନ କାରଖାନା**
- **ଖୋର୍ଦ୍ଧାରେ କ୍ଲାଉଡ୍ ହୋଷ୍ଟିଂ ସର୍ଭିସ୍ ସୁବିଧାଯୁକ୍ତ ଡାଟାସେଣ୍ଟର**
- **ଢେଙ୍କାନାଳରେ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ**

**ଭୁବନେଶ୍ୱର, ୪।୮(ବ୍ୟୁରୋ)**

ରାଜ୍ୟରେ ଖୁବ୍‌ଶୀଘ୍ର ୧୧ ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏଥିରେ ମୋଟ ୨୨୫୩.୧୫ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ପ୍ରକଳ୍ପଗୁଡ଼ିକରେ ମୋଟ୍ ୩,୮୧୭ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ (ସିଙ୍ଗିଲ ୱିଣ୍ଡୋ) କମିଟି ବୈଠକରେ ଏଥିଲାଗି ନୀତିଗତ ଅନୁମୋଦନ ମିଳିଛି।

ସୁନ୍ଦରଗଡ଼ରେ ୫୩୩.୨୫ କୋଟି ଟଙ୍କା ବିନିଯୋଗରେ ଫିଡର୍ସ ଇଲେକ୍ଟ୍ରିକ୍ ଏବଂ ଇଞ୍ଜିନିୟରିଂ ଲିମିଟେଡ୍ ପକ୍ଷରୁ ଲୁହାପଥର ବେନିଫିକେଶନ କାରଖାନା ସ୍ଥାପନ ହେବ। ଏଥିରେ ୧୦୨୯ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସୁନ୍ଦରଗଡ଼ରେ ୫୨୦ କୋଟି ଟଙ୍କା ବିନିଯୋଗରେ ଏନ୍‌ଭିରୋକେୟାର୍ ଇନ୍‌ଫ୍ରାସଲ୍ୟୁଶନ ପ୍ରାଇଭେଟ ☞ପୃଷ୍ଠା-୪

## ୮୭ ପ୍ରତିଶତ ବୁଷ୍ଟର ଡୋଜ୍ ନେଇନାହାନ୍ତି

**ଭୁବନେଶ୍ୱର, ୪।୮(ବ୍ୟୁରୋ)**

କରୋନା ମହାମାରୀର ମୁକାବିଲା ପାଇଁ ସବୁଠୁ ବଡ଼ ଅସ୍ତ୍ର ଭାବେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ଟିକାକରଣ ପରେ ଏବେ ବୁଷ୍ଟର ଡୋଜ୍ ଜାରି ରହିଛି। ମାତ୍ର ଅଧିକାଂଶ ଲୋକ ବୁଷ୍ଟର ଡୋଜ୍ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି। ଏବେ ସୁଦ୍ଧା ରାଜ୍ୟର ମାତ୍ର ୪୨ ଲକ୍ଷ ୭୦ହଜାର ୪୮୭ ଜଣ (୧୩%) ବୁଷ୍ଟର ଡୋଜ୍ ନେଇଛନ୍ତି। ବାକି ୮୭ ପ୍ରତିଶତ ବା ୨କୋଟି ୮୪ ଲକ୍ଷ ଲୋକ ବୁଷ୍ଟର ଡୋଜ୍ ନେଇ ନାହାନ୍ତି। ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ସେହିପରି ରାଜ୍ୟରେ ୨୫ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଟିକା ନେଇନାହାନ୍ତି। ରାଜ୍ୟର ୬ଟି ଜିଲା ଯଥା କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ପୁରୀ, ଅନୁଗୋଳରେ ୯୦ ପ୍ରତିଶତରୁ କମ୍ ପ୍ରଥମ ଡୋଜ ଟିକାକରଣ ହୋଇଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ମାଗଣା ଟିକାକରଣକୁ ଆଉ କମ୍ ଦିନ ବାକି ଥିବାରୁ ସମସ୍ତଙ୍କୁ ଯଥାଶୀଘ୍ର ବୁଷ୍ଟର ଡୋଜ୍ ନେବା ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ଏଥିସହିତ ରାଜ୍ୟରେ କୋଭିଶିଲ୍ଡ ଟିକା କମ୍ ଥିବାରୁ ଏନେଇ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ରକୁ ଚିଠି ଲେଖିଛି।




ପେଲୋସିଙ୍କ ଗସ୍ତକୁ ନେଇ ତାଇୱାନ୍ ଓ ଆମେରିକା ଉପରେ କ୍ଷୁବ୍ଧ ଚାଇନା ସମରାଭ୍ୟାସ ଆଳରେ ଆତଙ୍କ ସୃଷ୍ଟି କରିଛି। ଶତାଧିକ ଲଢୁଆ ବିମାନ ଓ ୧୦ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜକୁ ସକ୍ରିୟ କରି ଯୁଦ୍ଧ ପ୍ରସ୍ତୁତିର ସଙ୍କେତ ଦେଇଛି। ତାଇୱାନ୍ ପ୍ରଣାଳୀରେ ଡ୍ରାଗନ୍‌ର କ୍ଷେପଣାସ୍ତ୍ର ମାଡ଼ ସହ ସୀମାରେ ସୈନ୍ୟ ଓ ଅସ୍ତ୍ର ଠୁଳ ତାଇପେଇର ଚିନ୍ତା ବଢ଼ାଇଛି। ଚାଇନାର ୨୨ ଫାଇଟର ଜେଟ୍ ମେଡିଆନ୍ ଲାଇନ୍ ଅତିକ୍ରମ କରିଥିବା ତାଇୱାନ୍ ଅଭିଯୋଗ ଆଣିଛି। ଜାପାନର ଇକୋନୋମିକ୍ ଜୋନ୍‌ରେ ଚାଇନାର ୫ଟି ମିଶାଇଲ୍ ପଡ଼ିଥିବା ଟୋକିଓ କହିଛି।


ପିଏଲ୍ଏର ଇଷ୍ଟର୍ନ କମାଣ୍ଡ ଅଧୀନ ଗ୍ରାଉଣ୍ଡ ଫୋର୍ସ ଗୁରୁବାର ତାଇୱାନ୍ ପ୍ରଣାଳୀରେ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ କରୁଛି।

# ଘୋଟିଲା ଯୁଦ୍ଧ ବାଦଲ

**ବେଜିଂ/ତାଇପେଇ/ୱାଶିଂଟନ,୪।୮**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଦଖଲ ଉଦ୍ୟମର ଦୁଷ୍ପରିଣାମ କେବଳ ଦୁଇ ପଡ଼ୋଶୀ ଭୋଗୁ ନାହାନ୍ତି। ଫେବୃୟାରୀ ୨୪ରୁ ଚାଲିଥିବା ଯୁଦ୍ଧ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଛି। ଏହାର ଅବସାନ କେବେ ଘଟିବ ଆକଳନ କରି ହେଉ ନ ଥିବାବେଳେ ମସ୍କୋକୁ ଅନୁସରଣ କରି ତାଇୱାନ ଉପରେ ଅନୁରୂପ ଭାବେ ଦାଉସାଧୁଛି ବେଜିଂ। ୟୁକ୍ରେନ୍ ଆକ୍ରମଣକୁ ଅନେକ ରାଷ୍ଟ୍ର ନିନ୍ଦା କରିଥିବାବେଳେ ଆମେରିକାର ତାଗିଦ ସତ୍ତ୍ୱେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ରୁଷୀୟ ପ୍ରତିପକ୍ଷ ପୁଟିନ୍‌ଙ୍କୁ ସମର୍ଥନ କରିଆସିଛନ୍ତି। ଚାଇନାର ସାମରିକ ବାହିନୀ ଗୁରୁବାରଠାରୁ ୪ ଦିନିଆ ଯୁଦ୍ଧଖେଳ ଆରମ୍ଭ କରିଛି। ସମରାଭ୍ୟାସ ନାମରେ ତାଇୱାନ ପ୍ରଣାଳୀରେ ଘନଘନ ବାଲିଷ୍ଟିକ୍ ମିଶାଇଲ ମାଡ଼ କରାଯାଉଛି। ଗଣମାଧ୍ୟମରେ ପ୍ରସାରିତ କ୍ଷେପଣାସ୍ତ୍ର ଛଡ଼ାଯିବାର ଛାତିଥରା ଦୃଶ୍ୟ ବିଶ୍ୱବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ଆଗକୁ ଚାଇନା-ତାଇୱାନ୍ ସଂଘର୍ଷ ଘଟିଲେ ସ୍ଥିତି କେଉଁ ଆଡ଼କୁ ମୁହାଁଇବ ଠଉରାଇବା ମୁସ୍କିଲ ନୁହେଁ। ଗୋଟିଏ ଯୁଦ୍ଧ ସରିନାହିଁ। ବିଶ୍ୱର ତିନି ମହାଶକ୍ତି ଆମେରିକା, ଚାଇନା ଓ ରୁଷିଆ ମଧ୍ୟରେ ଚାଲିଥିବା ବାଣିଜ୍ୟିକ-ସାମରିକ-କୂଟନୈତିକ ପ୍ରତିଦ୍ୱନ୍ଦ୍ୱିତାରୁ ଶୁଭାଗଲାଣି ଆଉ ଏକ ସମ୍ଭାବ୍ୟ ଯୁଦ୍ଧର ପଦଧ୍ୱନି।

ଆମେରିକା ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ତତ୍କାଳ ପ୍ରତିକ୍ରିୟାଶୀଳ ହୋଇଉଠିଛି ଚାଇନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ଇଷ୍ଟର୍ନ କମାଣ୍ଡ ଗୁରୁବାର ତାଇୱାନ ପ୍ରଣାଳୀରେ ସମରାଭ୍ୟାସ ଆରମ୍ଭ କରିଛି, ଯାହାକି ରବିବାର ପର୍ଯ୍ୟନ୍ତ ଚାଲିବ। ଚାଇନା ସେନାର ନୂଆ ଶାଖା ରକେଟ ଫୋର୍ସ ପକ୍ଷରୁ ଦ୍ୱୀପରାଷ୍ଟ୍ରର ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଉପକୂଳରେ ୧୧ଟି ଦୂରଗାମୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଛି। ଫଳରେ ବ୍ୟସ୍ତବହୁଳ ଜଳପଥରେ ତାଇୱାନର ଜାହାଜ ଚଳାଚଳ ଓ ଆକାଶ ମାର୍ଗରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟ ମାର୍ଗ ଦେଇ ମାଲ ପରିବହନ କରାଯାଉଥିବାରୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବିଳମ୍ବିତ ହେବା ଆଶଙ୍କା ଉପୁଜିଛି। ତାଇୱାନର ତାଓୟୁଆନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୫୦ରୁ ଊର୍ଦ୍ଧ୍ୱ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍‌କୁ ବାତିଲ କରାଯାଇଛି। ଚାଇନାର ଘନିଷ୍ଠ ସହଯୋଗୀ ଉତ୍ତର କୋରିଆ କିଛି ମାସ ତଳେ ସମ୍ପୃକ୍ତ ଅଞ୍ଚଳରେ ଡିଏଫ୍ ସିରିଜ୍‌ର ମିଶାଇଲ ପରୀକ୍ଷଣ କରି ଉତ୍ତେଜନା ବୃଦ୍ଧି କରିଥିବାବେଳେ ବେଜିଂ ଏହାକୁ ଅନୁସରଣ କରି ମିଶାଇଲ୍ ମାଡ଼ କରୁଥିବା ତାଇପେଇ ଅଭିଯୋଗ ଆଣିଛି।

## ଦକ୍ଷିଣ କୋରିଆରେ ପେଲୋସି

ସିଙ୍ଗାପୁର ପରେ ମାଲେସିଆରୁ ତାଇୱାନ ଗସ୍ତ ଶେଷ କରି ଜାପାନ ଦେଇ ଗୁରୁବାର ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସି। ସିଓଲରେ ସେ ଦକ୍ଷିଣ କୋରିଆ ନ୍ୟାଶନାଲ ଆସେମ୍ବ୍ଲି ସ୍ପିକର କିମ୍ ଜିନ୍ ପ୍ୟୋ ଓ ବରିଷ୍ଠ ସାଂସଦମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କିନ୍ତୁ ତାଙ୍କ ଗସ୍ତ ଯୋଗୁ ଉପୁଜିଥିବା ଚାଇନା-ତାଇୱାନ ଉତ୍ତେଜନା ଉପରେ ମନ୍ତବ୍ୟ ଦେବାକୁ ଉଚିତ ମଣିନାହାନ୍ତି। ଉତ୍ତର କୋରିଆରେ ପ୍ରାୟ ୨୮,୫୦୦ ଆମେରିକୀୟ ସୈନ୍ୟ ଅଛନ୍ତି।


ନାନ୍ସି ପେଲୋସି



> ତାଇୱାନ୍ ଯୁଦ୍ଧ ପାଇଁ ଉସୁକାଇବ ନାହିଁ। କିନ୍ତୁ ନିଜ ସାର୍ବଭୌମତ୍ୱ ଓ ଜାତୀୟ ସୁରକ୍ଷାକୁ ଦୃଢ଼ ଭାବେ ସୁରକ୍ଷା ଦେବ।
> **-ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍**

## ଚାଇନା ବନାମ ତାଇୱାନ

- ୧୯୪୦ ଦଶକରେ ଗୃହଯୁଦ୍ଧ ସମୟରେ ଚାଇନାଠାରୁ ତାଇୱାନ୍ ପୃଥକ୍ ହୋଇଥିଲା। ଚାଇନା ଏହି ସ୍ୱୟଂଶାସିତ ଭୂଖଣ୍ଡକୁ ନିଜର ଦାବି କରି ବଳପୂର୍ବକ ଦଖଲ କରିବାକୁ ଚାହେଁ।
- ତାଇୱାନର ନିଜସ୍ୱ ସମ୍ବିଧାନ ରହିଛି। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ରାଷ୍ଟ୍ରପତି ସରକାର ଚଳାନ୍ତି। ଏହାର ସଶସ୍ତ୍ର ବଳରେ ପ୍ରାୟ ୩ ଲକ୍ଷ ସକ୍ରିୟ ସୈନ୍ୟ ଅଛନ୍ତି।
- ତାଇୱାନକୁ ଅଳ୍ପ କେତୋଟି ଛୋଟ ଦେଶ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ସ୍ୱୀକୃତି ଦେଇଛନ୍ତି। ଅଧିକାଂଶ ଦେଶ ଏହାକୁ ଚାଇନାର ଏକ ଅଂଶ ବିବେଚନା କରି ବେଜିଂ ପରିଚାଳିତ ସରକାରକୁ ମାନ୍ୟତା ଦେଇଥାଆନ୍ତି।
- ତାଇୱାନ ସହ ଆମେରିକାର ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ନାହିଁ। କିନ୍ତୁ ଏକ ଚୁକ୍ତି ଅନୁସାରେ ଆମେରିକା ଏହି ଦ୍ୱୀପରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିଥାଏ। ତାଇୱାନକୁ ଆତ୍ମରକ୍ଷା ପାଇଁ ଜରୁରୀ ସାମରିକ ସହାୟତା ଦେବା ଲାଗି ଉଦ୍ଦିଷ୍ଟ ଏକ ଆଇନ ରହିଥିବା ୱାଶିଂଟନ କହିଥାଏ।

## କ’ଣ ପାଇଁ ଲଢ଼େଇ


ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ⋮ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତୃତୀୟ ଥର ପାଇଁ ୫ ବର୍ଷିଆ ଶାସନ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ସେ ନିଜ ପରବର୍ତ୍ତୀ କାର୍ଯ୍ୟକାଳ ମଧ୍ୟରେ ତାଇୱାନକୁ ଚାଇନା ମୂଳ ଭୂଖଣ୍ଡରେ ସାମିଲ କରି ଦେଶବାସୀଙ୍କ ନଜରରେ ‘ହିରୋ’ ସାଜିବାକୁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ତାଙ୍କ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ସକାଶେ ‘ୱାନ୍ ଚାଇନା ପଲିସି’ ବଡ଼ ଅସ୍ତ୍ର ପାଲଟିଛି। କିଛି ମାସ ପରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା ଜିନ୍‌ପିଙ୍ଗ୍‌ଙ୍କ ଦାବିକୁ ସମର୍ଥନ କରିବା ଏକପ୍ରକାର ନିଶ୍ଚିତ ଥିବାବେଳେ ତାଙ୍କ ପରାକ୍ରମକୁ ଦୁର୍ବଳ କରିବା ପାଇଁ ଆମେରିକା ଉଦ୍ୟମ ଚଳାଇଛି। ବିଶେଷକରି ବର୍ଷକ ତଳେ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ପରେ କାବୁଲରେ ଗଣତାନ୍ତ୍ରିକ ସରକାରର ପତନ ଏବଂ ଗତ ଫେବୃୟାରୀରେ ତାଗିଦ୍ ସତ୍ତ୍ୱେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିଶ୍ୱସ୍ତରରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭାବମୂର୍ତ୍ତିକୁ ଦୁର୍ବଳ କରିଦେଇଛି। ଏଥିଲାଗି ବାଇଡେନ୍ ନିଜ ଛବି ସୁଧାରିବା ପାଇଁ ଅଲ୍-କାଏଦା ମୁଖ୍ୟ ଅୟମନ୍ ଅଲ୍-ଜୱାହିରିଙ୍କୁ ନିପାତ କରିବା ଭଳି ପଦକ୍ଷେପ ନେଉଛନ୍ତି। ନିକଟରେ ବାଇଡେନ୍‌ଙ୍କ ସହ ଭର୍ଚୁଆଲ ଆଲୋଚନା ବେଳେ ଚାଇନା ପ୍ରତିପକ୍ଷ ଜିନ୍‌ପିଙ୍ଗ୍ ତାଙ୍କୁ ନିଆଁ ସହ ଖେଳିଲେ ପୋଡ଼ିଯିବ ବୋଲି ଚେତାବନୀ ଦେଇଥିଲେ। ଏହାକୁ ଭ୍ରୂକ୍ଷେପ ନ କରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର ନାନ୍ସି ପେଲୋସି ତାଇୱାନ ଗସ୍ତ କରିଥିଲେ। ପେଲୋସିଙ୍କ ନେତୃତ୍ୱରେ ତାଇୱାନ ଗସ୍ତ ଶେଷକରି ବୁଧବାର ଫେରିଥିବା କଂଗ୍ରେସ ପ୍ରତିନିଧି ଦଳକୁ ଆମେରିକା ବାୟୁସେନା ବିମାନଗୁଡ଼ିକ ଏସ୍କର୍ଟ କରି ନେଉଥିବା ଦୃଶ୍ୟ ସାମ୍ପ୍ରତିକ ସ୍ଥିତିର ଭୟାବହତାକୁ ସୂଚାଇଛି। ବେଜିଂ ନିଜ ଔଦ୍ଧତ୍ୟକୁ ଯଥାର୍ଥ ପ୍ରତିପାଦିତ କରିବାକୁ ଯାଇ କହିଛି, ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତା ଅକ୍ଷୁଣ୍ଣ ରଖିବା ଲାଗି ଆମେ ସମରାଭ୍ୟାସ କରୁଛୁ। ଆମେରିକା ଭଳି ଆମେ କୌଣସି ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁନାହୁଁ।

## ମିଥିଲେଶ ଚତୁର୍ବେଦୀଙ୍କ ପରଲୋକ

**ମୁମ୍ବାଇ, ୪।୮:** ବରିଷ୍ଠ ଅଭିନେତା ମିଥିଲେଶ ଚତୁର୍ବେଦୀ(୬୭)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ୧୦ ଦିନ ପୂର୍ବରୁ ହୃଦ୍‌ଘାତର ଶିକାର ହେବା ପରେ ମୁମ୍ବାଇର



କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗଦର: ଏକ୍ ପ୍ରେମ କଥା, ତାଲ୍, ଫିଜା, ଅଶୋକା, ବଣ୍ଟି ଔର ବବ୍‌ଲି, କୋଇ ମିଲ୍ ଗୟା, କ୍ରିଶ୍, ରେଡୀ, ଗୁଲାବୋ ସିତାବୋ ଆଦି ଅନେକ ଫିଲ୍ମ ସମେତ ୱେବ୍ ସିରିଜ୍ ‘ସ୍କାମ ୧୯୯୨’ରେ ମିଥିଲେଶ ଅଭିନୟ କରିଥିଲେ।

## ୧୪୦୦ କୋଟିର ଡ୍ରଗ୍ସ ଜବତ: ପିଜି ଛାତ୍ରଙ୍କ ସମେତ ୫ ଗିରଫ

**ମୁମ୍ବାଇ,୪।୮:** ମୁମ୍ବାଇ ପୋଲିସର ଆଣ୍ଟିନାର୍କୋଟିକ୍ସ ସେଲ୍ ମହାରାଷ୍ଟ୍ରର ପାଲଘର ଜିଲା ଅନ୍ତର୍ଗତ ନାଲାସୋପରାରେ ଥିବା ଏକ ଡ୍ରଗ୍ସ କାରଖାନାରେ ଚଢ଼ାଉ କରି ୭୦୦ କିଲୋଗ୍ରାମ ମେଫେଡ୍ରନ ଜବତ କରିଛି। ଏହାର ମୂଲ୍ୟ ୧,୪୦୦ କୋଟି ଟଙ୍କା ହେବ। ଚଢ଼ାଉ ବେଳେ ଅର୍ଗାନିକ କେମେଷ୍ଟ୍ରି ସ୍ନାତକୋତ୍ତର ଛାତ୍ରଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ମୁମ୍ବାଇରୁ ୪ ଜଣ ଏବଂ ନାଲାସୋପରାରୁ ଜଣେ ଗିରଫ ହୋଇଛନ୍ତି।

# ଇଡି ପାଇଁ ସଂସଦରେ ଅଚଳାବସ୍ଥା

**ନୂଆଦିଲ୍ଲୀ,୪।୮**

କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅପବ୍ୟବହାର କରୁଥିବା ନେଇ ଗୁରୁବାର ଲୋକ ସଭାରେ କଂଗ୍ରେସ ସଦସ୍ୟମାନେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିବାରୁ ଗୃହକୁ ଗୋଟିଏ ଦିନ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଇଡି କାର୍ଯ୍ୟାନୁଷ୍ଠାନ ଏବଂ ଦରଦାମ୍ ବୃଦ୍ଧି ବିରୋଧରେ ପ୍ଲାକାର୍ଡ ଧରି ହୋହାଲ୍ଲା କରିଥିଲେ। କଂଗ୍ରେସ ସହ ଅନ୍ୟ ବିରୋଧୀ ସଦସ୍ୟ ମିଶି ଇଡି କାର୍ଯ୍ୟାନୁଷ୍ଠାନ, ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଏବଂ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ହଟ୍ଟଗୋଳ କରିବାରୁ ବାଚସ୍ପତି ଓମ୍ ବିର୍ଲା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ କଂଗ୍ରେସ ସଦସ୍ୟଙ୍କ ପ୍ରତିବାଦ ଓ ସ୍ଲୋଗାନ ମଧ୍ୟରେ ଦୁଇଟି ପ୍ରସ୍ତାବ ଧ୍ୱନିମତରେ ଗୃହୀତ ହୋଇଥିଲା। ତେବେ ସ୍ଲୋଗାନବାଜି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା କିରୀଟ ସୋଲାଙ୍କି ହଟ୍ଟଗୋଳ କରୁଥିବା ସଦସ୍ୟମାନଙ୍କୁ ସେମାନଙ୍କୁ ଆସନକୁ ଫେରିଯିବା ଲାଗି ଅନୁରୋଧ କରିଥିଲେ। ତେବେ ସେମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ରାଜ୍ୟ ସଭାରେ ମଧ୍ୟ ଇଡି କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗର ପ୍ରତିବାଦ କରାଯାଇଥିଲା। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଇଡି ଭଳି ସ୍ୱୟଂକ୍ରିୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଥିବା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଥିଲେ। ପାର୍ଲାମେଣ୍ଟ ଚାଲିଥିବାବେଳେ ତାଙ୍କୁ ନ୍ୟାଶନାଲ ହେରାଲ୍ଡ ମାମଲାରେ ହାଜର ହେବା ଲାଗି ଇଡି କିପରି ସମନ କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ନ୍ୟାଶନାଲ ହେରାଲ୍ଡ କାର୍ଯ୍ୟାଳୟ ଉପରେ ଇଡି ଚଢ଼ାଉ ପରେ ବୁଧବାର ଏହାକୁ ଚଳାଉଥିବା ୟଙ୍ଗ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟାଳୟକୁ ସିଲ୍ କରିଥିଲା। ଖାର୍ଗେ ଉକ୍ତ କମ୍ପାନୀର ପ୍ରାଧିକୃତ ପ୍ରତିନିଧି ରହିଛନ୍ତି। ବୁଧବାର ଇଡି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଘରକୁ ଅବରୋଧ କରିଥିଲା। ଏଭଳି ସ୍ଥିତିରେ ଗଣତନ୍ତ୍ର ବଞ୍ଚିବ କି ଏବଂ ସମ୍ବିଧାନ ଅନୁଯାୟୀ ଆମେ କାର୍ଯ୍ୟ କରିପାରିବା କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## ସଞ୍ଜୟଙ୍କ ସ୍ତ୍ରୀଙ୍କୁ ସମନ



**ମୁମ୍ବାଇ,୪।୮:** ପତ୍ରା ଚଲ୍ ପୁନର୍ବିକାଶ କାର୍ଯ୍ୟରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ ଇଡି ଗୁରୁବାର ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କ ସ୍ତ୍ରୀ ବର୍ଷାଙ୍କୁ ସମନ ଜାରି କରିଛି। ଉକ୍ତ ମାମଲାରେ ଗିରଫ ହୋଇଥିବା ସଞ୍ଜୟଙ୍କ ଇଡି ହାଜତ ମିଆଦକୁ ଏକ ସ୍ୱତନ୍ତ୍ର କୋର୍ଟ ଅଗଷ୍ଟ ୮କୁ ବୃଦ୍ଧି କରିଛନ୍ତି। ଗତ ରବିବାର ଇଡି ରାଉତଙ୍କୁ ଅଟକ ରଖି ଜେରା କରିବା ପରେ ମଧ୍ୟରାତ୍ରରେ ଗିରଫ କରିଥିଲା। ସୋମବାର ଇଡି ତାଙ୍କୁ ଅଗଷ୍ଟ ୪ ପର୍ଯ୍ୟନ୍ତ ହାଜତକୁ ନେଇଥିଲା।

## ପାକିସ୍ତାନରେ ଖୋଲିଲା ୧୨ଶହ ବର୍ଷ ପୁରୁଣା ମନ୍ଦିର

**ଲାହୋର, ୪।୮:** ଦୀର୍ଘଦିନର ଆଇନଗତ ଲଢ଼େଇ ପରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨ଶହ ବର୍ଷ ପୁରୁଣା ବାଲ୍ମିକୀ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏକ ଖ୍ରୀଷ୍ଟିଆନ ପରିବାର ଏହାକୁ କବଜା କରି ରଖିବା ଯୋଗୁ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏଠାରେ ସବୁବର୍ଗର ହିନ୍ଦୁ ପୂଜାର୍ଚ୍ଚନା କରିପାରୁ ନ ଥିଲେ। କୃଷ୍ଣ ମନ୍ଦିର ବ୍ୟତୀତ ଲାହୋରରେ ବାଲ୍ମିକୀ ମନ୍ଦିର ଏକମାତ୍ର କାର୍ଯ୍ୟକ୍ଷମ ହିନ୍ଦୁ ମନ୍ଦିର। ଖ୍ରୀଷ୍ଟିଆନରୁ ହିନ୍ଦୁ ଧର୍ମକୁ ଗ୍ରହଣ କରିଥିବା ଦାବି କରି ଉକ୍ତ ପରିବାର ସେଠାରେ କେବଳ ବାଲ୍ମିକୀ ଜାତିର ହିନ୍ଦୁମାନଙ୍କୁ ମନ୍ଦିରରେ ପ୍ରବେଶ ପାଇଁ ଅନୁମତି ଦେଉଥିଲେ। ବୁଧବାର ଏହି ମନ୍ଦିର ଖୋଲାଯାଇଥିବାବେଳେ ଏଠାରେ ଶତାଧିକ ହିନ୍ଦୁ, ଶିଖ୍, ଖ୍ରୀଷ୍ଟିଆନ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିଲେ।

# ସୁପ୍ରିମକୋର୍ଟ: ୧୦ ବର୍ଷ ହେଲା ବିଚାରାଧୀନ ୧୦ ହଜାର ମାମଲା

**ନୂଆଦିଲ୍ଲୀ, ୪।୮**

ସୁପ୍ରିମକୋର୍ଟରେ ଅଦ୍ୟାବଧି ୭୧ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡ଼ିରହିଥିବାବେଳେ ସେଥିମଧ୍ୟରୁ ୧୦ ହଜାରରୁ ଅଧିକ ଗତ ଦଶନ୍ଧି ଧରି ଗଡୁଛି। ଏ ନେଇ ଆଇନମନ୍ତ୍ରୀ କିରେନ ରିଜିଜୁ ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୨ ସୁଦ୍ଧା ସୁପ୍ରିମକୋର୍ଟରେ ୭୧,୪୧୧ ମାମଲା ବିଚାର ହୋଇ ନ ପାରି ପଡ଼ିରହିଛି। ସେଥିମଧ୍ୟରୁ ୫୬ ହଜାରରୁ ଊର୍ଦ୍ଧ୍ୱ ଦେୱାନି ଏବଂ ୧୫ ହଜାରରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ୧୦ ବର୍ଷ ହେଲା ୧୦,୪୯୧ କେସ୍ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଅଛି। ୫ ବର୍ଷରୁ କମ୍ ସମୟର ମାମଲା ପ୍ରାୟ ୪୨ ହଜାର ଥିବାବେଳେ ୫ରୁ ୧୦ ବର୍ଷର କେସ୍ ସଂଖ୍ୟା ୧୮,୧୩୪ ରହିଛି। ସେହିପରି ୨୦୧୬ରେ ବିଭିନ୍ନ ହାଇକୋର୍ଟରେ ୪୦,୨୮,୫୯୧ ମାମଲା ବିଚାର ହୋଇ ନ ଥିବାବେଳେ ୨୦୨୨ ଜୁଲାଇ ୨୯ ସୁଦ୍ଧା ତାହା ୫୦% ବୃଦ୍ଧି ପାଇ ୫୯,୫୫,୯୦୭ରେ ପହଞ୍ଚିଛି। ଜିଲା ଏବଂ ଅଧୀନସ୍ଥ ଅଦାଲତଗୁଡ଼ିକରେ ମଧ୍ୟ ଏହି ଅବଧିରେ ପଡ଼ିରହିଥିବା ମାମଲା ସଂଖ୍ୟା ୫୦% ବୃଦ୍ଧି ପାଇଛି। ୨୦୧୬ରେ ଦେଶବ୍ୟାପୀ ଅଦାଲତଗୁଡ଼ିକରେ ୨.୮୨ କୋଟି ମାମଲା ବିଚାରାଧୀନ ଥିବାବେଳେ ଚଳିତ ବର୍ଷ ତାହା ୪.୨୪ କୋଟିକୁ ବଢ଼ିଛି ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ଇସିଙ୍କୁ ହସ୍ତକ୍ଷେପ ନ କରିବାକୁ କହିଲେ ସୁପ୍ରିମକୋର୍ଟ

**ଶିବସେନା ବିବାଦ**

**ନୂଆଦିଲ୍ଲୀ,୪।୮**

ପ୍ରକୃତ ଶିବସେନା କିଏ ଏହାକୁ ନେଇ ଉଦ୍ଧବ ଠାକରେ ଗୋଷ୍ଠୀ ଏବଂ ଏକନାଥ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଶିନ୍ଦେ ଗୋଷ୍ଠୀର ବିଦ୍ରୋହ ଯୋଗୁ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ସରକାରଙ୍କ ପତନ ଘଟିଥିଲା। ଉକ୍ତ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ନେଇ ହୋଇଥିବା ଆବେଦନର ବିଚାର ପାଇଁ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ପଠାଯିବ କି ନାହିଁ ସେ ନେଇ ୮ ତାରିଖରେ ନିଷ୍ପତ୍ତି ନିଆଯିବ। ତେଣୁ ବର୍ତ୍ତମାନ ପାଇଁ ନିର୍ବାଚନ କମିଶନ (ଇସି) ଶିନ୍ଦେ ଗୋଷ୍ଠୀର ଆବେଦନକୁ ବିଚାରକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଉଦ୍ଧବ ଗୋଷ୍ଠୀ ସାମୟିକ ଆଶ୍ୱସ୍ତ ହୋଇଛନ୍ତି।

ମହାରାଷ୍ଟ୍ର ରାଜନୈତିକ ସଙ୍କଟ ବେଳେ ଶିବସେନା ଓ ଏହାର ବିଦ୍ରୋହୀ ବିଧାୟକଙ୍କ ଦ୍ୱାରା ଦାଏର ପିଟିଶନର ଶୁଣାଣି ବେଳେ ଏଥିରେ ଦଳ ବିଭାଜନ, ରାଜନୈତିକ ଦଳଗୁଡ଼ିକର ମିଶ୍ରଣ, ଦଳବଦଳ ଓ ଅଯୋଗ୍ୟ ଘୋଷଣା ଭଳି ସାମ୍ବିଧାନିକ ପ୍ରସଙ୍ଗ ଉଠିଥିଲା। ଶିନ୍ଦେ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ମାମଲା ଲଢୁଛନ୍ତି। ଗୋଟିଏ ଗୋଷ୍ଠୀ ଦ୍ୱାରା ଦାବି ଉଠିଲେ ଜନପ୍ରତିନିଧି ଆଇନ ଅନୁଯାୟୀ ଭାରତର ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ବୋଲି ଇସିଙ୍କ ପକ୍ଷରୁ ଆଇନଜୀବୀ ଅରବିନ୍ଦ ଡଟାର କହିଥିଲେ। ଶେଷରେ ମାମଲା ସାମ୍ବିଧାନିକ ପୀଠକୁ ଯିବା ନେଇ ସୋମବାର ନିଷ୍ପତ୍ତି ନିଆଯିବ ବୋଲି ସିଜେଆଇଙ୍କ ଖଣ୍ଡପୀଠ କହିଥିଲେ।



# ମହିମାନନ୍ଦ ମିଶ୍ରଙ୍କ ଘରେ ସିବିଆଇ ଚଢ଼ାଉ





- ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ
- ମହିମାନନ୍ଦଙ୍କୁ ୬ ଘଣ୍ଟା ଜେରା
- ବଡ଼ପୁଅ ଚନ୍ଦନଙ୍କୁ ଭୁବନେଶ୍ୱର ନେଲେ
- ସିବିଆଇ ହେପାଜତରେ ସିଇଏମ୍‌ଇ ସରୋଜ ଦାସ

ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ୍/ପାରାଦୀପ(ସ୍ୱ.ପ୍ର.),୪।୮

ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଘରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। କଟକ ଓ ପାରାଦୀପଠାରେ ମହିମାଙ୍କ ବିଭିନ୍ନ ଅଫିସ ଓ ଘରେ ସିବିଆଇର ଏକାଧିକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ସମ୍ପର୍କରେ ସିବିଆଇ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ମିଳି ନ ଥିବାବେଳେ କଟକ ଓଡ଼ିଆ ବଜାରସ୍ଥିତ ମହିମାଙ୍କ ଘର ଓ ଲିଙ୍କ୍‌ରୋଡ୍‌ସ୍ଥିତ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଏଏସ୍‌ଏଲ୍) ଅଫିସ୍‌ରେ ୨ଟି ଟିମ୍ ଚଢ଼ାଉ କରିଛନ୍ତି। ସେହିପରି ପାରାଦୀପରେ ୪ଟି ସ୍ଥାନରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ଏଥିସହ ଅଧିକ ତଦନ୍ତ ଓ ପଚରାଉଚରା ନିମନ୍ତେ ମହିମାଙ୍କ ବଡ଼ ପୁଅ ଚନ୍ଦନ ମିଶ୍ରଙ୍କୁ ସିବିଆଇ ଟିମ୍ ସାଙ୍ଗରେ ନେଇଯାଇଛନ୍ତି। ଏପରି କି ରାତିରେ ପାରାଦୀପସ୍ଥିତ ହଣ୍ଡ୍ରେଡ୍ ମିଲିୟନ ଟନ୍ ଗେଷ୍ଟ ହାଉସରେ ସିବିଆଇ ଅଧିକାରୀମାନେ ମହିମାନନ୍ଦ ଏବଂ ପାରାଦୀପ ପୋର୍ଟର ୩ଜଣ ଅଧିକାରୀଙ୍କୁ ୬ଘଣ୍ଟା ଧରି ଜେରା କରିବା ପରେ ଛାଡ଼ିଥିଲେ।

ସୂଚନାନୁସାରେ, ସିବିଆଇର ଦୁଇଟି ଟିମ୍ ଗୁରୁବାର ସକାଳେ ଏକକାଳୀନ ମହିମାନନ୍ଦଙ୍କ କଟକ ଓଡ଼ିଆବଜାରସ୍ଥିତ ଘର ଓ ଲିଙ୍କ୍‌ରୋଡ୍‌ସ୍ଥିତ ଓଏସ୍‌ଏଲ କାର୍ଯ୍ୟାଳୟରେ ଚଢ଼ାଉ ଆରମ୍ଭ କରିଥିଲେ। ଏହି ସମୟରେ ମହିମାନନ୍ଦ ଘରେ ଅନୁପସ୍ଥିତ ଥିବାବେଳେ ତାଙ୍କ ଦୁଇ ପୁଅ ଉପସ୍ଥିତ ଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନତମାମ ଚଢ଼ାଉ ଜାରି ରହିଥିଲା। ସିବିଆଇ ଅଧିକାରୀମାନେ ଉଭୟ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସମେତ ଚନ୍ଦନଙ୍କୁ ଭୁବନେଶ୍ୱର ସିବିଆଇ ମୁଖ୍ୟାଳୟକୁ ନେଇଯାଇଥିବା ଜଣାପଡ଼ିଛି। ସେହିପରି ପାରାଦୀପରେ ଚଢ଼ାଉ କରି ଚିଫ୍ ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟର(ସିଇଏମ୍‌ଇ) ସରୋଜ କୁମାର ଦାସ ଏବଂ ଠିକା କର୍ମଚାରୀ ସୁମନ୍ତ ରାଉତ(ବନା)ଙ୍କୁ ସିବିଆଇ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଅପରାହ୍ନରେ ଭୁବନେଶ୍ୱର ନିଆଯାଇଥିବା କୁହାଯାଉଛି। ସେହିପରି ସିବିଆଇର ଆଉ ଏକ ଟିମ୍ ଅନ୍ୟତମ ପୋର୍ଟ ୟୁଜର କରମ ଚାନ୍ଦ ଥାପ୍ପର(କେସିଟି) କମ୍ପାନୀ ଅଫିସରେ ପ୍ରାୟ ଦୁଇଘଣ୍ଟା କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ, କେସିଟି କମ୍ପାନୀ ବିଦେଶରୁ ଆମଦାନୀ ଭିତ୍ତିକ କୋଇଲା କାରବାର ପାଇଁ ଅଗ୍ରାଧିକାର ପାଇଛି। ଉକ୍ତ କମ୍ପାନୀର ହ୍ୟାଣ୍ଡଲିଂ ଏଜେଣ୍ଟ ଓଏସ୍‌ଏଲ। ଉକ୍ତ କୋଇଲା ପ୍ଲଟ ପାଇଁ ସିଇଏମ୍‌ଇ ସରୋଜ କେସିଟି କମ୍ପାନୀ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଲାଞ୍ଚ ମାଗୁଥିଲେ। ଏନେଇ କେସିଟି ସିବିଆଇରେ ଅଭିଯୋଗ କରିବା ପରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପାରାଦୀପ ସିୱେଜ ଶିପିଂ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ମହିମାନନ୍ଦ ଏବଂ ତାଙ୍କ ସହଯୋଗୀ ବସନ୍ତ ବଳଙ୍କୁ ଥାଇଲାଣ୍ଡ ପୋଲିସ ବ୍ୟାଙ୍କକ୍‌ର ଏକ ହୋଟେଲରୁ ୨୦୧୬ ଡିସେମ୍ବରରେ ଗିରଫ କରିଥିଲା। ଏହି ଘଟଣାର ୨ ବର୍ଷ ପରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ତେବେ ଗୁରୁବାର ଚଢ଼ାଉ ପରେ ମାମଲାର ବିଭିନ୍ନ ଦିଗକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।









**କପିଳାସ ଅଭୟାରଣ୍ୟରେ ଲାଗିବ ୬୦ କ୍ୟାମେରା** ବାଘଙ୍କ ଗତିବିଧି ଉପରେ ନଜର ରଖିବାକୁ ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟରେ ଲାଗିବ ୬୦ ଟ୍ରାପ୍ କ୍ୟାମେରା। ପ୍ରତି ୨ ବର୍ଗ କିଲୋମିଟର ପରିଧିରେ ଗୋଟିଏ ଲେଖାଏ କ୍ୟାମେରା ଖଞ୍ଜାଯିବ। ପୂର୍ବରୁ ଲାଗିଥିବା କ୍ୟାମେରାର ବିପରୀତ ପାର୍ଶ୍ୱରେ ନୂତନ କ୍ୟାମେରା ଲଗାଯିବ। ଫଳରେ ଉଭୟ ପାର୍ଶ୍ୱରୁ ଜୀବଜନ୍ତୁଙ୍କ ଫଟୋଚିତ୍ର କଏଦ ହୋଇପାରିବ। ତ୍ରୁଟିଶୂନ୍ୟ ବାଘ ଗଣନା ପାଇଁ ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଏଭଳି ପ୍ରସ୍ତୁତି ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ କାମାକ୍ଷାନଗର ଉପଖଣ୍ଡ ରଙ୍ଗାଗଡ଼ ସଂରକ୍ଷିତ ଜଙ୍ଗଲ ଏବଂ ହିନ୍ଦୋଳ ରେଞ୍ଜ୍‌ର କନ୍ଦରା ସଂରକ୍ଷିତ ଜଙ୍ଗଲରେ ୬୦ ଲେଖାଏ ଟ୍ରାପ୍ କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ..................................



ରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଇଁଆ ପତରେ ଛାଇଲି ଘର**
**ମେଘ ବରଷଇ ଦର ଦରା।**

କଇଁଆ ପତରରେ ଘର ଛାଆଣି କରିବା ମୂର୍ଖାମିର ପରିଚୟ ହୋଇଥାଏ। ଏପରି ଛାଆଣିରେ ଫାଙ୍କ ରହୁଥିବାରୁ ଏଥିରେ ଦିନବେଳା ସୂର୍ଯ୍ୟ ଓ ରାତିରେ ତାରା ଦେଖାଯିବା ଥୟ। ଅର୍ଥାଭାବରୁ ଏପରି ଘର ଛାଆଣି କଲେ ବର୍ଷା ଦିନେ ହଇରାଣ ହରକତ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଳି ଯେବେ କରି ବସିବ**
**ସଙ୍ଗେ ଥିବ ଭାଇ**
**ଦୁଧ ଯେବେ ଖାଇ ବସିବ**
**ଘରେ ଥିବ ଗାଈ।**

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ। ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds

Everyday
0674-2580101, 2549302




HIRE

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944




SALE

Land Investments starting from Rs. One Lakh in and around Bhubaneswar. Contact: 9078020885. D-73341

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-**, ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଲକାଟିରେ **sqft.1000/-.8114929186.** D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। **9437765989.** D-73289

**Hanspal near Balianta Rangabazar Middle point**ରେ **road, electricity, boundary** ସହିତ **plot** କିଣନ୍ତୁ। **sqft.-1350/-. 7008425796.** D-73286




Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

All type body massage by Expert Therapist, Room service available. 8917243035. D-73631

Newly open full body massage, ladies and gents. 7846923244. D-73948

Newly open full body massage ladies and gents. 8327740003, 8093860513. D-73947

Newly opened full body massage center by expert therapist. 7381172169. D-73629

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage 1099 free massage one. Mo: 9583808247. D-1164

Fullbody massage relax your body, mind by best therapist. 7008773793. D-73626




Gold Investments/Cash against Gold@4% P.A. Contact: 9078020885. D-73342

## AFFIDAVIT

By virtue of an affidavit date 03.08.22 before the Court of Executive Magistrate, Bhubaneswar. I Bishnu Charan Das, F/o- Bibhujeet Das, want to change my Wife's name from GOURI DAS to GAURI DAS. Hence forward she will be known as GAURI DAS for all purposes. D-1180

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୬ ଗିରଫ

■ ଝାଡ଼ାବାନ୍ତି ବ୍ୟାପିବା ପାଇଁ ଦାୟୀ କଲେ

■ ପୁଅଙ୍କୁ ମରଣାନ୍ତକ ଆକ୍ରମଣ, ଜୀବନ ବଞ୍ଚାଇ ଥାନାକୁ ଦୌଡ଼ିଲେ

**ରାୟଗଡ଼ା ଅଫିସ/ଟିକିରି,୪।୮(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଏବଂ ମୃତ୍ୟୁ ଘଟିବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ସମୟରେ ଝାଡ଼ାବାନ୍ତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ଗମ୍ଭୀର ରୂପ ଧାରଣ କଲାଣି। ବୁଧବାର ରାତିରେ ଝାଡ଼ିବାନ୍ତିରେ ସର୍ବାଧିକ ପ୍ରଭାବିତ ଦୁଡୁକାବାହାଲ ପଞ୍ଚାୟତର ଟିଂଗୁଡ଼ା ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟିପିଟି ମାରି ଦେଇଛନ୍ତି। ସେ ହେଲେ ଗାଁର ଦଇ ମାଝି। ଟିକିରି ଥାନାରେ ଗୁରୁବାର ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଁର ମାନୁ ମାଝି(୩୨), ଲମ୍ବୁ ମାଝି(୨୨), ଦିନା ମାଝି(୬୦), ନର ମାଝି(୭୦), ଭୀମ ମାଝି(୩୨) ଏବଂ ରଜୀବ ମାଝି(୨୮)।

ସୂଚନା ଅନୁଯାୟୀ, ରାତି ୧୦ଟା ବେଳେ ଖାଇବା ସମୟରେ ଗାଁର ୬ ବ୍ୟକ୍ତି ଦଇଙ୍କ ଘରକୁ ଆସିଥିଲେ। ଗୁଣିଗାରେଡି କରି ଲୋକଙ୍କୁ ଝାଡ଼ାବାନ୍ତି ହେଉଛି କହି ଦଇଙ୍କ ସମେତ ତାଙ୍କ ପୁଅ ଦୁର୍ଯ୍ୟୋଙ୍କୁ ଘରୁ ଘୋଷାଡ଼ି ନେଇଥିଲେ। ଉଭୟଙ୍କୁ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ୨ ଘଣ୍ଟା ପରେ କୌଶଳକ୍ରମେ ଦୁର୍ଯ୍ୟୋ ଖସିଯିବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତେବେ ଦୁର୍ଯ୍ୟୋ କୌଣସି ପ୍ରକାରେ ଜୀବନ ବଞ୍ଚାଇ ଚାଲିଯାଇଥିଲେ ମଧ୍ୟ ଗୋଇଠା, ବିଧା ମାଡ଼ରେ ବାପା ଦଇଙ୍କ ଜୀବନ ଚାଲିଯାଇଥିଲା। ପାହାଡ଼ ଡେଇଁ ରାତି ୨ ଟାବେଳେ ସେ ଟିକିରି ଥାନାରେ ପହଞ୍ଚିଥିଲେ। ପୋଲିସ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗୁରୁବାର ଦୁର୍ଯ୍ୟୋ ସାମାନ୍ୟ ସୁସ୍ଥ ହେବାପରେ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ୧୦୯/୨୨ରେ ଏକ ମାମଲା ରୁଜୁ କରିଛି।

ଦଇ ଗୁଣିଗାରେଡି କରୁଥିବା ନେଇ ଅଭିଯୁକ୍ତମାନେ ପୂର୍ବରୁ ସନ୍ଦେହ କରୁଥିଲେ। ୧୦ବର୍ଷ ହେଲା ପରିବାର ଲୋକଙ୍କୁ ମାରିଦେବାକୁ ଚେଷ୍ଟା କରି ଆସୁଥିଲେ ବୋଲି ଦୁର୍ଯ୍ୟୋ ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଗୁଣିଗାରେଡି ସନ୍ଦେହ ନେଇ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଏଭଳି ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ପ୍ରଶାସନ ଲୋକଙ୍କୁ କ୍ୱାକ୍ ଏବଂ ଅନ୍ଧବିଶ୍ୱାସର ସାହାରା ନ ନେଇ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଡାକ୍ତରଖାନାକୁ ନେବାକୁ ସଚେତନ କରୁଥିବାବେଳେ ଲୋକେ ଝାଡ଼ାବାନ୍ତିର କାରଣ ଗୁଣିଗାରେଡି ବୋଲି ମନକୁ ନେଲେଣି। ଏହାକୁ ନେଇ ଅଧିକ ସଚେତନ କରାଯିବାର ଆବଶ୍ୟକତା ରହିଥିବା ଅଞ୍ଚଳର ବୁଦ୍ଧିଜୀବୀ ମତ ବ୍ୟକ୍ତ କରିଛନ୍ତି।

# ବନ୍ଧୁକ, ଭୁଜାଲି ଦେଖାଇ ଲୁଟିନେଲେ ୯ ଲକ୍ଷ

**ଖଇରା, ୪।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡୁଙ୍ଗୁରା ବଜାରରେ ଥିବା ଏକ କିଓସ୍କୋ ବ୍ୟାଙ୍କ ମାଲିକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଗୁରୁବାର ୫ଜଣ ଯୁବକ ୯ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଖଇରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାରକରି ଝିଙ୍କିରିଆ ପଞ୍ଚାୟତ ଗଗନଧୂଳି ଗ୍ରାମର ଆଦିତ୍ୟ ସେଠୀଙ୍କୁ ଥାନାରେ ଅଟକ ରଖି ପଚରାଉଚୂରା କରିବା ସହ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।

ଡୁଙ୍ଗୁରା ପଞ୍ଚାୟତର ସମିତିସଭ୍ୟ ଶିଶିର ସାମଲ ଖଇରା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ରାକେଶଙ୍କର ଡୁଙ୍ଗୁରା ବଜାରରେ କିଓସ୍କୋ ବ୍ୟାଙ୍କ ରହିଛି। ସକାଳ ପ୍ରାୟ ସାଢେ ୮ଟା ବେଳେ ରାକେଶ ମେଡିକାଲ ନିକଟସ୍ଥ ଘରୁ ବାହାରି ଟଙ୍କା ବ୍ୟାଗ୍ ଧରି ବ୍ୟାଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ କୋଭିଡ୍ ଟିକା ପାଇଁ ମେଡିକାଲ ସମ୍ମୁଖରେ ଧାଡିରେ ଛିଡା ହୋଇଥିବା ବ୍ୟକ୍ତିଙ୍କ ଗହଣରେ ଲୁଟେରା ଗ୍ୟାଙ୍ଗରୁ ଜଣେ ଛିଡା ହୋଇ ରାକେଶଙ୍କ ବାହାରିବା ସମ୍ପର୍କରେ ସୂଚନା ଦେଇଥିଲେ। ଏତିକିବେଳେ ୩ଜଣ ୨ଟି ବାଇକରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ବ୍ୟାଗ ଧରି ରାଣୀତାଲ ଅଭିମୁଖେ ପଳାଇଥିଲେ। କେତେଜଣ ଯୁବକ ସେମାନଙ୍କ ପିଛା କରିବା ପରେ ଉକ୍ତ ୪ଜଣ ଲୁଟେରା କେନାଲ ରାସ୍ତାରେ ଅଡା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଅନ୍ୟ ଜଣେ ଯୁବକ ୟୁପି ସ୍କୁଲ ନିକଟରେ ଏକ ପଲ୍‌ସର ବାଇକ୍‌ରେ ଅପେକ୍ଷା କରି ରହିଥିଲେ। ୫ଜଣ ଉକ୍ତ ଟଙ୍କାକୁ ଏକ ଗାମୁଛାରେ ବାନ୍ଧି ଅଡା ଚୁଡୁଙ୍ଗା ରାସ୍ତାରେ ଯିବାକୁ ଉଦ୍ୟମ କରୁଥିବା ବେଳେ ପଲସର ବାଇକ୍ ଷ୍ଟାର୍ଟ ନ ହେବାରୁ ଉକ୍ତ ଗାଡି ଛାଡି ଦେଇ ଅନ୍ୟ ୨ଟି ବାଇକରେ ପଳାଇଥିଲେ। ଗାଡିକୁ ସ୍ଥାନୀୟ ଯୁବକ ସିମୁଳିଆ ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ସିସିଟିଭି ଫୁଟେଜ ଅନୁଧ୍ୟାନରୁ ଝିଙ୍କିରିଆ ଗ୍ରାମର ଆଦିତ୍ୟ ସେଥିରେ ସାମିଲଥିବା ଜଣାପଡିଥିଲା। ତାଙ୍କୁ ଗ୍ରାମରୁ ଧରି ଅଣାଯିବା ପରେ ଅନ୍ୟମାନେ ସୋର ଅଞ୍ଚଳର ବୋଲି ସେ କହିଥିଲେ। ଗୁରୁବାର ରାତିରୁ ସମସ୍ତେ ଡୁଙ୍ଗୁରା ଆସିଥିଲେ। ଚୋରମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଆଇଆଇସି ଗଣେଶ୍ୱର ପ୍ରଧାନ କହିଛନ୍ତି।

# ୬ରୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ଦିଲ୍ଲୀ ଗସ୍ତ

**ଭୁବନେଶ୍ୱର, ୪।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୬ ତାରିଖରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୭ରେ ବିଜ୍ଞାନ ଭବନ ପରିସରରେ ହେବାକୁ ଥିବା ନୀତି ଆୟୋଗ ୭ମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୬ ତାରିଖ ଅପରାହ୍ନ ସାଢେ ୪ଟା ସମୟରେ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରଠାରେ ୭୫ତମ ସ୍ୱାଧିନତା ଦିବସ ଉପଲକ୍ଷେ 'ଆଜାଦି କା ଅମୃତ ମହୋତ୍ସବ'ର ଜାତୀୟ କମିଟି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ନା ନାହିଁ ସେନେଇ ସ୍ପଷ୍ଟ ହୋଇନାହିଁ। ତେବେ ନୀତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନା କରିବେ ବୋଲି ଜଣାପଡିଛି। ତେବେ ମୁଖ୍ୟମନ୍ତ୍ରୀ ୮ ତାରିଖରେ ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଛି।


ପ୍ରଥମ ପୃଷ୍ଠାରୁ...


## ମା'ଝିଅଙ୍କୁ ଗାଡ଼ି...

ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ନେଇ ପୂର୍ବରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ପୋଲିସ ସମସ୍ତ ବିଷୟରେ ଅବଗତ ହେବା ପରେ ଏକ ହତ୍ୟା ମାମଲା(ନଂ.୨୦୭/୨୨) ରୁଜୁ କରିଛି। ଅନ୍ୟପକ୍ଷେ ବଡ଼ଚଣା ଡାକ୍ତରଖାନାରେ ଶ୍ରୀତିକା, ସୋମାଲୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟିପ୍ପର (ନଂ.ଓଆର୍-୧୬-ଡି-୬୪୦୮)କୁ ଜବତ କରି ତଦନ୍ତ ଚଳାଇଛି।

## ଜଷ୍ଟିସ୍ ୟୁ.ୟୁ. ଲଳିତ...

ଜଷ୍ଟିସ ଲଳିତ ଦେଶର ୪୯ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ ଏହି ପଦରେ ମାତ୍ର ୭୪ ଦିନ ରହି ନଭେମ୍ବର ୮ରେ ଅବସର ନେବେ ବୋଲି ଜଣାପଡ଼ିଛି। ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବା ଲାଗି ବୁଧବାର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ସିଜେଆଇଙ୍କୁ ଜଣାଇଥିଲା। ସିଜେଆଇ ମନ୍ତ୍ରଣାଳୟକୁ ପଠାଇଥିବା ସୁପାରିସ ପତ୍ରର ଏକ ନକଲ ବ୍ୟକ୍ତିଗତ ଭାବେ ଜଷ୍ଟିସ ଲଳିତଙ୍କୁ ହସ୍ତାନ୍ତର କରିଛନ୍ତି। ପୂର୍ବତନ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ପରେ ଜଷ୍ଟିସ ରମନା ୨୦୨୧ ଏପ୍ରିଲ ୨୪ରେ ୪୮ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୬ ମାସରୁ ଊର୍ଦ୍ଧ୍ୱ କାର୍ଯ୍ୟକାଳ ପରେ ଅଗଷ୍ଟ ୨୬ରେ ସେ ଅବସର ନେବାକୁ ଯାଉଛନ୍ତି। ଜଷ୍ଟିସ ଲଳିତଙ୍କ ପରେ ବରିଷ୍ଠତା ଦୃଷ୍ଟିରୁ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଦେଶର ପ୍ରଧାନ ବିଚାରପତି ହେବେ।

ଜଷ୍ଟିସ୍ ୟୁ.ୟୁ. ଲଳିତ ମାତ୍ର ୭୪ ଦିନ ପାଇଁ ସିଜେଆଇ ହେବାକୁ ଯାଉଛନ୍ତି। ତେବେ ଏହା ପୂର୍ବରୁ ୧୯୯୧ରେ ଜଷ୍ଟିସ କମଳ ନାରାୟଣ ସିଂ ମାତ୍ର ୧୭ ଦିନ ପାଇଁ ସିଜେଆଇ ହୋଇଥିଲେ। ଜଷ୍ଟିସ ଲଳିତ ୨୦୧୪ ଅଗଷ୍ଟ ୧୩ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ସର୍ବୋଚ୍ଚ ଅଦାଲତରେ ଜଣେ ବରିଷ୍ଠ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ଗୁରୁତ୍ୱପୂର୍ଣ୍ଣ ୩ତଲାକ ମାମଲାରେ ରାୟ ପ୍ରଦାନ କରିଥିବା ସୁପ୍ରିମକୋର୍ଟର ୫ ଜଣିଆ ପୀଠରେ ଜଷ୍ଟିସ ଲଳିତ ରହିଥିଲେ। ସେହିପରି ଶିଶୁ ଶରୀରର ଗୋପନ ଅଙ୍ଗ ଛୁଆଁଇବା କିମ୍ବା ଯୌନ ଉଦ୍ଦେଶ୍ୟ ରଖି ସେମାନଙ୍କ ସହ ଶାରୀରିକ ସଂସ୍ପର୍ଶରେ ଆସିବା ପୋକ୍ସୋ ଆଇନ ଅନୁଯାୟୀ ଯୌନ ବ୍ୟଭିଚାର ବୋଲି ଜଷ୍ଟିସ ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ତାଙ୍କ ବାପା ୟୁ.ଆର୍. ଲଳିତ ମଧ୍ୟ ଜଣେ ଆଇନଜୀବୀରୁ ଦିଲ୍ଲୀ ହାଇକୋର୍ଟ ବିଚାରପତି ହୋଇଥିଲେ।

## ୨୨୫୩.୧୫ କୋଟିରେ...

ଲିମିଟେଡ୍ ପକ୍ଷରୁ ଡିଆର୍‌ଆଇ ଆଣ୍ଡ୍ ପେଲେଟ୍ ୱିଥ୍ ବେନିଫିକେଶନ ପ୍ଲାଣ୍ଟ ଏବଂ ଫେରୋ ଆଲୋଏ କମ୍ପାନୀ ସ୍ଥାପନ ହେବ। ଏହି ପ୍ରକଳ୍ପରେ ୬୦୦ ଜଣ ନିଯୁକ୍ତି ପାଇବେ। କେନ୍ଦୁଝରଠାରେ ୧୭୫.୭୫ କୋଟି ଟଙ୍କା ବିନିଯୋଗରେ ଆର୍ଯ୍ୟ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିଃ ପକ୍ଷରୁ ବିଲେଟ/କଲର କୋଟେଡ୍ ଟିଏମ୍‌ଟି ଏବଂ ଫିଲ୍‌ଟର କେକ୍ ହ୍ୟାଣ୍ଡଲିଂ ସିଷ୍ଟମ ପ୍ରସ୍ତୁତି କାରଖାନା ସ୍ଥାପନ କରାଯିବ। ମୋଟ ୬୦୦ ଜଣ ନିଯୁକ୍ତି ପାଇବେ। ସମ୍ବଲପୁରଠାରେ ୧୦୧ କୋଟି ଟଙ୍କା ବିନିଯୋଗରେ ସିଏମ୍‌ଆର ଇକୋ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଲିକ୍ୟୁଇଡ୍ ଆଲୁମିନିୟମ ଆଲୋଏଜ କାରଖାନା ସ୍ଥାପନ କରାଯିବ। ୨୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଖୋର୍ଦ୍ଧାଠାରେ ୫୦୦ କୋଟି ଟଙ୍କା ବିନିଯୋଗରେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ ପକ୍ଷରୁ କ୍ଲାଉଡ୍ ହୋଷ୍ଟିଙ୍ଗ ସର୍ଭିସ୍ ସୁବିଧାଯୁକ୍ତ ଡାଟାସେଣ୍ଟର ପ୍ରତିଷ୍ଠା ହେବ, ଯେଉଁଥିରେ ୨୦୦ ଜଣ ନିଯୁକ୍ତି ପାଇବେ। ଖୋର୍ଦ୍ଧାଠାରେ ୫୦ କୋଟି ଟଙ୍କା ବିନିଯୋଗରେ ପୁଷ୍ପମ୍ ଟେକ୍ନଲୋଜିସ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସଫ୍ଟୱେର ଡେଭ୍‌ଲପ୍‌ମେଣ୍ଟ ଏବଂ ବାଣିଜ୍ୟ ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମ ସ୍ଥାପନ କରାଯିବ। ଏଥିରେ ୨୫୦ ଜଣ ନିଯୁକ୍ତି ପାଇବେ। ଖୋର୍ଦ୍ଧାଠାରେ ୫୨.୩୭ କୋଟି ଟଙ୍କା ବିନିଯୋଗରେ ସ୍ମାର୍ଟ ଡିଜାଇନ ପ୍ରୋଜେକ୍ଟସ୍ ସଂସ୍ଥା ପକ୍ଷରୁ ଓ୍ୱାର ହାଉସିଂ ଏବଂ ଲଜିଷ୍ଟିକ୍ ସ୍ଥାପନ ହେବ। ଏଥିରେ ୩୧୫ ଜଣଙ୍କୁ ଚାକିରି ମିଳିବ। ଗଞ୍ଜାମରେ ୧୫୦ କୋଟି ଟଙ୍କା ବିନିଯୋଗରେ ରାଜ୍ ରାଜେଶ୍ୱର ସଂସ୍ଥା ପକ୍ଷରୁ ହାଇଗ୍ରେଡ୍ ଟିଟାନିୟମ୍ ସ୍ଲାଗ୍ ଏବଂ ବାଇ ପ୍ରଡକ୍ଟ ସ୍ଥାପନ ହେବ। ଏହାଦ୍ୱାରା ୪୦୦ ଜଣଙ୍କୁ ନିଯୁକ୍ତି ମିଳିବ। କଟକଠାରେ ୮୯.୪୮ କୋଟି ଟଙ୍କା ବିନିଯୋଗରେ ଅମ୍ରିତ ଧାରା ନ୍ୟୁଟ୍ରି ଫୁଡ୍ ଏଲ୍‌ଏଲ୍‌ପି ସଂସ୍ଥା ପକ୍ଷରୁ ଡାଏରି ପ୍ରଡକ୍ଟସ୍ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ହେବ। ୧୫୨ ଜଣଙ୍କୁ ଚାକିରି ସୁବିଧା ମିଳିବ। ଢେଙ୍କାନାଳଠାରେ ୬୧.୩୦ କୋଟି ଟଙ୍କା ବିନିଯୋଗରେ ଯାତକ ଜୀବନ ପେଟ୍ରୋକେମିକାଲସ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ ସ୍ଥାପନ ହେବ, ଯେଉଁଥିରେ ୬୦ ଜଣ ନିଯୁକ୍ତି ସୁଯୋଗ ପାଇବେ। ଯାଜପୁର ଏବଂ କେନ୍ଦୁଝରଠାରେ ୫୦ କୋଟି ଟଙ୍କା ବିନିଯୋଗରେ ଭାରତ ଗ୍ୟାସ୍ ରିସୋର୍ସେସ୍ ଲିଃ ପକ୍ଷରୁ ପ୍ରାକୃତିକ ଗ୍ୟାସ୍ ରେଗୁଲେଟିଂ ସିଷ୍ଟମ ଏବଂ ଡି-କମ୍ପ୍ରେସିଂ ୟୁନିଟ୍ ସ୍ଥାପନ ହେବ। ଏଥିରେ ୧୧ ଜଣଙ୍କୁ ନିଯୁକ୍ତି ମିଳିପାରିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଛନ୍ତି। ଏସବୁ ପ୍ରକଳ୍ପ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆର୍ଥିକ ପ୍ରଗତିରେ ସହାୟକ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଏବଂ ଉତ୍ପାଦନ ଆରମ୍ଭ କରିବା ଲାଗି ମୁଖ୍ୟ ଶାସନ ସଚିବ ଉପିକଲ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧାର ସୂଚନା ରହିଛି। ଆବଶ୍ୟକତା ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ଆର୍ଥିକ ଅନଟନ କାର୍ଯ୍ୟର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ବୃଷ**



ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ମୃଗଶିରା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ**



ଆରଦ୍ରା ନକ୍ଷତ୍ରର ବିଭିନ୍ନ ପ୍ରକାରର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟ କରିପାରେ। ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ**



ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ । କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ପ୍ରଶାସନ, ପ୍ରକାଶନ, ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ଆଶଙ୍କା ରହିଛି। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**



କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**



ବନ୍ଧୁଙ୍କ ସହ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି । ପୂର୍ବ ରାଗ ଶୁଝାଇବାକୁ ଯାଇ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ନିର୍ମାଣ, ଯୋଗାଯୋଗ, ସଂଗଠନ, ପ୍ରଶାସନ ସ୍ତରରେ ସମସ୍ୟା ମୁକ୍ତ ରହିବ।

**ତୁଳା**



ସ୍ୱାତୀ ନକ୍ଷତ୍ରର ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିବାର ସୂଚନା ରହିଛି। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**



ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟ ମାନଙ୍କ ସହ ଆଲୋଚନା କରିପାରନ୍ତି । କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଅନୁରାଧା ନକ୍ଷତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ।

**ଧନୁ**



ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ପୂର୍ବାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ନ ହେବା ମୂଳରେ ଅର୍ଥାଭାବ ଯୋଗୁଁ ବିଚଳିତ ହେବେ।

**ମକର**



କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ**



ଆଜିର କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଶତଭିଷା ନକ୍ଷତ୍ର କିନ୍ତୁ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ମନ ଅଶାନ୍ତ ରହିବ।

**ମୀନ**



ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍ସନ ଜମା ଛାଡିବ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନରେ ରାସ୍ତା ପାଇବେ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରାଜନୈତିକ ସ୍ଥିତିରେ ଉତ୍ତରଭାଦ୍ରବ ନକ୍ଷତ୍ର ବନ୍ଧୁମାନଙ୍କ ସହାୟତାରେ ଉପକୃତ ହେବେ ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୫୭,୩୩,୩୭୨ | ୬୪,୨୮,୮୩୬ | ୫୫,୬୨,୮୬,୦୨୯ |
| ଭାରତ | ୪,୪୦,୮୭,୦୩୭ | ୫,୨୬,୫୩୦ | ୪,୩୪,୨୪,୦୨୯ |
| ଓଡ଼ିଶା | ୧୩,୧୬,୪୭୩ | ୯୧୪୪(+୫୩) | ୧୩,୦୧,୯୩୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ଏବଂ ଓଡ଼ିଶା ସରକାର

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି

### ୧୬ ଜିଲାର ପ୍ରତିନିଧିଙ୍କୁ ତାଲିମ

ଭୁବନେଶ୍ୱର, ୪।୮ (ବ୍ୟୁରୋ)

ରାଜ୍ୟରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଆରମ୍ଭ ହୋଇଛି ଅଭିଯାନ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୧୬ ଜିଲାର ମାଷ୍ଟର ଟ୍ରେନରଙ୍କୁ ନେଇ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମଧୁସୂଦନ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୩, ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନ ସମ୍ପର୍କରେ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଜିଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀଙ୍କୁ ଅବଗତ କରାଯାଇଛି। ଜିଲାସ୍ତରରେ ସ୍ୱତନ୍ତ୍ର କ୍ୟାମ୍ପ କରିବା, ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ନୂତନ ଭୋଟରଙ୍କଠାରୁ ଫର୍ମ ସଂଗ୍ରହ ଏବଂ ଏହାର ଡିଜିଟାଇଜେଶନ କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ସଂଶୋଧିତ ହୋଇଥିବା ନୂତନ ଫର୍ମ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ୪ଟି ଯୋଗ୍ୟତାସୂଚକ ତାରିଖ, ଭୋଟର ତାଲିକାରେ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗୀକରଣ ନିମନ୍ତେ ନୂତନ ଫର୍ମ ନଂ. ୬(ଖ) ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ପ୍ରମୁଖ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ତାଲିମ କାର୍ଯ୍ୟକ୍ରମରେ ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର ୮୬ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଭୁବନେଶ୍ୱରରୁ ଯିବ ଭତ୍ତା ଟଙ୍କା

## ନିୟମିତ ପାଇବେ କଳାକାର

### ଜିଲା ସଂସ୍କୃତି ଅଧିକାରୀ ଲାଇଫ୍ ସାର୍ଟିଫିକେଟ ଅପ୍‌ଡେଟ କରିବେ

ଭୁବନେଶ୍ୱର, ୪।୮ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ରାଜ୍ୟର କଳାକାରମାନଙ୍କୁ ଦିଆଯାଉଥିବା ଭତ୍ତା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରଦାନ କରାଯିବ। ରାଜ୍ୟସ୍ତରରୁ ସିଧାସଳଖ କଳାକାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ସମସ୍ତ କଳାକାରଙ୍କୁ ପ୍ରତ୍ୟେକ ମାସରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ଜମା କରାଯିବ। ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ସେପ୍ଟେମ୍ବର ମାସରୁ ଏହି ବ୍ୟବସ୍ଥା ଲାଗୁ କରାଯିବ। ଏହି ପ୍ରକ୍ରିୟାରେ କଳାକାରମାନଙ୍କର ଆଧାରକାର୍ଡକୁ ସଂଯୋଗ କରାଯିବ। ଜିଲାସ୍ତରରେ ସଂସ୍କୃତି ଅଧିକାରୀମାନେ ଲାଇଫ୍ ସାର୍ଟିଫିକେଟ ପ୍ରତି ମାସରେ ଅପ୍‌ଡେଟ କରିବେ। ଏଥିସହିତ କେଉଁ ହିତାଧିକାରୀଙ୍କ ମୃତ୍ୟୁ ହୋଇଛି ସେ ନେଇ ଜଣାଇବେ। ଯଦି କୌଣସି ସଂସ୍କୃତି ଅଧିକାରୀ ଏହାକୁ ଖିଲାପ କରିବେ ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଭତ୍ତା ସ୍ୱଚ୍ଛତା ବଜାୟ ରହିବ। ପ୍ରତ୍ୟେକ ମାସରେ କଳାକାରମାନେ ନିୟମିତ ଭତ୍ତା ପାଇପାରିବେ ବୋଲି ସେ କହିଛନ୍ତି। କଳାକାରମାନଙ୍କୁ ଜିଲାସ୍ତରରେ ଭତ୍ତା ପ୍ରଦାନ କରାଯାଉଛି। ଅନେକ ସମୟରେ କଳାକାର ଭତ୍ତା ପ୍ରଦାନରେ ବିଳମ୍ବ ଓ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ମୃତ ଲୋକଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯାଉଛି। ଏଭଳି ଅଭିଯୋଗ ଆସିବା ପରେ କଳାକାରମାନଙ୍କୁ ସିଧାସଳଖ ରାଜ୍ୟସ୍ତରରୁ ପ୍ରଦାନ କରାଯିବ। ରାଜ୍ୟରେ ଏବେ ସୁଦ୍ଧା ୫୫ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଆହୁରି ୧୫ ହଜାର କଳାକାର ଭତ୍ତା ପାଇବାକୁ ଆବେଦନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କଳାକାରମାନଙ୍କୁ ଜିଲାସ୍ତରରେ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ତେବେ ଭତ୍ତା ପ୍ରଦାନରେ ଅନେକ ସମୟରେ ଜିଲାରେ ଅବହେଳା କରାଯାଉଛି। ହିତାଧିକାରୀମାନଙ୍କୁ ୩/୪ ମାସରେ ଥରେ ଭତ୍ତା ମିଳୁଛି। ଏହାକୁ ନେଇ ହିତାଧିକାରୀମାନେ ଜିଲାସ୍ତରରେ ଆନ୍ଦୋଳନ ମଧ୍ୟ କରୁଛନ୍ତି। ଏହି ସମସ୍ୟାକୁ ଦୂର କରିବା ଲାଗି ସଂସ୍କୃତି ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

# ଚଞ୍ଚକତା କରି ଷ୍ଟାଡିୟମ ଜମି ଦଖଲ

କାଲିମେଲା, ୪।୮ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ମହକୁମା ତହସିଲ କାର୍ଯ୍ୟାଳୟକୁ ଲାଗି ରହିଥିବା ମିନି ଷ୍ଟାଡିୟମକୁ ନେଇ ବିବାଦ ଦେଖାଦେଇଛି। ଚଞ୍ଚକତା କରି କିଛି ଜମି ଦଲାଲ ଜମି ପଟ୍ଟା ନିଜ ନାମରେ କରି ଷ୍ଟାଡିୟମ ଦଖଲ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଅଞ୍ଚଳବାସୀ କାଲିମେଲାଠାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ସ୍ଥାନରେ ମିନି ଷ୍ଟାଡିୟମ ରହିଥିବାବେଳେ ଏଠାରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଏହା ସତ୍ତ୍ୱେ ମିନି ଷ୍ଟାଡିୟମ ପଟ୍ଟା ଅନ୍ୟ ନାମରେ କିଭଳି ହେଲା ସେ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ମିନି ଷ୍ଟାଡିୟମ ବାବଦରେ କିଣାବିକା ହୋଇଥିବା ସମସ୍ତ କାଗଜପତ୍ର ଓ ପଟ୍ଟାକୁ ରଦ୍ଦ କରିବା ଦାବିରେ ଗୁରୁବାର ବନ୍ଦ ପାଳନ କରାଯାଇଥିଲା। କାଲିମେଲା ଅଞ୍ଚଳର ସମସ୍ତ ଯୁବଗୋଷ୍ଠୀ ଓ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଅଞ୍ଚଳର ସମସ୍ତ ଦୋକାନ ବଜାର ଓ ଅନ୍ୟାନ୍ୟ ବ୍ୟବସାୟ ଅନୁଷ୍ଠାନ, ହାଟ ମଧ୍ୟ ବନ୍ଦ ରହିଥିଲା। ଏହି ମିନି ଷ୍ଟାଡିୟମର ସୁରକ୍ଷା ନିମନ୍ତେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଧ୍ୟ ସହଯୋଗ କରୁଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଷ୍ଟାଡିୟମର ମୁଖ୍ୟ ପଟ୍ଟାଧାରୀ ଏମ୍‌ପିଭି-୭୫ ଗ୍ରାମର ମନୋରଞ୍ଜନ ରାୟ ଓ ବିମଳ ବିଶ୍ୱାସଙ୍କ ବାପା ରହିଥିବା ବେଳେ ମନୋରଞ୍ଜନଙ୍କ ଜମିକୁ ଏମଭି-୧ ଗ୍ରାମର ରାମ ପ୍ରସାଦ ଭଦ୍ରା ଓ ବିମଳଙ୍କ ଜମିକୁ ଏମ୍‌ଭି-୪୫ ଗ୍ରାମର ଆନନ୍ଦ ମାଲାକାର କିଣିଥିବା ଜଣାପଡ଼ିଛି। ମେ'ରେ ମାଲାକାନଗିରି ଉପଜିଲାପାଳଙ୍କ ନିର୍ଦ୍ଦେଶରେ କାଲିମେଲା ତହସିଲ ପକ୍ଷରୁ ଏହି ୨ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଉକ୍ତ ଜମିକୁ ଚିହ୍ନଟ କରି ଦୁଇ କ୍ରେତାଙ୍କ ଜମିର ଏରିଆ ଚିହ୍ନଟ କରିଥିଲେ। ଏବେ ଜମି ମାଲିକ ରାମ ପ୍ରସାଦ ଓ ଆନନ୍ଦ ଷ୍ଟାଡିୟମ ଜମିକୁ ଚାଷ କରିବା ଉଦ୍ଦେଶ୍ୟରେ ହଳ କରିଥିବା ଦେଖିବାକୁ ମିଳିଛି। ଏହି ଷ୍ଟାଡିୟମର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କାଲିମେଲାର ବହୁ ପୁରାତନ ଭୈରବୀ ଯୁବକ ସଙ୍ଘ କର୍ମକର୍ତ୍ତାମାନେ ଏହା ଜାଣିବା ପରେ ବିରୋଧ କରିଥିଲେ। ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।





STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

ADMISSION OPEN FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484









ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ



# ସଚେତନ ହେବାର ବେଳ



ସ୍ଲାଭୋଜ ଜିଜେକ୍

ନିକଟରେ କାନାଡାର ମନସ୍ତତ୍ତ୍ୱବିତ୍ ତଥା ମିଡିଆ ଫିଗ୍ର ଜୋର୍ଡାନ ପିଟରସନ 'ରୁଷିଆ ବନାମ ୟୁକ୍ରେନ କିମ୍ବା ପାଶ୍ଚାତ୍ୟରେ ଗୃହଯୁଦ୍ଧ' ଶୀର୍ଷକ ଏକ ଭିଡିଓରେ ୟୁରୋପରେ ଚାଲିଥିବା ଯୁଦ୍ଧ ସହ ଉଦାରବାଦୀ ମୁଖ୍ୟସ୍ରୋତ ଏବଂ ଉତ୍ତର ଆମେରିକା ଓ ୟୁରୋପର ନୂତନ ଲୋକପ୍ରିୟ ଦକ୍ଷିଣପନ୍ଥୀ ସଂଘର୍ଷର ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ଯଦିଓ ପିଟରଶନ ଉତ୍ତେଜନାପୂର୍ଣ୍ଣ ଯୁଦ୍ଧ ଲାଗି ଭ୍ଲାଡିମିର ପୁଟିନ୍‌ଙ୍କୁ ଦୋଷାରୋପ କରିଛନ୍ତି, ତଥାପି ତାଙ୍କ ଦୃଷ୍ଟିକୋଣ ଧୀରେ ଧୀରେ ରୁଷିଆର ସିଦ୍ଧାନ୍ତଗତ ସୁରକ୍ଷା ଆଡକୁ ଏକ ପ୍ରକାର ପରିବର୍ତ୍ତନ ହୋଇଛି। ଦୋସ୍ତୋଭିସ୍କିଙ୍କ ଲେଖାଗୁଡ଼ିକର ଦୃଷ୍ଟାନ୍ତ ଦେଇ ସେ କହିଛନ୍ତି ଯେ, ପାଶ୍ଚାତ୍ୟ ୟୁରୋପୀୟ ସୁଖବାଦୀ ବ୍ୟକ୍ତିବାଦ ରୁଷୀୟ ଆଧ୍ୟାତ୍ମିକତା ତୁଳନାରେ ସାମଗ୍ରିକ ଭାବେ ବହୁତ ନିକୃଷ୍ଟ। ସେ ଆଧୁନିକବାଦ ପୂର୍ବ ସମୟକୁ ମାକ୍ସବାଦର ପରିବର୍ତ୍ତିତ ରୂପ ଭାବେ ବର୍ଣ୍ଣନା କରିଛନ୍ତି, ଯାହା ଖ୍ରୀଷ୍ଟିଆନ ସଭ୍ୟତାର ଭିତ୍ତିଭୂମିକୁ ନଷ୍ଟ କରିବାକୁ ଚାହୁଁଛି। ଏ ଦୃଷ୍ଟିରୁ ବିଚାର କଲେ, ୟୁକ୍ରେନରେ ଚାଲିଥିବା ଯୁଦ୍ଧ ହେଉଛି ପାରମ୍ପରିକ ଖ୍ରୀଷ୍ଟିଆନ ମୂଲ୍ୟବୋଧ ଏବଂ କମ୍ୟୁନିଷ୍ଟ ଅଧପତନର ଏକ ନୂଆ ରୂପ ମଧ୍ୟରେ ପ୍ରତିଯୋଗିତା। ଯେଉଁମାନେ ହଙ୍ଗେରୀର ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କୁ କିମ୍ବା ୬ ଜାନୁୟାରୀ ୨୦୨୧ରେ ଆମେରିକା କ୍ୟାପିଟଲରେ ଜବରଦସ୍ତ ପ୍ରବେଶ କରିବା ଘଟଣାକୁ ଜାଣିଥିବେ ସେମାନେ ଏହି କଥାକୁ ଭଲ ଭାବେ ବୁଝିପାରିବେ। ଏହି ଘଟଣାକୁ ଲକ୍ଷ୍ୟ କରି ସେହି ଦିନ ସିଏନଏନ୍‌ର ଜନ୍ ବ୍ଲାକେ କହିଥିଲେ, ଆମେରିକା ବୃଦ୍ଧିପାଇଥିବା ଏକ ଶ୍ୱେତ ଖ୍ରୀଷ୍ଟିଆନ ଜାତୀୟତାବାଦୀ ଆନ୍ଦୋଳନକୁ ସାମ୍ନା କରୁଛି। ଏହି ଆନ୍ଦୋଳନ କୃଷ୍ଣକାୟ ଲୋକ ଓ ଅଣ ଶ୍ୱେତାଙ୍ଗ ପ୍ରବାସୀମାନଙ୍କ ପ୍ରତି ହେଉଥିବା ଲିଙ୍ଗଭେଦ ଏବଂ ଶତ୍ରୁତାକୁ ଲୁଚାଇବା ଲାଗି ଖ୍ରୀଷ୍ଟିଆନ ଶବ୍ଦ ବ୍ୟବହାର କରୁଛି। ଏହା ଶ୍ୱେତ ଖ୍ରୀଷ୍ଟିଆନ ଆମେରିକା ସୃଷ୍ଟି କରିବା ସନ୍ଧାନରେ ରହିଛି। ବିଶ୍ୱସ୍ତରରେ ଉକ୍ତ ଦୃଷ୍ଟିକୋଣ ଏବେ ଧାର୍ମିକ ମୁଖ୍ୟ ସ୍ରୋତରେ ଏତେ ଅଧିକ ପ୍ରବେଶ କରିଛି ଯେ, ବାସ୍ତବରେ ଏହାର ବିଚାରଧାରାକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରୁଥିବା ଯେ କେହି ଖ୍ରୀଷ୍ଟିଆନ ଧର୍ମଯାଜକ ସେମାନଙ୍କ କ୍ୟାରିୟରକୁ ବିପଦରେ ପକାଉଛନ୍ତି।

ମୁଖ୍ୟକଥା ହେଉଛି ପିଟରଶନଙ୍କର କମ୍ୟୁନିଷ୍ଟ ବିରୋଧୀ ଭାବ ଏକ ବ୍ୟାପକ ଢାଞ୍ଚାକୁ ସୂଚିତ କରିଛି। ଆମେରିକାରେ ରିପବ୍ଲିକାନ ପାର୍ଟିର ବହୁ ସାଂସଦ ୟୁକ୍ରେନ୍‌କୁ ସମର୍ଥନ କରିବାକୁ ମନା କରିଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନରେ ଓହିଓରୁ ରିପବ୍ଲିକାନ ପ୍ରାର୍ଥୀ ହୋଇଥିବା ଜେ.ଡି. ଭ୍ୟାନ୍‌ସେ ପ୍ରକାଶ କରିଛନ୍ତି ଯେ ନିଜ ଦେଶର ସମସ୍ୟାକୁ ଅଣଦେଖା କରି ଯୁଦ୍ଧରେ ଆମେରିକାର ଅନେକ ବିଲିୟନ ଡଲାର ସଂସାଧନ ଉପଯୋଗ କରିବା ଏକ ରଣନୀତିକ ବୋକାମି। ଫ୍ଲୋରିଡାରୁ ପ୍ରତିନିଧିତ୍ୱ କରୁଥିବା ହାଉସ ଅଫ ରିପ୍ରେଜେଣ୍ଟେଟିଭର ରିପବ୍ଲିକାନ ସଦସ୍ୟ ମ୍ୟାଟ୍ ଗେଟ୍‌ଜେ କହିଛନ୍ତି ଯେ,ଚଳିତ ବର୍ଷ ନଭେମ୍ବରରେ ଯଦି ତାଙ୍କ ପାର୍ଟି ଜିତେ ତେବେ ୟୁକ୍ରେନକୁ ସମର୍ଥନ ଦେବ ନାହିଁ। ରୁଷିଆର ଯୁଦ୍ଧ ଏବଂ ଆମେରିକାରେ ଦକ୍ଷିଣପନ୍ଥୀ ସମାନ ପ୍ରକାର ଅଭିଯାନର ସୈନ୍ୟ। ଯଦିଓ ବାମବାଦକୁ ପ୍ରତିରୋଧ କରିବାକୁ ପିଟରସନ ଦାବି କରିଛନ୍ତି, ତଥାପି ସେ ବୈଶ୍ୱିକ ପୁଞ୍ଜିବାଦର ପ୍ରମୁଖ ପରିଣାମକୁ ଆକ୍ରମଣ କରିଛନ୍ତି। ୧୫୦ ରୁ ଅଧିକ ବର୍ଷ ପୂର୍ବେ କମ୍ୟୁନିଷ୍ଟ ମାନିଫାଷ୍ଟୋର ପ୍ରଥମ ଅଧ୍ୟାୟରେ ମାର୍କ୍ସ ଓ ଏଙ୍ଗେଲ୍ସ ଉଲ୍ଲେଖ କରିଥିଲେ ଯେ, ପୁଞ୍ଜିପତି ବର୍ଗ ଯେତେବେଳେ କ୍ଷମତା ପାଇଛି ସେତେବେଳେ ସବୁ ସଂଘୀୟ, ପୁରୁଷପ୍ରାଧାନ୍ୟତା, ସୁଖଦ ଓ ଶାନ୍ତିପୂର୍ଣ୍ଣ ସମ୍ପର୍କକୁ ନଷ୍ଟ କରିଦେଇଛି। ସମସ୍ତ ସ୍ଥାୟୀ ତଥା ଦୃଢ ସମ୍ପର୍କ ସମେତ ସେମାନଙ୍କ ପୁରାତନ ଓ ପୂର୍ବଧାରଣାର ସିଦ୍ଧାନ୍ତ ଏବଂ ମତଗୁଡ଼ିକୁ ମାଟିରେ ମିଶାଇଦିଏ। ଯାହା ବି ନୂଆକରି ଗଢି ଉଠେ ଅପ୍ରଚଳିତ ହୋଇଯାଏ। ଏହି ଅନୁଭବକୁ ବାମପନ୍ଥୀ ସଂସ୍କୃତିର ସିଦ୍ଧାନ୍ତକାରୀ ସତର୍କତାର ସହ ଅଣଦେଖା କରିଛନ୍ତି, ଯେଉଁମାନେ ସେମାନଙ୍କ ପୁରୁଷପ୍ରାଧାନ୍ୟ ବିଚାରଧାରାର ବିଶ୍ଲେଷଣ ବା ମୂଲ୍ୟାଙ୍କନ ଓ ତାହାର ଅଭ୍ୟାସ ଉପରେ ଧ୍ୟାନ ଦେଉଛନ୍ତି। ତଥାପି ବ୍ୟକ୍ତିବାଦ ଏହାକୁ ଧୂଳିସାତ କରିଦେଇଥିବାବେଳେ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥା ଶୀର୍ଷରେ ପହଞ୍ଚିଛି। ଅବଶ୍ୟ ବାମପନ୍ଥୀମାନେ ଉଗ୍ର କାନ୍ତିକାରୀ ବୋଲି ଯୁକ୍ତି କରୁଛନ୍ତି। ଏବେ ପ୍ରାକ୍ ଆଧୁନିକ ସାମାଜିକ ସମ୍ପର୍କ ଏବଂ ଢାଞ୍ଚାକୁ ନଷ୍ଟ କରିବା ଦ୍ୱାରା ତାହା ମାର୍କ୍ସ ଚିନ୍ତା କରିଥିବା ବ୍ୟବସ୍ଥାଠାରୁ ବହୁ ଦୂରକୁ ଚାଲିଯାଇଛି।





ପିଟରସନଙ୍କ ଦୃଷ୍ଟିରେ ବିକଶିତ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଗୃହଯୁଦ୍ଧ ହେଉଛି ବିଶ୍ୱର ଏକା ଗୋଷ୍ଠୀର ପୁଞ୍ଜିବାଦୀ ବ୍ୟବସ୍ଥାର ଦୁଇ ସଂସ୍କରଣ ମଧ୍ୟରେ ଏକ ସଂଘର୍ଷ। ଏହା ଅସଂଯମ ଉଦାର ବ୍ୟକ୍ତିବାଦ ବନାମ ନବ ଫାସୀବାଦୀ ରୂଢିବାଦ ମଧ୍ୟରେ ଏକ ଲଢେଇ। ଏହି ସଂଘର୍ଷ ପୁଞ୍ଜିବାଦୀ ଗତିଶୀଳତା ସହ ପାରମ୍ପରିକ ମୂଲ୍ୟ ଓ ପଦାନୁକ୍ରମକୁ ଏକାଠି କରିବାକୁ ଚାହୁଁଛି। ଏଠାରେ ଦୁଇ ବିରୋଧାଭାସ ରହିଛି। ସାମାଜିକ ସମସ୍ୟା ଉପରେ ପାଶ୍ଚାତ୍ୟ ରାଜନୈତିକ ସଚେତନତା ଶ୍ରେଣୀ ସଂଘର୍ଷକୁ ଦୂର କରୁଛି ବୋଲି ପ୍ରତିପାଦିତ କରୁଛି। ଏକ ଉଦାର ଆଭିଜାତ୍ୟ ବର୍ଗ ସୃଷ୍ଟି କରି ବିପଦରେ ଥିବା ଜାତିଗତ ଏବଂ ଲିଙ୍ଗଗତ ଭେଦଭାବର ଶିକାର ହେଉଥିବା ସଂଖ୍ୟାଲଘୁଙ୍କୁ ରକ୍ଷା କରୁଛି ବୋଲି ଦାବି କରୁଛି। ବାସ୍ତବରେ ତାହାର ରାଜନୈତିକ ଓ ଆର୍ଥିକ କ୍ଷମତାଧାରୀ ସଦସ୍ୟମାନଙ୍କ ଦୃଷ୍ଟି ହଟାଇବାକୁ ଏଭଳି କରୁଛି। ଠିକ୍ ଏହି ସମୟରେ ଏଭଳି ଯୁକ୍ତି ଦକ୍ଷିଣପନ୍ଥୀ ଲୋକପ୍ରିୟ ନେତାମାନଙ୍କୁ କର୍ପୋରେଟ ଏବଂ ଅଭିଜାତ୍ୟ ବର୍ଗଙ୍କ ବିରୋଧରେ ଥିବା ଅସଲ ଲୋକଙ୍କ ରକ୍ଷକ ଭାବେ ଦର୍ଶାଇବାକୁ ସୁଯୋଗ ଦେଇଛି। ଏପରି କି ସେମାନେ ମଧ୍ୟ ଆର୍ଥିକ ଓ ରାଜନୀତିର କମାଣ୍ଡିଂ ସ୍ତରରେ ପଦବୀ ଦଖଲ କରୁଛନ୍ତି। ଶେଷରେ ଉଭୟ ପକ୍ଷ ସମ୍ପୂର୍ଣ୍ଣ ଭାବେ ସଲାସୁତୁରା ହୋଇ ଏକ ବ୍ୟବସ୍ଥାକୁ ନଷ୍ଟ କରିବା ଲାଗି ଲଢେଇ କରୁଛନ୍ତି। ଶୋଷିତଙ୍କ ପାଇଁ କୌଣସି ପକ୍ଷ ଠିଆ ହେଉନାହାନ୍ତି କି ଶ୍ରମିକ ଶ୍ରେଣୀର ଏକତା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାର ଅର୍ଥ ନୁହେଁ ଯେ,ବାମ ଓ ଦକ୍ଷିଣ ପନ୍ଥୀ ଅଦରକାରୀ ହୋଇଯାଇଛନ୍ତି, ବରଂ ଏକ ରାଜନୈତିକ ଇଞ୍ଜିନ ଭାବେ ଯୁଦ୍ଧ ସଂସ୍କୃତି ଏକ ଶ୍ରେଣୀ ସଂଘର୍ଷକୁ ସୂଚିତ କରିଛି।

ଏଭଳି ସ୍ଥିତି ୟୁରୋପକୁ କେଉଁଠି ପହଞ୍ଚାଇଛି, ସେ ସମ୍ପର୍କରେ ଗାର୍ଡିଆନ ଖବର କାଗଜର ସ୍ତମ୍ଭକାର ସିମନ୍ ତିସ୍‌ଦାଲ ଠିକ୍ ଛବି ସାମ୍ନାକୁ ଆଣିଛନ୍ତି। ୟୁରୋପକୁ ବୁଡ଼ାଇବା ପୁଟିନଙ୍କ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି। ଶକ୍ତି, ଖାଦ୍ୟ, ଶରଣାର୍ଥୀ, ସୂଚନାକୁ ଅସ୍ତ୍ରକରି ରୁଷିଆର ନେତା ଆର୍ଥିକ ଓ ରାଜନୈତିକ ଯନ୍ତ୍ରଣା ବଢାଉଛନ୍ତି। ସଭିଙ୍କ ପାଇଁ ଏକ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିଛନ୍ତି। ପେନସନ ଭୋଗୀଙ୍କୁ ପ୍ରାପ୍ୟ ନ ଦେବା, ପିଲାଙ୍କୁ ଭୋକିଲା ରଖିବା, ସୁପରମାର୍କେଟ ଖାଲି କରିବା, ମୂଲ୍ୟ ଆଶାତୀତ ଭାବେ ବଢାଇବା, ମଜୁରିର ଅବମୂଲ୍ୟାୟନ, ଆନ୍ଦୋଳନ ଓ ରାସ୍ତା ଅବରୋଧ ଶ୍ରୀଲଙ୍କା ଭଳି ସ୍ଥିତିକୁ ସୂଚାଉଛି। ସମ୍ପୂର୍ଣ୍ଣ ପତନ ରୋକିବାକୁ ହେଲେ ସଶସ୍ତ୍ରବଳ ଦ୍ୱାରା ପ୍ରଶାସନକୁ ପୁନର୍ବାର ସକ୍ରିୟ କରିବା ସହ ଅନ୍ୟ ଦେଶଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଶକ୍ତି, ଖାଦ୍ୟ ବଣ୍ଟନକୁ ସଞ୍ଚାଳନ କରିବାକୁ ପଡ଼ିବ। ୟୁରୋପ ମଧ୍ୟ ଅନ୍ୟର କଲ୍ୟାଣ ପାଇଁ ଆଭିଜାତ୍ୟ ଜୀବନକୁ ପଛରେ ପକାଇବାକୁ ହେବ।

ସେ ସତ କହୁଛନ୍ତି। ୟୁରୋପ ଏବେ ବିପଦରେ। ଏହା ସକ୍ରିୟ ହେବା ଦରକାର। କେବଳ ସାମରିକ କ୍ଷେତ୍ରରେ ନୁହେଁ ବରଂ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସକ୍ରିୟତା ପ୍ରକାଶ କରିବା ଦରକାର। ଆମେ ସଙ୍କଟରୁ ଶିକ୍ଷା କରିବା ଉଚିତ ଓ ଏହାକୁ ବ୍ୟବହାର କରି ଆମ ଜୀବନର ପଥ ବଦଳାଇବା ଆବଶ୍ୟକ। ଏବକାର ସ୍ଥିତି ଉପରେ ଏବେ ସଚେତନ ହେବାର ବେଳ ଆସିଛି। ଏକ ମୂଲ୍ୟବୋଧକୁ ସ୍ୱୀକାର କରିବା ଯାହା ଆମକୁ ଆଗାମୀ ଦଶନ୍ଧିଗୁଡ଼ିକରେ ଆସୁଥିବା ଏକ ପରିସଂସ୍ଥାଗତ ବିନାଶରୁ ମଧ୍ୟ ରକ୍ଷା କରିପାରିବ । ଏହା ଆମ ପାଇଁ ଏକ ମାତ୍ର ସୁଯୋଗ ବୋଲି ବିଚାର କରିବାକୁ ହେବ।

**ପ୍ରଫେସର ଅଫ୍ ଫିଲୋଶଫି,**
**ୟୁରୋପିଆନ ଗ୍ରାଜୁଏଟ୍ ସ୍କୁଲ**

# ପରିବାରର ଭୂମିକା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ପରିବାର ବା କୁଟୁମ୍ବର ସହଯୋଗ ଥିଲେ ବ୍ୟକ୍ତି ସବୁ ପ୍ରକାର ବାଧାବିଘ୍ନକୁ ହସିହସି ସହିଯାଏ। ଏହା ସମାଜର ଏକ ମୌଳିକ ଅଙ୍ଗ। କୋଭିଡ୍ ମହାମାରୀ କାଳରେ ପରିବାରର ଆବଶ୍ୟକତାକୁ ସର୍ବସାଧାରଣ ଅମାନ୍ୟ କରିପାରିବେ ନାହିଁ। ଏଭଳି ଏକ ବିପତ୍ତି କାଳରେ ପରିବାର ନିଜ ସଦସ୍ୟମାନଙ୍କୁ ଦେଇଛି ମାନସିକ, ସାମାଜିକ ଓ ଅର୍ଥନୈତିକ ନିରାପତ୍ତା। ପରିବାର ମଧ୍ୟରେ ରହିଲେ ପ୍ରେମ, ଆନନ୍ଦ, ଶାନ୍ତି ଓ ନିରାପତ୍ତା ଅନୁଭବ ହୁଏ। ତେଣୁ କୁହାଯାଏ, ଯେଉଁ ଦେଶରେ ସମ୍ପୂର୍ଣ୍ଣ ପରିବାର ସଂଖ୍ୟା ଯେତେ ବେଶି, ସେ ଦେଶ ସେତେ ସମୃଦ୍ଧ ଓ ସଶକ୍ତ। ଇଂଲିଶ୍‌ରେ କଥାଟିଏ ଅଛି- "A family is not only an important thing, it is every-thing." ଏହାର ବାସ୍ତବିକ ଅର୍ଥ କେତେ ଗହନ।

ଭାରତରେ ପରିବାରର ଅର୍ଥ ବ୍ୟାପକ। ପ୍ରତିଟି ସମ୍ପର୍କ ଏହାର ଜଣେ ଜଣେ ସଭ୍ୟ। ଧାର୍ମିକ ଅନୁଷ୍ଠାନ, ସାମାଜିକ କର୍ମ, ବିପଦ-ଆପଦ, ଦୁଃଖ-ସୁଖ, ଉତ୍ସବ, ପୂଜା-ପାର୍ବଣ ଆଦିରେ ସମଗ୍ର ପରିବାର ଏକାଠି ହେବା ଦ୍ୱାରା ସମ୍ପର୍କ ଦୃଢ଼ ଓ ଅତୁଟ ହୁଏ। ଗୋଟିଏ ପରିବାରରେ ଛୋଟ ବଡ଼ ସମସ୍ତେ ପାରିବାରିକ ନିଷ୍ପତ୍ତିରେ ଭାଗ ନିଅନ୍ତି। ସମସ୍ତଙ୍କ ସମ୍ମତି ନେଇ ଯେକୌଣସି କାର୍ଯ୍ୟ କରାଯାଏ । ଉଭୟ ବରିଷ୍ଠ ଏବଂ କନିଷ୍ଠମାନଙ୍କ ମତକୁ ସମ୍ମାନ ଦେଇ ବିଚାର କରାଯାଏ । ଯୁକ୍ତିତର୍କ, ମତାନ୍ତର, ମନାନ୍ତର ସତ୍ତ୍ୱେ ଆଲୋଚନା ଓ ବୁଝାମଣା କରାଯାଇ ସମସ୍ୟା ସମାଧାନର ବାଟ ଖୋଜାଯାଏ। ପରିବାର ସହ ଏକତ୍ର ବାସ କଲେ ବ୍ୟକ୍ତିକୁ ଅର୍ଥନୈତିକ, ସାମାଜିକ, ମାନସିକ ନିରାପତ୍ତା ଲାଭ ହୁଏ । ଆହୁରି ପରିବାରରେ ଦୃଢ଼ ହୁଏ ମାତୃଭାଷା ସହିତ ବନ୍ଧନ। ଦମ୍ଭ ଓ ଆପଣାପଣର ଛାୟା କରି ସବୁ ଝଡ଼ଝଞ୍ଜାରୁ ମୁକୁଳାଇ ଆଣିବାର ସାମର୍ଥ୍ୟ ମାନବ ମଧ୍ୟରେ ଆତ୍ମବିଶ୍ୱାସ ଭରିଦିଏ, ଯାହା ପରିବାର ଭିତରେ ହିଁ ସମ୍ଭବପର। ପିଲାଙ୍କ ଭବିଷ୍ୟତ ପାଇଁ ମାତାପିତା ଆଜୀବନ ତ୍ୟାଗ ଏବଂ ପ୍ରାର୍ଥନାରେ ରତ ଥାଆନ୍ତି। ନିଜଠାରୁ ଅଧିକ ଅନ୍ୟ ପାଇଁ ଭାବିବା, ପରିପ୍ରକାଶ କରିବା ପୂର୍ବରୁ ମନକଥା ବୁଝି ତାକୁ ପୂରଣ କରିବା ପରିବାର ବ୍ୟତୀତ ଆଉ କେଉଁଠି ସମ୍ଭବ ? ସେଥିପାଇଁ ତ ଆମେ ଭାରତୀୟମାନେ ଶିକ୍ଷାନୁଷ୍ଠାନରେ, କାର୍ଯ୍ୟାଳୟରେ, ପଡ଼ୋଶୀଙ୍କ ମେଳରେ ସବୁଠି ପରିବାରଟିଏ ସୃଷ୍ଟି କରିବାର କ୍ଷମତା ରଖୁ। ଗବେଷକମାନେ ମଧ୍ୟ ମତ ରଖନ୍ତି ଯେ, ପରିବାର ମଧ୍ୟରେ ବାସ କରୁଥିବା ବ୍ୟକ୍ତି ଅପେକ୍ଷାକୃତ ଭାବରେ ଅଧିକ ଶାନ୍ତିରେ ବଞ୍ଚେ ଏବଂ ଦୀର୍ଘାୟୁ ହୁଏ। ଏମାନଙ୍କର ମାନସିକ ଅବସାଦ କମ୍। ବରିଷ୍ଠମାନଙ୍କର ଅଭିଜ୍ଞତା, ମାତାପିତାଙ୍କର ସଂସ୍କାର, ପରିବାରର ପରମ୍ପରା, ଚଳଣି ଏସବୁର ମିଳିତ ସହାବସ୍ଥାନରେ ପରିବାର ବୁଦ୍ଧିମନ୍ତ।

ମାତ୍ର ଆଧୁନିକୀକରଣ, ସହରୀକରଣ, ବଜାରୀକରଣ ଯୋଗୁ ପରିବାରଗୁଡ଼ିକ ଏବେ ଦୁର୍ବଳ ଏବଂ ବିଭକ୍ତ । ଏହାଦ୍ୱାରା ଯଦିଓ ପରିବାରର ଆୟ ଏବଂ ରୋଜଗାର ବଢ଼ିଛି, ମହିଳାଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆସିଛି, ଶିକ୍ଷାରେ ଉନ୍ନତି ଘଟିଛି, ମାତ୍ର ପରିବାର ତା'ର ପରମ୍ପରା ଭୁଲିବାରେ ଲାଗିଛି । ବିବାଦ, କଳହ, ବିଚ୍ଛେଦ ପରିବାରଗୁଡ଼ିକୁ ଭାଙ୍ଗିଦେଉଛି। ଲୋକେ ଆଉ ପରିବାର ବନ୍ଧନରେ ବାନ୍ଧି ହେବାକୁ ଚାହୁଁନାହାନ୍ତି। ସମ୍ପର୍କକୁ ବୋଝ ମନେ କରି ଦୂରେଇ ଦେବାରେ ସେମାନଙ୍କର ତିଳେ ହେଲେ ଦ୍ୱିଧା ରହୁନାହିଁ। ଆମେରିକା, ଜାପାନ, ସିଙ୍ଗାପୁର ଭଳି ଉନ୍ନତ ଦେଶଗୁଡ଼ିକଠାରୁ ଅନୁକରଣ କରି ଆମ ଯୁବବର୍ଗ ମଧ୍ୟ ବିବାହ ନ କରି ଏକାଠି (ଲିଭ ଇନ୍) ରହିବା ସପକ୍ଷରେ ଅଛନ୍ତି। ପରିଣାମ ପରିବାର ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିବ।

ଆଧୁନିକତାର ବଶବର୍ତ୍ତୀ ହୋଇ ପରିବାରଠାରୁ ଦୂରେଇ ଯିବା ସାମାଜିକ ଅଧୋଗତିକୁ ନିମନ୍ତ୍ରଣ କରିବ, ଯାହାର ଅଳ୍ପେ ବହୁତେ ପରିଣାମ ଆମେ ଭୋଗିବା ଆରମ୍ଭ କଲେଣି। ମାତ୍ର ତଥାପି ଆଶାଟିଏ ରହିଛି ଯେ ଆମେ ସୁଧୁରିଯିବା। ଆମ ଆଗାମୀ ପିଢ଼ି ପୁଣିଥରେ ପରିବାରର ମହତ୍ତ୍ୱ ବୁଝିବେ, ପରିବାରକୁ ନିଜର ଶକ୍ତି ମନେକରି ଆଗେଇ ଚାଲିବେ। ସ୍ୱାର୍ଥହୀନ ସେବା, ସର୍ତ୍ତହୀନ ପ୍ରେମ ଏବଂ ସ୍ନେହଭରା ନିରାପତ୍ତା ପରିବାର ଭିତରେ ହିଁ ମିଳେ। ଦୁର୍ବଳ ସମ୍ପର୍କକୁ ଯୋଡ଼ି, ମରାମତି କରି ପୁଣିଥରେ ନୂଆ କରି ଗଢ଼ିବାର ବେଳ ଇଏ । ତେଣୁ ଆସନ୍ତୁ ନିଜ ନିଜ ପରିବାର ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ସମସ୍ତେ ଏକାଠି ହେବା।

**ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ଗୋଟିଏ କି ଦୁଇଟି ନୁହେଁ, ୭୦୦ରୁ ଅଧିକ କିସମର ବିଦେଶୀ ଫଳ ଉତ୍ପାଦନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି କର୍ନାଟକର କୃଷକ ଅନିଲ ବଲାଞ୍ଜା। ସେ ଏହି ଫଳର ମଞ୍ଜି ୪୦ଟି ଦେଶରୁ ସଂଗ୍ରହ କରିଛନ୍ତି। ଅନିଲଙ୍କ ପିତା ଜଣେ କୃଷକ ଥିଲେ। ତାଙ୍କ ପିତା ମୁଖ୍ୟତଃ ପଣସ ଓ ଆମ୍ବଚାଷ କରୁଥିଲେ। ପିଲାଦିନେ ଅନିଲ ପିତାଙ୍କ କୃଷିକାର୍ଯ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ପରେ ଅନିଲଙ୍କୁ ୧୯ ବର୍ଷ ହୋଇଥିବାବେଳେ ସେ ଆର୍‌କା, ନଡ଼ିଆ ଏବଂ ରବର ଚାଷ ଆରମ୍ଭ କରିଥିଲେ। କିନ୍ତୁ ପାଞ୍ଚବର୍ଷ ପୂର୍ବେ ଫଳଚାଷକୁ ବ୍ୟାପକ କରିବା ଲାଗି ସେ ବିଦେଶୀ ଫଳ ଚାଷ କରିବାକୁ ଯୋଜନା କରିଥିଲେ। ପ୍ରଥମେ ଆମ ଦେଶରେ କରାଯାଉଥିବା ଆଭାକୋଡା, ସାନ୍ତୋଲ, କିପେଲ ଓ ଆଉ କିଛି ଚାଷ ଆରମ୍ଭ କରିଥିଲେ। ଦକ୍ଷିଣ କନ୍ନଡ ଜିଲାରେ ଥିବା ଅନିଲଙ୍କ ୩୦ ଏକର ଫାର୍ମ ଏବେ ୭୦୦ ପ୍ରକାର ବିଦେଶୀ ଫଳଗଛ ଶୋଭା ପାଉଛି। ବିଦେଶରେ ଥିବା ତାଙ୍କ ସାଙ୍ଗମାନେ ଏହିସବୁ ଫଳ ମଞ୍ଜି ପାଇବାରେ ତାଙ୍କୁ ସାହାଯ୍ୟ କରିଛନ୍ତି। ଏହା ବ୍ୟତୀତ ଦେଶରେ ବିଭିନ୍ନ ନର୍ସରୀରୁ ବି ସେ କେତେକ ଚାରା ସଂଗ୍ରହ କରିଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଚାଷ କରୁଛନ୍ତି। ଅଧିକାଂଶ ଫଳଚାରା କିମ୍ବା ମଞ୍ଜି ସେ ମାଲେସିଆ, କାମ୍ବୋଡିଆ, ଭିଏତ୍‌ନାମ, ବ୍ରାଜିଲ ଓ ଥାଇଲାଣ୍ଡ ଆଦି ଦେଶରୁ ସଂଗ୍ରହ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଅଗଷ୍ଟ ୧୯୯୭**

- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ମରଣୋତ୍ତର ଭାବେ 'ଭାରତରତ୍ନ' ସମ୍ମାନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ଲିଖିତ ଘୋଷଣା ଦିଲ୍ଲୀ ହାଇକୋର୍ଟରେ ରଦ୍ଦ।
- ବାଚସ୍ପତି ଚିନ୍ତାମଣି ସାମନ୍ତରାୟଙ୍କ ପୈତୃକ ବାସଭବନରେ ପୋଲିସର ରାତିଅଧିଆ ଚଢ଼ାଉ ଘଟଣାରେ କ୍ଷୁବ୍ଧ ଏବଂ ଅପମାନିତ ହୋଇ ବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି।
- ଭାରତର ଅଗ୍ରଣୀ ଘରୋଇ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ରାଜସ୍ଥାନ' ପକ୍ଷରୁ ରାଜ୍ୟରେ ଏହାର ପ୍ରଥମ ଶାଖା ଉଦ୍‌ଘାଟିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | 8 | 9 | 6 |
| | | | | | 4 | | 1 | |
| | 1 | | | | | 4 | | 5 |
| 6 | | | 9 | | | 2 | 5 | |
| 8 | 9 | | 3 | | | | | |
| | | 5 | | 2 | | | | 3 |
| | | | 1 | 5 | 9 | | | 7 |
| | | | | 8 | | | | 1 |
| | | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 4 | 5 | 2 | 8 | 9 | 3 |
| 8 | 4 | 2 | 9 | 1 | 3 | 7 | 6 | 5 |
| 3 | 5 | 9 | 7 | 8 | 6 | 4 | 1 | 2 |
| 7 | 2 | 1 | 3 | 9 | 5 | 6 | 8 | 4 |
| 4 | 9 | 3 | 1 | 6 | 8 | 5 | 2 | 7 |
| 6 | 8 | 5 | 2 | 7 | 4 | 1 | 3 | 9 |
| 5 | 1 | 4 | 8 | 3 | 9 | 2 | 7 | 6 |
| 2 | 3 | 8 | 6 | 4 | 7 | 9 | 5 | 1 |
| 9 | 6 | 7 | 5 | 2 | 1 | 3 | 4 | 8 |

ଗତକାଲିର ଉତ୍ତର

# ବିଜ୍ଞାନରେ ବସୁଧୈବ କୁଟୁମ୍ବକମ୍



ଡ. ନରେନ୍ଦ୍ର ସେଠୀ

ଜର୍ମାନୀର ମ୍ୟୁନିଚ ସହରରେ ଅବସ୍ଥିତ ମ୍ୟାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ମହାନ୍ ପଦାର୍ଥ ବିଜ୍ଞାନୀ ହାନ୍ସ-ପିଟର ଡୁରେର୍ ତାଙ୍କ ପଚାଶ ବର୍ଷର ଗବେଷଣାକୁ ଏକାଠି କରି ଯୋଉ ନିଷ୍କର୍ଷରେ ପହଞ୍ଚିଲେ ତାହା ହେଲା ପଦାର୍ଥ ଓ ଶକ୍ତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଅର୍ଥାତ୍ ମଣିଷ ନିଜେ ଓ ସଂସାରର ଅନ୍ୟ ଯୋଉ ସବୁ ବିଦ୍ୟମାନ ଜିନିଷ ଦେଖୁଛି ତାହା ପଦାର୍ଥରୁ ତିଆରି ହୋଇନାହିଁ, ଏସବୁ ଶୂନ୍ୟରୁ ତିଆରି ହୋଇଛି । ପଦାର୍ଥକୁ ଶକ୍ତିରେ ଓ ଶୂନ୍ୟରେ ଥିବା ଅଦୃଶ୍ୟ ଶକ୍ତିକୁ ପଦାର୍ଥରେ ପରିଣତ କରିହେବ, ଏହା ଆଇନ ଷ୍ଟାଇନ ମଧ୍ୟ ପ୍ରମାଣିତ କରିଛନ୍ତି । ଜଣେ ମହାନ୍ ବୈଜ୍ଞାନିକ ଭାବରେ ସୂକ୍ଷ୍ମ ସ୍ତରରେ ପଦାର୍ଥକୁ ବିଶ୍ଳେଷଣ କରିବାକୁ ଚେଷ୍ଟା କରି ହାନ୍ସ-ପିଟର ହୃଦୟଙ୍ଗମ କରିଥିଲେ ଯେ ଅଦୃଶ୍ୟ ଶକ୍ତିଠାରୁ ଭିନ୍ନ କିଛି ନାହିଁ। ସେହି ବିଶାଳ ସର୍ବଶକ୍ତିମାନ ଶକ୍ତି ହେଉଛି ବିଶ୍ୱ ଚେତନା (କିମ୍ବା ଭଗବାନ) ଏବଂ ଆମେ ମଣିଷମାନେ ସେହି ଚେତନାର ଏକ ଛୋଟ ଅଂଶ, ଯାହାକୁ ବ୍ୟକ୍ତିଗତ ଚେତନା କୁହାଯାଇପାରେ । ଯେହେତୁ ଉଭୟ ବିଜ୍ଞାନ ଓ ଅଧ୍ୟାତ୍ମ ଅନୁସାରେ ବସ୍ତୁର ବିନାଶ ନାହିଁ ଓ ସବୁ ବସ୍ତୁ ଶକ୍ତିରୁ ସୃଷ୍ଟି, ତେଣୁ ଆମକୁ ଏପରି ଏକ ପରମେଶ୍ୱରଙ୍କ ସନ୍ଧାନ କରିବାକୁ ହେବ ; ଯିଏ ସମସ୍ତଙ୍କୁ ସହଜରେ ଉପଲବ୍ଧ ହେଇପାରୁଥିବେ। ଏସବୁ କରିବା ପାଇଁ ଜଣେ ବିଶେଷ ଜ୍ଞାନୀ ହେବା ଆବଶ୍ୟକ ଦରକାର ନାହିଁ ବରଂ କେବଳ ଏତିକି ବୁଝିବା ଦରକାର ଯେ ଈଶ୍ୱର ଆମ ସମସ୍ତଙ୍କ ଭିତରେ ବିଦ୍ୟମାନ। ଅତୀତରେ ଯାହା ଘଟିତ ହୋଇ ଯାଇଛି ତାହା ଏକ ସ୍ୱପ୍ନ ଥିଲା ଓ ପୃଥିବୀର କୌଣସି ଶକ୍ତି ତାକୁ ଠିକ୍ କରିପାରିବ ନାହିଁ । ଆସନ୍ତାକାଲି ମରୁଭୂମିର ଏକ ମରୀଚିକା ସଦୃଶ ଯାହା କେହି ବି ପୂର୍ବାନୁମାନ କରିପାରିବେ ନାହିଁ । ତେଣୁ ମଣିଷ ଆସନ୍ତାକାଲି ଓ ଗତକାଲି ବିଷୟରେ ବ୍ୟର୍ଥ ଚିନ୍ତା କରିବା ଅପେକ୍ଷା ବର୍ତ୍ତମାନରେ ଜିଇବା ଆବଶ୍ୟକ।

ଉପନିଷଦରେ କୁହାଯାଇଛି ସୁଖ ସେତିକିବେଳେ ପ୍ରାପ୍ତ ହୁଏ ଯେତେବେଳେ ଆମେ ଆଉ କାହାକୁ ସୁଖ ଦେବା ପାଇଁ ସାହାଯ୍ୟ କରୁ। ଭଗବାନଙ୍କୁ ହୃଦୟଙ୍ଗମ କରିବା ପାଇଁ ମଣିଷକୁ ଏତେ ବ୍ୟଗ୍ର ହେବାର ଆବଶ୍ୟକତା ନାହିଁ। ନିୟମିତ ଭାବରେ ପ୍ରାଣାୟାମ ମାଧ୍ୟମରେ ଆମର ଡାହାଣ ମସ୍ତିଷ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି ଆମେ ତାହା କରିପାରିବା ; ଯାହା ଆମର ମୁନି ଋଷିମାନେ କରୁଥିଲେ । ସନ୍ ଡିଏଗୋ ବିଶ୍ୱବିଦ୍ୟାଳୟର ସ୍ନାୟୁ ତତ୍ତ୍ୱବିତ ଡେଭିଡ ସ୍କାନଫ ଖାଲସା ନାକରୁ ନିଃଶ୍ୱାସର (କ୍ରିୟା ଯୋଗ) ନିୟନ୍ତ୍ରିତ ଅଭ୍ୟାସକୁ ଉଦାସୀନତା ଏବଂ ଅନ୍ୟାନ୍ୟ ମସ୍ତିଷ୍କଜନିତ ରୋଗର ଚିକିତ୍ସା ପାଇଁ କାର୍ଯ୍ୟ କରି ଏକ ଚମତ୍କାର ଓ ଆଶ୍ଚର୍ଯ୍ୟଜନକ ତଥ୍ୟ ଆବିଷ୍କାର କଲେ । ତାହା ହେଲା ମଣିଷର ମନ ହେଉଛି ସୂକ୍ଷ୍ମ ସ୍ତରରେ ଅନେକ ଆଣବିକ ଶକ୍ତିର ଏକ ସମାହାର । ଆମେ ସ୍କୁଲ କଲେଜରେ ପଢ଼ିଥିବା ପୁସ୍ତକ ପଠିତ ଜ୍ଞାନରେ ଏହା ବୁଝିପାରୁନା ଯେ ଜୀବନ୍ତ କ'ଣ ମୃତ କ'ଣ । ବିଜ୍ଞାନ ପୁସ୍ତକ କେବଳ ଏତିକି କହିପାରେ ଯେ ଜୀବନ୍ତ ଅବସ୍ଥା ଅନେକ ଜୀବନ ନ ଥିବା ଜଟିଳ ପ୍ରକ୍ରିୟାର



ଏକ ସମାହାର କିନ୍ତୁ ପ୍ରକୃତରେ ସତ କଥାଟା ହେଲା ଏହାର ଓଲଟା । ଅସଲ କଥା ହେଲା ଏ ବିଶ୍ୱରେ ସବୁ ପଦାର୍ଥ ଜୀବନ୍ତ। କିନ୍ତୁ ସବୁ ପଦାର୍ଥ ଯଦି ଶକ୍ତିରୁ ଉତ୍ପନ୍ନ ଏବଂ ପଦାର୍ଥ ଓ ଶକ୍ତି ପରସ୍ପରକୁ ଜନ୍ମ ଦିଅନ୍ତି ତାହାଲେ ଏକଥା ମଧ୍ୟ ସତ୍ୟ ଯେ କୌଣସି ମୃତ ବା ଜଡ଼ ପଦାର୍ଥରୁ ଜୀବନ ତିଆରି ହୋଇ ନ ଥିବ ବା ହୋଇପାରିବ ନାହିଁ । ତାହାଲେ ସେହି ଜୀବନ ତିଆରି କରିଥିବା ଶକ୍ତି କ'ଣ ଜୀବନ୍ତ? ତାହାଲେ ଦୁଇ ଶହ କୋଟି ବର୍ଷ ତଳେ କୌଣସି ଜଡ଼ ପଦାର୍ଥରୁ ଜୀବନ ତିଆରି ହେଲା କେମିତି ? ଆଧୁନିକ ବିଜ୍ଞାନ ଅନୁସାରେ ଆମେ ଯାହା ସବୁ ବାସ୍ତବିକତା ଦେଖୁଛେ ଓ ଅନୁଭବ କରୁଛେ ପ୍ରକୃତରେ ଏସବୁ ସତ ନୁହେଁ ବରଂ ଗୋଟେ ସମ୍ଭାବିତ ବାସ୍ତବତାର ସମ୍ଭାବନା ମାତ୍ର। ଆଧୁନିକ ଶୃଙ୍ଖଳ ତତ୍ତ୍ୱ ଅନୁସାରେ ଏ ସଂସାରର ସବୁ ଜିନିଷ ପରସ୍ପର ସହ ଜଡ଼ିତ ବା ଏକ ସମ୍ପର୍କ ସୂତ୍ରରେ ବନ୍ଧା। ଅର୍ଥାତ୍ ଆମ ପ୍ରତ୍ୟେକ ମଣିଷ ଆମ ଅଜାଣତରେ ଅନ୍ୟମାନଙ୍କ ସହ ସମ୍ପର୍କରେ ଅଛୁ ଓ ଏହା ଏକ ବିଜ୍ଞାନ ପ୍ରମାଣିତ ସତ୍ୟ। ଅନ୍ୟ ଅର୍ଥରେ ଆମେ ସମସ୍ତେ ଏ ସଂସାରରେ ପରସ୍ପରର ସହକର୍ମୀ ସଦୃଶ ଓ ଆମ ଭିତରେ ଏକ ଅଦୃଶ୍ୟ ସମ୍ପର୍କର ଭାଇଚାରା ବିଦ୍ୟମାନ। ତେଣୁ ଏହା ପରୋକ୍ଷ ଭାବରେ ଭାରତୀୟ ପରମ୍ପରା ବସୁଧୈବ କୁଟୁମ୍ବକମ ବା ଏ ସମଗ୍ର ବିଶ୍ୱ ଏକ ପରିବାର ସଦୃଶ ବୋଲି ଆଧୁନିକ ବିଜ୍ଞାନ ମତ ଦେଇଛି ।

ମହାନ୍ ବୈଜ୍ଞାନିକ ଡାରଉଇନ୍ ତାଙ୍କ ଉଦ୍‌ବର୍ତ୍ତନ ତଥ୍ୟରେ ସେହି ଏକା କଥା କହିଥିଲେ ଯେ, ଆମେ ସବୁ ପ୍ରାଣୀ ଗୋଟିଏ ପରେ ଗୋଟିଏ ପରସ୍ପର ମଧ୍ୟରୁ ସମୟ କ୍ରମେ ଆସିଛନ୍ତି। ଅର୍ଥାତ୍ ଆମେ ସବୁ ଜୀବ, କୀଟ, ପତଙ୍ଗ ଗୋଟିଏ ପରିବାର । ତେଣୁ ସମସ୍ତେ ମିଳିମିଶି ରହିବା ପ୍ରକୃତି ଓ ବିଜ୍ଞାନର ନିୟମ ଏବଂ ଆବଶ୍ୟକ। ତେବେ ମୂଳ କଥା ହେଲା, ଯଦି ଶକ୍ତିରୁ ପଦାର୍ଥ ଓ ପଦାର୍ଥର ବିଲୟରେ ଶକ୍ତିର ସୃଷ୍ଟି ତାହାଲେ ଜୀବର ମୃତ୍ୟୁ ହୁଏ ନାହିଁ ବା ଏ ସଂସାରରେ ସମସ୍ତେ ଅଜର ଅମର । ଏହାକୁ ଗୀତାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ନା ପ୍ରାଣୀ ମରେ ନା ତା'ର ବିନାଶ ହୁଏ । ଖାଲି ଅବସ୍ଥାର ପରିବର୍ତ୍ତନ ହୋଇଥାଏ । ଅର୍ଥାତ୍ ବିଜ୍ଞାନ ଅନୁସାରେ ମୃତ୍ୟୁ ବୋଲି କିଛି ନାହିଁ ଓ ଏହା ଏକ ଅବସ୍ଥାର ପରିବର୍ତ୍ତନ ମାତ୍ର । ଅଢ଼େଇ କୋଟି ବର୍ଷ ପୂର୍ବେ ଜୀବନ ଜଡ଼ ପଦାର୍ଥରୁ ସୃଷ୍ଟି ହେଲା ଓ ଜୀବ ପରେ ପୁଣି ସେଇ ଜଡ଼ ପଦାର୍ଥରେ ଦିନେ ମିଶିଯିବ। ମଣିଷ ଯଦି ତା'ର ମାନକ ପରିବାର ବୃକ୍ଷ ବା ଫାମିଲି ଟ୍ରିକୁ ପଛକୁ ପଛ ଲେଖି ଚାଲିବ ତାହାଲେ କିଛି କୋଟି ବର୍ଷ ପୂର୍ବକୁ ଗଲେ ନିଜ ସମ୍ପର୍କୀୟ ଭାଇ ଭାବେ ବିଶାଳକାୟ ଡାଇନୋସରକୁ ପାଇବ । ଏହା ଦ୍ୱାରା ବିଜ୍ଞାନ ପ୍ରମାଣିତ କରୁଛି ଯେ ଆମେ ଗୋଟିଏ ପରିବାର ଓ ଆମ ଭିତରେ ଗୋଟିଏ ଫରକ ହେଲା ସମୟ। ଏ ସମୟ ଆମ ପାଇଁ ଲମ୍ବା ହୋଇପାରେ କିନ୍ତୁ ସଂସାର ବା ବିଶ୍ୱ ପାଇଁ ଏହା ଏକ ଛୋଟିଆ କାଳଖଣ୍ଡ ମାତ୍ର। ବିଜ୍ଞାନ ଓ ଅଧ୍ୟାତ୍ମର ଏହି ବିଶ୍ଳେଷଣରୁ ଏତିକି ସଂକ୍ଷେପରେ କୁହାଯାଇପାରେ ଯେ ଆମେ ସମସ୍ତେ ସର୍ବଦା ଜୀବିତ ଥିଲେ ଓ ରହିଥିବା ଏବଂ ଏ ସଂସାରର ସବୁ ପ୍ରାଣୀ କୀଟ ପତଙ୍ଗ ଏପରି କି ଜଡ଼ବସ୍ତୁ ପରସ୍ପର ସମ୍ପର୍କୀୟ ଓ ଏକ ପରିବାର ।

**ଯାଦୁଗୁଡା, ପୂର୍ବ ସିଂଭୂମି, ଝାଡ଼ଖଣ୍ଡ,**
**ମୋ:୭୦୦୪୦୬୮୧୧୦**

## ପାଠକ ଶ୍ରେଷ୍ଠ ବିଚାରକ

### ସାପକାମୁଡ଼ା ମୃତ୍ୟୁ ସହାୟତା ରାଶି ମିଳୁନି

ମହାଶୟ,

ସାପକାମୁଡ଼ାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ପୁରୀ ସହର ସମେତ ଜିଲାର ୧୧ ଗୋଟି ବ୍ଲକରେ ସଚେତନତାର ଅଭାବ ଓ ପ୍ରମାଣପତ୍ର ଯୋଗାଡ଼ କରିବାରେ ସମସ୍ୟା ଇତ୍ୟାଦି କାରଣରୁ ଅଧିକାଂଶ ପରିବାର ସହାୟତା ରାଶିରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣଭାବେ ବର୍ଷାଦିନେ ସାପ କାମୁଡ଼ାରେ ଅଧିକାଂଶ ଲୋକଙ୍କ ପ୍ରାଣ ଯାଉଛି। ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସାର ଅଭାବ ଓ ଗୁଣିଗାରେଡି ଉପରେ ଭରସା କରି ଅନେକ ଲୋକ ଆଖି ବୁଜୁଛନ୍ତି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାପକାମୁଡ଼ା ପାଇଁ ମିଳୁଥିବା ଔଷଧ ବା ଇଂଜେକ୍‌ସନ ମହଜୁଦ ନ ଥିବାରୁ ଲୋକଙ୍କୁ ଜିଲା ସ୍ୱାସ୍ଥ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଭାବେ ପ୍ରତିବର୍ଷ ରାଜ୍ୟରେ ୩ ହଜାରରୁ ଅଧିକ ଲୋକ ସାପ କାମୁଡ଼ାରେ ପ୍ରାଣ ହରାଉଛନ୍ତି। ତେବେ ପୁରୀ ଜିଲାରୁ ଅଧିକାଂଶ ପରିବାର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପାଇଁ ଆବେଦନ ବି କରିପାରିନାହାନ୍ତି। ଏମିତିକି ଅନେକ ବ୍ୟକ୍ତି ପ୍ରମାଣପତ୍ର ପାଇଁ ତହସିଲ, ଜିଲା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ପୁରୀ ଜିଲାର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ପ୍ରମାଣପତ୍ର ସଂଗ୍ରହରେ ସମୟ ଗଡ଼ି ଯାଉଥିବାରୁ ଅନେକ ସହାୟତା ପାଇଁ ଆବେଦନ କରିପାରୁ ନ ଥିବା ଜଣାପଡ଼ିଛି। ସାପ କାମୁଡ଼ାରେ ସରକାରୀ ଡାକ୍ତରଖାନାକୁ ଯାଇ ଚିକିତ୍ସା ହେବା, ମୃତ୍ୟୁ ହେଲେ ଆନୁଷଙ୍ଗିକ ପ୍ରମାଣପତ୍ର ଯୋଗାଡ଼ କରିବା ଏବଂ ଏ ଦିଗରେ ସଚେତନତା ସୃଷ୍ଟି କରାଯାଇପାରିଲେ ସରକାରଙ୍କର ଏହି ଯୋଜନାରେ ଅନେକ ଲୋକ ଉପକୃତ ହୋଇପାରିବେ ।

**-ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିପାଁ ଧୀରପଦେ ଉଭା ହେଲ ସଜନୀ !
ପଞ୍ଚମୀର ଜୋଛନା ବୋଲି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିପାଁ ଧୀର ପଦେ ଉଭା ହେଲ ସଜନୀ !

-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାତକୋଶିଆକୁ ମିଳୁ ଜାତୀୟ ଉଦ୍ୟାନ ମାନ୍ୟତା

ଅନୁଗୋଳ ଅଫିସ, ୪।୮: ମହାନଦୀର ସାତକୋଶିଆ ଗଣ୍ଡ ଅନ୍ତର୍ଜାତୀୟ ସ୍ତରରେ ଏକ ପ୍ରାକୃତିକ ଆର୍ଦ୍ରଭୂମି ବା ରାମସର୍ ସାଇଟ୍‌ର ମାନ୍ୟତା ପ୍ରାପ୍ତ ହୋଇଛି। ଏହାକୁ ବିଭିନ୍ନ ପରିବେଶୀୟ ସଙ୍ଗଠନ ଓ ପ୍ରକୃତିପ୍ରେମୀ ସ୍ୱାଗତ କରିଛନ୍ତି। ବିଳମ୍ବରେ ହେଲେ ବି ସାତକୋଶିଆ ରାମସର୍ ସାଇଟ୍ ମାନ୍ୟତା ପାଇବା ଅତ୍ୟନ୍ତ ଖୁସିର ଖବର ବୋଲି ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ପ୍ରକାଶ କରିଛନ୍ତି। ଏଥିସହ ଆଗାମୀ ଦିନରେ ସରକାର ସାତକୋଶିଆକୁ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳ, ଜାତୀୟ ଉଦ୍ୟାନ ଏବଂ ଜୈବ ମଣ୍ଡଳର ମାନ୍ୟତା ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି।





ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଗୁରୁବାର ରାଜଭବନ ନିକଟ ଏଲ୍‌ଆଇସି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ। ଉତ୍କଳ ସମ୍ମିଳନୀ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ କର୍ମକର୍ତ୍ତା।

# ନନ୍ଦିନୀ ଥିଲେ ନାରୀ ପ୍ରଗତିର ମୂର୍ତ୍ତିମନ୍ତ ପ୍ରତୀକ

■ ଉଷାରାଣୀ ମହାନ୍ତିଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'
■ ଶ୍ରଦ୍ଧାଞ୍ଜଳି ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୮(ବ୍ୟୁରୋ)

ନନ୍ଦିନୀ ଶତପଥୀ ଥିଲେ ନାରୀ ସଶକ୍ତୀକରଣ ଓ ପ୍ରଗତିର ପ୍ରତୀକ। ନାରୀ ସ୍ୱାଧୀନତା ପାଇଁ ସେ ଆଜୀବନ ଲଢ଼େଇ କରିଥିଲେ। ପ୍ରଶାସନିକ ନିଷ୍ପତ୍ତି ନେବାରେ କଠୋର ଥିବାବେଳେ ଜନକଲ୍ୟାଣ କାର୍ଯ୍ୟରେ ଜଣେ ମା' ଭାବରେ ସ୍ନେହମୟୀର ଭୂମିକା ନିର୍ବାହ କରୁଥିଲେ। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ, ସୁସାହିତ୍ୟିକା, ସଂଗ୍ରାମୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ରାଜଭବନ ନିକଟ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମହାନଗରପାଳ ମିହିର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ନାରୀ ନେତ୍ରୀ ଉଷାରାଣୀ ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ଯୋଗଦେଇ ନନ୍ଦିନୀଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ, ନନ୍ଦିନୀ ସ୍କୁଲ୍ ଜୀବନରୁ ସାମ୍ୟବାଦୀ ଆନ୍ଦୋଳନରେ ସାମିଲ୍ ହୋଇ ବ୍ରିଟିଶ୍ ବିରୋଧରେ ସଂଗ୍ରାମ କରି ବିପ୍ଳବିନୀର ଭୂମିକା ନିର୍ବାହ କରିଥିଲେ। ରେଭେନ୍‌ଶା କଲେଜ ରାଜନୀତିରେ ସାମିଲ ହୋଇ ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିଲେ। ପ୍ରଥମେ କମ୍ୟୁନିଷ୍ଟ ପାର୍ଟି ଓ ପରେ କଂଗ୍ରେସରେ ଯୋଗଦେଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ଅନ୍ତରଙ୍ଗ ଭାବରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ୧୯୬୬ରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୧୯୭୨ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧି ରାଜ୍ୟବାସୀ ତଥା ରାଜ୍ୟର ମହିଳାଙ୍କ ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେଇଥିଲେ। ୧୯୭୭ରୁ ୧୯୯୦ ପର୍ଯ୍ୟନ୍ତ ଢେଙ୍କାନାଳ ନିର୍ବାଚନମଣ୍ଡଳୀରୁ ଲଗାତର ଜନତାଦଳ, କଂଗ୍ରେସ ଓ ସ୍ୱାଧୀନ ଭାବେ ବିଧାୟିକା ହୋଇଥିଲେ। ୧୯୮୫ରେ ଜାଗ୍ରତ ଓଡ଼ିଶା ଗଠନ କରି ଓଡ଼ିଶାରେ ବିକଳ୍ପ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଉଦ୍ୟମ କରିଥିଲେ। ସେ ଏକମାତ୍ର ନାରୀ ନେତ୍ରୀ ଭାବରେ ଅପରାଜେୟର ମର୍ଯ୍ୟାଦା ଲାଭ କରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନାରୀନେତ୍ରୀ ଉଷାରାଣୀ ମହାନ୍ତିଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନନ୍ଦିନୀଙ୍କ ଶ୍ରାଦ୍ଧବାର୍ଷିକୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୪।୮(ବ୍ୟୁରୋ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୨୦୦୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯତୀନ୍ଦ୍ର କୋଏଲ୍‌ଙ୍କୁ ଆଇଜିପି (ପ୍ରୋଭିଜନିଂ) ଦାୟିତ୍ୱ ଦିଆଯାଇଛି। ସେହିପରି ଆଇଜିପି (ଆଇନ ଶୃଙ୍ଖଳା) ଭାବେ କାର୍ଯ୍ୟରତ ୨୦୦୨ ବ୍ୟାଚର ଆଇପିଏସ୍ ଅଫିସର ପ୍ରବୀଣ କୁମାରଙ୍କୁ ଆଇଜିପି (ପର୍‌ସୋନେଲ୍) ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ଆଇଜିପି (ଏଚ୍‌ଆର୍‌ପିସି) ଥିବା ୨୦୦୩ ବ୍ୟାଚର ଆଇପିଏସ୍ ଅଫିସର ସଫିନ୍ ଅହମ୍ମଦ କେ.ଙ୍କୁ କ୍ରାଇମବ୍ରାଞ୍ଚ-୨ ଆଇଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ମାନସ ମଙ୍ଗରାଜ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ମନୋନୀତ

ଭୁବନେଶ୍ୱର,୪।୮(ବ୍ୟୁରୋ)

ବିଜେଡି ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜଙ୍କୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ପୂର୍ବରୁ ସେ ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ(ଏମପିଇଡିଏ)ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।



ମାନସ ମଙ୍ଗରାଜ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୟୁନିୟନ ବ୍ୟାଙ୍କ ସିଇଓ

ଭୁବନେଶ୍ୱର,୪।୮(ବ୍ୟୁରୋ)

ୟୁନିୟନ ବ୍ୟାଙ୍କ ଏମଡି ତଥା ସିଇଓ ଏ. ମାନିମେଖାଲାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗରିବ ଓ ଅତି ଗରିବଙ୍କ ଆର୍ଥିକ ସ୍ଥିତିକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ଆର୍ଥିକ ସହାୟତା ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ମନିମେଖାଲାଇଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ସେ ଗ୍ରହଣ କରିବା ସହ ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ବ୍ୟାଙ୍କର ଆଉଟରିଚ୍ କାର୍ଯ୍ୟକ୍ରମ ବଢ଼ାଇବେ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ମନିମେଖାଲାଇ ସାକ୍ଷାତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ୟୁନିୟନ ବ୍ୟାଙ୍କ ସିଇଓ ଏ. ମାନିମେଖାଲାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ମାସେ ଜେଲରେ ରହିବା ପରେ ଜଣାଗଲା ନାବାଳକ

■ ଜନ୍ମ ତାରିଖ ଭୁଲ ଦର୍ଶାଇଥିଲା ପୋଲିସ

ବ୍ରହ୍ମପୁର ଅଫିସ,୪।୮

ବେଆଇନ ଭାବେ ମଦ ଚାଲାଣ କରୁଥିବା ଅଭିଯୋଗରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳକାରାଗାରରେ ଏକ ମାସ ବିଚାରାଧୀନ ବନ୍ଦୀ ଭାବେ ରହିବା ପରେ ଜଣେ ଅଭିଯୁକ୍ତ ନାବାଳକ ବୋଲି ପ୍ରମାଣିତ ହୋଇଛନ୍ତି। କୋର୍ଟ ନିର୍ଦ୍ଦେଶ ମୁତାବକ ତାଙ୍କୁ ମଣ୍ଡଳ କାରାଗାରରୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରାଯାଇଥିଲା। ଗତ ୧ ତାରିଖରେ ଉକ୍ତ ନାବାଳକଙ୍କ ପାଇଁ ବ୍ରହ୍ମପୁରରେ ଥିବା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଆବାସକୁ ପଠାଇ ଦିଆଯାଇଥିଲା। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ବେଳେ ଠିକ ବୟସ ପ୍ରମାଣପତ୍ର ଦାଖଲ କରି ନ ଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ପୁରୁଷୋତ୍ତମପୁର ଥାନା ପୋଲିସ ଜୁଲାଇ ୧ ରାତିରେ ରଷିପୁର ଛକରୁ ବେଆଇନ ଭାବେ ଦେଶୀ ମଦ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ କାବୁ କରିଥିଲା।

## ରାଉରକେଲାରେ କ୍ରୀଡ଼ା ଭିତ୍ତିଭୂମି ଅନୁଧ୍ୟାନ କଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ

ଭୁବନେଶ୍ୱର, ୪।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ରାଉରକେଲା ଗସ୍ତରେ ଆସି ସୁନ୍ଦରଗଡ଼ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସେ ରାଉରକେଲାରେ କ୍ରୀଡ଼ା ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ସୁନ୍ଦରଗଡ଼ ଜିଲାରେ ଚାଷୀଙ୍କ ଉତ୍ପାଦର ଠିକ୍ ବଜାର ସଂଯୋଗୀକରଣ କରିବା, ସେମାନଙ୍କୁ କିପରି ଉଚିତ ମୂଲ୍ୟ ପ୍ରଦାନ କରାଯିବ ତା' ଉପରେ ବିଶେଷ ପଦକ୍ଷେପ ନିଆଯାଉଛି ବୋଲି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ କହିଛନ୍ତି। ଏହି ଅବସରରେ ସେ ବିପିୟୁଟି କ୍ୟାମ୍ପସ୍‌ରେ ଚାଲିଥିବା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍, ବିଶ୍ରା ଛକଠାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଫୁଟବଲ ଷ୍ଟାଡିୟମ୍, ବିପିୟୁଟି କ୍ୟାମ୍ପସ୍‌ରେ ଥିବା ସିପେଟ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ସେକ୍ଟର-୨୧ସ୍ଥିତ ଓଏସ୍‌ଏପି କ୍ୟାମ୍ପସ୍‌ରେ ନବନିର୍ମିତ କଲ୍ୟାଣମଣ୍ଡପ, ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର କମ୍ପ୍ୟୁଟର ସାଇନ୍ସ ବିଭାଗ ଉଦ୍‌ଘାଟନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଡବ୍ଲ୍ୟୁଓଡିସିର ସିଇଓ ଅଜିତ ମିଶ୍ର, ଜିଲାପାଳ ପରାଗ ହର୍ଷଦ ଗାଭାଲି, ରାଉରକେଲା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭୈରବ ସିଂ ପଟେଲ, ଡବ୍ଲ୍ୟୁଓଡିସିର ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଙ୍ଗ ନୁହେଁ, ସ୍ୱାମୀ ହତ୍ୟାକାରୀ

ମହିଳାଙ୍କୁ ହତ୍ୟା ଘଟଣା

ଢେଙ୍କିକୋଟ,୪।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅଞ୍ଚଳରେ ସାଙ୍ଗ ସ୍ତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ ଗୁରୁବାର ଭିନ୍ନ ମୋଡ଼ ନେଇଛି। ସାଙ୍ଗ ନୁହେଁ ସ୍ୱାମୀ ହିଁ ହତ୍ୟାକାରୀ ବୋଲି ଥାନା ଆଇଆଇସି ପ୍ରତିଭା ସାହୁ ସୂଚନା ଦେଇଛନ୍ତି। ଗୁରୁବାର ପୋଲିସ ଏକ ମାମଲା(ନଂ.୧୫୨/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବୀର ମୁଣ୍ଡାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ଏକ ଶାବଳ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମୃତ ମହିଳାଙ୍କ ସ୍ୱାମୀ ବୀର ଓ ଖାଲିଆବେଢ଼ା ଗ୍ରାମର ପୁରସ୍ତମ ନାୟକଙ୍କ ମଧ୍ୟରେ ନିବିଡ଼ ବନ୍ଧୁତା ଥିଲା। ଗତ ରବିବାର ରାତିରେ ଦୁହେଁ ମଦ ମାଂସ ଭୋଜି କରି ଖାଇଥିଲେ। ରାତିରେ ପୁରସ୍ତମ ସାଙ୍ଗ ବୀରଙ୍କ ଘରେ ଶୋଇଥିଲେ। ସ୍ତ୍ରୀ ଓ ପୁରସ୍ତମଙ୍କୁ ଅସଂଯତ ଅବସ୍ଥାରେ ଦେଖି ବୀର ଉତ୍ତେଜିତ ହୋଇ ଘରେ ଥିବା ଏକ ଶାବଳ ଆଣି ସ୍ତ୍ରୀଙ୍କ ଯୌନାଙ୍ଗରେ ଭର୍ତ୍ତି କରିଦେଇଥିଲେ। ଫଳରେ ତାଙ୍କର ରକ୍ତସ୍ରାବ ହୋଇଥିଲା। ଲୋକେ ନ ଜାଣିବା ପାଇଁ ସେ ବାହାନା କରି ଗୁଣିଆ ପାଖକୁ ନେଇଥିଲେ। ପରେ ତାଙ୍କୁ ଝାରବେଡ଼ା ଡାକ୍ତରଖାନାକୁ ନେଇ ଫେରାଇ ଆଣିଥିଲେ। ସେତେବେଳକୁ ଉକ୍ତ ମହିଳାଙ୍କର ମୃତ୍ୟୁ ହୋଇସାରିଥିଲା। ବନ୍ଧୁ ପୁରସ୍ତମ ହତ୍ୟା କରିଥିବା ନେଇ ମିଛରେ କହିବା ପାଇଁ ବୀର ତାଙ୍କ ସାନ ଓ ବଡ଼ଝିଅଙ୍କୁ କହିଥିଲେ। ପରେ ମହିଳାଙ୍କ ମୃତଦେହକୁ ନିଜ ବାଡ଼ିରେ ପୋତି ଦେଇଥିଲେ। ଝିଅମାନେ ନିଜ ବାପାଙ୍କୁ ବଞ୍ଚାଇବାକୁ ଯାଇ ଘଟଗାଁ ଥାନାରେ ପୁରସ୍ତମଙ୍କ ନାଁରେ ମିଛ ଏତଲା ଦେଇଥିଲେ। ଆଇଆଇସି ଏବଂ ଢେଙ୍କିକୋଟ ପୋଲିସ ବିଟ ହାଉସ୍ ସବଇନ୍ସପେକ୍ଟର ତରଣୀ ସେନ ବାଗ ଘଟଣାର ଛାନ୍‌ଭିନ କରିଥିଲେ। ମାଜିଷ୍ଟ୍ରେଟ ଘଟଗାଁ ତହସିଲଦାର ଜନକ ନାୟକଙ୍କ ଉପସ୍ଥିତିରେ ମୃତଦେହ ମାଟି ତଳୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଲିସ ପୁରସ୍ତମ ଏବଂ ବୀରଙ୍କୁ ଅଟକ ରଖି ରାତିରେ ପଚରାଉଚରା କରିଥିଲା। ବୀର ହିଁ ତାଙ୍କ ସ୍ତ୍ରୀଙ୍କୁ ଶାବଳ ଭୂଷି ହତ୍ୟା କରିଥିବା ସ୍ୱୀକାର କରିଥିବା ପୋଲିସ କହିଛି। ମିଥ୍ୟା ମାମଲାରେ ଫସିଥିବା ପୁରସ୍ତମଙ୍କୁ ପୋଲିସ ଛାଡ଼ି ଦେଇଛି।

# ନୋଟିସ ପରେ ବି ଗଡୁଛି ବକେୟା

ଓଟିଡିସି ବିମାନ ସେବା

### ୧୦ ମନ୍ତ୍ରୀଙ୍କ ନାମରେ ୪.୬୨ଲକ୍ଷ ବାକି

ଶର୍ମିଷ୍ଠା ପାଣିଗ୍ରାହୀ
ଭୁବନେଶ୍ୱର,୪।୮

ମନ୍ତ୍ରୀ, ନେତା ଓ ବରିଷ୍ଠ ପ୍ରଶାସକଙ୍କୁ ସୁବିଧାରେ ବିମାନ ସେବା ଯୋଗାଇଦେବାକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ବ୍ୟବସ୍ଥା ରହିଛି। ଏହିକ୍ରମରେ ଯଦି କୌଣସି ମନ୍ତ୍ରୀ, ନେତା ଓ ପ୍ରଶାସକ ସରକାରୀ କାର୍ଯ୍ୟରେ ବିମାନ ଯାତ୍ରା କରନ୍ତି, ତେବେ ବିଭାଗୀୟ ଅନୁରୋଧକ୍ରମେ ସେମାନଙ୍କ ପାଇଁ ଓଟିଡିସି ପକ୍ଷରୁ ଟିକେଟ କରାଯାଇଥାଏ। ଆଉ ଏହି ଟିକେଟର ଦେୟ ସମ୍ପୃକ୍ତ ବିଭାଗ ପକ୍ଷରୁ ୩ମାସ ମଧ୍ୟରେ ଓଟିଡିସି ନିକଟରେ ପଇଠ କରାଯାଇଥାଏ। ନଚେତ୍ ସମ୍ପୃକ୍ତ ବିଭାଗକୁ ନୋଟିସ କରାଯାଇ ଟଙ୍କା ଆଦାୟ କରାଯାଇଥାଏ। ହେଲେ ଆର୍‌ଟିଆଇ ତଥ୍ୟରୁ ମିଳିଥିବା ସୂଚନା ଅନୁସାରେ କିଛି ବିଭାଗର ମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀଙ୍କ ଉପରେ ୪ଲକ୍ଷ ୬୨ହଜାର ୨୭୧ଟଙ୍କା ଦୀର୍ଘ ବର୍ଷ ଧରି ବକେୟା ପଡ଼ି ରହିଥିବା ଜାଣିବାକୁ ମିଳିଛି। ୨୦୨୨ ଜୁଲାଇ ୧୧ରେ ଆର୍‌ଟିଆଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ ପୂର୍ବତନ ପର୍ଯ୍ୟଟନ, ଭାଷା ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୨୦୧୯ ଜୁଲାଇ ୧ରୁ ୨୦୨୧ ସେପ୍ଟେମ୍ବର ୧୯ ମଧ୍ୟରେ ୫ଥର ବିମାନ ଯାତ୍ରା କରିଛନ୍ତି। ତାଙ୍କର ୫୫ ହଜାର ୪୩୩ଟଙ୍କା ବାକି ରହିଛି। ପୂର୍ବତନ ବିଜ୍ଞାନ ଓ କାରିଗରି ବିଭାଗ, ସାଧାରଣ ଉଦ୍ୟୋଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ୨୦୧୫ ସେପ୍ଟେମ୍ବର ୧୫ରୁ ୨୦୧୯ ମାର୍ଚ୍ଚ ୨ ମଧ୍ୟରେ ୧୨ଥର ବିଭିନ୍ନ ସ୍ଥାନକୁ ଯାତ୍ରା କରିଛନ୍ତି। ତାଙ୍କ ନାମରେ ୧ଲକ୍ଷ ୩୦ହଜାର ୮ଟଙ୍କା ବାକି ପଡ଼ିଛି। ଏହି ୨ମନ୍ତ୍ରୀ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ପୂର୍ବତନ ମନ୍ତ୍ରୀ ଥିଲେ। ସେବା ଉପଲବ୍ଧି ବିଭାଗର ଉଭୟେ ମନ୍ତ୍ରୀ ହୋଇଥିଲେ ମଧ୍ୟ ବକେୟା ଅର୍ଥ ସଂଗ୍ରହ ହୋଇ ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ପୂର୍ବତନ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ୨୦୨୧ ନଭେମ୍ବର ୨୧ରୁ ୨୩ମଧ୍ୟରେ ୪ଥର ବିମାନ ଯାତ୍ରା କରିଥିବାବେଳେ ତାଙ୍କ ନାମରେ ୮୫,୯୭୪ଟଙ୍କା ବକେୟା ରହିଥିବାବେଳେ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ନାମରେ ୨୦୧୭ ରୁ ୨୦୧୯ ମଧ୍ୟରେ ୬୯,୮୫୧ଟଙ୍କା, ପୂର୍ବତନ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ନାମରେ ୨୦୧୮ରେ ଥରେ ଯାତ୍ରା କରି ୩୯,୭୨୪ଟଙ୍କା, ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୧୯ରୁ ୨୧ମଧ୍ୟରେ ୨ଥର ଯାତ୍ରା କରି ୧୦,୧୦୭ଟଙ୍କା, ଦିବଂଗତ ମନ୍ତ୍ରୀ କଳ୍ପତରୁ ଦାସ ୨୦୧୪ରେ ଯାତ୍ରା କରିଥିବାବେଳେ ତାଙ୍କ ନାମରେ ୨୭,୩୬୧ଟଙ୍କା, ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨୦୧୯ରେ ୨ଥର ଯାତ୍ରା କରିଥିବାବେଳେ ୧୩,୬୫୬ଟଙ୍କା, ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ୨୦୧୮ରେ ଥରେ ଗସ୍ତ କରି ୧୬,୮୫୧ଟଙ୍କା ଓ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୨୦୨୧ରେ ଥରେ ଗସ୍ତ କରି ତାଙ୍କ ନାମରେ ୧୩,୩୦୬ଟଙ୍କା ଅର୍ଥ ବାକି ରହିଥିବା ଜଣାପଡ଼ିଛି। ଏ ନେଇ ଓଟିଡିସିର ବିମାନ ସେବା ପରିଚାଳକ ରଞ୍ଜନ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବାକି ରହିଥିବା ଅର୍ଥ ପାଇଁ ୩ମାସ ପରେ ବିଭାଗକୁ ନୋଟିସ କରାଯାଇଥାଏ। ପ୍ରାୟ ସଂଗ୍ରହ ହୋଇ ଯାଇଥାଏ। କେତେବେଳେ ନିର୍ବାଚନ ତ ଆଉ କେତେବେଳେ କୌଣସି ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ସମୟରେ ସଂଗ୍ରହ କରିବାରେ ବିଳମ୍ବ ହେଉଛି। ତେବେ ବର୍ତ୍ତମାନ ବିମାନ ସେବା କିପରି ଚାଲିଛି ବୋଲି ପ୍ରଶ୍ନର ଉତ୍ତରରେ ଲାଭରେ ଚାଲିଛି ବୋଲି ମିଶ୍ର କହିଛନ୍ତି।



# ମୋଦିଙ୍କ ନେତୃତ୍ୱ: ଓଡ଼ିଶା ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀ



ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରି ଓଡ଼ିଆ ଅସ୍ମିତାର ପ୍ରତୀକ ପାଲଟି ଯାଇଛନ୍ତି। ସେ ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା, ଯିଏ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦ ମଣ୍ଡନ କରିଛନ୍ତି। ଏହା ଓଡ଼ିଶାବାସୀଙ୍କ ପାଇଁ କେବଳ ଗୌରବର ବିଷୟ ନୁହେଁ, ଭାରତର ବଞ୍ଚିତ, ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଗରିମାର କଥା। ଓଡ଼ିଶାର ଏକ ଆଦିବାସୀବହୁଳ ଜିଲା ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରର ପ୍ରଥମ ନାଗରିକର ମର୍ଯ୍ୟାଦା ପ୍ରଦାନ କରିବାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବନଫୁଲର ମହକରେ ସମଗ୍ର ଭାରତବର୍ଷକୁ ମହକିତ କରିବା କଥା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି ଏବଂ ତା'ର ବାସ୍ତବ ରୂପାୟନ ମଧ୍ୟ କରିପାରନ୍ତି। ସାଧାରଣ ଲୋକମାନେ କାଳେକାଳେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥା'ନ୍ତି। ଶେଷ ତଳ ପାହାଚରେ ଥିବା ଅନେକଙ୍କ ପାଖରେ ଥାଏ ଅସୀମ ଶକ୍ତି ଓ ସାମର୍ଥ୍ୟ। କିନ୍ତୁ ଏପରି ପ୍ରତିଭାମାନେ ବଣମଲ୍ଲୀ ପରି ବଣରେ ଫୁଟି ମଉଳିଯାଆନ୍ତି। ରହିଯାଆନ୍ତି ଜନସମାଜର ଆଢୁଆଳରେ। ଲୋକ ହିତ ପାଇଁ ସେମାନଙ୍କ ଶକ୍ତି ମଧ୍ୟ ବିନିଯୋଗ କରାଯାଇପାରେ ନାହିଁ। ତେଣୁ ଏପରି ବଣମଲ୍ଲୀମାନଙ୍କୁ ଖୋଜିବା ଏବଂ ଚିହ୍ନଟ କରିବା ସମାଜ ଆଗରେ ସବୁବେଳେ ଏକ ବଡ଼ ଆହ୍ୱାନ।

ଭାରତବର୍ଷ ଅନାଦି କାଳରୁ ବିବିଧ ଜାତି, ବର୍ଣ୍ଣ ଓ ଗୋଷ୍ଠୀର ବାସସ୍ଥାନ। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଜାତି ତଥା ଅସ୍ୱଚ୍ଛଳ ବର୍ଗ ଭାରତବର୍ଷର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ। ପୁଣି ଅବସ୍ଥିତି ଭିତ୍ତିରେ କେତେକ ଅଞ୍ଚଳ ମଧ୍ୟ ପଛୁଆ ରାଜ୍ୟ ଭାବରେ ପରିଗଣିତ। ଆମ ସମାଜରେ ପଛରେ ପଡ଼ିଥିବା ପଛୁଆ ବର୍ଗ ଏବଂ ପଛୁଆ ରାଜ୍ୟକୁ ଆଗକୁ ନ ଆଣିଲେ ଦେଶର ସନ୍ତୁଳିତ ବିକାଶ ଅସମ୍ଭବ।

ଭାରତର ସର୍ବାଙ୍ଗୀନ ବିକାଶ ପଛରେ ଥିବା ଏହି ସହଜ ସତ୍ୟକୁ ଅନେକ ଶାସକ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ। ସେମାନେ ସାମାଜିକ ନ୍ୟାୟ ବିଷୟରେ ଦୀର୍ଘ ସମୟ ଭାଷଣ ଦିଅନ୍ତି, କିନ୍ତୁ କାର୍ଯ୍ୟରେ କରି ଦେଖାନ୍ତି ନାହିଁ। ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ଭାଗ ନିଅନ୍ତି, କିନ୍ତୁ ସେମାନଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତି ନାହିଁ। କିନ୍ତୁ ଗତ ୮ ବର୍ଷ ହେବ, ଏପରି ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟ ଓ ସନ୍ତୁଳିତ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଭାରତର ପୂର୍ବ ଭାଗ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି। ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ଆଦି ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର। ମାନ୍ୟବର ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି ପୂର୍ବ ଭାରତର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୁଣି ପୂର୍ବ ଭାରତରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ। କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି, ପ୍ରାକୃତିକ ଓ ଖଣିଜ ସମ୍ପଦ ପାଇଁ ଯେ ଓଡ଼ିଶା ତାଙ୍କ ଦୃଷ୍ଟି ଆକର୍ଷଣ କରିଛି ତା' ନୁହେଁ, ବରଂ ଓଡ଼ିଶାର ବିକାଶ ପ୍ରତି ସେ ସର୍ବଦା ସମ୍ବେଦନଶୀଳ। ପ୍ରାଚୁର୍ଯ୍ୟ ଓ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶାର ବିକାଶ କରିବା ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ। ଓଡ଼ିଶାର ପ୍ରତିଭାମାନଙ୍କୁ ସ୍ୱୀକୃତି ଦେବାରେ ତାଙ୍କର କାର୍ପଣ୍ୟ ନାହିଁ। ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ତତ୍ପରତାର ପଟାନ୍ତର ନାହିଁ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ୨୦୧୩ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ପ୍ରଧାନମନ୍ତ୍ରୀ ଭାବରେ ୨୦୧୬ ମସିହା ଫେବୃୟାରୀ ମାସରେ ପୁରୀ ଆସି ଦିଅଁ ଦର୍ଶନ କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମହୋଦୟ ନବକଳେବର ସ୍ମାରକୀ ମୁଦ୍ରାକୁ ଅନୁମୋଦନ ମଧ୍ୟ କରାଇଥିଲେ। ଓଡ଼ିଶାର ପର୍ବପର୍ବାଣି ପ୍ରତି ତାଙ୍କର ଅପ୍ରମିତ ଶ୍ରଦ୍ଧା ରହିଛି। ମହାବିଷୁବ ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରଥଯାତ୍ରା ଓ ନୂଆଁଖାଇ ଆଦି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଓଡ଼ିଶା ପ୍ରୀତିର ପରିଚୟ ଦେଇଆସୁଛନ୍ତି। ଓଡ଼ିଶା ଯେ କଳା ଓ ସଂସ୍କୃତିର ଉତ୍କର୍ଷ ଭୂମି, ଏହା ତାଙ୍କୁ ଭଲ ଭାବରେ ଜଣା। ମାଣବସା ଗୁରୁବାର, ଛଉ ନୃତ୍ୟ ଓ ରାବଣ ଛାୟାକୁ ସୂକ୍ଷ୍ମ ଐତିହ୍ୟ (ଇନ୍‌ଟେଞ୍ଜିବୁଲ ହେରିଟେଜ୍)ର ମାନ୍ୟତା ତାଙ୍କର ଅବଦାନ। ୨୦୧୮ ମସିହାରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ 'ବାଲିଯାତ୍ରା' ବିଷୟରେ ଆଲୋଚନା କରି ସେ ଓଡ଼ିଶାର ଏହି ଐତିହାସିକ ପର୍ବ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି।

ଦିଲ୍ଲୀରେ ଓଡ଼ିଆମାନଙ୍କୁ ସ୍ୱୀକୃତି ଦେବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଅବଦାନ ଯେ ସବା ଉପରେ, ଏହା ଅବିସମ୍ବାଦିତ। ପୂର୍ବରୁ ଓଡ଼ିଶାରୁ ଜଣେ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ ପଦ ପ୍ରାପ୍ତ ହୋଇଥିଲେ। ତାହା ପୁଣି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ। ୨୦୧୪ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ସଂଖ୍ୟାରେ ଓଡ଼ିଶାର ସ୍ଥାନ ଥିଲା ନଗଣ୍ୟ। କିନ୍ତୁ ମୋଦିଜୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଜୁଏଲ ଓରାମଙ୍କଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ନେତା କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ନେତା ବିଶେଶ୍ୱର ଟୁଡୁ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି। ତା' ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ମୋଦିଜୀ ଦ୍ରୌପଦୀ ମୁର୍ମୁ ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ କରାଇଛନ୍ତି।

ପୂର୍ବରୁ ପଦ୍ମ ପୁରସ୍କାର ତାଲିକାରେ ଓଡ଼ିଆ ଲୋକଙ୍କର ନାଁ ଖୋଜି ନିରାଶ ହେବାକୁ ପଡୁଥିଲା। କେବେ କେମିତି ଗୋଟେ ନାଁ ଆଖିରେ ପଡୁଥିଲା। କିନ୍ତୁ ୨୦୧୫ ମସିହା ପରଠାରୁ ଲଗାତର ଓଡ଼ିଶାର ପ୍ରତିଭାମାନେ ପଦ୍ମସମ୍ମାନ ପାଇ ଆସୁଛନ୍ତି। ମନୋଜ ଦାସ, ପ୍ରତିଭା ରାୟଙ୍କ ପରି ସାହିତ୍ୟିକମାନେ ପଦ୍ମଭୂଷଣ ସମ୍ମାନ ପାଇଥିବା ବେଳେ ପ୍ରସ୍ତର ଶିଳ୍ପୀ ସୁଦର୍ଶନ ସାହୁ ପଦ୍ମ ବିଭୂଷଣ ସମ୍ମାନ ପାଇଛନ୍ତି। ପଦ୍ମ ସମ୍ମାନ ପାଇଥିବା ଅନେକ ଖ୍ୟାତନାମା କବି, ଲେଖକ, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ସ୍ଥପତିଙ୍କର ଏକ ଲମ୍ବା ତାଲିକା ଏଠାରେ ପ୍ରଦାନ କରିବା ଅନାବଶ୍ୟକ। କିନ୍ତୁ ସମାଜ ପାଇଁ, ଜନସେବା ପାଇଁ ତଥା କିଛି ନୂଆ କାମ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ଅଥଚ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି କେନ୍ଦ୍ରର ମୋଦି ସରକାର। ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆଙ୍କଠାରୁ ଆରମ୍ଭ କରି ଦୈତାରୀ ନାୟକ ଓ ପୂର୍ଣ୍ଣମାସୀ ଜାନିଙ୍କ ପର୍ଯ୍ୟନ୍ତ ଅନେକ ଏକନିଷ୍ଠ ନୀରବ ସାଧକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଛନ୍ତି ଏବର କେନ୍ଦ୍ର ସରକାର। ଗୁଣ ଚିହ୍ନିବାରେ ମୋଦି ସରକାର ସଦା ଅଗ୍ରଣୀ।

ଓଡ଼ିଶା କେବଳ କଳା କାରିଗରିର ଖଣ୍ଡ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଯଥା: ବଢ଼ି, ଝଡ଼ି ଓ ମରୁଡ଼ିର ଚରାଭୂଇଁ ମଧ୍ୟ। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ଓଡ଼ିଶାରେ ଭୟଙ୍କର ମହାବାତ୍ୟା ସଂଘଟିତ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି। ସମ୍ବେଦନଶୀଳ ମୋଦିଜୀ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଦା ସହାନୁଭୂତିଶୀଳ। ଓଡ଼ିଶାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସେ କେବଳ ଆଗୁଆ ସମୀକ୍ଷା କରନ୍ତି ନାହିଁ, ଆବଶ୍ୟକ ଅର୍ଥର ବନ୍ଦୋବସ୍ତ ମଧ୍ୟ କରନ୍ତି। ୨୦୧୯ ମସିହାରେ ଫନୀ ବାତ୍ୟା ସମୟରେ ସେ ୧ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା କରିଥିଲେ ଏବଂ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଅଗ୍ରିମ ୩୪୧ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଅତିରିକ୍ତ ୩,୩୩୮ କୋଟି ଅର୍ଥାତ୍ ମୋଟ ୪,୬୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୋଦି ସରକାର ପ୍ରଦାନ କରିଥିଲେ। ପୁନଶ୍ଚ ୨୦୨୧ ୟସ୍ ବାତ୍ୟା ବେଳେ ମୋଦିଜୀ ଭୁବନେଶ୍ୱର ଆସି ଓଡ଼ିଶାରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ଆକାଶ ମାର୍ଗରୁ କ୍ଷୟକ୍ଷତିର ସର୍ବେକ୍ଷଣ କରିଥିଲେ। ସରକାର ଦାବି କରିବା ପୂର୍ବରୁ ସେ ୫ଶହ କୋଟି ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ। ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ପ୍ରଧାନମନ୍ତ୍ରୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ସମାଜସେବୀ ନନ୍ଦକିଶୋର ସାହୁ, ବୃନ୍ଦାବନ କଳସ ଏବଂ କିଷାନ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଊନବିଂଶ ଶତାବ୍ଦୀରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ମଧ୍ୟରେ ପାଇକ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ମୁକ୍ତି ସଂଗ୍ରାମ। ଏହି ଅଦ୍ୱିତୀୟ ସଂଗ୍ରାମକୁ ଦେଶବ୍ୟାପୀ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୨୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଉରକେଲାଠାରେ ପ୍ରଧାନମନ୍ତ୍ରୀ ପାଇକ ଇତିହାସର ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଲୋକାର୍ପଣ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି। ୨୦୧୯ ମସିହା ଡିସେମ୍ବର ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ଓଡ଼ିଆ ଜାତିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି।

କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଏକ ସାମ୍ବିଧାନିକ ବ୍ୟବସ୍ଥା। ପ୍ରଥମ ଥର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ ମାନ ସିଂଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥିଲେ। ଓଡ଼ିଶା ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ମାନସିକତାର ଏହା ଉଜ୍ଜ୍ୱଳ ଦୃଷ୍ଟାନ୍ତ।

'ମନ୍ କୀ ବାତ୍' ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏକ ଜନାଦୃତ କାର୍ଯ୍ୟକ୍ରମ। ସେହି କ୍ରମରେ ସେ ଓଡ଼ିଶାର ଅନେକ ନିଷ୍ଠାପର ତଥା ସର୍ଜନଶୀଳ ପ୍ରତିଭାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ନୀଳଗିରିର ଆଶାକର୍ମୀ ଯମୁନାମଣି ସିଂ, ଗରିବ ପିଲାମାନଙ୍କୁ ପାଠ ପଢ଼ାଉଥିବା କଟକର ଚା' ଦୋକାନୀ ସ୍ୱର୍ଗତ ଡି. ପ୍ରକାଶ ରାଓ, ନର୍ଦ୍ଦମା ନିଷ୍କାସନ ସମ୍ପର୍କରେ ମୌଳିକ ପରାମର୍ଶ ଦେଇଥିବା ଭୁବନେଶ୍ୱରର ସିତାଂଶୁ ମୋହନ ପରିଡ଼ା, ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ, ଟିଙ୍ଗାରି ଆପ୍‌ର ସହ ପ୍ରତିଷ୍ଠାତା ବିଶ୍ୱାତ୍ମା ନାୟକ, ସାମରିକ ଓ ଅର୍ଦ୍ଧସାମରିକ ତାଲିମଦାତା ସିଲୁ ନାୟକ, କୋଭିଡ୍ ଟିକାକରଣ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ପୁଷ୍ପା ଶୁକ୍ଲା, କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଥିବା ଅମରେଶ ସାମନ୍ତ, ହେନ୍ତାଳ ବନ ସୃଷ୍ଟି କରିଥିବା ବିଜୟ କୁମାର କବି, ୟୁଟ୍ୟୁବ୍‌ର ଚର୍ଚ୍ଚିତ ଚେହେରା ଇସାକ ମୁଣ୍ଡା ଏବଂ ପୁରୀକୁ ପ୍ଲାଷ୍ଟିକମୁକ୍ତ କରୁଥିବା ରାହୁଲ ମହାରଣାଙ୍କ ସମ୍ପର୍କରେ ମୋଦିଜୀ ନିଜ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଏତେ ସଂଖ୍ୟକ ଲୋକଙ୍କ ସହିତ ଭାବ ବିନିମୟ କରିବା ତାଙ୍କ ଓଡ଼ିଶା ପ୍ରୀତିର ପରିଚାୟକ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶରେ ଛଅ ଗୋଟି ନୂଆ ଆଇଆଇଏମ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ଭାଗରେ ପଡ଼ିଥିଲା ଗୋଟିଏ, ସମ୍ବଲପୁର ଆଇଆଇଏମ୍। କେବଳ ଆଇଆଇଏମ୍ ନୁହେଁ, ବ୍ରହ୍ମପୁରରେ ଆଇଜର (ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା) ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ ମୋଦି ସରକାର।

ଏବଂ ସର୍ବୋପରି ଦେଶରେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ ହୋଇଛି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାଧ୍ୟମରେ। ଆଜି ଦେଶର ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ, ଆଦିବାସୀ ମହିଳା। ଏହା ଭାରତବର୍ଷର ନେତୃତ୍ୱର ଅଭୂତପୂର୍ବ ପରାକାଷ୍ଠା ନୁହେଁ କି?

**– ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର**



ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ପାଇଁ ସେଠାରେ ଥିବା ଏକ ପୁରୁଣା ଘରକୁ ଗୁରୁବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଭଙ୍ଗା ଯାଉଛି।

# ନାଟକ ମୋର ପ୍ରଥମ ପ୍ରେମ

ବଲିଉଡ୍ ଅଭିନେତା
ରଜିତ କପୁର



*ଜାତୀୟ ପୁରସ୍କାରପ୍ରାପ୍ତ ରଜିତ କପୁର ବଲିଉଡ୍‌ର ଜଣେ ଜଣାଶୁଣା ଅଭିନେତା। ଅଭିନୟ ଛଡ଼ା ସେ ପ୍ରଯୋଜନା, ନିର୍ଦ୍ଦେଶନା ତଥା କାହାଣୀ ମଧ୍ୟ ଲେଖିଥାନ୍ତି। ୧୯୯୩ର ବ୍ୟୋମକେଶ ବକ୍ସି ଏବଂ ୧୯୯୬ରେ ମହାତ୍ମା ଗାନ୍ଧୀଙ୍କ ଚରିତ୍ର ତାଙ୍କୁ ଦର୍ଶକଙ୍କ ମହଲରେ ବେଶ୍ ଲୋକପ୍ରିୟ କରିଥିଲା। ଏହି ୨ ଚରିତ୍ରରେ ସେ ନିଜର ଦମ୍‌ଦାର ଅଭିନୟର ଛାପ ଛାଡ଼ିଛନ୍ତି। ଦ ମେକିଙ୍ଗ ଅଫ ମହାତ୍ମା, ସୁରଜ କା ସାତଭନ ଘୋଡ଼ା, ଅଗ୍ନିସାକ୍ଷୀ, କମର୍ସିଆଲ ଫିଲ୍ମ କିକ୍, ଉରି: ଦ ସର୍ଜିକାଲ ଷ୍ଟ୍ରାଇକ୍, ରାଜି ଓ ଟିଭି ସିରିଜ ବ୍ୟୋମକେଶ ବକ୍ସି ପ୍ରମୁଖରେ ସେ ଅଭିନୟ କରିଛନ୍ତି। ନିକଟରେ ରକେଟ୍ରି ଦ ନ୍ୟାମ୍ବି ଇଫେକ୍ଟରେ ସେ ନଜର ଆସିଥିଲେ। ଫିଲ୍ମ, ଧାରାବାହିକ ବ୍ୟତୀତ ସେ ବିଭିନ୍ନ ସ୍ଥାନକୁ ଯାଇ ନାଟକ ପରିବେଷଣ କରନ୍ତି। ସେ ଓଡ଼ିଶାର ଜନଜାତିଙ୍କୁ ନେଇ ରଚିତ ନାଟକ ମହୁଆରେ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ପୂର୍ବରୁ ସେ ୨ଥର ଭୁବନେଶ୍ୱର ଆସିଛନ୍ତି। ଶୁକ୍ରବାର ଭୁବନେଶ୍ୱରଠାରେ ଜେନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ୱାନ୍ ଅନ୍ ୱାନ' ନାଟକ ଭିତ୍ତିକ କାର୍ଯ୍ୟକ୍ରମରେ ନାଟକ ପରିବେଷଣ କରିବାକୁ ସେ ଭୁବନେଶ୍ୱର ଆସିଥିବା ବେଳେ ଧରିତ୍ରୀ ସହ ତାଙ୍କର ସ୍ୱତନ୍ତ୍ର ସାକ୍ଷାତ୍‌କାର...*

**●ୱାନ୍ ଅନ୍ ୱାନ୍‌ରେ ଦର୍ଶକ କ'ଣ ଦେଖିବାକୁ ପାଇବେ?**

ବହୁ ବ୍ୟକ୍ତି ଭଲ କାହାଣୀ ରଚନା କରିଥାନ୍ତି, ଯାହାକି ପୂର୍ଣ୍ଣ ନାଟକ ହୋଇପାରି ନ ଥାଏ। ସେହି ନାଟକଗୁଡ଼ିକୁ ଦର୍ଶକଙ୍କ ପାଖେ ଉପସ୍ଥାପିତ କରିବା ଦରକାର। ସେହିପରି ୱାନ୍ ଅନ୍ ୱାନରେ ପରିବେଷିତ ହେବାକୁ ଥିବା କ୍ଷୁଦ୍ର ନାଟକଗୁଡ଼ିକ ଦର୍ଶକଙ୍କୁ ଭିନ୍ନ ଭିନ୍ନ ସ୍ୱାଦ ଦେବ। ଦର୍ଶକ ଏହାକୁ ଉପଭୋଗ କରିବେ ବୋଲି ମୁଁ ଆଶା କରୁଛି।

**●ଓଡ଼ିଶାର ନାଟକ ପରମ୍ପରା ବିଷୟରେ କ'ଣ କହିବାକୁ ଚାହିଁବେ ?**

ମୁଁ ଏପର୍ଯ୍ୟନ୍ତ କୌଣସି ଓଡ଼ିଆ ନାଟକ ଦେଖିନାହିଁ। କିନ୍ତୁ ଓଡ଼ିଶାର ନାଟକ, କଳା, ସଂସ୍କୃତି ଅତ୍ୟନ୍ତ ଉଚ୍ଚକୋଟୀର। ମୁଁ ମହୁଆ ନାମକ ଏକ ଓଡ଼ିଆ ନାଟକରେ ନିର୍ଦ୍ଦେଶନା ଦେଇଛି। ଯେଉଁଥିରେ ଓଡ଼ିଶାର ଜନଜାତି ସମ୍ପର୍କରେ ମୁଁ ଜାଣିବାକୁ ପାଇଥିଲି। ନାଟକ ପାଇଁ ଲୋକ ସଙ୍ଗୀତରେ ନିର୍ଦ୍ଦେଶନା ମଧ୍ୟ ଦେଇଛି।

**●ଆପଣ ଏଠାକୁ ପୂର୍ବରୁ ୨ଥର ଆସିଛନ୍ତି। ଅନ୍ୟ ସହର ତୁଳନାରେ ଏଠାକାର ଦର୍ଶକଙ୍କ ପ୍ରତିକ୍ରିୟା କିଭଳି ରହିଛି?**

ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦର୍ଶକ। କୋଲକାତା, ମହାରାଷ୍ଟ୍ର ଭଳି ସ୍ଥାନରେ ଲୋକମାନେ ପ୍ରେକ୍ଷାଳୟ ପ୍ରାୟ ଯାଆନ୍ତି। ମୁମ୍ବାଇ, ଦିଲ୍ଲୀରେ ଏହା ଅତି କମର୍ସିଆଲ। ମୁଁ ଭାବୁଛି ଭୁବନେଶ୍ୱରରେ ଦର୍ଶକମାନେ ଲୋକନୃତ୍ୟକୁ ବେଶି ପସନ୍ଦ କରନ୍ତି। ଆମକୁ ବିଭିନ୍ନ ପ୍ରକାର ନାଟକ ପରିବେଷଣ କରି ଦର୍ଶକଙ୍କୁ ଆକୃଷ୍ଟ କରିବାର ଅଛି।

**●ମହାତ୍ମା ଗାନ୍ଧୀ, ବ୍ୟୋମକେଶ ବକ୍ସି, ଜବାହର ଲାଲ ନେହେରୁଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଏଥିପାଇଁ ନିଜକୁ କିଭଳି ପ୍ରସ୍ତୁତ କରିଥାନ୍ତି?**

ଅଭିନୟ ପୂର୍ବରୁ ଚରିତ୍ରକୁ ଜାଣିବା ଆବଶ୍ୟକ। ଏଥିପାଇଁ ତୁମର ଶାରୀରିକ ଗଠନ ଅପେକ୍ଷା ଚରିତ୍ରର ଗୁରୁତ୍ୱ ଓ ଆବଶ୍ୟକତା ବୁଝିବା ଦରକାର।

**●ବ୍ୟୋମକେଶ ବକ୍ସି ଏବେ ବି ଲୋକପ୍ରିୟ। ଏହି ସଫଳତା ପାଇଁ ଆପଣ କେତେ ଗୁରୁତ୍ୱ ଦେଇଥିଲେ?**

ସେ ଚରିତ୍ର ବହୁ ଲୋକପ୍ରିୟ। ଯାହା ପାଇଁ ଏହା ଅନେକ ସଫଳତା ସାଉଁଟିଥିଲା। ମୋ ପାଇଁ ବାସ୍ ତାହା ଏକ କାମ ଥିଲା। ମୁଁ ମୋ କାମ କରି ସାରିବା ପରେ ସେଠାରୁ ଦୂରେଇ ଆସିଥିଲି। କିନ୍ତୁ ଖୁସିର କଥା ତାହା ଏବେ ବି ଲୋକପ୍ରିୟ ଓ ଏବେକାର ପିଢ଼ି ୟୁଟ୍ୟୁବରେ ଏହାକୁ ଦେଖୁଛନ୍ତି।

**●ନାଟକ ଓ ଚଳଚ୍ଚିତ୍ର ମଧ୍ୟରୁ ଆପଣଙ୍କୁ କେଉଁଟି ଅଧିକ ଶାନ୍ତି ଦେଇଥାଏ?**

ନାଟକ ମୋର ପ୍ରଥମ ପ୍ରେମ। ପ୍ରଥମେ ମୁଁ ଜଣେ ନାଟକ କଳାକାର ପରେ ଅଭିନେତା। ଦର୍ଶକଙ୍କ ସହ ସିଧା ସଳଖ ପହଞ୍ଚିବାରେ ନାଟକ ହିଁ ସୁଯୋଗ ଦିଏ। ନାଟକ ହିଁ କଳାକାର ଓ ଦର୍ଶକଙ୍କ ମଧ୍ୟରେ ଭଲ କେମେଷ୍ଟ୍ରି ସୃଷ୍ଟି କରିଥାଏ। ଯେଉଁଥିପାଇଁ ନାଟକ ମୋର ବେଶି ପସନ୍ଦ।

**●ଓଟିଟି ପ୍ଲାଟ୍‌ଫର୍ମ ସମ୍ପର୍କରେ କ'ଣ କହିବେ?**

ଓଭର ଦ ଟପ୍(ଓଟିଟି) ପ୍ଲାଟଫର୍ମ ବର୍ତ୍ତମାନର ଲେଖକ, କଳାକାରଙ୍କ ପାଇଁ ଭଲ ସୁଯୋଗ ସୃଷ୍ଟି କରିଛି। ଦର୍ଶକ ଏଠାରେ ଅନେକ ଅଧ୍ୟାୟ ଦେଖି ପାରିବେ, ଯାହାକି ତାଙ୍କୁ ଚଳଚ୍ଚିତ୍ରର ଅନୁଭୂତି ଆଣିଦେବ।

**●କୋଭିଡ୍ ପରେ ନାଟକର ସ୍ଥିତି କିଭଳି ରହିଛି?**

କୋଭିଡ୍ ପରେ ନାଟକ ଧୀରେ ଧୀରେ ତା'ର ପୂର୍ବ ସ୍ଥିତିକୁ ଫେରୁଛି। ମୁମ୍ବାଇରେ ଏ ପର୍ଯ୍ୟନ୍ତ ନାଟକ ପରିବେଷଣ ପାଇଁ ସ୍ଥିତି ସ୍ୱାଭାବିକ ହୋଇନାହିଁ। ନିକଟରେ ଆମେ ଚଣ୍ଡିଗଡ଼, ଲୁଧିଆନାରେ ନାଟକ କରିଥିଲୁ। ଯେଉଁଠି ଆମେ ଭରପୂର ଦର୍ଶକ ପାଇଥିଲୁ। ଭୁବନେଶ୍ୱରରେ ମଧ୍ୟ ସେଭଳି ଦର୍ଶକଙ୍କ ସଂଖ୍ୟା ଦେଖିବାକୁ ମିଳିବ ବୋଲି ଆଶା।

**●ଆଗାମୀ ଯୋଜନା କ'ଣ ରହିଛି?**

ଆଗାମୀ ବର୍ଷଟି ପାଇଁ ମୋର ନାଟକ ଉପରେ ଲକ୍ଷ୍ୟ ରହିଛି। ମୋର ଅନେକ ଫିଲ୍ମ ରିଲିଜ ହେବାକୁ ଯାଉଛି। ଗୋଲ୍ଡଫିସ୍, ଏଜେଣ୍ଟ ଦୁର୍ଗା ଆଦି ସଫଳତା ହାସଲ କରିବ ବୋଲି ଆଶା କରୁଛି।

**ସାକ୍ଷାତ୍‌କାର- ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

# ବର୍ଷାଙ୍କୁ ଅନ୍ତରୀଣ ଜାମିନ ମିଳିଲା

## ଜାତିଆଣ ମନ୍ତବ୍ୟ ମାମଲା

**କଟକ ଅଫିସ, ୪।୮**



ଏମ୍‌ପି ଅନୁଭବ ମହାନ୍ତିଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ଏବଂ ତାଙ୍କ ପରିବାର ବିରୋଧରେ ଦିଲ୍ଲୀ ପୋଲିସ ଏସ୍‌ସି-ଏସ୍‌ଟି ଆକ୍ଟରେ ରୁଜୁ କରିଥିବା ମାମଲାରେ ବର୍ଷା, ତାଙ୍କ ମାଆ ଓ ଝିଆରୀଙ୍କୁ ହାଇକୋର୍ଟ ଗୁରୁବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୮ତାରିଖ ଧାର୍ଯ୍ୟ ହୋଇଛି। ଫଳରେ ସେପର୍ଯ୍ୟନ୍ତ ବର୍ଷାଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି।

ପ୍ରକାଶ ଯେ, ଏମ୍‌ପି ଅନୁଭବଙ୍କର ଜଣେ କର୍ମଚାରୀ ସୁଜିତ ଦଳାଇଙ୍କ ପ୍ରତି ବର୍ଷା ଜାତିଆଣ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଦିଲ୍ଲୀ ପୋଲିସ ପକ୍ଷରୁ ବର୍ଷାଙ୍କୁ ନୋଟିସ ପଠାଯାଇଥିଲା। ଏହି ନୋଟିସ ପାଇବା ପରେ ବର୍ଷା ଗତ ୩୦ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଦିଲ୍ଲୀସ୍ଥିତ ବାସଭବନରେ ତାଙ୍କ ବ୍ୟକ୍ତିଗତ କର୍ମଚାରୀ ସୁଜିତଙ୍କୁ ୩ବର୍ଷ ପୂର୍ବେ ବର୍ଷା ଜାତିଆଣ ଆକ୍ଷେପ କରିବା ନେଇ ଦିଲ୍ଲୀ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଦିଲ୍ଲୀ ପୋଲିସ ଗତ ଜୁଲାଇ ୨୨ରେ ଏସ୍‌ସି-ଏସ୍‌ଟି ଆକ୍ଟରେ ମାମଲା ରୁଜୁ କରିଥିଲା। ଏଥିସହ ଦିଲ୍ଲୀ ପୋଲିସର ଏକ ଟିମ୍ ଜୁଲାଇ ୨୫ରେ କଟକ ଆସି ବର୍ଷାଙ୍କୁ ଜେରା ପାଇଁ ପ୍ରୟାସ କରିଥିଲା। କିନ୍ତୁ ପୁରୀଘାଟ ଥାନାରୁ ସହଯୋଗ ନ ମିଳିବାରୁ ନୋଟିସ ଦେଇ ଫେରିଯାଇଥିଲା। ସମ୍ପୃକ୍ତ ଥାନାରେ ହାଜର ହେବାକୁ ବର୍ଷାଙ୍କୁ ନୋଟିସ ଜାରି କରାଯାଇଥିଲା। ଏହାପରେ ବର୍ଷା ନିଜ ବଡ଼ ଭଉଣୀଙ୍କ ସହ ପୁରୀଘାଟ ଥାନାକୁ ଆସି ଦିଲ୍ଲୀ ପୋଲିସର ନୋଟିସକୁ ଗ୍ରହଣ କରିଥିଲେ। ପରେ ସେ ନିଜ ମା'ଙ୍କ ବୟସାଧିକ୍ୟକୁ କାରଣ ଦର୍ଶାଇ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

# ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମିଳିଲା ନିୟମିତ ଜାମିନ

**ଖୋର୍ଦ୍ଧା ଅଫିସ,୪।୮**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ସମ୍ମୁଖରେ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇଦେବା ମାମଲାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ନିୟମିତ ଜାମିନ ମିଳିଛି। ଗତ ୨୬ ତାରିଖରେ ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ସେ ୨୭ ତାରିଖରେ ବାଣପୁର କୋର୍ଟରେ ଆବେଦନ କରିଥିଲେ। ହେଲେ ଓକିଲଙ୍କ ଧର୍ମଘଟ ଯୋଗୁ ନିୟମିତ ଜାମିନ ବଦଳରେ ପିଆର୍ ବଣ୍ଡରେ ଜାମିନ ପାଇଥିଲେ। ଏବେ ଓକିଲଙ୍କ ଧର୍ମଘଟ ସ୍ଥଗିତ ଯୋଗୁ ବାଣପୁର କୋର୍ଟରେ ନିୟମିତ ଜାମିନ ପାଇଁ ଆବେଦନ କରିଥିଲେ। ଗୁରୁବାର ମଧ୍ୟାହ୍ନରେ ବିଧାୟକ ଜଗଦ୍ଦେବ କୋର୍ଟରେ ହାଜର ହୋଇଥିଲେ। ଦୁଇ ଜଣ ଜାମିନଦାର ଏବଂ ୩୦ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକା ବଦଳରେ ବିଧାୟକ ଜାମିନ ପାଇଛନ୍ତି। ତେବେ ଉକ୍ତ ମାମଲା ବାଣପୁର ଜେଏମ୍‌ଏଫ୍‌ସିଙ୍କ କୋର୍ଟରୁ ଭୁବନେଶ୍ୱର ଏଡିଜେ-୩ କୋର୍ଟଙ୍କୁ ସ୍ଥାନାନ୍ତର ହୋଇଥିବା ସରକାରୀ ଓକିଲ ପ୍ରାଚୀପ୍ରଭା ନନ୍ଦ ସୂଚନା ଦେଇଛନ୍ତି। ବିଧାୟକଙ୍କ ପକ୍ଷରୁ ଓକିଲ ଜଗନ୍ନାଥ ଭୋଳ ଏବଂ ସୁଧୀର କୁମାର ପ୍ରଧାନ ମାମଲା ପରିଚାଳନା କରିଥିଲେ।

**ଇ-ବାଇକ୍ ଚାର୍ଜ ବେଳେ ଅଗ୍ନିକାଣ୍ଡ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ଲିଙ୍ଗରାଜ ଥାନା ଅଧୀନ କପିଳେଶ୍ୱର ତଳସାହି ଗ୍ରାମରେ ବୁଧବାର ରାତିରେ ଇ-ବାଇକ୍‌ରେ ଅଗ୍ନିକାଣ୍ଡ ଘଟି ସନ୍ତୋଷ କୁମାର ମହାପାତ୍ରଙ୍କ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାର ଆସବାବପତ୍ର ପୋଡ଼ିଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସନ୍ତୋଷ ଲୁଇସ୍ ରୋଡ ସ୍ଥିତ ଏକ ଶୋ'ରୁମରୁ ଏହି ବାଇକ୍ କିଣିଥିଲେ। ବୁଧବାର ରାତିରେ ତାଙ୍କ ପୁଅ ବାଇକ୍‌କୁ ଚାର୍ଜରେ ବସାଇଥିଲେ। ରାତି ପ୍ରାୟ ୨ଟା ୩୦ରେ ହଠାତ୍ ଏକ ଶବ୍ଦ ଶୁଣି ପରିବାର ଲୋକେ ଉଠିବା ସହ ବାଇକରେ ନିଆଁ ଲାଗିବା ସହ ଆସବାବପତ୍ର ଜଳୁଥିବା ଦେଖିଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ

ପୁରୁଣା ଭୁବନେଶ୍ୱର,୪ା୮(ଡି.ଏନ୍.ଏ.): ବିଶିଷ୍ଟ ସାହିତ୍ୟ ସାଧିକା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ କପିଳେଶ୍ୱର ବଡ଼ ଭୋଇସାହି ଠାରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସାମାଜିକ କର୍ମୀ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ଶାସନ କାଳରେ ଶାସନ ଶୃଙ୍ଖଳା ଓ ଦୃଢ଼ତା ଆଜି ମଧ୍ୟ ଅନୁପ୍ରାଣିତ କରୁଛି। ଏଥିସହ ତାଙ୍କର ସାହିତ୍ୟ ବାଗ୍ମିତାକୁ ଅତିଥିମାନେ ମନେପକାଇଥିଲେ। ନାରୀମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ଥିଲେ ବୋଲି ମତପ୍ରକାଶ ପାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ମନୋରମା କାଣ୍ଡି, ସୁମା ଦାସ, ସୀତା କାଣ୍ଡି, ନୀଳ ବେଓ୍ୱା, କୁନି ବେଓ୍ୱା ପ୍ରମୁଖ ଉପସ୍ଥିତ ଥିଲେ।

### ଶଳାଙ୍କୁ ଆକ୍ରମଣ, ଭିଣୋଇ ଗିରଫ

ଭୁବନେଶ୍ୱର,୪ା୮(ବ୍ୟୁରୋ): ଶଳାକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସମ୍ପୃକ୍ତ ଭିଣୋଇଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଗୋଷାଣୀ ନୂଆଗାଁର କୃଷ୍ଣଚନ୍ଦ୍ର ଚୌଧୁରୀ। ଏନେଇ ପୋଲିସ ମାମଲା (ନଂ ୨୩୩/୨୦୦୮) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ସୁଶାନ୍ତଙ୍କ ଭଉଣୀଙ୍କୁ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ସମାଧାନ କରିବାକୁ ୨୦୦୮ରେ ସୁଶାନ୍ତ ଭଉଣୀ ଘରକୁ ଆସିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ର ଛୁରିରେ ସୁଶାନ୍ତଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ସୁଶାନ୍ତ ଭିଣୋଇଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ୧୪ ବର୍ଷ ପରେ ପୋଲିସ କୃଷ୍ଣଚନ୍ଦ୍ରଙ୍କୁ କାବୁ କରିବାରେ ସଫଳ ହୋଇଛି।

### ନନ୍ଦନକାନନରେ କୋକିଶିଆଳି ମୃତ

ବାରଙ୍ଗ,୪ା୮(ଡି.ଏନ୍.ଏ.):ନନ୍ଦନକାନନରେ ଗୁରୁବାର ଏକ କୋକିଶିଆଳିର ମୃତ୍ୟୁ ଘଟିଛି। ୪ବର୍ଷର ଏହି ମାଈ କୋକିଶିଆଳିଟି ତାର ଏନ୍‌କ୍ଲୋଜରରେ ବିଚରଣ କରୁଥିଲା। ହେଲେ ଗୁରୁବାର ସକାଳେ କୋକିଶିଆଳିଟି ମରି ପଡିଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ହଠାତ୍ କୋକିଶିଆଳିର ମୃତ୍ୟୁ ହେବା ଘଟଣା ନନ୍ଦନକାନନର ଡାକ୍ତରଙ୍କ ଚିନ୍ତାର କାରଣ ପାଲଟିଛି। ତା'ର ମୃତ୍ୟୁର କାରଣ ଜାଣିବା ପାଇଁ ଡାକ୍ତରମାନେ ବ୍ୟବଚ୍ଛେଦ କରି ଟିସୁକୁ ଓ୍ୟୁଏଟିକୁ ପଠାଇଛନ୍ତି। କୋକିଶିଆଳିର ମୃତ୍ୟୁ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ଏବେ ୧୦ରେ ପହଞ୍ଚିଛି।

### ବିଦ୍ୟାଳୟରେ ଚାରା ରୋପଣ

ବାଲିପାଟଣା,୪ା୮(ଡି.ଏନ୍.ଏ.): ବିଶ୍ୱନାଥପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଗୁରୁବାର ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉତ୍କଳ ସମ୍ମିଳନୀର ସଭାପତି ଡ. ଅଦ୍ୱୈତ୍ୟ କୁମାର ପାତ୍ର, ବିଦ୍ୟାଳୟ ସମ୍ପାଦକ ରବୀନ୍ଦ୍ର କୁମାର ପାତ୍ର, ପଦ୍ମନାଭ ମିଶ୍ର, ଉଷାରାଣୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଗ୍ଲୋବାଲ ଓ୍ୱାର୍ମିଙ୍ଗ୍‌ରୁ ବର୍ତ୍ତିବା ପାଇଁ ଚାରା ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଚାରା ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ୮ ଚୋରା ମୋବାଇଲ ଜବତ, ୨ ଗିରଫ

ଭୁବନେଶ୍ୱର,୪ା୮(ବ୍ୟୁରୋ) :ମୋବାଇଲ ଚୋରି କରୁଥିବା ୨ଜଣ ଅଭିଯୁକ୍ତଙ୍କୁ ଶହୀଦନଗର ଓ ଭରତପୁର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିରେ ରହୁଥିବା ବବୁଲୁ ଓରଫ ଶିବ ପ୍ରସାଦ ରଣା (୨୦) ଓ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ସାଗର ନାୟକ। ଅଭିଯୁକ୍ତ ଶିବଙ୍କଠାରୁ ୫ ଓ ସାଗରଙ୍କଠାରୁ ୩ ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ପୋଲିସ ପୃଥକ ୨ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ଖୋର୍ଦ୍ଧା ଅଫିସ/ ନିରାକାରପୁର, ୪ା୮ (ଡି.ଏନ୍.ଏ.)**



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ପରକୀୟା ପ୍ରୀତିରୁ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ମୋଟା ଗ୍ରାମ ତଳସାହିର ଅକ୍ଷୟ ସାମନ୍ତରାୟ ଓରଫ ରଘୁ। ଖବର ପାଇ ଗୁରୁବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲ ପଠାଇଛି। ମୃତଦେହ ନିକଟରୁ ପୋଲିସ ଏକ ମୋବାଇଲ ଫୋନ୍, ଇୟର କଡ୍ ଜବତ କରିଛି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ସସ୍ମିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୯/୨୨)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଟୁଟୁ ବାରିକ। ପରକୀୟା ପ୍ରୀତି ଯୋଗୁ ରଘୁଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଥିବା ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି। ତେବେ ହତ୍ୟାରେ ବ୍ୟବହୃତ ପଥରକୁ ପୋଲିସ ଜବତ କରିପାରି ନ ଥିବା ବେଳେ ଶୁକ୍ରବାର ଅଭିଯୁକ୍ତ ଘଟଣାସ୍ଥଳରେ ଡେମୋ ଦେଖାଇବେ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ରଘୁ ଏବଂ ଟୁଟୁ ମିଶି ଗୋଡ଼ିପଡ଼ା ଛକରେ ଏକ ହୋଟେଲ ଖୋଲିଥିଲେ। ବେପାରରୁ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇ ବନ୍ଧୁତାରେ ନିବିଡ଼ତା ବଢ଼ିଥିଲା। ଉଭୟ ପରିବାର ମଧ୍ୟରେ ଯିବା ଆସିବା ଚାଲିଥିଲା। ଏହାରି ମଧ୍ୟରେ ରଘୁ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ସଂସ୍ପର୍ଶରେ ଆସିଥିଲେ। ପରବର୍ତ୍ତୀ ସମୟରେ ଏନେଇ ଜାଣିବା ପରେ ଟୁଟୁ ସନ୍ଦେହ କରିବା ଆରମ୍ଭ କରିଥିଲେ। ଏନେଇ ରଘୁ ଓ ଟୁଟୁଙ୍କ ମଧ୍ୟରେ ବହୁବାର ପାଟିତୁଣ୍ଡ ହୋଇଥିଲା। ଏହାର ପ୍ରଭାବ ବେପାର ଉପରେ ପଡ଼ିବା ସହ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଶେଷରେ ବେପାର ଭାଙ୍ଗିଯାଇଥିଲା। ବୁଧବାର ସନ୍ଧ୍ୟାରେ ପୁଣି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ମୁହାଁମୁହିଁ ହୋଇଥିଲେ ବୋଲି ମୃତକଙ୍କ ପରିବାର ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ରାତିରେ ଖାଇସାରିବା ପରେ ରଘୁ ଗାଁ ଭିତରେ ନିର୍ମାଣ ହେଉଥିବା ଘର ଛାତ ଉପରକୁ ଶୋଇବାକୁ ଯାଇଥିଲେ। ଗୁରୁବାର ରଘୁ ଘରକୁ ଫେରିବାରେ ବିଳମ୍ବ ହେବାରୁ ସ୍ତ୍ରୀ ସସ୍ମିତା ମୋବାଇଲ ନମ୍ବରକୁ କଲ୍ କରିଥିଲେ। ବାରମ୍ବାର କଲ୍ ସତ୍ତ୍ୱେ ସେ ନ ଉଠାଇବାରୁ ସସ୍ମିତା ସନ୍ଦେହ କରି ଛାତ ଉପରକୁ ଆସି ଦେଖିବାବେଳେ ରଘୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକଙ୍କଠାରୁ ଖବରପାଇ ସଦର ଏସ୍‌ଡିପିଓ ମିଶ୍ର, ଜଙ୍କିଆ ଥାନାଧିକାରୀ ଅନିତା ସାହୁ ଟିମ୍ ସହ ପହଞ୍ଚିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ସସ୍ମିତାଙ୍କ ଅଭିଯୋଗ ପରେ ଏସ୍‌ଡିପିଓ ମିଶ୍ରଙ୍କ ନେତୃତ୍ୱରେ ଜଙ୍କିଆ ଥାନାଧିକାରୀ ସାହୁ ଏବଂ ଅନ୍ୟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସ ଟୁଟୁଙ୍କ ମୋବାଇଲକୁ ଟ୍ରାକ୍ କରି ଅପରାହ୍ନ ସୁଦ୍ଧା ତାଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ବେଳେ ସେ ହତ୍ୟାକାଣ୍ଡ ନେଇ ସ୍ୱୀକାର କରିବା ସହ ଘଟଣା ସମ୍ପର୍କରେ କହିଥିଲେ।



ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଏକ କଦମ୍ବ ଗଛ ଗୁରୁବାର ଅପରାହ୍ନରେ ଭାଙ୍ଗିପଡି ରାସ୍ତା ଅବରୋଧ ହୋଇଛି।

# ଧକ୍କା ଦେଇ ନିଜେ ମଲେ

- ବାଇକ୍ ଆରୋହୀଙ୍କ ଦୁର୍ଘଟଣାରେ ମୃତ୍ୟୁ
- ପାଖରେ ଥିଲା ମାରଣାସ୍ତ୍ର, ମୃତକଙ୍କ ନାଁରେ ଏକାଧିକ ମାମଲା
- ବଞ୍ଚିଥିବା ଆଶଙ୍କାରେ ମୃତଦେହକୁ ଘରୋଇ ହସ୍ପିଟାଲ ନେଲେ ପରିବାର

**ଭୁବନେଶ୍ୱର,୪ା୮(ବ୍ୟୁରୋ):**

କ୍ୟାପିଟାଲ ଥାନା ଅନ୍ତର୍ଗତ ୨ ନଂ ମାର୍କେଟ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ରାସ୍ତାପାର୍ ହେଉଥିବା ଜଣେ ଯୁବକଙ୍କୁ ଧକ୍କା ଦେଇ ଛିଟିକି ପଡ଼ିବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌତମନଗର ଅଞ୍ଚଳର ପି. ରାମାରାଓ। ତାଙ୍କ ନାଁରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ବାଇକ୍ ଧକ୍କାରେ ରାସ୍ତା ପାର ହେଉଥିବା ଯୁବକ ମଧ୍ୟ ଆହତ ହୋଇଛନ୍ତି। ହେଲେ ତାଙ୍କ ପରିଚୟ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରାମାରାଓଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ହେଲେ ସେଠାରେ ରାମାରାଓଙ୍କ ୨୦ରୁ ଅଧିକ ପରିବାର ସଦସ୍ୟ ଓ ସମ୍ପର୍କୀୟ ପହଞ୍ଚି ହୋହାଲ୍ଲା କରିଥିଲେ। ରାମାରାଓଙ୍କୁ ଅଧିକ ଚିକିତ୍ସା ନିମନ୍ତେ ପରିବାର ଲୋକ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ସେତେବେଳକୁ ରାମାରାଓଙ୍କ ମୃତ୍ୟୁ ହୋଇଯାଇଥିବାରୁ ପୋଲିସ ସେଠାରେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ଆଣିଥିଲା। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ରାତି ପ୍ରାୟ ୮ରୁ ୮ଟା ୩୦ ମଧ୍ୟରେ ୨ନଂ ମାର୍କେଟ ସମ୍ମୁଖ ରାସ୍ତା ଭିଡ଼ ରହିଥିଲା। ଏହି ସମୟରେ କାରରୁ ବାହାରି ଯୁବକ ଜଣକ ରାସ୍ତା ପାର୍ ହେଉଥିଲେ। ରାମାରାଓ ବିନା ହେଲ୍‌ମେଟ୍‌ରେ ବାଇକ ଯୋଗେ ଏଜି ଛକ ଆଡୁ ରାଜମହଲ ଅଭିମୁଖେ ଯାଉଥିଲେ। ସେ ବାଇକ୍ ନେଇ ଉକ୍ତ ଯୁବକଙ୍କୁ ଧକ୍କା ଦେବା ପରେ ଛିଟିକି ହୋଇ ତଳେ ପଡ଼ିଯାଇଥିଲେ। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ରାସ୍ତାରେ ପଡ଼ିଥିବାବେଳେ ତାଙ୍କ ଅଣ୍ଟାରେ ମାରଣାସ୍ତ୍ର ଥିବା ଦେଖିବାକୁ ମିଳିଥିଲା। ଏନେଇ ଲୋକେ ପୋଲିସକୁ ଖବର ଦେଇଥିଲେ।



ଯୁବକଙ୍କ ଅଣ୍ଟାରେ ରହିଥିବା ମାରଣାସ୍ତ୍ର।

## ଆଜିଠାରୁ କର୍ନାଟକ ଗସ୍ତରେ ମେୟର, କମିଶନର

**ଭୁବନେଶ୍ୱର,୪ା୮(ବ୍ୟୁରୋ):**

ଭୁବନେଶ୍ୱରରେ ଥିବା ଜଳ ଉତ୍ସଗୁଡିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଛି ବିଏମ୍‌ସି। ତେବେ ଏହି ଜଳ ଉତ୍ସଗୁଡିକର ପୁନରୁଦ୍ଧାର କିଭଳି ଉନ୍ନତମାନର ହୋଇପାରିବ ସେନେଇ ତଥ୍ୟ ନେବାକୁ ଶୁକ୍ରବାର ୨ଦିନିଆ କର୍ନାଟକ ଗସ୍ତରେ ଯାଉଛନ୍ତି ବିଏମ୍‌ସି ମେୟର ଓ କମିଶନର। କର୍ନାଟକରେ ଥିବା ଜଳଉତ୍ସଗୁଡିକରୁ ପୁନରୁଦ୍ଧାର ବେଶ୍ ଭଲ ଏବଂ ଉନ୍ନତମାନର। ତେଣୁ ସେଠାକାର ଜ୍ଞାନକୌଶଳକୁ ଏଠାରେ ଲଗାଇବା ପାଇଁ ଏକ ୧୫ ଜଣିଆ ଟିମ୍ ଶୁକ୍ରବାର କର୍ନାଟକ ଗସ୍ତରେ ବାହାରିଛି। ଅର୍ବାନ ଡିପାର୍ଟମେଣ୍ଟ ପକ୍ଷରୁ ଏହି ଗସ୍ତ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ କମିଶନରଙ୍କ ସମେତ ସିଟି ଇଞ୍ଜିନିୟର ଅରୁଣ ନାୟକ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଗୌତମ ଦାସ, କର୍ପୋରେଟର ଏବଂ ଅନ୍ୟାନ୍ୟ ଅଧିକାରୀ ସାମିଲ୍ ଅଛନ୍ତି।

ସୂଚନାଯୋଗ୍ୟ, କର୍ନାଟକ ସରକାରଙ୍କ ମ୍ୟୁନିସିପାଲିଟି ଆଡମିନିଷ୍ଟ୍ରେଶନର ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ଏବଂ ଲାଇନ ବିଭାଗର ପ୍ରତିନିଧିତ୍ୱ କରୁଥିବା ୪୩ ଜଣ ଅଧିକାରୀଙ୍କ ଏକ ଟିମ୍ ଗତ ୨୮ ତାରିଖରେ ଭୁବନେଶ୍ୱର ଆସିଥିଲା। ସେମାନେ ଏଠାରେ ବିଏମ୍‌ସିର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ସମ୍ବନ୍ଧରେ ଶ୍ରେଷ୍ଠ ଅଭ୍ୟାସ, ସଫଳତାର କାହାଣୀ ଏବଂ ଆଦର୍ଶ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହେବା ସହିତ ଏହାକୁ ଖୁବ୍ ପ୍ରଶଂସା ମଧ୍ୟ କରିଥିଲେ।

## ଖୋଲିଲା ମାର୍କେଟ ବିଲ୍ଡିଂ

**ଅସ୍ଥାୟୀ ଦୋକାନୀଙ୍କୁ ଉଠାଇଲା ପୋଲିସ୍**

**ଭୁବନେଶ୍ୱର, ୪ା୮ (ବ୍ୟୁରୋ)**

ଉଠା ଦୋକାନୀ ଓ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଗତ ୩୧ ତାରିଖରୁ ୪ଦିନ ଧରି ବନ୍ଦ ରହିଥିବା ୟୁନିଟ-୨ ମାର୍କେଟ ବିଲ୍ଡିଂ ଖୋଲିଛି। ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନର ଦାବିକୁ ବିଏମ୍‌ସି ମାନିନେବା ପରେ ଗୁରୁବାର ମାର୍କେଟ ଖୋଲିଥିଲା। ଆରମ୍ଭରୁ ସବୁକିଛି ସ୍ୱାଭାବିକ ଭାବେ ଚାଲିଥିଲା। ସନ୍ଧ୍ୟାରେ ହଠାତ୍ ୧୦ରୁ ୧୨ଜଣ ଉଠା ଦୋକାନୀ ଆସି ମାର୍କେଟରେ ବସିବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ମୁତୟନ ଥିବା ପୋଲିସ ସେମାନଙ୍କୁ ଉଠାଇ ଦେଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ମାର୍କେଟ ବିଲ୍ଡିଂରୁ ଉଠା ଦୋକାନୀଙ୍କ ସ୍ଥାୟୀ ଭାବେ ଉଚ୍ଛେଦ କରିବାକୁ ବ୍ୟବସାୟୀ ସଂଘ ଦାବି କରି ଆସୁଛି। ଏହାକୁ ନେଇ ବାରମ୍ବାର ଆନ୍ଦୋଳନ ହେବା ସହ ମାର୍କେଟ ବନ୍ଦ କରାଯାଇଛି। ଏପରିକି ବିଏମ୍‌ସି ପକ୍ଷରୁ ଉଠା ଦୋକାନୀଙ୍କୁ ବାରମ୍ବାର ଉଠାଯାଉଥିଲେ ମଧ୍ୟ ପୁଣି ଜବରଦଖଲ କରି ବେପାର କରୁଛନ୍ତି। ଫଳରେ ମାର୍କେଟ ବିଲ୍ଡିଂ ପରିସରରେ ଭିଡ଼ ହେବା ସହ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀମାନେ ଠିକ୍ ଭାବେ ବେପାର କରିପାରୁ ନାହାନ୍ତି। ଗତ ୩୧ ତାରିଖରେ ଉଠା ଦୋକାନୀଙ୍କ ସହ ଗଣ୍ଡଗୋଳ ପରେ ବ୍ୟବସାୟୀ ସଂଘ ମାର୍କେଟକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲା। ବୁଧବାର ବିଏମ୍‌ସି ସହିତ ଆଲୋଚନା ପରେ ଖୋଲିବା ନେଇ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ନିୟମିତ ଭାବରେ ପୋଲିସ ପେଟ୍ରୋଲିଂ ଓ ବିଏମ୍‌ସିର ମିଳିତ ଚଢ଼ାଉ ଜାରି ରହିବ। ପ୍ରଥମ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହ ଜଣେ ଏଏସ୍‌ଆଇ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ।

## ରାଜଧାନୀରେ ମହିଳାଙ୍କ ବେକ କାଟିଲେ ଦୁର୍ବୃତ୍ତ

**ଭୁବନେଶ୍ୱର,୪ା୮(ବ୍ୟୁରୋ) :**

ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ମାଳିସାହି ଅଞ୍ଚଳରେ ଗୁରୁବାର ରାତିରେ ଜଣେ ମହିଳାଙ୍କ ବେକ କାଟି ଦେଇଛନ୍ତି ଦୁର୍ବୃତ୍ତ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉକ୍ତ ମହିଳାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଖାରବେଳ ନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ହସ୍ପିଟାଲକୁ ଯାଇଥିବାବେଳେ ଉକ୍ତ ମହିଳା ଜଣକ ସେଠାରେ ନ ଥିଲେ। ଅନ୍ୟପକ୍ଷରେ ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଗ୍ରାହକଙ୍କ ସହ ଟଙ୍କା ମୂଲଚାଲକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ଓ ଏଥିରେ ଉତ୍ୟକ୍ତ ହୋଇ ଗ୍ରାହକ ଜଣକ ପାଖରେ ରଖିଥିବା ଛୁରିରେ ମହିଳାଙ୍କ ବେକକୁ କାଟି ଚମ୍ପଟ ମାରିଥିବା ଶୁଣାଯାଉଛି।

# ୩୯ବର୍ଷ ପରେ ଫେରାର ଅଭିଯୁକ୍ତଙ୍କୁ ଜେଲଦଣ୍ଡ

- ହତ୍ୟା ମାମଲାରେ ଗିରଫ ହୋଇ କୋର୍ଟ ପରିସରରୁ ଖସି ପଳାଇଥିଲେ
- ପ୍ରଥମେ ଖଲାସ, ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଦଣ୍ଡିତ

**ଭୁବନେଶ୍ୱର,୪ା୮(ବ୍ୟୁରୋ):**

କୋର୍ଟ ଏସ୍‌ଆଇ କାର୍ଯ୍ୟାଳୟରୁ ଫେରାର ହେବା ଘଟଣାର ଦୀର୍ଘ ୩୯ବର୍ଷ ପରେ ଏବେ ଜଣେ ବ୍ୟକ୍ତିଙ୍କୁ ଜେଲ୍‌ଦଣ୍ଡ ମିଳିଛି। ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଜେନା କୋର୍ଟରେ ଆତ୍ମସମର୍ପଣ କରିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ଏସ୍‌ଡିଜେଏମ୍ ଆଲୋକ ପଣ୍ଡା ଗୁରୁବାର ଅଭିଯୁକ୍ତଙ୍କୁ ୪ମାସ ସଶ୍ରମ ଦଣ୍ଡାଦେଶ ସହ ୨ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ଏକ ମାସ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ୧୯୮୩ ଅଗଷ୍ଟ ୨୭ରେ ବାଲିଅନ୍ତା ଥାନା ପୋଲିସ ଏକ ହତ୍ୟା ମାମଲାରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଫରୱାର୍ଡ କରିଥିଲା। ହେଲେ କୋର୍ଟ ସିଏସ୍‌ଆଇ ଅଫିସରୁ ପୂର୍ଣ୍ଣଚନ୍ଦ୍ର ଫେରାର ହୋଇଯାଇଥିଲେ। ପରେ ତାଙ୍କ ବିରୋଧରେ ଆଇପିସି ଦଫା ୨୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଏସ୍‌ଡିଜେଏମ୍ କୋର୍ଟ ୧୯୮୬ ମାର୍ଚ୍ଚ ୨୦ରେ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏସ୍‌ଡିଜେଏମ୍ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାର ବିଚାର କରି ଏସ୍‌ଡିଜେଏମ୍‌ଙ୍କ ରାୟକୁ ଖାରଜ କରିବା ସହ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହ ଦଣ୍ଡ ଘୋଷଣା କରିବା ପାଇଁ ୨୦୦୫ ଅଗଷ୍ଟ ୨୩ରେ ଏସ୍‌ଡିଏଜେଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦୀର୍ଘ ୧୬ବର୍ଷ ଧରି କୋର୍ଟରେ ହାଜର ହୋଇ ନ ଥିଲେ। ଗତ ୩ତାରିଖରେ ପୂର୍ଣ୍ଣଚନ୍ଦ୍ର କୋର୍ଟରେ ଆତ୍ମସମର୍ପଣ କରିବା ପରେ ଏସ୍‌ଡିଜେଏମ୍ ଦଣ୍ଡ ଘୋଷଣା କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ରାକେଶ କୁମାର ପୋଥାଲ ପରିଚାଳନା କରୁଥିଲେ।

## ଗଜପତିରୁ ଭୁବନେଶ୍ୱର ଆସୁଥିଲା ଗଞ୍ଜେଇ

- ୬.୩୦ ଲକ୍ଷ ଟଙ୍କାର ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ ଧରାପଡ଼ିଲା
- ୫୬ ହଜାର ଟଙ୍କା ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୪ା୮**



ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ଅବକାରୀ ବିଭାଗ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଛତ୍ରମା ଛକସ୍ଥିତ ଏକ ଢାବା ନିକଟରୁ ଗୁରୁବାର ଗଞ୍ଜେଇ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍‌ରୁ ୧ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ସହ ୫୬ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଆଙ୍କୋଇ ଗ୍ରାମର ଶ୍ରୀଧର ପାତ୍ର(୬୬) ଓ ଗଜପତି ଜିଲା ମୋହନା ଥାନା ବୁଡୁଣୀ ଗ୍ରାମର ସୁଜୟ ମଲିକ(୨୯)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ଲକ୍ଷ ୩୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୪୬/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ଗଜପତିରୁ ଭୁବନେଶ୍ୱର ଅଭିମୁଖେ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି-୨୫-ଜି-୪୫୩୬)ରେ ବିପୁଳ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଅଧୀକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁମିତ୍ରା ଓରାମ, ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ଛତ୍ରମା ଛକରେ ଛକି ରହିଥିଲେ। ଦ୍ରୁତଗତିରେ ଆସୁଥିବା ଉକ୍ତ ଗାଡ଼ିକୁ ଦେଖି ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଡ୍ରାଇଭର ଖସିଯିବାକୁ ଉଦ୍ୟମ କରିବା ବେଳେ ଅବକାରୀ ଟିମ୍ ପିଛା କରି ଧରିଥିଲା। ଯାଞ୍ଚ ବେଳେ ଭ୍ୟାନ୍‌ରେ ଗଞ୍ଜେଇର ଛୋଟ ପକେଟ ରଖି ତା' ଉପରେ ପ୍ଲେଟ୍ ପକାଯାଇ ଚାଲାଣ କରାଯାଉଥିଲା। ଚଢ଼ାଉରେ ମୋବାଇଲ ୟୁନିଟ୍ ଇନ୍‌ସ୍ପେକ୍ଟର ସସ୍ମିତା ହୋତା, ଏସ୍‌ଆଇ ବି. ମନୋଜ କୁମାର, ଟାଙ୍ଗୀର ଆଲୋକ ପ୍ରଧାନଙ୍କ ସମେତ ବେଗୁନିଆ, ଜଟଣୀ ଏବଂ ଟାଙ୍ଗୀ ଅବକାରୀ ଟିମ୍ ସାମିଲ ଥିଲେ।

## ସହରାଞ୍ଚଳ ବିକାଶରେ ଲିଙ୍ଗଗତ, ଦିବ୍ୟାଙ୍ଗ ଅନ୍ତର୍ଭୁକ୍ତିକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୪ା୮(ବ୍ୟୁରୋ):**




କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ), ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଅର୍ବାନ ଆଫାୟର୍ସ(ଏନଆଇୟୁଏ) ପକ୍ଷରୁ 'ଭାରତୀୟ ସହରାଞ୍ଚଳରେ ଲିଙ୍ଗଗତ ସମାନତା ଓ ଦିବ୍ୟାଙ୍ଗ ଅନ୍ତର୍ଭୁକ୍ତିକରଣ' ଉପରେ ଏକ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଦୁଇ ଦିନିଆ କର୍ମଶାଳା ମାଧ୍ୟମରେ ସହରାଞ୍ଚଳ ବିକାଶରେ ସବୁ ଲିଙ୍ଗ ଓ ଦିବ୍ୟାଙ୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ନେଇ ମତ ପ୍ରକାଶ ପାଇଛି।

କର୍ମଶାଳାର ପ୍ରଥମ ଦିନରେ ଭୁବନେଶ୍ୱର ସ୍ମାର୍ଟ ସିଟି ଦ୍ୱାରା ଦିବ୍ୟାଙ୍ଗଙ୍କ ପାଇଁ କରାଯାଇଥିବା ସର୍ବୋତ୍ତମ ପ୍ରୟାସ, ଏହାକୁ କାର୍ଯ୍ୟକାରୀ କରିବାରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ଏବଂ ଅଭିଜ୍ଞତା ଉପରେ ଆଲୋକପାତ କରାଯାଇଥିଲା। ଏହି କର୍ମଶାଳାରେ ଦେଶର ବିଭିନ୍ନ ସ୍ଥାନରୁ ଶିକ୍ଷାବିତ୍, ବିଶେଷଜ୍ଞମାନେ ସହରାଞ୍ଚଳ ବିକାଶର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସହରର ସେନ୍ସୋରୀ ପାର୍କ, ବିଏସସିଏଲ୍‌ର ଷ୍ଟ୍ରିଟ୍ ପାର୍କିଂ ପ୍ରକଳ୍ପ ପରିଦର୍ଶନ କରାଯାଇଥିଲା। ଅତିଥିମାନେ କଳାଭୂମି ସଂଗ୍ରହାଳୟ, ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପାର୍କ ପ୍ରକଳ୍ପ, ଶାନ୍ତି ସ୍ତୁପ ଧଉଳି ବୁଲିବା ସହିତ କିନ୍ନରମାନେ ପାର୍କିଂ ଫି' ଆଦାୟ କରୁଥିବା କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପୂର୍ବାଞ୍ଚଳର ୧୨ଟି ସହର ଓ ଭାରତର ଅନ୍ୟ ୧୦ଟି ସହର ଏହି କର୍ମଶାଳାରେ ଭର୍ଚୁଆଲରେ ଅଂଶଗ୍ରହଣ କରୁଛନ୍ତି। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସ୍ଥାନୀୟ ସିଇଓ, ସାଧାରଣ ପରିଚାଳକ, ଇଞ୍ଜିନିୟର, ପ୍ରୋଜେକ୍ଟ ମ୍ୟାନେଜର ଏବଂ ଅନ୍ୟାନ୍ୟ ଲାଇନ ବିଭାଗ ଅନ୍ତର୍ଭୁକ୍ତ ରହିଛି। କର୍ମଶାଳାରେ ଦିବ୍ୟାଙ୍ଗ ଓ କିନ୍ନର ସମ୍ପ୍ରଦାୟର ସଦସ୍ୟମାନଙ୍କୁ ମଧ୍ୟ ସେମାନଙ୍କ ଅଭିଜ୍ଞତା ବିଷୟରେ ଆଲୋଚନା କରିବାକୁ ନିୟୋଜିତ କରାଯାଇଛି। କର୍ମଶାଳାକୁ ସମ୍ବୋଧିତ କରି ବିଏସ୍‌ସିଏଲ ସିଏମ୍‌ଡି ସଞ୍ଜୟ କୁମାର ସିଂ କହିଛନ୍ତି, ଲିଙ୍ଗଗତ ବିଭେଦକୁ ଭୁଲି ଦିବ୍ୟାଙ୍ଗଙ୍କୁ ସହରାଞ୍ଚଳ ବିକାଶରେ ସାମିଲ କରିବା ପୂର୍ବକ ଭାରତକୁ ଅଧିକ ନିରାପଦ, ବିକଶିତ କରିବାରେ ସହାୟକ ହେବ। ଏହି କର୍ମଶାଳାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥାନାନ ଉଦ୍‌ଘାଟନ କରିଥିବାବେଳେ ସ୍ମାର୍ଟ ସିଟି ମିଶନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଏସ୍‌ସିଏଲ ଜେନେରାଲ ମ୍ୟାନେଜର କମଳଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ତମ ଜୟନ୍ତୀ, ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ସବୁଜ ଓଡ଼ିଶା ପାଇଁ ବିଶାଳ ଯୁବ ଶୋଭାଯାତ୍ରା ଓ ଟ୍ରି ବ୍ୟାଙ୍କ ଉଦ୍‌ଘାଟନ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୧୫।
- ବ୍ଲୁଜମ୍ ସ୍କୁଲର ବିଜ୍ଞାନମେଳା, ସ୍କୁଲ ପରିସର, ଭରତପୁର, ପୂର୍ବାହ୍ନ ୧୦ଟା ୩୦।
- ସତ୍ୟଭାମା ଦେବୀ କଲେଜ ପକ୍ଷରୁ ଅପରାଧମୂଳକ ସଚେତନତା ଶିବିର, ସତ୍ୟଭାମା ଦେବୀ କଲେଜ ପରିସର, ପୂର୍ବାହ୍ନ ୧୧ଟା।
- ଏବିଜେ ଫାଉଣ୍ଡେଶନ ପକ୍ଷରୁ ଧାରଣା, ମାଷ୍ଟରକ୍ୟାଣ୍ଟିନ ଛକ, ମଧ୍ୟାହ୍ନ ୧୨ଟା ୩୦।
- ଉତ୍କଳଗୁରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ତମ ଜନ୍ମୋତ୍ସବ, ଭାରତୀୟ ବିଦ୍ୟାଭବନସ୍ଥିତ ମୁନ୍‌ସି ସଭାଗୃହ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ପ୍ରଜ୍ଞା ଏକାଡେମିକ ଆଣ୍ଡ କଲ୍‌ଚରାଲ୍ ଟ୍ରଷ୍ଟ ପକ୍ଷରୁ ବର୍ଷାବରଣ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଜେନ୍ ଫାଉଣ୍ଡେଶନ ପକ୍ଷରୁ ନାଟକ 'ୱାନ୍ ଅନ୍ ୱାନ୍', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- କଟକ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ, କଟକ ରେଲ୍‌ୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।

# ଜୀବନ ହାରିଲେ ଆଉ ୨ ଯୁବକ

**ଆତ୍ମହତ୍ୟାର ସହର ଭୁବନେଶ୍ୱର: ୪ ଦିନରେ ୬ ଘଟଣା**

- ଭଡ଼ାଘରେ ଫ୍ୟାନ୍‌ରେ ଝୁଲି ପଡିଲେ ଅଜିତ
- ଟ୍ରେନ୍ ଲାଇନ୍‌ରୁ ଭିଡିଓ ଏଡିଟରଙ୍କ ମୃତଦେହ ଜବତ

ଭୁବନେଶ୍ୱର,୪।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ଆତ୍ମହତ୍ୟାର ସହର ପାଲଟିଛି। ୪ ଦିନରେ ୬ଜୀବନ ଯାଇଛି। ଗୁରୁବାର ଦିନକରେ ୨ଜଣ ଯୁବକଙ୍କ ମୃତ୍ୟୁ ପରେ ସହରରେ ଏଭଳି ଗୁଞ୍ଜରଣ ସୃଷ୍ଟି ହୋଇଛି। ସୁନ୍ଦରପଦା ବେହେରା ସାହିରେ ରହୁଥିବା ଅଜିତ କୁମାର ବେହେରା ଘରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବାବେଳେ ଓଟିଭି ଇଂଲିଶ ସୋସିଆଲ ମିଡିଆ ଟିମ୍‌ର ଭିଡିଓ ଏଡିଟର ପାର୍ଥ ନାରାୟଣ ଦାଙ୍କ ମୃତଦେହ ପଟିଆ ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ମିଳିଛି। ତାଙ୍କ ଘର ପୁରୀ ଜିଲା ବ୍ରହ୍ମଗିରି ଲମ୍ବିତଳ ଅଞ୍ଚଳରେ। ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଜିଆର୍‌ପି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି।

ପାର୍ଥଙ୍କ ପରିବାର କିନ୍ତୁ ଆତ୍ମହତ୍ୟାକୁ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କର ଜଣେ ସମ୍ପର୍କୀୟ ଭାଇ କହିଛନ୍ତି, ପାର୍ଥ ଆତ୍ମହତ୍ୟା କରିବା ପିଲା ନୁହେଁ। ସେ କେବେ ବି ସୁଇସାଇଡ୍ କରି ନ ଥିବ। କାହା ସହିତ ମନୋମାଳିନ୍ୟ କି ବିବାଦ ଥିବା ଆମେ ଜାଣିନୁ। ବୁଧବାର ସନ୍ଧ୍ୟା ୬ଟାରେ ସେ ତାଙ୍କ ମା'ଙ୍କ ସହିତ କଥା ହୋଇଥିଲେ। ମାଆଙ୍କୁ ସେ ୩୦ ହଜାର ଟଙ୍କା ମଧ ମାଗିଥିଲେ। ମାଆ ଯୋଗାଡ଼ କରି ଟଙ୍କା ବି ଦେଇଥିଲେ। ତେବେ ଆତ୍ମହତ୍ୟା ନା ହତ୍ୟା ଏହାର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ସମ୍ପର୍କୀୟ ଭାଇ ଦାବି କରିଛନ୍ତି। ଏପଟେ ସହକର୍ମୀଙ୍କ କହିବାନୁସାରେ, ପାର୍ଥ ଋଣ ବୋଝରେ ଥିଲେ। କିଛି ଦିନ ତଳେ ସେ ଅଫିସରୁ ଆଡଭାନ୍ସ ନେଇଥିଲେ। ଏଥିସହ ପାର୍ଥ କିଛି ଅନ୍‌ଲାଇନ୍ ଗେମ୍ ମଧ ଖେଳୁଥିଲେ, ଯେଉଁଥିରେ ସେ କିଛି ଟଙ୍କା ହରାଇଥାଇ ପାରନ୍ତି ବୋଲି ସେମାନେ ସନ୍ଦେହ କରୁଛନ୍ତି। ଏଭଳି ବିଭିନ୍ନ ଦିଗକୁ ନଇ ଜିଆର୍‌ପି ଥାନା ପୋଲିସ ତଦନ୍ତ ଚଳାଇଛି।

ସୂଚନାନୁସାରେ, ପାର୍ଥ ପଟିଆରେ ଘର ଭଡ଼ା ନେଇ ରହୁଥିଲେ। ବୁଧବାର ରାତିରେ ପଟିଆ ଷ୍ଟେଶନ ରେଳ ଧାରଣାରେ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ପୋଲିସଠାରୁ ସୂଚନା ପାଇ ପରିବାର ଲୋକେ ସକାଳେ ହସ୍ପିଟାଲରେ ପହଞ୍ଚିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସେହିଭଳି ଅନ୍ୟ ଏକ ଘଟଣା ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ବେହେରା ସାହିରେ ଘଟିଥିଲା। ସେଠାରେ ଭଡ଼ାରେ ରହୁଥିବା ଅଜିତ ପାରିବାରିକ କଳହ ଯୋଗୁ ଗତ କିଛିଦିନ ହେବ ଚିନ୍ତିତ ଥିଲେ। ବୁଧବାର ବିଳମ୍ବିତ ରାତିରେ ଭଡା ଘରେ ସେ ଫ୍ୟାନରେ ଝୁଲି ପଡିଥିବା ଘର ମାଲିକ ଦେଖିବା ପରେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଜିତଙ୍କ ମୋବାଇଲ୍ ଫୋନ୍ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଗୋଟିଏ ଦିନରେ ରାଜଧାନୀରେ ଦୁଇ ଆତ୍ମହତ୍ୟା ଘଟଣା ସମସ୍ତଙ୍କୁ ଚକିତ କରି ଦେଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ କିଶୋର କୁମାର ସଙ୍ଗୀତ ସନ୍ଧ୍ୟାରେ ଅଚ୍ୟୁତ ମିଶ୍ର ଆଣ୍ଡ ସାଥୀଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଉଛି।

## ଏସ୍‌ପି, କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦେଲେ ଓଏସ୍‌ସିପିସିଆର୍

**ନାବାଳିକାଙ୍କୁ ଅପହରଣ ଘଟଣା**

ପିପିଲି,୪।୮(ସ୍ୱ.ପ୍ର.)

ପିପିଲି ପୌରାଞ୍ଚଳ ନରସିଂହପୁରର ଅବଦୁଲ କୟୁମ ଖାଁଙ୍କ ନାବାଳିକା ଝିଅଙ୍କୁ ପୂର୍ବଶତ୍ରୁତାକୁ ନେଇ ଅପହରଣ ଘଟଣାରେ ପିପିଲି ପୋଲିସର ନିଷ୍କ୍ରିୟତାକୁ ନେଇ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧକ୍ଷା ସନ୍ଧ୍ୟାବତୀ ପ୍ରାଧାନ ପିପିଲି ଥାନାଧିକାରୀ, ଏସ୍‌ପି ଓ କ୍ରାଇମବ୍ରାଞ୍ଚକୁ ନୋଟିସ କରି ନାବାଳିକାଙ୍କୁ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି, କୟୁମ ଏବଂ ପଡ଼ୋଶୀଙ୍କ ମଧ୍ୟରେ ଜମିଜମାକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ତେବେ ଗତ ମାସ ୨୮ତାରିଖ ରାତି ୨ଟା ସମୟରେ କୟୁମ ପରିସ୍ରା କରିବାକୁ ଉଠିଲା ବେଳେ ତାଙ୍କ ଝିଅ ଘରେ ନ ଥିବା ଦେଖିଥିଲେ। ବହୁତ ଖୋଜାଖୋଜି ପରେ ନିରାଶ ହୋଇ ଶେଷରେ ଝିଅକୁ କେହି ଅପହରଣ କରିନେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୦୮/୨୨) ରୁଜୁ ତଦନ୍ତ ଚଳାଇଥିଲା। ୩ଦିନ ପର୍ଯ୍ୟନ୍ତ ପୋଲିସ ଝିଅର କୌଣସି ଖୋଜଖବର ନ କରିବାରୁ ପରିବାର ଲୋକ ଏସ୍‌ପି ଓ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କୁ ଯୋଗାଯୋଗ କରିବାରେ ସମ୍ଭବ ହୋଇ ନ ଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବ୍ଦୁଲ



@ ବିଜୟ



@ କିରଣ



@ ଅଭି



@ ସୁଭ୍ରାନ୍ତ



@ ଇଜେଜ୍

## ମାଧମ'ରେ ୧୫ ମାମଲାର ଆପୋସ ସମାଧାନ

**ଜୁଲାଇ ରିପୋର୍ଟ**

**ଭୁବନେଶ୍ୱର,୪।୮(ବ୍ୟୁରୋ):** ଭୁବନେଶ୍ୱର ଡିସିପି ଅଫିସରେ ୨୦୧୪ରୁ କାର୍ଯ୍ୟ କରୁଥିବା ମହିଳା ସହଯୋଗ କେନ୍ଦ୍ର 'ମାଧମ' ଦ୍ୱାରା ମହିଳା ସମ୍ବନ୍ଧୀୟ ମାମଲାର ଆପୋସ ସମାଧାନ କରାଯାଉଛି। ଗତ ଜୁଲାଇରେ 'ମାଧମ'କୁ ମୋଟ ୨୫ ଅଭିଯୋଗ ଆସିଥିବାବେଳେ ସେଥିରୁ ୧୫ଟି ମାମଲାର ବୁଝାମଣା ମାଧମରେ ସମାଧାନ ହୋଇଛି। ଏଥିସହ ୨ଜଣଙ୍କୁ ଆଇନଗତ ସହାୟତା ଓ ୪ଜଣ ପୀଡିତାଙ୍କୁ ଡାକ୍ତରୀ ସୁବିଧା ଯୋଗାଇ ଦିଆଯାଇଥିବା ଡିସିପି ଅଫିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସୂଚନାନୁସାରେ, ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ମାଧମ' କାର୍ଯ୍ୟ କରିବା ସହ ପୀଡିତା ମହିଳାଙ୍କୁ ସୁରକ୍ଷା ଯୋଗାଇବା ଲାଗି ଆବଶ୍ୟକ ସାହାଯ୍ୟ ସହଯୋଗ, ପରାମର୍ଶ, ଡାକ୍ତରୀ ସହାୟତା ଓ ନ୍ୟାୟ ପ୍ରଦାନ ଲାଗି ପ୍ରଚେଷ୍ଟା ଜାରି ରଖିଛି। 'ମାଧମ' ଦ୍ୱାରା ନିଜ ପରିବାର, ସମାଜ ତଥା କାର୍ଯ୍ୟସ୍ଥଳୀରେ ସମ୍ମୁଖୀନ ହେଉଥିବା ଶାରୀରିକ, ମାନସିକ ଓ ସାମାଜିକ ନିର୍ଯାତନା, ଘରୋଇ ହିଂସା, ଯୌନ ନିର୍ଯାତନା, ମହିଳା ଚାଲାଣ, ବାଲ୍ୟ ବିବାହ, ଏସିଡ୍ ଆକ୍ରମଣ କ୍ଷେତ୍ରରେ ପୀଡ଼ିତାଙ୍କୁ ସୁରକ୍ଷା ଦେବା ସହ ପରାମର୍ଶ ଦିଆଯାଇ ସେମାନଙ୍କ ମଧରେ ସକରାତ୍ମକ ମନୋଭାବ ସୃଷ୍ଟି କରାଯାଉଛି। ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସମସ୍ୟାର ସମାଧାନ ଚାହିଁଛନ୍ତି, 'ମାଧମ' ସେମାନଙ୍କର ସମସ୍ୟା ବୁଝି ସମାଧାନର ପନ୍ଥା ବାହାର କରିବାକୁ ଚେଷ୍ଟା କରି ସଫଳତା ପାଉଛି। ଏଥିସହ ପୀଡ଼ିତାଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକରେ ତାଲିମ ବ୍ୟବସ୍ଥା କରାଯାଇଛି। ବିବାହ ବିଚ୍ଛେଦ ଘଟଣାରେ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କ ପରିବାରକୁ ଏକାଠି ବସାଯାଇ ମାମଲା ସମାଧାନ କରାଯାଉଛି।

## କାଠଯୋଡ଼ିରୁ ମୃତଦେହ ଜବତ

**କଟକ ଅଫିସ, ୪।୮:** ଖାନ୍‌ନଗରସ୍ଥିତ କାଠଯୋଡ଼ି ନଦୀରୁ ଏକ ମୃତଦେହକୁ ବାଦାମବାଡ଼ି ଥାନା ପୋଲିସ ଜବତ କରିଛି। ଗୁରୁବାର ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକ ହେଉଛନ୍ତି ଜଗତପୁର ଅଞ୍ଚଳର ଗୋବିନ୍ଦ ବେହେରା(୩୦)। ଗୋବିନ୍ଦଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ପାଣିରେ ପଡ଼ି ମୃତ୍ୟୁବରଣ କରିଥିବା ପୋଲିସ ଅନୁମାନ କରୁଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ସାଇକେଲରେ ସନ୍ଥଙ୍କ ଭାରତ ଭ୍ରମଣ

ଚୌଦ୍ୱାର,୪।୮(ଡି.ଏନ୍.ଏ.)

ଜନ ସମ୍ପର୍କ ସୃଷ୍ଟି ଓ ଭାରତର ଜନ ଜୀବନକୁ ଜାଣିବାର ଆଗ୍ରହ ନେଇ ସାଇକେଲରେ ଭାରତ ଭ୍ରମଣରେ ବାହାରିଛନ୍ତି ଜଣେ ସନ୍ଥ। ଛତିଶଗଡ଼ ରାୟପୁର ଅଞ୍ଚଳର ଶ୍ୟାମ ଗିରି ନାମକ ଉକ୍ତ ସନ୍ଥ ଜଣକ ରାୟପୁରରୁ ବାହାରି ଦୀର୍ଘ ୧୫ ମାସ ହେଲା ଭାରତର ୨୧ ରାଜ୍ୟ ବୁଲି ସାରି ଗୁରୁବାର ଚୌଦ୍ୱାରରେ ପହଞ୍ଚିଛନ୍ତି। ଏହି ଭ୍ରମଣ ସମୟରେ ଭାରତର ଲୋକଚରିତ୍ର, ଜଳବାୟୁ, ବିଭିନ୍ନ ଧର୍ମସ୍ଥଳ, କୃଷି ପ୍ରଣାଳୀ ଆଦି ସମ୍ପର୍କରେ ଜାଣିବା ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି ସନ୍ଥ ଶ୍ୟାମ ଗିରି। ବିଭିନ୍ନ ରାଜ୍ୟର ଜନତାଙ୍କଠାରୁ ସହଯୋଗ ମିଳୁଥିବା ସେ ପ୍ରକାଶ କରିଛନ୍ତି।



ଚୌଦ୍ୱାରରେ ସନ୍ଥ ଶ୍ୟାମ ଗିରି

## ସ୍ୱାଧୀନତା ଦିବସରେ ଆତ୍ମାହୁତି ପାଇଁ ରାଷ୍ଟ୍ରପତିଙ୍କୁ ଚିଠି

**ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ଦାବି**

ଖୁଣ୍ଟୁଣୀ,୪।୮(ଡି.ଏନ୍.ଏ.)

ଖୁଣ୍ଟୁଣୀର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାରେ ସରକାର ଓ ପ୍ରଶାସନ ଅବହେଳା କରିଆସୁଛନ୍ତି। ଏହାର ପ୍ରତିବାଦରେ ସ୍ୱାଧୀନତା ଦିବସରେ ଡାକ୍ତରଖାନା ପରିସରରେ ଆତ୍ମାହୁତି ଦେବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଚିଠି ଲେଖିଛନ୍ତି ସାମାଜିକ କର୍ମୀ ଗୌରହରି ମହାନ୍ତି। ଏ ନେଇ ମହାନ୍ତି ଗତ ୨୫ ତାରିଖରେ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ଉତ୍ସବ ଦିନ ଏକ ମେଲ ଓ ପୋଷ୍ଟାଲରେ ଦୁଇଟି ଚିଠି ଲେଖି ପ୍ରଶାସନ ଓ ସରକାର ୨୦୧୩ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ୨୦୧୭ ଡିସେମ୍ବର ୯ ରେ ଲୋକ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ କିପରି ଅବମାନନା କରିଛନ୍ତି, ତା'ର ନକଲ ପ୍ରଦାନ କରିଛନ୍ତି। ସେ ଏହି ନକଲର କପି ବୁଧବାର ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସଚିବ, ଜିଲ୍ଲାପାଳଙ୍କ ସମେତ ସମସ୍ତ ପଦାଧିକାରୀଙ୍କ ନିକଟକୁ ପଠାଇଛନ୍ତି। ସେ ଜୁନ ୧୪ରେ ଆତ୍ମାହୁତି ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଅନୁମତି ମାଗି ଚିଠି ଲେଖିଥିଲେ। ହେଲେ ତା' ପୂର୍ବରୁ ଜୁନ ୭ରେ ଜିଲାପାଳ ତାଙ୍କ ବାସଭବନ କାର୍ଯ୍ୟାଳୟକୁ ଗୌରହରିଙ୍କୁ ଡକାଇ ଅଦାଲତଙ୍କ ନିର୍ଦ୍ଦେଶ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଦେବାରେ ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ ଗୌରହରି। ପୁଣି ପରଦିନ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ ଭୁବନେଶ୍ୱରରେ ବିଭାଗୀୟ ଅଧିକାରୀଙ୍କୁ ଡାକି ଡାକ୍ତରଖାନା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତିମଧ୍ୟରେ ୨ ମାସ ବିତି ଯାଇଥିଲେ ମଧ କାର୍ଯ୍ୟକାରୀ ନ ହେବାରୁ ସେ ଏଭଳି ନିଷ୍ପତ୍ତି ନେଲେ ବୋଲି କହିଛନ୍ତି। ସେ ଆଗାମୀ ୧୨ ଓ ୧୩ ତାରିଖରେ ଅହୋରାତ୍ର ଧାରଣା, ୧୪ରେ ଅନଶନ ଓ ୧୫ ତାରିଖରେ ଆତ୍ମାହୁତି ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ନଦୀରେ ବୁଡ଼ି ବୃଦ୍ଧ ନିଖୋଜ

**ମାହାଙ୍ଗା,୪।୮(ସ୍ୱ.ପ୍ର.):** ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଗଙ୍ଗାଧର ଗ୍ରାମର ଜଣେ ବୃଦ୍ଧ ଗୋବରୀ ନଦୀରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ରଘୁନାଥ ଦାସ(୮୦)। ସେ ସକାଳେ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ କୁଆଁପାଳ ଦମକଳ ବାହିନୀ କର୍ମଚାରୀ ଗୋବରୀ ନଦୀରେ ଖୋଜାଖୋଜି କରିଥିଲେ ମଧ ରଘୁନାଥଙ୍କ ପତ୍ତା ମିଳି ନ ଥିଲା। ମାହାଙ୍ଗା ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ, ରାଜସ୍ୱ ନିରୀକ୍ଷକ ଜଗଦେବ ମହାନ୍ତି ଓ ପୋଲିସ କର୍ମଚାରୀ ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ପରେ ଏନ୍‌ଡିଆର୍‌ଏଫ୍‌କୁ ଖବର ଦେଇଥିଲେ। କଟକ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବୃଦ୍ଧଙ୍କୁ ଠାବ କରାଯାଇପାରିନାହିଁ।

## ଦେବାଶିଷଙ୍କ 'ଶେଷରାତି'

ଭୁବନେଶ୍ୱର,୪।୮(ବ୍ୟୁରୋ)

ଫିଲ୍ମ ଫ୍ରାଇଡେ

ଓଲିଉଡ ଅଭିନେତା ଦେବାଶିଷ ପାତ୍ରଙ୍କ ଭିନ୍ନ ଚରିତ୍ରକୁ ନେଇ ଏଥର ଫିଲ୍ମ ଫ୍ରାଇଡେ'ରେ ରିଲିଜ ହେଉଛି 'ଶେଷରାତି'। ପୋଷ୍ଟର ରିଲିଜ ପରେ ଦେବାଶିଷଙ୍କ ଚରିତ୍ର ଦର୍ଶକଙ୍କ ମନରେ ଅନେକ କୌତୁହଳ ସୃଷ୍ଟି କରିଛି। ସେ ମହିଳା ଗେଟ୍‌ଅପ୍‌ରେ ନଜରକୁ ଆସିବେ। ଅନାସମିଶ୍ ପ୍ରଡକ୍ସନ୍ ବ୍ୟାନରରେ ପ୍ରଯୋଜକ ପ୍ରୀତମ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଏହି ଚଳଚ୍ଚିତ୍ର ସବୁଠୁ ନିଆରା ଅନୁଭବ ଦେବ ବୋଲି ଆଶା କରାଯାଉଛି। ଏଥିରେ ଦେବାଶିଷଙ୍କ ସହ ଅଭିନେତ୍ରୀ ରିୟା ଦେ ମଧ ଭିନ୍ନ ଭୂମିକାରେ ଆସିବେ। ଅନ୍ୟମାନଙ୍କ ମଧରେ ଦେବୁ ବ୍ରହ୍ମା, ଉଷଶୀ ମିଶ୍ର, ପିଣ୍ଟୁ ନନ୍ଦ, ଚୌଧୁରୀ ଜୟପ୍ରକାଶ ଦାସ, ବିରେନ ମିଶ୍ର , କେଡି ପ୍ରମୁଖ ଅଭିନୟ କରିଛନ୍ତି। କାହାଣୀ, ଚିତ୍ରନାଟ୍ୟ, ସଂଳାପ ଶଶାଙ୍କ ନାୟକ ପ୍ରସ୍ତୁତ କରିଛନ୍ତି। ସଙ୍ଗୀତରେ ହ୍ୟୁମାନ ସାଗର, କୁଳଦୀପ, ଅସୀମା ପଣ୍ଡା, ଆଶୁତୋଷ ରହିଥିବାବେଳେ ସଙ୍ଗୀତ ରଚନା କରିଛନ୍ତି ପୁଷ୍ପକ ପରିଡ଼ା।







ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ ପକ୍ଷରୁ ଗୁରୁବାର ମାଲକାନଗିରି ଜିଲାରେ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର କର୍ମା ମୁଦୁଲିଙ୍କୁ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରାଯାଉଛି।



ପୁରୀ ରାଧାବଲ୍ଲଭ ମଠରେ ଝୁଲଣ ଯାତ୍ରା ପାଇଁ କୁଞ୍ଜ ପ୍ରସ୍ତୁତ କରାଯାଉଛି।



ପୁରୀ ୟୁଥ୍ ହଷ୍ଟେଲ୍ ପରିସରରେ ଗୁରୁବାର ଅନୁଷ୍ଠିତ ଜିଲା ଜୁଡ଼ୋ ଆସୋସିଏଶନର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପଦକ ବିଜେତା

**ପ୍ରତି ପରିବାରରୁ ଜଣକୁ ଚାକିରି ଦେବେ ୟୁପି ସରକାର**

ଉତ୍ତରପ୍ରଦେଶରେ ପ୍ରତି ପରିବାରରୁ ଅନ୍ୟୂନ ଜଣକୁ ନିଶ୍ଚୟ ସରକାରୀ ଚାକିରି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଏକ ଦକ୍ଷତା ମ୍ୟାପିଙ୍ଗ୍ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏହି ସମୟରେ ଯେଉଁ ପରିବାରରୁ କେହି ନିଯୁକ୍ତି ପାଇନାହାନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରାଯିବ। ସେହି ପରିବାରର ସଦସ୍ୟମାନଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ କରାଯିବ ଏବଂ ଅନ୍ୟୂନ ଜଣଙ୍କୁ ଚାକିରି ଦିଆଯିବ ବୋଲି ଏକ ନିଯୁକ୍ତି ମେଳାରେ ଯୋଗୀ କହିଛନ୍ତି।



# ଗ୍ରିନରଙ୍କୁ ରୁଷିଆରେ ୯ ବର୍ଷ ଜେଲ

ମସ୍କୋ, ୪।୮

ଡ୍ରଗ୍ସ ଚାଲାଣ ଅଭିଯୋଗରେ ଆମେରିକାର ବାସ୍କେଟବଲ ଖେଳାଳି ବ୍ରିଟନି ଗ୍ରିନରଙ୍କୁ ରୁଷିଆର ଏକ କୋର୍ଟ ଗୁରୁବାର ୯ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଏକ ନିୟୁତ ରୁବଲ(୧୬,୯୯୦ ଡଲାର) ଜରିମାନା ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଫଳରେ

## କୋର୍ଟ ରାୟକୁ ଅସ୍ୱୀକାର କଲେ ବାଇଡେନ୍

ରୁଷୀୟ ପୋଲିସ ଏହି ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜୟିନୀଙ୍କୁ ଜେଲରେ ଭର୍ତ୍ତି କରିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ରାୟକୁ ଅସ୍ୱୀକାର କରିବା ସହ ତୁରନ୍ତ ତାଙ୍କୁ ମୁକୁଳାଇବାକୁ କହିଛନ୍ତି। ଗ୍ରିନର ଜେଲକୁ ଯିବାବେଳେ କହିଥିଲେ 'ମୁଁ ମୋ ପରିବାରକୁ ଭଲପାଏ'। ଏହା ପୂର୍ବରୁ



ଆମେରିକୀୟ ବାସ୍କେଟବଲ ଖେଳାଳି ବ୍ରିଟନି ଗ୍ରିନର।

ସେ କ୍ୟାଟ୍ରିଜ୍ ନେଇ ଯାଇଥିବା ସ୍ୱୀକାର କରିଥିଲେ ହେଁ ପ୍ୟାକିଂବେଳେ ଭୁଲବଶତଃ ତାକୁ ନିଜ ବ୍ୟାଗ୍‌ରେ ଭର୍ତ୍ତି କରିଥିବା କହିଥିଲେ। ବିଚାରପତି ରାୟ ଶୁଣାଇବା ପୂର୍ବରୁ ଗ୍ରିନର କାନ୍ଦି କାନ୍ଦି ତାଙ୍କ ଜୀବନ ଶେଷ ନ କରିବାକୁ ନେହୁରା ହୋଇଥିଲେ।

ଜାତୀୟ ମହିଳା ବାସ୍କେଟବଲ ଆସୋସିଏଶନ(ଡବ୍ଲ୍ୟୁଏନ୍‌ବିଏ) ଷ୍ଟାର ତଥା ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜୟିନୀ ଗ୍ରିନର ଗତ ଫେବୃୟାରୀ ୧୭ରେ ଏକ ମ୍ୟାଚରେ ଭାଗ ନେବା ପାଇଁ ରୁଷିଆରେ ପହଞ୍ଚିଥିବାବେଳେ କ୍ୟାଟ୍ରିଜ୍‌ରେ ଗଞ୍ଜେଇ ଭର୍ତ୍ତି କରି ନେଇଥିବା ଅଭିଯୋଗରେ ପୋଲିସ ଗିରଫ କରିଥିଲା। ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ ଆକ୍ରମଣ ନିର୍ଦ୍ଦେଶ ଦେବା ପରେ ଆମେରିକା ସହ ମସ୍କୋ ସମ୍ପର୍କ ଖରାପ ହୋଇଥିଲା। ୩୧ ବର୍ଷୀୟା ଗ୍ରିନରଙ୍କ ଗିରଫଦାରି ଏହି ସମ୍ପର୍କରେ ଆହୁରି ତିକ୍ତତା ଭରିଦେବା ସହ ଝଡ଼ ସୃଷ୍ଟି କରିଛି। ତେବେ ତାଙ୍କ ଦଣ୍ଡାଦେଶ ଆମେରିକା ଓ ରୁଷିଆ ମଧ୍ୟରେ ବନ୍ଦୀ ପ୍ରତ୍ୟର୍ପଣ ପାଇଁ ପଥ ଉନ୍ମୁକ୍ତ କରିପାରେ। ଗ୍ରିନରଙ୍କ ମୁକ୍ତି ବଦଳରେ ରୁଷିଆ ନିଜର ଜଣେ ଅସ୍ତ୍ରଚାଲାଣକାରୀଙ୍କୁ ଖଲାସ କରିବା ପାଇଁ ୱାଶିଂଟନ ନିକଟରେ ଦାବି ରଖିବ।



୭୫ତମ ସ୍ୱାଧୀନତା ଦିବସ ପୂର୍ବରୁ ଗୁରୁବାର ପଶ୍ଚିମବଙ୍ଗର ବୀରଭୂମ ଜିଲାସ୍ଥିତ ଏକ ଚାଷଜମିରେ ପିଲାମାନେ ଜାତୀୟ ପତାକା ଧରି ଧାଉଁଛନ୍ତି।

## ଖାର୍ଗେଙ୍କୁ ୭ ଘଣ୍ଟା ଇଡି ଜେରା



**ନୂଆଦିଲ୍ଲୀ,୪।୮:** ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଗୁରୁବାର ୮ ଘଣ୍ଟା ଜେରା କରାଯାଇଛି। ବାହାଦୁରଶାହା ଜାଫର ମାର୍ଗସ୍ଥିତ ହେରାଲ୍ଡ ବିଲ୍ଡିଂକୁ ବୁଧବାର ଇଡି ସିଲ୍ କରିଥିଲା। ଏଥିସହ ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେଙ୍କୁ ସମନ କରିଥିଲା। ୮୦ ବର୍ଷୀୟ ଖାର୍ଗେ ଗୁରୁବାର ଅପରାହ୍ନ ୧୨ଟା ୪୦ରେ ହେରାଲ୍ଡ ଅଫିସରେ ପହଞ୍ଚିବା ପରେ ଇଡି ଅଧିକାରୀମାନେ ତାଙ୍କୁ ରାତି ୮ଟା ୩୦ ପର୍ଯ୍ୟନ୍ତ ପଚରାଉଚରା କରିଥିଲେ। ତଦନ୍ତ ଜାରି ରହିଥିବାରୁ ଗଣମାଧ୍ୟମକୁ କିଛି କହିବାକୁ ଖାର୍ଗେ ମନା କରିଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଇଡି ଜେରା କରିସାରିଛି।

# ଓଡ଼ିଶାର ପୂର୍ବତନ ଏମ୍‌ପି, ୨ ପୂର୍ବତନ ବିଧାୟକଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

ନୂଆଦିଲ୍ଲୀ,୪।୮

ଚିଟ୍‌ଫଣ୍ଡ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଏକ କମ୍ପାନୀର ୨.୧୬ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରିଛି। ଓଡ଼ିଶାର ଜଣେ ପୂର୍ବତନ ଏମ୍‌ପି ଏବଂ ଦୁଇଜଣ ପୂର୍ବତନ ବିଧାୟକ ପୂର୍ବରୁ ଏହି କମ୍ପାନୀର ନିର୍ଦ୍ଦେଶକ ଥିଲେ। ସେମାନେ ହେଲେ ମୟୂରଭଞ୍ଜର ପୂର୍ବତନ ଏମ୍‌ପି ରାଜଚନ୍ଦ୍ର ହାଁସଦା, କେନ୍ଦୁଝର ସଦରର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ ଏବଂ ଖରିଆରର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି। ଏମାନଙ୍କ ବ୍ୟତୀତ ଅଞ୍ଜନ କୁମାର ବଳିୟାରସିଂ, ପ୍ରଦୀପ କୁମାର ପଟ୍ଟନାଏକ, କାର୍ତ୍ତିକେୟ ପରିଡ଼ା କମ୍ପାନୀର ନିର୍ଦ୍ଦେଶକ ଅଛନ୍ତି।

ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) ଅଧିନରେ ନବଦିଗନ୍ତ କ୍ୟାପିଟାଲ ସର୍ଭିସେସ୍ ଲିଃ ଏବଂ ଏହାର ଗ୍ରୁପ୍ କମ୍ପାନୀଗୁଡ଼ିକର ସମ୍ପତ୍ତି ବାଜ୍ୟାପ୍ତି ଲାଗି ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହାଁସଦା ଏନ୍‌ସିପି ଏବଂ ବିଜେଡି ପରେ ଗତବର୍ଷ ଜେଏମ୍‌ଏମ୍‌ରେ ଯୋଗଦେଇଥିଲେ। ସୁବର୍ଣ୍ଣ ନାଏକ ମଧ୍ୟ ବିଜେଡିରେ ଥିଲେ। ଚିଟ୍‌ଫଣ୍ଡ ମାମଲାରେ ୨୦୧୪ରେ ସେମାନେ ଗିରଫ ହେବା ପରେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ଭାଜପା ଟିକେଟରେ ଜିତିଥିବା ବଗର୍ତ୍ତି ମଧ୍ୟ ଗିରଫ ହୋଇଥିଲେ। ଜବତ ସମ୍ପତ୍ତି ମଧ୍ୟରେ ରହିଛି ଆଇଡିବିଆଇ ଏବଂ ଇଣ୍ଡିଆନ ବ୍ୟାଙ୍କର ୪୮ଟି ଆକାଉଣ୍ଟରେ ଜମା ହୋଇଥିବା ୧୬ ଲକ୍ଷ ଟଙ୍କା। ପୁରୀ ଜିଲାର ନରେନ୍ଦ୍ରପୁର ମୌଜା ଏବଂ ଖୋର୍ଦ୍ଧା ଜିଲାର କାଇପଦର ମୌଜାରେ ୨ କୋଟି ଟଙ୍କା ମୂଲ୍ୟର ଦୁଇଟି ଜମି। ସିବିଆଇର ଏତଲା ଓ ଦୁଇଟି ଚାର୍ଜଶିଟ୍ ଆଧାରରେ ଅଭିଯୁକ୍ତମାନଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା।

**ଗୋପାଳପୁର-ରତନପୁର ଉପକୂଳ ରାଜପଥ**

## ୯୦% ଜମି ଅଧିଗ୍ରହଣ ଶେଷ: ଗଡ଼କରୀ

**ନୂଆଦିଲ୍ଲୀ,୪।୮:** ବହୁଚର୍ଚ୍ଚିତ ଗୋପାଳପୁର-ରତନପୁର ଉପକୂଳ ରାଜପଥ ନିର୍ମାଣ ଲାଗି ୯୦ ପ୍ରତିଶତ ଜମି ଅଧିଗ୍ରହଣ କାମ ଶେଷ ହେଲାଣି ବୋଲି ଗୁରୁବାର ଲୋକ ସଭାରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଗଡ଼କରୀ କହିଥିଲେ, ଓଡ଼ିଶା ସରକାରଙ୍କ ପ୍ରସ୍ତାବକ୍ରମେ ଉକ୍ତ ରାଜପଥକୁ ଗୋପାଳପୁର ପରିବର୍ତ୍ତେ ଟାଙ୍ଗୀ ନିକଟ ରାମେଶ୍ୱରଠାରୁ ନିର୍ମାଣ କରାଯିବ। ରାମେଶ୍ୱର (୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ନିକଟ)ରୁ ବ୍ରହ୍ମଗିରି-ପୁରୀ-କୋଣାର୍କ-ନୂଆଗାଁ-ପାରାଦୀପ-ରତନପୁରର ଜମି ଅଧିଗ୍ରହଣ ଆରମ୍ଭ ହୋଇ ଏବେ ୯୦ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜମି ଅଧିଗ୍ରହଣରେ ୮୧୭ କୋଟି ଟଙ୍କା ଖର୍ଚ୍ଚ ହେବ। ଡିପିଆର୍ ପର୍ଯ୍ୟାୟରେ ଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ।

# ଆଜି ହୋଇପାରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ମୁମ୍ବାଇ,୪।୮:** ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଶୁକ୍ରବାର ହୋଇପାରେ। ଶିବସେନାର ଶିନ୍ଦେ ଗୋଷ୍ଠୀ ମୁଖପାତ୍ର ଦୀପକ କେସର୍କାର ଏଭଳି ସୂଚନା ଦେଇଛନ୍ତି। ମନ୍ତ୍ରିମଣ୍ଡଳରେ ଭାଜପାରୁ ୭ ଏବଂ ଶିନ୍ଦେ ଗୋଷ୍ଠୀରୁ ୭ ବରିଷ୍ଠ ବିଧାୟକ ସ୍ଥାନ ପାଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଗତ ଜୁନ୍‌ରେ ଶିବସେନାରେ ବିଦ୍ରୋହ ଦେଖାଦେବା ସହ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡି ସରକାରର ପତନ ଘଟିଥିଲା। ଭାଜପା ସମର୍ଥନରେ ଶିବସେନାର ବିଦ୍ରୋହୀ ନେତା ଜୁନ୍ ୩୦ରେ ସରକାର ଗଢ଼ିଥିଲେ ଓ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ୍ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳରେ କାହାକୁ ସାମିଲ କରାଯାଇ ନାହିଁ। ଭାଜପାରୁ ଚନ୍ଦ୍ରକାନ୍ତ ପାଟିଲ, ସୁଧୀର ମୁଙ୍ଗେନ୍ତିୱାର, ଗିରୀଶ ମହାଜନ, ପ୍ରବୀଣ ଡାରେକର, ରାଧାକ୍ରିଷ୍ଣ ଭିଖେ ପାଟିଲ, ଗଣେଶ ନାଏକ ଏବଂ ରବୀନ୍ଦ୍ର ଚଭନ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ସମ୍ଭାବନା ଥିବାବେଳେ ଶିନ୍ଦେ କ୍ୟାମ୍ପରୁ ଦାଦା ଭୁସେ, ଉଦୟ ସାମନ୍ତ, ଗୁଲାବ୍ରାଓ ପାଟିଲ, ଶମ୍ଭୁ ରାଜେ ଦେଶାଇ, ସନ୍ଦିପନ ଭୁମ୍ରେ, ସଞ୍ଜୟ ଶିର୍ଶାଥ, ଅବଦୁଲ ସତ୍ତାର ଏବଂ ସ୍ୱାଧୀନ ବିଧାୟକ ବଚ୍ଚୁ କାଡୁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ନେଇ ଚର୍ଚ୍ଚା ହେଉଛି।

**ସମ୍ଭାବ୍ୟ ତାଲିକା ସହ ଦିଲ୍ଲୀ ଗଲେ ଫଡ୍‌ନବିସ**



ଏକନାଥ ଶିନ୍ଦେଙ୍କ ସହ ଦେବେନ୍ଦ୍ର ଫଡ୍‌ନବିସ୍।

ଶିନ୍ଦେ ଅସୁସ୍ଥ ଥିବାରୁ ଉପମୁଖ୍ୟମନ୍ତ୍ରୀ ଫଡ୍‌ନବିସ ରାଜ୍ୟ କ୍ୟାବିନେଟର ଚୂଡ଼ାନ୍ତ ତାଲିକା ନେଇ ଗୁରୁବାର ଦିଲ୍ଲୀ ଯାଇଛନ୍ତି। ଭାଜପା କେନ୍ଦ୍ରୀୟ ନେତୃତ୍ୱ ଅନୁମୋଦନ କଲେ ଶୁକ୍ରବାର ଶିନ୍ଦେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ଜୁଲାଇ୨୭ରେ ଶିନ୍ଦେ ଏବଂ ଫଡ୍‌ନବିସ ଗତ ଜୁଲାଇ ୨୯ରେ ମନ୍ତ୍ରିମଣ୍ଡଳର ଚିଠା ତାଲିକା ନେଇ ଦିଲ୍ଲୀ ଯାଇଥିଲେ। ତେବେ ମନ୍ତ୍ରୀ ପଦ ଲାଗି ବହୁ ଆଶାୟୀ ଥିବାରୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା।

## ଆତଙ୍କବାଦୀ ଚଳାଉଥିବା ମଦ୍ରାସା ଭଙ୍ଗାଗଲା

**ଗୁଆହାଟୀ, ୪।୮:** ଆସାମର ମୋଇରାବାରି ଅନ୍ତର୍ଗତ ମୋରିଗାଁଓ ଅଞ୍ଚଳରେ ଆତଙ୍କବାଦୀ ମୁଫତି ମୁସ୍ତାଫା ଚଳାଉଥିବା ଜମିଉଲ୍ ହୁଦା ମଦ୍ରାସାକୁ ଗୁରୁବାର ଭାଙ୍ଗିଦିଆଯାଇଛି। ବାଂଲାଦେଶୀ ଆତଙ୍କବାଦୀ ସଂଗଠନ ଅନସାରୁଲ୍ଲା ବଙ୍ଗଲା ସହ ସମ୍ପୃକ୍ତି ଅଭିଯୋଗରେ ମୁଫ୍ତି ଗିରଫ ହୋଇଥିଲେ। ବିପର୍ଯ୍ୟୟ ପରିଚାଳନା ଆଇନ ଏବଂ ୟୁଏପିଏ ଆଇନରେ ମଦ୍ରାସାକୁ ଭଙ୍ଗାଯାଇଛି। ସେଠାରେ ପଢୁଥିବା ୪୩ ଛାତ୍ରଙ୍କୁ ଅନ୍ୟ ସ୍କୁଲ୍‌ରେ ଭର୍ତ୍ତି କରାଯାଇଛି।

## ଆତଙ୍କବାଦୀଙ୍କ ଗ୍ରେନେଡ ମାଡ଼ରେ ଶ୍ରମିକ ମୃତ

**ଶ୍ରୀନଗର, ୪।୮:** ଜମ୍ମୁ-କଶ୍ମୀରରେ ପୁଲୱାମା ଜିଲାରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ଗଦୁରା ଗ୍ରାମର ଏକ ତମ୍ବୁକୁ ଗ୍ରେନେଡ ଆକ୍ରମଣ କରିଛନ୍ତି। ଏଥିରେ ବିହାରର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସକ୍ୱା ପାରଶା ନିବାସୀ ମହମ୍ମଦ ମୁମତାଜ୍। ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ପରଠାରୁ ଆତଙ୍କବାଦୀମାନେ ପ୍ରତିକ୍ରିୟାଶୀଳ ହୋଇ କଶ୍ମୀରୀ ପଣ୍ଡିତ ଓ ବିହାର, ୟୁପି ସମେତ ବାହ୍ୟ ରାଜ୍ୟର ଶ୍ରମିକ ଏବଂ ଉଠାଦୋକାନୀଙ୍କୁ ଟାର୍ଗେଟ କିଲିଂ କରୁଛନ୍ତି।




# ଆଲିଆଙ୍କ 'ଡାର୍ଲିଂ'କୁ ବୟକଟ୍

**ମୁମ୍ବାଇ:** ଏବେ ବଲିଉଡ୍‌ରେ ଦେଖିବାକୁ ମିଳୁଛି ବୟକଟ୍ ଟ୍ରେଣ୍ଡ। ଅଭିନେତା ଆମିର ଖାଁ ଏବଂ ଖିଲାଡି ଷ୍ଟାର ଅକ୍ଷୟ କୁମାରଙ୍କ ପରେ ଏବେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପାଳି ପଡିଛି। ତାଙ୍କ ଆଗାମୀ ସିନେମା 'ଡାର୍ଲିଂ' ରିଲିଜ୍ ପୂର୍ବରୁ ଏହାକୁ ବୟକଟ୍ କରିବାକୁ ସୋସିଆଲ ମିଡିଆରେ ଦାବି ହେଉଛି। ଆମିରଙ୍କ ଫିଲ୍ମ 'ଲାଲ୍ ସିଂ ଚଡ୍ଢା', ଅକ୍ଷୟଙ୍କ 'ରକ୍ଷା ବନ୍ଧନ' ପରେ ଏବେ ଆଲିଆଙ୍କ ଡାର୍ଲିଂକୁ ନେଇ ବିବାଦ ଦେଖାଦେଇଛି। କିଛିଦିନ ହେବ ଆଲିଆଙ୍କ ଏହି ଫିଲ୍ମକୁ ନେଇ ଚର୍ଚ୍ଚା ଲାଗି ରହିଛି। ସିନେମାଟି ଅଗଷ୍ଟ ୫ରେ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବାକୁ ଯାଉଛି। ହେଲେ ଏହା ପୂର୍ବରୁ ଏହି ମୁଭିକୁ ବିରୋଧ କରାଯାଉଛି। ପୁରୁଷଙ୍କ ଉପରେ ହେଉଥିବା ଘରୋଇ ହିଂସାକୁ ସିନେମାରେ କମେଡି ଭାବେ ଉପସ୍ଥାପନ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଲିଆଙ୍କ ଅଭିନୀତ ଓ ପ୍ରଯୋଜନାରେ ନିର୍ମିତ 'ଡାର୍ଲିଂ' ଚଳଚ୍ଚିତ୍ରରେ ମନୋରଞ୍ଜନ ନାଁରେ ସମାଜକୁ ଭୁଲ ବାର୍ତ୍ତା ଦିଆଯାଉଥିବା ସୋସିଆଲ ମିଡିଆରେ ୟୁଜର୍ସମାନ ପ୍ରତିକ୍ରିୟା ରଖିଛନ୍ତି। ପ୍ରକାଶ ଯେ, ଡାର୍ଲିଂରେ ଜସ୍ମିତ୍ କେ ରିନ୍ ନିର୍ଦ୍ଦେଶନା ଦେଇଥିବାବେଳେ ପ୍ରଯୋଜନା ଦାୟିତ୍ୱରେ ଗୌରୀ ଖାଁ, ଆଲିଆ, ଗୌରବ ବର୍ମା ଅଛନ୍ତି। ଏହି ଫିଲ୍ମକୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସ ୮୦ କୋଟି ଟଙ୍କାରେ କିଣିଛି।

**ଫୁର୍‌ସତ**

# ବିନା ଶୁକ୍ରାଣୁରେ ଭ୍ରୂଣ

**ଜେରୁଜେଲମ:** ଚିକିତ୍ସା ବିଜ୍ଞାନରେ ଏକ ବଡ଼ ସଫଳତା ଭାବେ ପ୍ରଥମ କରି ବିନା ଶୁକ୍ରାଣୁ(ସ୍ପର୍ମ)ରେ ଇସ୍ରାଏଲର ବୈଜ୍ଞାନିକମାନେ ଏକ ସିନ୍ଥେଟିକ୍ ଭ୍ରୂଣ (ଏମ୍ବ୍ରିଓ) ପ୍ରସ୍ତୁତ କରିଛନ୍ତି। ଗର୍ଭ ବାହାରେ ଏକ ପେଟ୍ରି ଥଳିରେ ଷ୍ଟେମ୍ କୋଷିକା ବ୍ୟବହାର କରି ଏହି ଭ୍ରୂଣ ତିଆରି କରାଯାଇଛି। ସିନ୍ଥେଟିକ୍ ଏମ୍ବ୍ରିଓ ମଡେଲ ଦ୍ୱାରା ଏପରି ଭ୍ରୂଣରୁ ଟିସ୍ୟୁ ଏବଂ ପ୍ରତିରୋପଣ ନିମନ୍ତେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବିକଶିତ କରାଯାଇପାରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। ଅଙ୍ଗ ପ୍ରତିରୋପଣର ଆବଶ୍ୟକତା ପୂରଣ କରିବା ଏହି ଗବେଷଣାର ଉଦ୍ଦେଶ୍ୟ। ସେଲ୍ ପତ୍ରିକାରେ ଅଧ୍ୟୟନ ବାବଦ ରିପୋର୍ଟ ପ୍ରକାଶ ପାଇଛି।

ଇସ୍ରାଏଲର ୱେଇଜ୍‌ମାନ୍ ଇନ୍‌ଷ୍ଟିଚ୍ୟୁଟ ବୈଜ୍ଞାନିକଙ୍କ କହିବା ମୁତାବକ, ମୂଷାର ଷ୍ଟେମ୍ ସେଲ୍‌ରୁ ଅନ୍ତଃନଳୀ, ମସ୍ତିଷ୍କ



ପ୍ରଥମ ସିନ୍ଥେଟିକ୍ ଏମ୍ବ୍ରିଓ

ବିକଶିତ ହେବାର ଆରମ୍ଭ ପର୍ଯ୍ୟାୟ ଏବଂ ସ୍ପନ୍ଦନ ଥିବା ହୃତ୍‌ପିଣ୍ଡ ଆଦି ପ୍ରାରମ୍ଭିକ ଭ୍ରୂଣ ସଂରଚନାରେ ଉପଯୋଗ କରାଯାଇପାରିବ। କ୍ୟାନ୍‌ସର ଭଳି ରୋଗରେ ପୀଡ଼ିତ ରୋଗୀଙ୍କ ଚିକିତ୍ସାରେ ଏଭଳି ଭ୍ରୂଣ ବେଶ୍ ଉପଯୋଗୀ ହେବ। ଗତବର୍ଷ ଏହି ଗବେଷକ ଟିମ୍ ଏକ ମେକାନିକାଲ ଗର୍ଭ ପ୍ରସ୍ତୁତ କରିଥିଲେ। ଏହାକୁ ବ୍ୟବହାର କରି ଗର୍ଭାଶୟ ବାହାରେ ମୂଷାର ଭ୍ରୂଣ ବିକଶିତ କରିବାରେ ସେମାନଙ୍କୁ ସଫଳତା ମିଳିଥିଲା। ସଦ୍ୟ ବିକଶିତ ଭ୍ରୂଣରେ ଉକ୍ତ ମେକାନିକାଲ ଗର୍ଭକୁ ବ୍ୟବହାର କରାଯାଇଛି। ଷ୍ଟେମ୍ ସେଲ୍‌ଗୁଡ଼ିକରେ ପୂର୍ବରୁ କେତେକ କେମିକାଲ ପ୍ରୟୋଗ କରାଯାଇଥିଲା। ସେଥିରେ କେତେକ ଜେନେଟିକ୍ ପ୍ରୋଗ୍ରାମକୁ ବଦଳାଯାଇଥିଲା। ଗବେଷଣାରେ ନିଆଯାଇଥିବା ଷ୍ଟେମସେଲଗୁଡ଼ିକ ମଧ୍ୟରୁ ମାତ୍ର ୫% ହିଁ ଭ୍ରୂଣ ଆକାରରେ ବଢ଼ିଥିଲା। ମୂଷାର ପ୍ରାକୃତିକ ଗର୍ଭ ସହ ତୁଳନା କରାଯିବା ପରେ ତାହା ୯୫% ପର୍ଯ୍ୟନ୍ତ ମିଶୁଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। ତେବେ ଏଥିରୁ କେବଳ ମନୁଷ୍ୟ ଶରୀରରେ ପ୍ରତିରୋପଣ ହେବାକୁ ଥିବା ଅଙ୍ଗ ବିକଶିତ କରାଯାଇପାରିବ। ଏହାକୁ ବ୍ୟବହାର କରି ଜୀବନ ସୃଷ୍ଟି କରାଯାଇପାରିବ ନାହିଁ ବୋଲି ଗବେଷଣାରେ ଭାଗ ନେଇଥିବା ପ୍ରଫେସର ଜାକୋବ୍ ହନ୍ନା କହିଛନ୍ତି।

# ଟ୍ରେନ୍ ଦୁର୍ଘଟଣା ରୋକିବ 'କବଚ'



**ନୂଆଦିଲ୍ଲୀ:** ରେଲୱେକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ସିଷ୍ଟମ 'କବଚ' ଅଧୀନରେ ଧୀରେ ଧୀରେ ଭାରତୀୟ ରେଳପଥକୁ ସମ୍ପୂର୍ଣ୍ଣ ଭାବେ କଭର୍ କରିବାକୁ ପଦକ୍ଷେପ ନିଆଯିବ। ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକ ସଭାରେ ସୂଚନା ଦେଇଛନ୍ତି। ଦକ୍ଷିଣ କେନ୍ଦ୍ରୀୟ ରେଳପଥ ବିଦାର-ପରଭାନି ଏବଂ ମନ୍‌ମଦ୍-ପରଭାନି-ଗୁଣ୍ଟକଲ ସେକ୍ସନର ୧,୪୪୫ କିଲୋମିଟର ରେଳପଥରେ କବଚ ସିଷ୍ଟମ ବ୍ୟବହାର ହୋଇଛି। ଏଥିସହ ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାଓଡା କରିଡରର ପ୍ରାୟ ୩,୦୦୦ କିଲୋମିଟର ରୁଟ୍‌ରେ କବଚ ରହିବା ନିମନ୍ତେ ଟେଣ୍ଡର ମାଧ୍ୟମରେ ମୂଲ୍ୟାୟନ ପ୍ରକ୍ରିୟା ଚାଲିଥିବା ମନ୍ତ୍ରୀ କହିଛନ୍ତି। ସର୍ବାଧିକ ବ୍ୟବହାର ହେଉଥିବା ୩୫ ହଜାର କିଲୋମିଟରରୁ ଊର୍ଦ୍ଧ୍ୱ ରୁଟ୍‌କୁ ଗତ ୨ ବର୍ଷରେ ଏଥିରେ ସାମିଲ କରାଯାଇ କାର୍ଯ୍ୟ ଜାରିରହିଛି। ନିଜର ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା ବିକଶିତ କରିବାରେ ଭାରତ ବିଶ୍ୱର ଅଳ୍ପ କେତେକ ଦେଶ ମଧ୍ୟରୁ ଅନ୍ୟତମ। ଏହା ଇଣ୍ଡିପେଣ୍ଡେଣ୍ଟ ସେଫ୍ଟି ଆସେସର ଦ୍ୱାରା ଏହା ସେଫ୍ଟି ଇଣ୍ଟିଗ୍ରିଟି ଲେଭଲ(ଏସ୍‌ଆଇଏଲ୍-୪) ସର୍ବୋଚ୍ଚସ୍ତରର ସୁରକ୍ଷା ପ୍ରମାଣପତ୍ର ହାସଲ କରିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### କବଚ ସିଷ୍ଟମ କ'ଣ

ଟ୍ରେନ୍ କୋଲିଜନ୍ ଆଭଏଡାନ୍ସ ସିଷ୍ଟମ(ଟିସିଏଏସ୍) ଅଧୀନରେ ଭାରତର ନିଜସ୍ୱ ସ୍ୱୟଂଚାଳିତ ସୁରକ୍ଷା ବ୍ୟବସ୍ଥା କବଚକୁ ୨୦୧୨ରୁ ବିକଶିତ କରାଯାଇଛି। ଏହି ବୈଦ୍ୟୁତିକ ଉପକରଣ ଏବଂ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଡିଭାଇସ୍ ସମୂହକୁ ଲୋକୋମୋଟିଭ୍‌ସରେ ଇନ୍‌ଷ୍ଟଲ କରାଯାଏ। ଏହା ଟ୍ରେନ୍‌ର ବ୍ରେକ୍ ଉପରେ ନିୟନ୍ତ୍ରଣ ରଖିବା ସହ ଚାଳକଙ୍କୁ ବିଭିନ୍ନ ସିଗ୍‌ନାଲ ମାଧ୍ୟମରେ ଆଲର୍ଟ କରିଥାଏ। କୌଣସି ଦୁର୍ଘଟଣା ଏଡ଼ାଇବାକୁ ଲୋକୋ ପାଇଲଟ୍ ବ୍ରେକ୍ ଲଗାଇବାରେ ବିଫଳ ହେଲେ କବଚ ଆପେ ଆପେ ଟ୍ରେନ୍‌ର ବ୍ରେକ୍ ଲଗାଇ ଗତି ନିୟନ୍ତ୍ରଣ କରିଥାଏ। ଏଥିସହ ଉଚ୍ଚ ରେଡିଓ ଫ୍ରିକ୍ୱେନ୍ସି ବ୍ୟବହାର କରି ନିରନ୍ତର ଟ୍ରେନ୍‌ର ଗତି ଉପରେ ନଜର ରଖିଥାଏ। ଦୁଇଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣା ଆଶଙ୍କା ଥିଲେ କବଚ ଏହି ଉପାୟରେ ବ୍ରେକ୍ ଲଗାଇଥାଏ। ଘନ କୁହୁଡ଼ିବେଳେ ରାସ୍ତା ଠିକ୍ ଭାବେ ଦେଖା ନ ଗଲେ ଏହା ଲୋକୋ ପାଇଲଟ୍‌ଙ୍କୁ ସାହାଯ୍ୟ କରିଥାଏ। ଆଗାମୀ ଦିନରେ ଏଥିରେ ଉଚ୍ଚ ଜ୍ଞାନକୌଶଳ ସମ୍ପନ୍ନ ୟୁରୋପିଆନ୍ ଟ୍ରେନ୍ କଣ୍ଟ୍ରୋଲ ସିଷ୍ଟମ୍ ଲେଭଲ-୨ ରଖାଯିବାର ଯୋଜନା ରହିଛି। ୟୁରୋପୀୟ ବ୍ୟବସ୍ଥା ତୁଳନାରେ କବଚ ସିଷ୍ଟମ ଅପେକ୍ଷାକୃତ କମ୍ ବ୍ୟୟରେ ପ୍ରସ୍ତୁତ କରାଯାଇଛି।

## ଆଗ୍ନେୟଗିରି ଦେଖିବାକୁ ଯାଇ ଜଳିଗଲେ



**କାନବେରା:** ଅନେକ ବ୍ୟକ୍ତି ସବୁବେଳେ କିଛି ନୂଆ ନୂଆ ସ୍ଥାନ ଯିବାକୁ ପସନ୍ଦ କରନ୍ତି। ହେଲେ ଏପରି କାର୍ଯ୍ୟ ତାଙ୍କୁ ବେଳେବେଳେ ମହଙ୍ଗା ପଡିଥାଏ। ଅଷ୍ଟ୍ରେଲିଆର ଜଣେ ଯୁବତୀ ଷ୍ଟେଫନି ବ୍ରୋବିଟ ପରିବାର ସହ ବୁଲିବାକୁ ଯାଇଥିବାବେଳେ ତାଙ୍କ ସହ ଘଟିଥିବା ଏକ ଘଟଣା ବିଷୟରେ କହିଛନ୍ତି। ସେ ୨୦୧୯ରେ ବାପା ଏବଂ ଭଉଣୀଙ୍କ ସହ ନ୍ୟୁଜିଲାଣ୍ଡର ୱାଇଟ୍ ଦ୍ୱୀପରେ ଥିବା ଆଗ୍ନେୟଗିରି ଦେଖିବାକୁ ଯାଇଥିଲେ। ହେଲେ ସେହି ସମୟରେ ଲାଭା ଉଦ୍‌ଗିରଣ ହୋଇଥିଲା। ତାଙ୍କ ସହିତ ଦ୍ୱୀପରେ ୪୭ଜଣ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ। ଉକ୍ତ ୨୨ ଜଣଙ୍କ ମଧ୍ୟରେ ଷ୍ଟେଫନିଙ୍କ ବାପା ଏବଂ ଭଉଣୀ ମଧ୍ୟ ରହିଥିଲେ। ଷ୍ଟେଫନିଙ୍କ ଶରୀର ମଧ୍ୟ ୭୦% ଜଳିଯାଇଥିଲା।

# ଦେଶର ଜନସଂଖ୍ୟା ୨୭

**ଲଣ୍ଡନ:** କ୍ଷେତ୍ରଫଳ ଦୃଷ୍ଟିରୁ ରୁଷିଆ ବିଶ୍ୱର ସର୍ବବୃହତ ଦେଶ ହୋଇଥିବାବେଳେ ଜନସଂଖ୍ୟା ଦୃଷ୍ଟିରୁ ଚାଇନା ସବୁଠାରୁ ଆଗରେ ରହିଛି। ଏହି କ୍ରମରେ ଦେଖିଲେ ଭାରତ ଦ୍ୱିତୀୟ ସର୍ବାଧିକ ଲୋକସଂଖ୍ୟାର ଦେଶ। ୟୁରୋପୀୟ ଦେଶ ଭାଟିକାନ୍ ସିଟିର ଜନସଂଖ୍ୟା ପ୍ରାୟ ୯୦୦ ହୋଇଥିବାବେଳେ ଏହାକୁ ବିଶ୍ୱର ସବୁଠୁ କ୍ଷୁଦ୍ର ରାଷ୍ଟ୍ର ବୋଲି କୁହାଯାଏ। ହେଲେ ଦୁନିଆରେ ଏପରି ଆଉ ଏକ ଦେଶ ରହିଛି ଯେଉଁଠି ମାତ୍ର ୨୭ ଲୋକ ବାସକରନ୍ତି। ଏହାର ନାଁ ହେଉଛି ସି-ଲ୍ୟାଣ୍ଡ। ଏହାର କ୍ଷେତ୍ରଫଳ ମାତ୍ର ୬ ହଜାର ବର୍ଗଫୁଟ। ସି-ଲ୍ୟାଣ୍ଡକୁ ମାଇକ୍ରୋ ନେଶନ ମଧ୍ୟ କୁହାଯାଏ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ବ୍ରିଟିଶମାନେ ଏହି ଦେଶ ତିଆରି ଥିଲେ। ତେବେ ଅନ୍ତର୍ଜାତୀୟ ସ୍ତରରେ ବିଧିବଦ୍ଧ ଭାବେ ଏହାକୁ ଦେଶ ମାନ୍ୟତା ମିଳି ନ ଥିବାରୁ କ୍ଷୁଦ୍ରରାଷ୍ଟ୍ର ତାଲିକାରେ ସାମିଲ କରାଯାଇନାହିଁ।

'ସିଲ୍ୟାଣ୍ଡ' ବ୍ରିଟେନର ସୁଫୋଲ୍କ ତଟଠାରୁ ପ୍ରାୟ ୧୦ କି.ମି. ଦୂରରେ ଅବସ୍ଥିତ। ସମୁଦ୍ର ମଝିରେ ଏକ ଦୁର୍ଗ ଉପରେ ଏହାର ଭୂମି।



୧୯୪୩ରେ ବ୍ରିଟିଶମାନେ ତାହାକୁ ଏକ ଦେଶ ଭଳି ଦେଖିବା ସହ ସେଠାରେ ରାଜତନ୍ତ୍ର ଆରମ୍ଭ କରିଥିଲେ। ପରେ ସେଠାରେ ଡାକ ଟିକଟ, ପାସ୍‌ପୋର୍ଟ ଏବଂ ମୁଦ୍ରା ମଧ୍ୟ ଘୋଷଣା କରାଯାଇଥିଲା। ମୁଦ୍ରାରେ ରାୟ ବ୍ରିଟିଶଙ୍କ ସ୍ତ୍ରୀ ଜେନ୍ ବ୍ରିଟିଶଙ୍କ ଛବି ରହିଥିଲା। ସ୍ଥଳସେନା ଏବଂ ନୌସେନା ଘାଟି ପାଇଁ ମଧ୍ୟ ବ୍ରିଟିଶମାନେ ସି-ଲ୍ୟାଣ୍ଡକୁ ବ୍ୟବହାର କରୁଥିଲେ। ଏହାର ଏକ ଲାଲ ରଙ୍ଗର ପତାକା ରହିଛି।

**ଫର୍ଚ୍ଚୁନ୍ ଗ୍ଲୋବାଲ୍ ୫୦୦ରେ ଏଲ୍ଆଇସି**

ନୂଆଦିଲ୍ଲୀ: ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ବିଶ୍ୱର ସବୁଠୁ ମୂଲ୍ୟବାନ ୫୦୦ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି। ନିକଟରେ ଫର୍ଚ୍ଚୁନ ଗ୍ଲୋବାଲ ପକ୍ଷରୁ ଜାରି କରାଯାଇଥିବା ତାଲିକା ସୂଚୀ ଅନୁସାରେ ଏଲ୍ଆଇସି ୯୮ତମ ସ୍ଥାନରେ ରହିଛି। ସେହିଭଳି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୫୧ତମରେ ପହଞ୍ଚିଛି। ପୂର୍ବରୁ ରିଲାଏନ୍ସ ୧୦୪ତମ ସ୍ଥାନରେ ରହିଥିଲା। ଉକ୍ତ ତାଲିକାର ଶୀର୍ଷ ସ୍ଥାନରେ ଆମେରିକାର ୱାଲ୍ମାର୍ଟ ଥିବା ବେଳେ ସର୍ବମୋଟ ୯ଟି ଭାରତୀୟ କମ୍ପାନୀ ଉକ୍ତ ତାଲିକାରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ ୫ଟି ସରକାରୀ କମ୍ପାନୀ ଥିବାବେଳେ ୪ଟି ଘରୋଇ କମ୍ପାନୀର ନାମ ରହିଛି।

# ଯୋଗ-ଆୟୁର୍ବେଦ ଏକ ଜନ ଆନ୍ଦୋଳନ

**ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଜୟନ୍ତୀକୁ ଜଡ଼ିବୁଟି ଦିବସ ଭାବେ ପାଳନ କରାଯାଇଥିଲା।**



ନୂଆଦିଲ୍ଲୀ,୪।୮

ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ତଥା ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ୫୦ ତମ ଜନ୍ମଦିବସ ପରିପ୍ରେକ୍ଷୀରେ ସ୍ୱର୍ଣ୍ଣ ଜୟନ୍ତୀ ମହୋତ୍ସବ ବା ଜଡ଼ିବୁଟ ଦିବସ ଭାବେ ପାଳନ କରାଯାଇଥିଲା। ଏପରିକି ସ୍ୱାଧୀନତାର ୭୫ତମ ବର୍ଷ ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଦ୍ୱାରା ରଚିତ ୭୫ଟି ଲେଖା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ସେହିଭଳି ବିଭିନ୍ନ ରୋଗର ଚିକିତ୍ସା ପାଇଁ ୫୧ଟି ନୂତନ ଔଷଧର ଲୋକାର୍ପଣ କରାଯାଇଥିଲା।

ଏହି ଅବସରରେ ଉତ୍ତରାଖଣ୍ଡ ରାଜ୍ୟପାଳ ଏଲ୍‌ଜି ଗୁରୁମିତ ସିଂହ ବାଲକ୍ରିଷ୍ଣାଙ୍କର ୫୦ ତମ ଜନ୍ମଦିନରେ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ସ୍ୱାମୀ ରାମଦେବ କହିଛନ୍ତି, ଭାରତୀୟ ଜ୍ଞାନ କ୍ଷେତ୍ରରେ ଆୟୁର୍ବେଦ ପରମ୍ପରାରେ ସମ୍ମାନିତ ଆଚାର୍ଯ୍ୟ କେବଳ ଇତିହାସ ଲେଖି ନାହାନ୍ତି ବରଂ ଇତିହାସ ସୃଷ୍ଟି କରିଛନ୍ତି। ସ୍ୱାଧୀନତାର ୭୫ତମ ବର୍ଷ ଅବସରରେ ୭୫ଟି ପୁସ୍ତକ ପତଞ୍ଜଳିରୁ ଗ୍ରହଣ କରାଯାଉଛି। ଆଜି ତିନୋଟି ବଡ କାମ ଏକାସାଙ୍ଗରେ କରାଯାଉଛି। ପ୍ରଥମ- ଭାରତୀୟ ଜ୍ଞାନ ପରମ୍ପରାରେ ଏକ ନୂତନ ଅବଦାନ, ଯାହା ଆଗାମୀ ସମୟରେ, ଯେତେବେଳେ ବି ଆୟୁର୍ବେଦର ଇତିହାସ ହଜାର ହଜାର ବର୍ଷ ସ୍ମରଣୀୟ ହୋଇ ରହିବ,ଆଚାର୍ଯ୍ୟଙ୍କର ଅବଦାନ ସୁବର୍ଣ୍ଣ ଅକ୍ଷରରେ ଲେଖାଯିବ। ଦ୍ୱିତୀୟ- ଆୟୁର୍ବେଦରେ ଅନେକ ରୋଗ ବିଷୟରେ ଉଲ୍ଲେଖ କରାଯାଇ ନ ଥିଲା, ସମୟ ସହ ରୋଗ ବଢ଼ିବାରେ ଲାଗିଲା, ସେମାନଙ୍କ ଚିକିତ୍ସା ପାଇଁ ୫୧ଟି ନୂତନ ଔଷଧ ତିଆରି କରି ପତଞ୍ଜଳି ମାଧ୍ୟମରେ ଔଷଧ କ୍ଷେତ୍ରରେ ବହୁତ ବଡ଼ କାର୍ଯ୍ୟ ଚାଲିଛି। ପତଞ୍ଜଳି ମାଧ୍ୟମରେ ଆମେ ଆମର ପୂର୍ବଜମାନେ ଦେଇଥିବା ଜ୍ଞାନରେ ନୂତନ ଜ୍ଞାନ, ନୂତନ ଅନୁସନ୍ଧାନ, ନୂତନ ଆଧ୍ୟାତ୍ମିକ ଅଭ୍ୟାସ ଏବଂ ନୂତନ ସେବା ଅନ୍ତର୍ଭୁକ୍ତ କରିଛୁ। ଆଜି ଯୋଗ-ଆୟୁର୍ବେଦ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ତୃତୀୟ-ଭାରତୀୟ ଶିକ୍ଷା ବୋର୍ଡ ଗଠନ ଯେଉଁଠାରେ ଗୋଟିଏ ପଟେ ସମଗ୍ର ବିଶ୍ୱ ଶିକ୍ଷାର ନୂତନ ଦିଗ ଖୋଜୁଥିଲା।

## ୨ଦିନରେ ଟଙ୍କା ମୂଲ୍ୟ ୧% ଦୁର୍ବଳ

ନୂଆଦିଲ୍ଲୀ,୪।୮

କ୍ରମାଗତ ୨ୟ ଦିନ ପାଇଁ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇଛି। ଏ ସମ୍ପର୍କରେ ଗୁରୁବାର ଫେଡେରାଲ ରିଜର୍ଭର ଅଧିକାରୀମାନେ କହିଛନ୍ତି, ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ତ୍ରୀବ ହାର ବୃଦ୍ଧି ସହ ଗ୍ରୀନ୍‌ବ୍ୟାକ୍‌କୁ ବିଶ୍ୱବ୍ୟାପୀ ଲାଭ କରାଇବ। ଫଳରେ ଜୁଲାଇରେ ଏକ ନୂତନ ରେକର୍ଡ ମାସିକ ବାଣିଜ୍ୟ ନିଅଣ୍ଟ ମଧ୍ୟ ଟଙ୍କାର ପରିମାଣକୁ ବଢ଼ାଇ ଦେଇଛି। ଏହାଦ୍ୱାରା ଘରୋଇ ମୁଦ୍ରା ଏହାର ଉଦୀୟମାନ ବଜାର ସାଥୀ ମୁଦ୍ରାକୁ ଖରାପ କରିପାରେ ବୋଲି ବ୍ୟବସାୟୀମାନେ ଆକଳନ କରିଛନ୍ତି। ଘରୋଇ ମୁଦ୍ରା ପ୍ରତି ଡଲାର ପିଛା ୭୯.୪୭ ଟଙ୍କାରେ ବନ୍ଦ ହୋଇଛି। ବୁଧବାର ଏହାର ମୂଲ୍ୟ ୭୯.୧୬ ଟଙ୍କାରେ ରହିଥିଲା। ସେହିପରି ଗତ ୨ ଦିନ ମଧ୍ୟରେ ଡଲାର ତୁଳନାରେ ଟଙ୍କା ୧% ହ୍ରାସ କରିଛି। ୨୦୨୨ରୁ ମୂଲ୍ୟ ହ୍ରାସ ୬.୫% କୁ ଆସିଛି। ଗତ ୧୯ ଜୁଲାଇରେ ଡଲାର ପିଛା ୮୦.୦୬ କମ୍ ହେବା ପରେ ସ୍ଥାନୀୟ ମୁଦ୍ରା ଏକ ସ୍ମାର୍ଟ ଟର୍ନ ରାଉଣ୍ଡ ସ୍କ୍ରିପ୍ଟ କରି ଅଗଷ୍ଟ ୨ ରେ ଡଲାର ପିଛା ୧.୯% ରୁ ୭୮.୫୦ ଲାଭ କରିଥିଲା। ଭାରତୀୟ ଟଙ୍କା କ୍ରମାଗତ ଦ୍ୱିତୀୟ ଦିନ ପାଇଁ ହ୍ରାସ ପାଇଛି। ଏସୀୟ ବାସ୍କେଟ ମଧ୍ୟରେ ଏହା ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ଥିଲା।

## କେୟାର ହସ୍ପିଟାଲରେ ଅସ୍ଥି, ଖଞ୍ଜା ଦିବସ




ଭୁବନେଶ୍ୱର,୪।୮

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'କେୟାର ହସ୍ପିଟାଲ' ପକ୍ଷରୁ ନ୍ୟାଶନାଲ ବୋନ୍ ଆଣ୍ଡ ଜଏଣ୍ଟ ବା ଜାତୀୟ ଅସ୍ଥି ଓ ଖଞ୍ଜା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆଣ୍ଠୁ ପ୍ରତିରୋପଣ କରିଥିବା ୨୦ରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦେଇ ସେମାନଙ୍କର ଅଭିଜ୍ଞତା ବଖାଣିବା ସହ ଏକ ର୍ୟାମ୍ପ୍ ୱାକ୍‌ରେ ମଧ୍ୟ ଚାଲିଥିଲେ। ଅପରପକ୍ଷରେ ରୋଗୀଙ୍କ ପାଇଁ ହସ୍ପିଟାଲ ପରିସରରେ ଏକ ସ୍ୱତନ୍ତ୍ର କର୍ମଶାଳା 'କେୟାର କନେକ୍ଟ' ଶୀର୍ଷକ ବିଷୟବସ୍ତୁର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସ୍ପୋର୍ଟସ୍ ଇନ୍‌ଜୁରି ରିହାବିଲିଟେସନ୍ ବିଭାଗର ମୁଖ୍ୟ ଡା.ସନ୍ଦୀପ ସିଂହ କହିଛନ୍ତି, ବର୍ତ୍ତମାନର ପରିବେଶ ଓ ପରିପାଟୀ ଯୋଗୁ ସବୁ ବର୍ଗର ଲୋକ ଅସ୍ଥିଶଲ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ଅତ୍ୟାଧୁନିକ ପଦ୍ଧତିରେ କିଭଳି ଆଣ୍ଠୁ ପ୍ରତିରୋପଣ କରାଯାଉଛି, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିବା ସହ ଦୀର୍ଘଦିନ ପର୍ଯ୍ୟନ୍ତ ଏକ ଯନ୍ତ୍ରଣା ମୁକ୍ତ ଜୀବନ ପାଇଁ ଆମର ଖାଦ୍ୟପେୟ ଓ ଜୀବନଶୈଳୀ କିଭଳି ହେବା ଉଚିତ ସେ ବାବଦରେ ସିଂ ବିସ୍ତୃତ ସୂଚନା ଉପସ୍ଥିତ ରୋଗୀ ଓ ଅନ୍ୟମାନଙ୍କୁ ଦେଇଥିଲେ। ସେହିଭଳି କେୟାର ହସ୍ପିଟାଲ ଭୁବନେଶ୍ୱରର ଏଚ୍‌ସିଓଓ କିସଲେ ଆନନ୍ଦ ବିଭିନ୍ନ ପ୍ରକାର ଅସ୍ଥିଗତ ସମସ୍ୟା ପାଇଁ କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଡା. ଲୋକନାଥ ଦାଶ (ଜିଏମ୍ ବିଡି) ଗରିବ ରୋଗୀଙ୍କ ପାଇଁ କେୟାର ହସ୍ପିଟାଲରେ ମହଜୁଦ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

## ଓଡ଼ିଶା ବଜାରରେ 'ନ୍ୟୁ ଟିଭିଏସ୍ ରୋନିନ୍'




ଭୁବନେଶ୍ୱର,୪।୮

ଦେଶର ପ୍ରମୁଖ ଦୁଇ ଓ ତିନି ଚକିଆ ଯାନ ନିର୍ମାତା 'ଟିଭିଏସ୍ ମୋଟର' ପକ୍ଷରୁ ଓଡ଼ିଶା ବଜାରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେଟ୍ରୋ ମୋଟର ସାଇକେଲ 'ନ୍ୟୁ ଟିଭିଏସ୍ ରୋନିନ୍'କୁ ଗୁରୁବାର ସ୍ଥାନୀୟ ଖଣ୍ଡଗିରିର ଏକ ହୋଟେଲ ପରିସରରେ ଉନ୍ମୋଚନ କରାଯାଇଛି। ଏହା ଜରିଆରେ କମ୍ପାନୀ ତା'ର ୧୧୦ ବର୍ଷର ଲମ୍ବା ପରମ୍ପରା, ଅଗ୍ରଣୀ ପ୍ରଯୁକ୍ତି ଓ ନବସୃଜନକୁ ଆଗକୁ ବଢ଼ାଇବ। ଟିଭିଏସ୍ ମୋଟରର ପ୍ରିମିୟମ ବ୍ୟବସାୟ ମୁଖ୍ୟ ବିମଳ ସୁମ୍ବଲି କହିଛନ୍ତି, ବିଶ୍ୱ ସ୍ତରରେ ମୋଟରସାଇକେଲର ଚାଳନା ବଦଳୁଛି। ଏହା କାର୍ଯ୍ୟର ଉଦ୍ଦେଶ୍ୟ ସାଧନ କରିବାଠାରୁ ଆଗକୁ ବଢ଼ି ଆତ୍ମପ୍ରକାଶ, ସ୍ୱାଧୀନତା ଓ ଅନୁସନ୍ଧାନ ପାଇଁ ଆଗ୍ରହ ପର୍ଯ୍ୟନ୍ତ ପହଞ୍ଚିଛି।

ଟିଭିଏସ୍ ରୋନିନ୍‌ର ବିବିଧ ସୁବିଧା ସୁଯୋଗ ସହ ସ୍ୱତନ୍ତ୍ର ଡିଜାଇନ୍ ଓ ଆଧୁନିକ ପ୍ରଯୁକ୍ତି ଯୋଗୁ ଏହା ସବୁ ପ୍ରକାର ରାସ୍ତାରେ ଚାପ ମୁକ୍ତ ଗାଡ଼ି ଚାଳନା ଅନୁଭୂତିକୁ ନିଶ୍ଚିତ କରିବ। ଆକର୍ଷଣୀୟ ପ୍ରଯୁକ୍ତି ଓ ଡୁଆଲ ଚ୍ୟାନେଲ ଏବିଏସ୍, ଭଏସ୍ ଆସିଷ୍ଟାଣ୍ଟ ଓ ଉନ୍ନତ କନେକ୍ଟିଭିଟି ଭଳି ସୁବିଧା ସୁଯୋଗ ସହ ଅନେକ ଜ୍ଞାନକୌଶଳର ସୁବିଧା ପ୍ରଥମ ଥର ପାଇଁ ଏଥିରେ ବ୍ୟବହାର କରାଯାଇଛି। ଟିଭିଏସ୍ ରୋନିନ୍ ୩ଟି ଭାରିଆଣ୍ଟରେ ଉପଲବ୍ଧ। ଟିଭିଏସ୍ ରୋନିନ୍ ଏସ୍‌ଏସ୍‌ର ଦାମ୍ ୧,୪୯,୦୦୦ ଟଙ୍କା, ଟିଭିଏସ୍ ରୋନିନ୍ ଡିଏସ୍‌ର ଦାମ୍ ୧,୫୬,୫୦୦ ଟଙ୍କା ଓ ଟପ୍ ଭାରିଆଣ୍ଟ ଟିଭିଏସ୍ ରୋନିନ୍ ଟିଡିର ଦାମ୍ ୧,୬୮,୭୫୦ ଟଙ୍କା (ଏକ୍ସ ଶୋ'ରୁମ୍, ଓଡ଼ିଶା) ରହିଛି।

## ଚେତକ ପ୍ରିମିୟମ ଇଭିର ବଜାର ପ୍ରବେଶ



ଭୁବନେଶ୍ୱର,୪।୮

୫୦ ବର୍ଷ ତଳେ ସାରା ଦେଶବାସୀଙ୍କ ପ୍ରିୟ ବଜାଜ ଚେତକ ସ୍କୁଟର ଆଜି ବି ଅନେକ ଲୋକଙ୍କ ପାଖରେ ଏକ ସ୍ମୃତି ହୋଇ ରହିଛି। ଏପରିକି ଦେଶର ପ୍ରମୁଖ ଅଟୋଶିଳ୍ପ ବଜାଜ ତା'ର ପୁରୁଣା ବ୍ରାଣ୍ଡନେମ 'ଚେତକ'ର ନୂଆ ଅବତାର ଚେତକ ପ୍ରିମିୟମ ଇଲେକ୍ଟ୍ରିକ ଭେଇକିଲ (ଇଭି) ମେଡଲକୁ ଓଡ଼ିଶା ବଜାରରେ ପ୍ରବେଶ କରାଇଛି। ବଜାଜର ସ୍ୱୀକୃତିପ୍ରାପ୍ତ ଡିଲର ସ୍ଥାନୀୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ 'ସନ୍ଥାଳିଆ ମୋର୍ଟସ' ଆନୁକୂଲ୍ୟରେ ଗୁରୁବାର ଏହାର ବଜାର ପ୍ରବେଶ ଓ ଗ୍ରାହକ ହସ୍ତାନ୍ତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସନ୍ଥାଳିଆ ମୋର୍ଟସର ଏମ୍‌ଡି ସୌରଭ ଅଗ୍ରୱାଲ, ଏଏସ୍‌ଏମ୍ ଗୋପାଳ ଶ୍ରୀବାସ୍ତବ, ଏଏସ୍‌ଏମ୍ ଅର୍ପିତ ଶ୍ରୀବାସ୍ତବ ଏବଂ ଜିଏମ୍ ଆଶିଷ ପାଟୋଡିଆ ପ୍ରମୁଖ ଉପସ୍ଥିତ ରହି ବଜାଜ ଚେତକର ନ୍ୟୁ ଇଭି ମଡେଲର ୬୦ଟି ଗାଡ଼ିକୁ ବିଭିନ୍ନ ସ୍ଥାନରୁ ଆସିଥିବା ଗ୍ରାହକଙ୍କୁ ଚାବି ପ୍ରଦାନ କରିଥିଲେ। ବର୍ତ୍ତମାନର ପରିବେଶ ଓ ଦରଦାମ ବୃଦ୍ଧି ସାଙ୍ଗକୁ ସରକାରଙ୍କ ନାନା କଟକଣା ଲୋକଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ସବୁବର୍ଗର ଲୋକ ସାଧାରଣ ଗାଡ଼ି ବଦଳରେ ଇଭି ଗାଡ଼ି ପ୍ରତି ଆକୃଷ୍ଟ ହେଉଛନ୍ତି। ସେହିଭଳି ଇଭି ଯାନ ପାଇଁ ସରକାର ସବ୍‌ସିଡି ଆକାରରେ ଆବଶ୍ୟକ ପରିମାଣର ଅର୍ଥ ରାଶି ମଧ୍ୟ ଯଥାଶୀଘ୍ର ପ୍ରଦାନ କରୁଛନ୍ତି। ଏଭଳି ଅନେକ କାରଣ ଯୋଗୁ ଇଭିର ଚାହିଦା ବଢ଼ୁଛି ଆଗକୁ ଇଭି ଯାନର ଚାହିଦା ଆହୁରି ବଢ଼ିବ ବୋଲି ସୌରଭ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ବଜାଜର ଏହି ଇଭି ଯାନ ୪ଟି ରଙ୍ଗରେ ଉପଲବ୍ଧ ହେଉଥିବା ବେଳେ ଏହାର ବଜାର ମୂଲ୍ୟ ପ୍ରାୟ ୧.୬୬ ଲକ୍ଷ ଟଙ୍କା ବୋଲି ସୂଚନା ମିଳିଛି।

## ବଢ଼ିପାରେ ରେପୋରେଟ୍

ନୂଆଦିଲ୍ଲୀ,୪।୮

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଙ୍କ ମୂଲ୍ୟ ନିର୍ଦ୍ଧାରଣ କମିଟିର ୩ ଦିନିଆ ବୈଠକ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଦେଶରେ ବଢ଼ି ଚାଲିଥିବା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଲାଗି ଏହି ପଦକ୍ଷେପ ନିଆଯାଇପାରେ। ଯଦି ଏମ୍‌ପିସି ଏଥିଲାଗି ପ୍ରସ୍ତାବ କରନ୍ତି ତେବେ ୩ ମାସର କ୍ଷୁଦ୍ର ଅବଧିରେ ରେପୋ ହାର ୩ୟ ଥର ବଢ଼ିବ। କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବରୁ ତାଙ୍କ ସରଳ ମୁଦ୍ରାନୀତିକୁ ଧୀରେ ଧୀରେ ପ୍ରତ୍ୟାହାର କରିବେ ବୋଲି ଘୋଷଣା କରିଥିଲେ। ଦେଶରେ ବଢ଼ି ରହିଥିବା ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ଲାଗି ଉଭୟ କେନ୍ଦ୍ର ସରକାର ଓ ଆର୍‌ବିଆଇ ଉଦ୍ୟମ ଜାରି ରଖିଛନ୍ତି। ଏହା ସତ୍ତ୍ୱେ ଚଳିତବର୍ଷ ଜାନୁୟାରୀରୁ ମୁଦ୍ରାସ୍ଫୀତି ହାର ୬% ରୁ ଉପରେ ରହିଛି। ଆର୍‌ବିଆଇ ମୁଦ୍ରାସ୍ଫୀତିକୁ ୪% ରେ ରଖିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିରେ ୨% ପର୍ଯ୍ୟନ୍ତ ବୃଦ୍ଧି ଓ ହ୍ରାସ ହୋଇପାରେ।

## ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ସୋଚ୍ ବ୍ରାଣ୍ଡର ନୂତନ ଷ୍ଟୋର ଉଦ୍‌ଘାଟନ




ଭୁବନେଶ୍ୱର, ୪।୮

ପାରମ୍ପରିକ ଚିତ୍ରକଳା ଏବଂ ଜାତିଗତ ପୋଷାକ ସଂଗ୍ରହର ଆଧୁନିକ ଡିଜାଇନର ମିଶ୍ରଣ। କୁର୍ତ୍ତି ଏବଂ ସାଲୁଆର ସୁଟ୍‌ର ଆରାମ କାଜୁଆଲ ଅନୁଗ୍ରହ, ଆପଣଙ୍କ ପର୍ବକୁ ଆଲୋକିତ କରିବା ପାଇଁ ଡିଜାଇନ ଶାଢିର କାଳଜୟୀ ଚମତ୍କାର। ଉଦ୍‌ଘାଟନୀ ଉତ୍ସବରେ ଦଳ ସହିତ ନେକ୍ସସ୍ ଏସ୍‌ପ୍ଲାନେଡ୍‌ର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥ ପ୍ରତୀମ ନାୟକ ଉପସ୍ଥିତ ଥିଲେ।

## ହିରୋ ମୋଟୋକର୍ପର ହ୍ୱିଲସ ଅଫ୍ ଟ୍ରଷ୍ଟ ଅଭିଯାନ

ନୂଆଦିଲ୍ଲୀ,୪।୮

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ' ପକ୍ଷରୁ ଏକ ରି-ସେଲ୍ ପ୍ଲାଟ୍‌ଫର୍ମ ଡିଜିଟାଲ ଅବତାରରେ 'ହ୍ୱିଲସ ଅଫ୍ ଟ୍ରଷ୍ଟ'ର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏକ ଇଣ୍ଟିଗ୍ରେଟେଡ୍ ଓମନି-ଚ୍ୟାନେଲ ଏକ୍ସଚେଞ୍ଜ୍ କୋସିଷ୍ଟମ ସେବା ଓ ଶ୍ରେଷ୍ଠ ବିକ୍ରୟ ମୂଲ୍ୟ ପ୍ରଦାନ କରିବ। ଏପରିକି ଯେ କୌଣସି ବ୍ରାଣ୍ଡର ୨ଚକିଆ ଯାନ ଏକ୍ସଚେଞ୍ଜ ପାଇଁ ଏହାର ୱାନ୍ ଷ୍ଟପ୍ ସମାଧାନ ଉପଲବ୍ଧ କରାଇବାର ଲକ୍ଷ୍ୟ ରଖିଛି। ନୂତନ ଯୁଗର ଅଭିଜ୍ଞତା ପ୍ରଦାନ କରି ଆଶାୟୀ ଗ୍ରାହକମାନେ ସେମାନଙ୍କର ସ୍ମାର୍ଟଫୋନ୍‌ରୁ ସହଜରେ ହ୍ୱିଲସ ଅଫ୍ ଟ୍ରଷ୍ଟ ଡିଆଇୱାଇ ସହାୟତାରେ ମୂଲ୍ୟ ସମ୍ପର୍କିତ ତଥ୍ୟ ପାଇପାରିବେ, ଯାହା ଶୀଘ୍ର ଏବଂ ସ୍ୱଚ୍ଛ ରିସେଲ ମୂଲ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ୯୦୦ରୁ ଅଧିକ ବିଶ୍ୱସ୍ତ ଚ୍ୟାନେଲ ସହଭାଗୀମାନଙ୍କ ନିକଟରେ ଉପସ୍ଥିତ ଥିବା ବିଶେଷଜ୍ଞମାନେ ସମସ୍ତ ସୁବିଧା ଗ୍ରାହକଙ୍କୁ ଉପଲବ୍ଧ କରାଇବେ। ଏ ସମ୍ପର୍କରେ ହିରୋ ମୋଟୋକର୍ପର ଚିଫ୍ ଗ୍ରୋଥ୍ ଅଫିସର ରଣଜିତ୍ ସିଂ କହିଛନ୍ତି, କମ୍ପାନୀର ୨ଚକିଆ ରିସେଲ ଅଭିଯାନ ହ୍ୱିଲସ ଅଫ୍ ଟ୍ରଷ୍ଟ ବିକ୍ରୟ ପ୍ଲାଟ୍‌ଫର୍ମରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ରହିଛନ୍ତି। ଏହି ଅଭିଯାନ ଗ୍ରାହକଙ୍କୁ ଖୁସି, ସମ୍ପୂର୍ଣ୍ଣ ବିଶ୍ୱାସ, ସ୍ୱଚ୍ଛତା ଏବଂ ମାନସିକ ଶାନ୍ତି ପ୍ରଦାନ କରିଛି। ବର୍ତ୍ତମାନର ଡିଜିଟାଲ ଅବତାରରେ ଗ୍ରାହକମାନେ ନିଜ ଘରେ ବସି ସହଜରେ ଯେକୌଣସି ୨ଚକିଆ ଯାନର ସର୍ବୋତ୍ତମ ରିସେଲ ମୂଲ୍ୟ ସମ୍ପର୍କରେ ଜାଣିପାରିବେ।

## ନିବେଶ ହରାଇଲେ ନିବେଶକ

ନୂଆଦିଲ୍ଲୀ,୪।୮

କ୍ରମାଗତ ୬ଷ୍ଠ ଦିନ ଏବଂ ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ ପରେ ଗୁରୁବାର ଶେୟାର ବଜାରର ହ୍ରାସ ଘଟିଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ତଳମୁହାଁ ରହିଛି। ଫଳରେ ସେନ୍‌ସେକ୍ସ ୫୨ (୫୧.୭୩) ପଏଣ୍ଟ ହ୍ରାସ ଘଟି ୫୮,୨୯୯ (୫୮,୨୯୮.୮୦) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୬ (୬.୧୫) ପଏଣ୍ଟ ଖସି ୧୭,୩୮୨ (୧୭,୩୮୨) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

## ବାପୁଜୀନଗରରେ ଲାଉଞ୍ଜ ୩୬୦ର ଶୁଭାରମ୍ଭ



ଭୁବନେଶ୍ୱର,୪।୮

ବର୍ତ୍ତମାନର ପରିବେଶ ଓ ଆଧୁନିକତାର ଆବଶ୍ୟକତାକୁ ନଜରରେ ରଖି ବୁଧବାର ସ୍ଥାନୀୟ ବାପୁଜୀନଗରଠାରେ ଏକ ଅତ୍ୟାଧୁନିକ ବିୟୁଟି ସେଲୁନ୍ 'ଲାଉଞ୍ଜ ୩୬୦'ର ଶୁଭାରମ୍ଭ ହୋଇଯାଇଛି। ଏଠାରେ ଉଭୟ ପୁରୁଷ ଓ ମହିଳାଙ୍କର ରୂପଚର୍ଯ୍ୟା ସାଙ୍ଗକୁ କେଶ ବିନ୍ୟାସ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯିବ। ଏହି ଅବସରରେ ବରିଷ୍ଠ ପ୍ରଶାସକ ତଥା ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଏବଂ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉପରୋକ୍ତ ସେଲୁନଟି ସ୍ଥାନୀୟ ବାପୁଜୀନଗର ପାତ୍ର ଇଲେକ୍ଟ୍ରୋନିକ୍ସ ନିକଟସ୍ଥ ଆର୍‌ବିଏଲ୍ ବ୍ୟାଙ୍କ ବିଲ୍ଡିଂର ୨ୟ ମହଲାରେ ରହିଛି। ଏହାର ଇଣ୍ଟେରିୟର୍ ଖୁବ୍ ଆକର୍ଷଣୀୟ ହୋଇଛି। ଏପରିକି ସ୍ୱତନ୍ତ୍ର ଭାବେ ବ୍ରାଇଡାଲ୍ ଏବଂ ଭିଆଇପି ରୁମ୍, ଫାସିଆଲ୍ ରୁମ୍ ଏବଂ ସ୍ପା କ୍ୟାବିନ୍ ବେଶ୍ ଆରାମଦାୟକ ଏବଂ ଗ୍ରାହକଙ୍କ ମନଲାଖି କରାଯାଇଛି। ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଲାଉଞ୍ଜ ୩୬୦ର ପ୍ରତିଷ୍ଠାତା ପ୍ରିୟଙ୍କା ମିଶ୍ର ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନର ଷ୍ଟାଇଲ୍ ଏବଂ ଫ୍ୟାଶନ୍ ଟ୍ରେଣ୍ଡରେ ଆମେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ବିୟୁଟି ଏବଂ ହେୟାର ଟ୍ରିଟ୍‌ମେଣ୍ଟ ଯୋଗାଇଦେବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। ଏହା ସହିତ ସେ ଘୋଷଣା କରିଛନ୍ତି, ଲାଉଞ୍ଜ ୩୬୦ ତା'ର ନିଜସ୍ୱ ଉତ୍ପାଦଗୁଡ଼ିକୁ ଖୁବ୍‌ଶୀଘ୍ର ବଜାର ପ୍ରବେଶ କରାଇବାକୁ ଯୋଜନା କରୁଛି।

# କମିପାରେ ଖାଇବାତେଲ ଦର

**ଲିଟର ପିଛା ୧୦ରୁ ୧୫ ଟଙ୍କା ହ୍ରାସ ଘଟିବ**



ନୂଆଦିଲ୍ଲୀ,୪।୮

ଦୀର୍ଘଦିନର ଦରବୃଦ୍ଧି ପରେ ଗତ ମାସ ବିଭିନ୍ନ ବର୍ଗର ଖାଇବା ତେଲ ଉପରେ ୫ରୁ ୧୦ ଟଙ୍କା ହ୍ରାସ ଘଟିଥିଲା। ଫଳରେ ଖାଉଟି କିଛି ପରିମାଣରେ ଆଶସ୍ତି ଲାଭ କରିଥିଲେ। ଏପରିକି ସାରା ଦେଶ ଆଗକୁ ପାର୍ବଣ ପାଳନ କରିବ। ଏହାକୁ ନଜରରେ ରଖି ସରକାର ମଧ୍ୟ ଖାଉଟିଙ୍କ ହିତ ଲାଗି ଖାଇବା ତେଲ ସହ ଅନେକ ଖାଦ୍ୟ ସାମଗ୍ରୀର ଦର ହ୍ରାସ କରିପାରନ୍ତି। ଏ ନେଇ ଗୁରୁବାର କେନ୍ଦ୍ର ଖାଦ୍ୟ ସଚିବ ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ମିଳିତ ଭାବେ ଏକ ଯୋଜନା ପ୍ରସ୍ତୁତ ସହ ଖାଇବା ତେଲ ଦର ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦର ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ପକ୍ଷରୁ କମ୍ପାନୀଗୁଡ଼ିକୁ ଖାଇବା ତେଲର ଦର ଲିଟର ପିଛା ୧୦ରୁ ୧୫ ଟଙ୍କା ହ୍ରାସ କରନ୍ତୁ ବୋଲି କୁହାଯାଇଛି। ଯଦି କମ୍ପାନୀଗୁଡ଼ିକ ସରକାରଙ୍କ ଉକ୍ତ ପ୍ରସ୍ତାବ ଗ୍ରହଣ କରନ୍ତି ତା ହେଲେ ଆଗାମୀ ପାର୍ବଣ ପୂର୍ବରୁ ଖାଇବା ତେଲର ହ୍ରାସ ସହ ଖାଉଟିଙ୍କୁ ମଧ୍ୟ ସାମାନ୍ୟ ଆଶ୍ୱସ୍ତି ମିଳିବ। ତେବେ ବର୍ତ୍ତମାନ ନୂଆଦିଲ୍ଲୀରେ ସୋରିଷ ତେଲ ଲିଟର ପିଛା ୧୭୦ ରୁ ୧୮୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଅନ୍ୟ ପ୍ରମୁଖ ଖାଇବା ତେଲର ମୂଲ୍ୟ ୧୪୦ରୁ ୧୬୦ ମଧ୍ୟରେ ରହିଛି। ସେହିପରି ଓଡ଼ିଶା ବଜାରରେ ପାମୋଲିନ ଲିଟର ପିଛା ୧୨୦ରୁ ୧୨୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ସୂର୍ଯ୍ୟମୁଖୀ ତେଲର ଦର ୧୫୫ରୁ ୧୬୦ ଟଙ୍କା, ସୋରିଷ ତେଲ ୧୫୦ରୁ ୧୮୦ ଟଙ୍କା ଏବଂ ଅନ୍ୟାନ୍ୟା ଖାଇବା ତେଲର ଦର ୧୨୦ରୁ ୧୪୦ ମଧ୍ୟରେ କାରବାର ହେଉଥିବା ଓଡ଼ିଶା ବ୍ୟବସାୟୀ ମହାସଂଘର ସଚିବ ସୁଧାକର ପଣ୍ଡା ମତବ୍ୟକ୍ତ କରିଛନ୍ତି। ଆଗକୁ ପାର୍ବଣ ସହ ଫସଲ ଉତ୍ପାଦନର ସମୟ ଆସୁଥିବାରୁ ସରକାର ଲକା ସାଙ୍ଗରେ ଖାଇବା ତେଲ ଓ ଅନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗୀର ଦର ହ୍ରାସ ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି ପଣ୍ଡା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ୫୦% ପାମୋଲିନ ତେଲ ବିକ୍ରି ହେଉଥିବା ବେଳେ ୨୫% ସନ୍‌ଫ୍ଲାୱାର, ୧୫% ସୋରିଷ ତେଲ ଏବଂ ବାକି ବଜାର ଅଂଶ ଅନ୍ୟ ଖାଇବା ତେଲ ବିକ୍ରି କରାଯାଉଛି। ଭାରତ ପେଟ୍ରୋଲ ଓ ଡିଜେଲ ଭଳି ବିଦେଶରୁ ମଧ୍ୟ ଖାଇବା ତେଲ ଆମଦାନୀ କରିଥାଏ। ଏପରିକି ଅନ୍ତଃରାଷ୍ଟ୍ରୀୟ ବଜାରରେ ଖାଦ୍ୟ ତୈଳ ମହଙ୍ଗା ହେଲେ ଦେଶରେ ମଧ୍ୟ ମହଙ୍ଗା ହେଉଛି। ମାଲେସିଆରୁ ପାମ୍ ଅଏଲ ଆମଦାନୀ ହେଉଛି, ସେଠାରେ ଯଦି ମୂଲ୍ୟ ବୃଦ୍ଧି ହେଉଛି, ଦେଶରେ ମଧ୍ୟ ପାମ ତେଲ ଦର ବଢ଼ୁଛି। ଭାରତ ମୋଟ ଆବଶ୍ୟକତାର ୬୦% ତୈଳ ବିଦେଶରୁ ଆମଦାନୀ କରିଥାଏ। ଏପରିକି ଦେଶରେ ନୁହେଁ ବିଦେଶରେ ମଧ୍ୟ ଖାଦ୍ୟ ତୈଳ ଦର ୫୦% ପର୍ଯ୍ୟନ୍ତ ହ୍ରାସ ହୋଇଛି।

## ଭିଜିଲାନ୍ସ ଜାଲରେ କନିଷ୍ଠଯନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୪।୮: ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍‌ରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଚିକନାଥ ଭଇଁସାଲ ବକେୟା ବିଲ୍ ପାସ୍ କରାଇଦେବା ପାଇଁ ଜଣେ ଭେଣ୍ଡରଙ୍କ ନିକଟରୁ ୨୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପିଥିଣ୍ଡା ଗ୍ରାମର କୌଶଳ ମେହେର ନାମକ ଜଣେ ଭେଣ୍ଡରଙ୍କ ବକେୟା ବିଲ୍ ପାସ୍ କରିଦେବା ପାଇଁ କନିଷ୍ଠଯନ୍ତ୍ରୀ ଭଇଁସାଲ ତାଙ୍କୁ ୨୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଭେଣ୍ଡର ମେହେର ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

# ଭୁବନେଶ୍ୱର, କଟକ ସ୍ୱେରେଜ, ଡ୍ରେନ୍ ଅବସ୍ଥା ସଙ୍ଗିନ

- ହଟୁନି ଜବରଦଖଲ
- ବିଧାନସଭା ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ
- କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ଭୁବନେଶ୍ୱର,୪।୮(ବ୍ୟୁରୋ)

ଭୁବନେଶ୍ୱର, କଟକ ମହାନଗର ନିଗମରେ ଡ୍ରେନ୍ ଓ ସ୍ୱେରେଜ ଅବସ୍ଥା ସଙ୍ଗିନ୍। ଦୀର୍ଘ ବର୍ଷ ଧରି ସ୍ୱେରେଜ କାର୍ଯ୍ୟ ଚାଲୁଥିବା ବେଳେ ମୁକୁଳା ଡ୍ରେନ୍ ଜୀବନ ନେଉଛି। ଏପରିକି କେତେକ ସ୍ଥାନରେ ଡ୍ରେନ୍ ଉପରେ ବେଆଇନ ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ଘୋର ସମସ୍ୟା ଦେଖାଦେଉଛି। ଅବରୋଧ କାରଣରୁ ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ବର୍ଷା ଯୋଗୁ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ସହରବାସୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଦୁଇ ସହର ସହିତ ଅନ୍ୟାନ୍ୟ ସହରାଞ୍ଚଳରେ ମଧ୍ୟ ଅନୁରୂପ ଅବସ୍ଥା। ସ୍ଥିତି ପରଖିବା ପରେ ବିଧାନସଭା ଷ୍ଟାଣ୍ଡିଂ କମିଟି ତାଙ୍କ ରିପୋର୍ଟରେ ଏପରି ବାସ୍ତବ ଚିତ୍ର ସାମ୍ନାକୁ ଆଣିଛନ୍ତି। କେବଳ ସେତିକି ନୁହେଁ, ଡ୍ରେନ୍ ଓ ସ୍ୱେରେଜ କାମ କରୁଥିବା ସଂସ୍ଥା ମଧ୍ୟ ସରକାରୀ ନିୟମ ଓ ଚୁକ୍ତିକୁ ଦଳି ମକଚି ନିଜ ଇଚ୍ଛାରେ କାମ କରୁଛି। କଟକରେ ଜାଇକା ଦ୍ୱାରା ଚାଲୁଥିବା ସ୍ୱେରେଜ କାମ ଚାଲୁ ରହିଛି। ଦୀର୍ଘ ୫ ବର୍ଷ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେଉ ନାହିଁ। ଏତେ ଢିଲା ସତ୍ତ୍ୱେ ଜାଇକା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା କମିଟିକୁ ଆଶ୍ଚର୍ଯ୍ୟ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ୱେରେଜ କାମ ଶେଷ ନ କଲେ ଜାଇକା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କମିଟି ସୁପାରିସ କରିଛି। ଉକ୍ତ ଦ୍ୱୈତ ନଗରୀର ଡ୍ରେନ ଓ ସ୍ୱେରେଜ ବ୍ୟବସ୍ଥା ତଦାରଖ କରିବାକୁ ଜଳ ସମ୍ପଦ ବିଭାଗ ସମନ୍ୱୟରେ ଏକ ଟାସ୍କ ଫୋର୍ସ ଗଠନ କରିବାକୁ କମିଟି ପରାମର୍ଶ ଦେଇଛି।

ତୁରନ୍ତ ଡ୍ରେନ୍ ଓ ପ୍ରାକୃତିକ ନାଳ ଉପରୁ ଅବରୋଧ ହଟାଇବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ କମିଟି ନିର୍ଦ୍ଦେଶ ଦେଇଛି। ଏପରିକି କଟକ ସହର ସ୍ୱେରେଜ କାମର ତଦାରଖ ମଧ୍ୟ ଠିକ୍ ଢଙ୍ଗରେ ହେଉ ନ ଥିବା କମିଟି ପରିଦର୍ଶନ ବେଳେ ଜାଣିବାକୁ ପାଇଛନ୍ତି। ଏଥିଯୋଗୁ କଟକ ସହରବାସୀ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି।

କେବଳ କଟକ କିମ୍ବା ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ପୌର ସଂସ୍ଥାରେ ଡ୍ରେନ ବ୍ୟବସ୍ଥା ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ରହିଛି। ପ୍ରାଥମିକତା ଭିତ୍ତିରେ ସହରାଞ୍ଚଳର ଡ୍ରେନ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ବିଭାଗ ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ କମିଟି ପକ୍ଷରୁ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ସହରର କେଉଁ ସ୍ଥାନରେ ଜଳ ଜମି ରହୁଛି, ସେଗୁଡ଼ିକର ଉପଯୁକ୍ତ ସର୍ଭେ କରି ଡିଜାଇନ ପ୍ରସ୍ତୁତ କରିବାକୁ କୁହାଯାଇଛି। ସହରରେ ଥିବା ଜଳାଶୟଗୁଡ଼ିକୁ ପୋତି ଦିଆଯାଉଛି। ସେସବୁର ପୁନରୁଦ୍ଧାର କରିବାକୁ କମିଟି ସୁପାରିସ କରିଛି। ଭୁବନେଶ୍ୱର ଓ ରାଉରକେଲାରେ ସ୍ମାର୍ଟ ସିଟି ପ୍ରକଳ୍ପ କାର୍ଯ୍ୟ ମାନ୍ଦା ଅବସ୍ଥାରେ ଚାଲିଛି। ଏଥିପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ କୁହାଯାଇଛି। ଆଉଟ୍‌ସୋର୍ସ ଜରିଆରେ ସାନିଟାରି ଇନ୍ସପେକ୍ଟର ପଦବୀ ପୂରଣ କରିବା ସହିତ ନଗର ଉନ୍ନୟନ ବିଭାଗ ପକ୍ଷରୁ ସାନିଟାରି କ୍ୟାଡର ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ୫ ମହାନଗର ନିଗମରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ କମିଟି ସୁପାରିସ କରିଛି। ପାଣିପାଇପ୍ ବିଛାଇବା ପରେ ରାସ୍ତାଗୁଡିକୁ ମୁକୁଳା ଛାଡି ଦିଆଯାଉଛି। ଫଳରେ ଯିବାଆସିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ତୁରନ୍ତ ମରାମତି କରି ଅବାଧ ଯାତାୟାତ ପାଇଁ ବ୍ୟବସ୍ଥା କରିବାକୁ କମିଟି ବିଭାଗକୁ ନିର୍ଦ୍ଦେଶ ଦେଇଛି।



ଗଡ଼ଦେଉଳିଆଠାରେ ବନ୍ଧା ହୋଇଥିବା ଅସୁସ୍ଥ ଘୋଡ଼ା।

# ଅସୁସ୍ଥ ଘୋଡ଼ାକୁ ଛାଡ଼ି ଚାଲିଗଲେ ମାଲିକ

## ହଜିଗଲା ମାନବିକତା

ବୈଶିଙ୍ଗା,୪।୮(ଡି.ଏନ.ଏ.)

ଘୋଡ଼ାକୁ ନିଜ କାମରେ ଲଗାଇ ବହୁ ଅର୍ଥ ରୋଜଗାର କରିଥିଲେ ମାଲିକ। ହେଲେ କଥା କହି ପାରୁ ନ ଥିବା ଏହି ଘୋଡ଼ାଟି ଯେବେ ଅସୁସ୍ଥ ହୋଇପଡ଼ିଲା ମାଲିକ ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପଳାଇଗଲେ। ମାନବିକତାଶୂନ୍ୟ ଏଭଳି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି। ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆସ୍ଥିତ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ଢ଼ାବା ନିକଟରେ ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି। ପୂର୍ବାହ୍ନରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଘୋଡ଼ାଟିଏ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପ୍ରଚାର ହେବା ପରେ ବହୁ ଲୋକ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ଘୋଡ଼ା ମାଲିକଙ୍କ ସନ୍ଧାନ ପାଇ ନ ଥିଲେ। ଘୋଡ଼ାର ପଛ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଦେଖି ସ୍ଥାନୀୟ ଲୋକେ ବନ ଓ ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ପ୍ରାଣୀ ଚିକିତ୍ସକ ପହଞ୍ଚି କ୍ଷତ ସ୍ଥାନର ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ଅସୁସ୍ଥ ଘୋଡ଼ାଟି କେଉଁଠି ରହିବ ତାର କୌଣସି ବ୍ୟବସ୍ଥା କରିବାକୁ ଉଭୟ ବିଭାଗର କର୍ମଚାରୀ ଅକ୍ଷମତା ପ୍ରକାଶ କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘୋଡ଼ାଟି ଉକ୍ତ ସ୍ଥାନରେ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଲାଗି ସ୍ଥାନୀୟ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ବିରୋଧ

ଭୁବନେଶ୍ୱର, ୪।୮ (ବ୍ୟୁରୋ)

ଓଡ଼ିଶାରେ ସ୍ୱଳ୍ପ ମଜୁରି, ଦରଦାମ ବୃଦ୍ଧି, ବେକାରୀ ଏବଂ ଚାଷୀଙ୍କ ଅଭାବୀ ଧାନ ବିକ୍ରି ଆଦି ସମସ୍ୟା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଏଭଳି ସମୟରେ ଆର୍ଥିକ ସଙ୍କଟରୁ ରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ପରିବର୍ତ୍ତେ ବିଧାନସଭାରେ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧି ପାଇଁ ପ୍ରସ୍ତାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ କହିଛନ୍ତି, ଏବେ ବିଧାୟକମାନେ ଦରମା ଆକାରରେ ମାସିକ ୩୫ହଜାର ଓ ଭତ୍ତା ବାବଦକୁ ମାସିକ ୬୫ ହଜାର ଏପରି ମୋଟ ୧ ଲକ୍ଷ ଟଙ୍କା ପାଉଛନ୍ତି। ଏହାବାଦ୍ ବିଧାନସଭା ଅଧିବେଶନରେ ଯୋଗଦେବାବେଳେ ଦୈନିକ ୧୫୦୦ ଟଙ୍କା ଭତ୍ତା ପାଉଛନ୍ତି। ସେମାନଙ୍କ ପେନ୍‌ଶନ ପରିମାଣ ଆଜୀବନ ସର୍ବନିମ୍ନ ୩୦ ହଜାର ଟଙ୍କା ରହିଛି। ଅପରପକ୍ଷେ ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରି ମାତ୍ର ୩୨୬ ଟଙ୍କା ଥିବାବେଳେ ମାସିକ ବିଧବା, ବାର୍ଦ୍ଧକ୍ୟ ଭତ୍ତା ଆଦି ମାତ୍ର ୩୦୦ଟଙ୍କା ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ୫୦୦ଟଙ୍କା ଦିଆଯାଉଛି। ମାତ୍ର ୫ ବର୍ଷ ବିଧାୟକ ପଦରେ ରହି ଜୀବନ ତମାମ କେଉଁ ଆଧାରରେ ମାସିକ ୩୦ ହଜାର ଟଙ୍କା ପେନ୍‌ସନ ପାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ବିଧାୟକ, ରାଜ୍ୟର ଉଚ୍ଚପଦସ୍ଥ ଅଫିସରଙ୍କ ଦରମା ଭତ୍ତା ବୃଦ୍ଧି କରି ଏକ ଉଚ୍ଚ ଆୟକାରୀ ଗୋଷ୍ଠୀ ସୃଷ୍ଟି କରୁଛନ୍ତି। ତଳିଆ ଓ ମଧ୍ୟମ ବର୍ଗର ସବୁ କର୍ମଚାରୀଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ସ୍ୱଳ୍ପ ବେତନରେ ଠିକା ନିଯୁକ୍ତି ଏବଂ ବିଭିନ୍ନ ବିଭାଗରେ ୨ ଲକ୍ଷ ୨୬ ହଜାର ସରକାରୀ ପଦବୀ ଖାଲିଥିବାବେଳେ ତାହାକୁ ପୂରଣ ନ କରି ସରକାରୀ ଓ ସରକାରଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡିକରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସ କର୍ମଚାରୀ/ଶ୍ରମିକଙ୍କୁ ସ୍ୱଳ୍ପ ମଜୁରି ଓ ବେତନରେ ନିଯୁକ୍ତ କରିଛନ୍ତି। ରାଜ୍ୟରେ ଅର୍ଥାଭାବ ଦର୍ଶାଇ ନିଯୁକ୍ତି ହେଉନାହିଁ। ତେବେ କେଉଁ ନ୍ୟାୟରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯିବ? ରାଜ୍ୟବାସୀଙ୍କ ଦୁରବସ୍ଥାବେଳେ ବିଧାୟକଙ୍କ ଦରମା, ଭତ୍ତା, ପେନ୍‌ଶନ ବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ। ତେଣୁ ରାଜ୍ୟବାସୀ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସିପିଆଇ(ଏମ୍) ପକ୍ଷରୁ ଆହ୍ୱାନ କରାଯାଇଛି।

# ବୈଷ୍ଣବ ପ୍ରସାଦ ମହାନ୍ତିଙ୍କ ୨ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୮(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନବୀନ ନିବାସଠାରେ ବୈଷ୍ଣବ ପ୍ରସାଦ ମହାନ୍ତିଙ୍କ ଲିଖିତ ୨ଟି ପୁସ୍ତକ 'ଶେଷ ଚିଠି' ଓ 'ଭାଗବତ କଥାମୃତ' ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ମହାନ୍ତିଙ୍କୁ ତାଙ୍କ ସାରସ୍ୱତ କୃତି ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଲେଖା ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ଶେଷ ଚିଠି ଏକ କ୍ଷୁଦ୍ର ଗଳ୍ପ ସଂକଳନ। ଏଥିରେ ଉପକୂଳ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀ ତଳର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅବସ୍ଥାର ନିଛକ ଚିତ୍ର ପ୍ରତିଫଳିତ ହୋଇଛି। ୨୩ଟି ଗଳ୍ପର ସମାହାରରେ ପ୍ରକାଶିତ ଏହି ପୁସ୍ତକଟି ପାଠକଙ୍କୁ ହଜିଯାଇଥିବା ଏକ ସମୟର ପରିଧିକୁ ଫେରାଇ ନେବାରେ ସକ୍ଷମ ହୋଇପାରିଛି। ବିଶିଷ୍ଟ ସାହିତ୍ୟିକ ରାମଚନ୍ଦ୍ର ବେହେରା ଏହି ପୁସ୍ତକର 'ଭୂମିକା' ଲେଖିଛନ୍ତି। ଭାଗବତ କଥାମୃତ ଏକ ଆଧ୍ୟାତ୍ମିକ ଧର୍ମୀ ପୁସ୍ତକ। ଏଥିରେ ଭାଗବତର ବିଭିନ୍ନ ପ୍ରସଙ୍ଗକୁ ଆଧାରକରି ୪୪ଟି ଆଧ୍ୟାତ୍ମିକ କଥାବସ୍ତୁ ସ୍ଥାନ ପାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକରେ ନିଜର ଅଭିମତ ରଖିଛନ୍ତି। ଲେଖକ ମହାନ୍ତି ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ତଥା ମୁଖ୍ୟମନ୍ତ୍ରୀଙ୍କ ଲୋକ ସମ୍ପର୍କ ଅଧିକାରୀ ଭାବେ ଦୀର୍ଘଦିନ କାର୍ଯ୍ୟ କରିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୧୨ବର୍ଷ ଜେଲ

ବାରିପଦା ଅଫିସ,୪।୮

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତ ଗୁରୁଚରଣ ବେହେରା(୩୭)ଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୩୧ ରାତି ସାଢେ ୯ଟା ସମୟରେ ବାରିପଦା ସହରର ଏକ ଧାର୍ମିକ ସ୍ଥଳରେ ଅଭିଯୁକ୍ତ ଦେଉଳସାହିର ଗୁରୁଚରଣ ଜଣେ ୧୦ବର୍ଷର ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୧୦୫/୧୭) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।


GOVERNMENT OF ODISHA
**HIGHER EDUCATION DEPARTMENT**
**SUBMISSION OF ONLINE APPLICATION FOR AWARD OF SCHOLARSHIP (BOTH FRESH & RENEWAL) FOR THE ADMISSION YEAR 2021-22**

No. N-25: The Higher Education Department, Government of Odisha invites online application for award of scholarship under "Gopabandhu Sikhya Sahayata Yojana" for the year 2021-22. **Students can apply for Scholarship under URL www.scholarship.odisha.gov.in**. Detailed guidelines along with the eligibility criteria are also available at the State Scholarship portal of the Higher Education Department under URL **www.scholarship.odisha.gov.in**.
The details of the scholarship is given in a tabular form

| Sl. No. | Category of Merit | Rate of Scholarship per Year | Amount of Scholarship to be paid at a time | Remarks |
|---|---|---|---|---|
| 1 | Gopabandhu Sikhya Sahayata Yojana Scholarship | Rs.20000/- per year | To be paid on yearly basis | Eligible students will get GSSY scholarship irrespective of are getting other scholarship |

N.B. (1) Aadhaar is made mandatory for availing scholarship. Please provide correct Aadhaar number of self in the Online Application form. In case it is found that Aadhaar Number provided by the student is wrong or is not his/her, the application is liable to be rejected.
(2) Applicants have to be very careful while furnishing their Bank Account information in the specified box of the Online application. Any wrong entry or mismatch of the Savings Bank Account and IFSC Code, this Department will not be held responsible for miscredit/no credit.

**Scheduled Timeline for Online Application**

| Sl. No. | Activities | Timeline |
|---|---|---|
| 01 | Opening date of Online Application for Students<br>Last date of Online Application for Students | 15.08.2022<br>15.10.2022 |
| 02 | Validation of students record by Principal/Head of the Institution (Both SAMS & Non-SAMS) | 15.08.2022 to 31.10.2022 |

**ELIGIBILITY CONDITIONS AND DOCUMENTS TO BE UPLOADED**
- Please see the concerned Guidelines and Bank related Advisory.

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **Sanjog Helpline (Toll Free) Number 155335/18003456770** or e-mail on **scholarshiphed@gmail.com**.
OIPR-11001/11/0015/2223 Sd./- Joint Secretary to Government



**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BHUBANESWAR**
**(Email: eeolicdivn.bbsr@ymail.com)**
**Tender Call Notice No. 2386/2022-23 Dt.02.08.2022**

**No. CAD-1377:-** Sealed tenders on prescribed schedules on percentage rate contract basis are invited from the reputed firms, authorised dealers, manufacturer for supply and installation for RENOVATION OF ELECTRICAL INSTRUMENTS OF PUMP TESTING LABORATORY (PTL), L.I. DIVISION, BHUBANESWAR in TURNKEY BASIS as mentioned below.

| Pkg. No. | Name of the Block | Name of the Work | Approx. Estimated Cost (Rs.) | EMD to be Deposited (Rs.) | Cost of Tender Paper (Rs.) | Time of Completion of Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | KHORDHA | RENOVATION OF ELECTRICAL INSTRUMENTS OF PUMP TESTING LABORATORY (PTL), L.I. DIVISION, BHUBANESWAR | 176075 | 1761 | 600+ 5% GST on reverse charge basis | 30 days |

Tender papers for the above works will be sold at office of the Executive Engineer, L.I. Division, Bhubaneswar during office hours on working days from **dt. 08.08.2022 to 17.08.2022 (11 AM to 4 PM)** on payment of requisite tender paper cost (non-refundable) as mentioned above in shape of Bank Draft/Bankers Cheque drawn in favour of Executive Engineer, Lift Irrigation Division, Bhubaneswar payable at Bhubaneswar. The sealed tender papers will be received at L.I. Division Office, Bhubaneswar from **dt. 08.08.2022 to 17.08.2022 (11 AM to 4 PM)** and will be opened on **dt. 17.08.2022 at 04.30 P.M.** in the office of the undersigned in presence of the Tenderer who wish to attend or their authorized representative if any. The details term and condition of the Tender, scope of work, technical specification etc. can be obtained from the Office of the E.E., L.I. Division, Bhubaneswar.

The Tenders must be accompanied with self attested copies of valid License, PAN Card, GST certificate and E.M.D. in shape of National Savings Certificate/ Post Office Saving Bank Account/ Post Office Time Deposit Account/ Kissan Vikas Patra/ deposit receipt of schedule Bank payable at Bhubaneswar only duly pledged in favour of Executive Engineer, L.I. Division, Bhubaneswar & GST as applicable on the tender paper will be paid by the buyer directly on reverse charge basis (OLIC GSTIN: 21AAACO5986G1ZF) failing which tender will not be considered. OLIC will not be responsible for any lapses.

The undersigned reserves the right to cancel the tender at any point of time to increase or decrease the quantity of work, accept or reject any or all the tenders without assigning any reason thereof.
OIPR-32432/11/0010/2223 Sd./- (Er. S.K. Mohanty), EXECUTIVE ENGINEER, L.I. DIVISION, BHUBANESWAR



**OFFICE OF THE CDM & PHO cum DMD, NUAPADA**
**DISTRICT PROGRAMME MANAGEMENT UNIT, NHM**
E-mail: nhmnuapada@gmail.com, Phone: (06678) 223346
Letter No.2983/DPMU/NHM/2022 Date: 3.8.2022

**NOTICE INVITING TENDER**

No.E-375:- Sealed tenders / bids are hereby invited from Individual / Travel Agency / reputed supplier / reputed distributor regarding procurement or empanelment for following items on annual rate contract basis to Office of the CDM & PHO, Nuapada on annual rate contract basis for ZSS, Nuapada.
- BID 1 - Tender for Hiring of Vehicles under NHM, Nuapada.
- BID 2 - Empanelment for supply of lunch, tea and snacks.
- BID 3 - Empanelment for providing Lodging and boarding services.

Details terms and conditions may be downloaded from www.nuapada.nic.in the sealed tender should reach the office of the undersigned on or before 19.08.2022 till 1.00 P.M. along with the required documents. The tender will be opened on 19.08.2022 at 4.00 P.M. in the office chamber of the undersigned. The undersigned reserves the right to reject any or all the quotation without assigning any reason thereof.
Sd./- CDM & PHO cum DMD
Nuapada
OIPR-10055/11/0015/2223



OFFICE OF THE
**MUNICIPAL COUNCIL, BELPAHAR**
Ph.: 06645-250458, Fax: 06645-250236
E-mail: municipalitybelpahar@gmail.com
No. 2675 Dt.03.08.2022

**QUOTATION CALL NOTICE**

No. C-946: Sealed quotations are invited in plain paper/printed froms from the intending registered genuine order suppliers/manufacturers/registered traders for supply of fitting materials of Borewell & Pipeline conforming I.S.I. specification, subject to the following terms and conditions. The quotations will be received upto 1.00 P.M. on Dt.12.08.2022 at specified tender box in the office of the undersigned and will be opened at 4.00 P.M. on the same day in presence of quotationers or their authorized persons, who may be present at the time of opening of the quotation in the office of the undersigned. If the office happens to be closed on the date of the receipt & opening of the quotation as specified the quotation will be received & opened on the next working day at the same time & venue. The supplier/firm desirous to supply the same may submit their quotation paper along with Xerox copy of their PAN/GST/Own authorization of stockiest & distributorship certificate of ISI mark company. No quotations will be accepted beyond scheduled time and date. Quotations without valid PAN and GST are liable for rejection. The authority reserves the right to reject all or any quotation without assigning any reason thereof.

**Terms & Conditions:**
1. Stock is to be delivered in the Belpahar Municipality office within 7 (Seven) days from the date of issue of supply order.
2. Defective in size of quality or the materials will not be accepted.
3. Other taxes if any to be charged should be written separately.
4. Transportation charges if any will be mentioned separately.
5. If the firms or individuals failed to supply the materials within time limit the supply order automatically stands as cancelled and no further orders are to place by the Municipality.

The details list of the materilas can be obtained from the office of the undersigned during office hour of any working day.
Sd./- Executive Officer
Belpahar Municipality
OIPR-13050/11/0004/2223



**OFFICE OF THE SORO MUNICIPALITY**
**SORO, BALASORE**
No. 1766 Date 03.08.2022

**"e" Procurement Notice**
**BID Identification No. SOROM_02_2022_23**

**No. C-945:-** Bid Documents consisting of Work, Estimated Cost, Cost of Tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction of Civil Work as mentioned in DTCN |
| 2. | No. of Works | 108 nos. |
| 3. | Estimated Cost | As per Work List |
| 4. | Period of Completion | 60-90 days |
| 5. | Date & Time of availability of Bid documents in the Portal | 06.08.22 at 10.00 A.M. to 22.08.22 up to 5.00 P.M. |
| 6. | Last date & time for receipt of bids in the portal | 22.08.22 up to 05.00 P.M. |
| 7. | Bids received online shall be opened on | 23.08.22 at 10.00 A.M. |
| 8. | Name and address of the officer inviting Bid | Executive Officer, Soro Municipality |

Further details can be seen from the procurement portal i.e. www.tendersorissa.gov.in and Soro Municipality portal i.e. www.soromunicipality.in
Sd./- Executive Officer
Soro Municipality
OIPR - 13166/11/0003/2223


See Career Appointment on every Wednesday & Saturday


OFFICE OF THE
**JALESWAR MUNICIPALITY, JALESWAR**
No. 3183 Date: 03.08.2022

**QUOTATION CALL NOTICE**

No. C-944: The Executive Officer, Jaleswar Municipality on behalf of Jaleswar Municipal Council, Balasore invites sealed quotation from intending supplying firms regarding supply of street furniture's under Jaleswar Municipality area in the prescribed format.
Submission of QCN : 05.08.2022 to 23.08.2022 at 4.00 P.M.
Opening of Tender : 23.08.2022 at 4.30 P.M.
The tender must be accompanied with GST, PAN, Experience Certificate etc. The detail of tender will be available on **www.jaleswarmunicipality.in**.
Sd./- Executive Officer
Jaleswar Municipality
OIPR-13126/11/0024/2223



GOVERNMENT OF ODISHA No. A-437
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com

**e-Procurement Notice No. ACE, RBB - 15/2022-23**
1. Type of Work : System Improvement Works
2. Total No. of Works : 04 (Four) Nos.
3. Amount put to tender : Rs.294.65 lakh to 595.64 lakh
4. Period of Completion : 11 (Eleven) to 14 (Fourteen) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 30/2022-23 | 595.64 | From 19.08.2022, 10.00 A.M. to 03.09.2022, 5.00 P.M. |
| | ACE, RBB (BNID) - 31/2022-23 | 573.10 | |
| | ACE, RBB (BNID) - 32/2022-23 | 410.72 | |
| | ACE, RBB (BNID) - 33/2022-23 | 294.65 | |

Date of Opening of the Technical Bid : 05.09.2022 at 11.30 A.M.
Further details can be seen from the Govt. website **www.tendersodisha.gov.in**.
Sd./- Additional Chief Engineer
Rushikulya Bahuda Basin, Berhampur
OIPR-32411/11/0021/2223



**DIRECTORATE OF PRISONS AND CORRECTIONAL SERVICES, ODISHA**
Notification No. 12087 Date: 04.08.2022
FE(C) Misc. 10/2021

**ADVERTISEMENT**

No. D-130: Application in plain paper with the following details are invited from the MBBS and Retired Medical Officers (MBBS) of State and Central Government within the age limit of 70 years (in case of Retired Doctors) for Contractual Engagement as Jail Medical Officers (Full Time Basis) in 81 (Eigthy One) Jails at Berhampur, Bhawanipatna, Bolangir, Dhenkanal, Keonjhar, Rourkela, Bonaigarh, Boudh, Deogarh, Bargarh, Jajpur, Jharsuguda, Kendrapara, Malkangiri, Aska, Athamallik, Baliguda, Banapur, Barbil, Birmaharajpur, Bissam-Cuttack, Champua, Chhatrapur, Daspalla, Dharmagarh, Digapahandi, G.Udayagiri, Gunupur, Jajpur Road, Jaleswar, Kantabanji, Karanjia, Khariar, Khandapada, Kodala, Kotpad, M.Rampur, Narsinghpur, Nilagiri, Nimapara, Padampur, R.Udayagiri, Rairkhol, Ranpur, Salipur, Sohela, Sonepur, Sorada, Titlagarh, Talcher, Anandapur, Kuchinda, Rairangpur, Umerkote, Bhadrak, Athgarh, Banki, Baramba, Hindol, Jagatsinghpur, Jeypore, Kamakshyanagar, Khordha, Kujanga, Nabarangpur, Nayagarh, Nuapara, Pallahara, Paralakhemundi, Patanagarh, Rayagada, Soro, Udala, Sambalpur, Koraput, Angul, Balasore, Phulbani, Sundergarh, Bhanjanagar and Biju Pattanaik Open Air Ashram, Jamujhari with a consolidated monthly remuneration of Rs.55,000/- (Fifty five thousand) only per month. The intended Medical Officers will submit the application to the Office of the **D.G. of Prisons and Director, Correctional Services, Odisha, Bhubaneswar, Heads of Department Building, 3rd Floor, Southern Wing, Unit - V, Bhubaneswar - 751001, Odisha on or before 31.08.2022, 5.30 P.M. in person or through Speed Post/E-Mail (E-Mail ID: prisons.od@nic.in)**. Application received will be considered on merit cum suitability as per existing provision and guidelines issued by the Government in Home Department as well as Health and Family Welfare Department. For details please go through our website **https://prisons.odisha.gov.in** and application form can be downloaded.
Sd./- D.G. of Prisons & Director
Correctional Services, Odisha
OIPR-12019/11/0002/2223





ୱେଲ୍ସ ବିପକ୍ଷରେ ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ହକି ଦଳ। ହାମର ଥ୍ରୋ ଇଭେଣ୍ଟରେ ଦକ୍ଷତା ପ୍ରଦର୍ଶନ କରୁଛନ୍ତି ମଞ୍ଜୁ ବାଲା।

# ଲଙ୍ଗଜମ୍ପର ଶ୍ରୀଶଙ୍କରଙ୍କୁ ରୌପ୍ୟ

ବର୍ମିଂହାମ୍,୪।୮ (ପି.ଟି)

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ରେ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ଆଥଲେଟିକ୍ସରେ ଭାରତ ପାଇଁ ଜିତିଛନ୍ତି ଐତିହାସିକ ରୌପ୍ୟ ପଦକ। ସେ ପଞ୍ଚମ ପ୍ରୟାସରେ ୮.୦୮ ମିଟର ଦୂରକୁ ଡେଇଁବା ସହିତ ଏହି ସଫଳତା ହାସଲ କରିଛନ୍ତି। ଏହାକୁ ମିଶାଇ ଭାରତର ପଦକ ସଂଖ୍ୟା ୧୯ରେ ପହଞ୍ଚିଛି। ପ୍ରଥମ ୪ ପ୍ରୟାସରେ ଗୋଟିଏ ଫାଉଲ୍ ସହିତ ୭.୭୪ ମିଟର ଡେଇଁଥିଲେ। ହେଲେ ପଞ୍ଚମ ପ୍ରୟାସରେ ୮ ମିଟର ବାଧା ଅତିକ୍ରମ କରିଥିଲେ। ବାହାମାସର ଏଲ୍ ନାଇର୍ନ ୮.୦୮ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟତମ ଭାରତୀୟ ମହମ୍ମଦ ଅନୀଶ ଅହିୟା ୭.୯୭ ମିଟର ସହିତ ୫ମ ସ୍ଥାନରେ ରହିଥିଲେ।

**ସେମିରେ ପୁରୁଷ ହକି ଦଳ**

ସେମି ଫାଇନାଲରେ ପ୍ରବେଶ କରିଛି ଭାରତୀୟ ପୁରୁଷ ହକି ଦଳ। ଗୋଟିଏ ଦିନ ପୂର୍ବରୁ ମହିଳା ହକି ଦଳ ମଧ୍ୟ ସେମିରେ ପ୍ରବେଶ କରିଥିଲା। ଉପ ଅଧିନାୟକ ହରମନପ୍ରୀତ୍ ସିଂ ହ୍ୟାଟ୍ରିକ୍ ସ୍କୋର କରିଥିବା ବେଳେ ଭାରତ ୪-୧ରେ ୱେଲ୍ସକୁ ପରାସ୍ତ କରିଛି। ହରମନ୍‌ପ୍ରୀତ ଦୁଇଟି ପେନାଲ୍ଟି କର୍ନର ଏବଂ ଗୋଟିଏ ଫିଲ୍ଡ ଗୋଲ୍ ଦେଇଥିଲେ। ଭାରତ ସୁବିଧାଜନକ ପରସ୍ଥିତିରେ ରହିଥିବା ବେଳେ ପ୍ରଥମ କ୍ୱାର୍ଟରଟି ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ମାତ୍ର ୧ ମିନିଟ ବ୍ୟବଧାନରେ ଦୁଇଟି ଗୋଲ ସ୍କୋର କରିଥିଲେ ହରମନପୀତ୍। ଦ୍ୱିତୀୟ କ୍ୱାର୍ଟରର ୧୯ ଓ ୨୦ ତମ ମିନିଟରେ ହରମନପ୍ରୀତ ଗୋଲ ସ୍କୋର କରିଥିଲେ। ୪୦ ତମ ମିନିଟରେ ଏକ ଫିଲ୍ଡ ଗୋଲ ସହିତ ହରମନପ୍ରୀତ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ୪୯ ତମ ମିନିଟରେ ଗୁରୁଜନ୍ତଙ୍କ ଫିଲ୍ଡ ଗୋଲ ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇ ଥିଲା। ୫୫ତମ ମିନିଟରେ ଡ୍ରାଗ୍ ଫ୍ଲିକର ଗେରାଥ୍ ଫରଲଙ୍ଗ ୱେଲ୍ସ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ପ୍ରଥମ ମ୍ୟାଚରେ ଘାନାକୁ ୧୧-୦ରେ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଇଂଲଣ୍ଡ ସହିତ ପଏଣ୍ଟ ବାଣ୍ଟିଥିଲା ଭାରତ।



ସ୍କଟ୍‌ଲାଣ୍ଡର ଲେନନ ମୁଲିଗାନ୍‌ଙ୍କୁ ପଞ୍ଚ୍ ମାରୁଛନ୍ତି ଅମିତ ପଙ୍ଘାଲ (ବାମ)।

**ପଙ୍ଘାଲ, ସାଗର, ଜସ୍ମିନ, ରୋହିତ ସେମିରେ**

ଭାରତର ଅମିତ ପଙ୍ଘାଲ ଏବଂ ଦୁଇ ପଦାର୍ପଣକାରୀ ସାଗର ଅହ୍ଲାୱତ, ରୋହିତ ଟୋକାସ ଓ ଜସ୍ମିନ ଲାମ୍ବୋରିୟା ଗୁରୁବାର ରାଜ୍ୟଗୋଷ୍ଠୀ କ୍ରୀଡ଼ା ବକ୍ସିଂରେ ଭାରତ ପାଇଁ ଆଉ ଚାରୋଟି ପଦକ ନିଶ୍ଚିତ କରିଛନ୍ତି। ଫଳରେ ବକ୍ସିଂ ଭାରତ ୬ ପଦକ ଜିତିବା ପକ୍କା ହୋଇଛି। ୨୨ ବର୍ଷୀୟ ଆହ୍ଲାୱତ୍ ୯୧+ ପୁରୁଷ ସୁପର ହେଭିୱେଟ୍ କାଟେଗୋରି ସେମିଫାଇନାଲରେ ନାଇରେଜରିଆର ଇଫେନି ଓନ୍ୱେକେର୍‌ଙ୍କୁ ଭେଟିବେ। ପ୍ରଥମ ରାଉଣ୍ଡରେ କାମେରୁନ୍‌ର ଅଲିମ୍ପିଆନ ମାକ୍ସିମ ଏନ୍‌ଜିୟୋଙ୍କ ବିପକ୍ଷରେ ୫-୦ରେ ବିଜୟ ପରେ କ୍ୱାର୍ଟରଫାଇନାଲରେ ଆହ୍ଲାୱତ ସମାନ ସ୍କୋରରେ ସିସିଲିର କେଡି ଇଭାନ୍ସ ଆଗ୍‌ନିସଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଜସ୍ମିନ ୬୦କେଜି ମହିଳା ଲାଇଟ୍‌ୱେଟ୍ କାଟେଗୋରି କ୍ୱାର୍ଟରଫାଇନାଲରେ ନ୍ୟୁଜିଲାଣ୍ଡର ଟ୍ରଏ ଗାର୍ଟନଙ୍କୁ ୪-୧ରେ ପରାସ୍ତ କରିଛନ୍ତି। ଗୋଲ୍ଡକୋଷ୍ଟରେ ଗତ ସଂସ୍କରଣର ରୌପ୍ୟ ବିଜେତା ପଙ୍ଘାଲ ୪୮-୫୧କେଜି କାଟେଗୋରିରେ ସ୍କଟଲାଣ୍ଡର ଲେନନ ମୁଲିଗାନ୍‌ଙ୍କୁ ୫-୦ରେ ପରାଜିତ କରିଥିଲେ। ସେହିପରି ରୋହିତ ଟୋକାସ୍ ୬୭ କେଜି ଶ୍ରେଣୀ କ୍ୱାର୍ଟରରେ ନିୟୁର ଜାଭିୟର ମାଟାଫା ଇକିନୋଫୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

**ମଞ୍ଜୁ ବାଲା ଫାଇନାଲରେ**

ଭାରତର ମଞ୍ଜୁ ବାଲା ମହିଳା ହାମର ଥ୍ରୋ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସରିତା ସିଂ ଆଗକୁ ଯିବାରେ ବିଫଳ ହୋଇଛନ୍ତି। ୩୩ ବର୍ଷୀୟା ବାଲା କ୍ୱାଲିଫିକେଶନ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ଥ୍ରୋ ୫୯.୬୮ ମିଟର ସହ ୧୧ତମ ସ୍ଥାନରେ ରହିଥିଲେ। ସମାନ ଇଭେଣ୍ଟରେ ଅନ୍ୟ ଭାରତୀୟ ଆଥଲେଟ ସରିତା ୫୭.୪୮ ମିଟର ଟାଇମିଂ ସହ ୧୩ତମ ସ୍ଥାନ ଅଧିକାର କରିବାରୁ ଫାଇନାଲ ପ୍ରବେଶରେ ବିଫଳ ହୋଇଥିଲେ। ନିୟମମାନୁସାରେ ଶ୍ରେଷ୍ଠ ୧୨ ପ୍ରଦର୍ଶନକାରୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହା ଶନିବାର ଅନୁଷ୍ଠିତ ହେବ। କ୍ୱାଲିଫିକେଶନ ରାଉଣ୍ଡରେ କାନାଡାର କାମରିନ୍ ରୋଜର୍ସ ଶ୍ରେଷ୍ଠ ଥ୍ରୋ କରିଥିଲେ। ୭୪.୬୮ ମିଟର ଥ୍ରୋ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ନୂଆ ରେକର୍ଡ କରିଛନ୍ତି।

**ହିମା ସେମିଫାଇନାଲରେ**

ଭାରତର ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ୨୦୦ ମିଟର ଦୌଡ଼ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୩.୪୨ ସେକେଣ୍ଡ ଟାଇମିଂ ସହ ସେ ତାଙ୍କ ହିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହିଟ୍ ନମ୍ବର-୨ରେ ୨୨ ବର୍ଷୀୟା ହିମାଙ୍କ ସମେତ ୫ଜଣ ଭାଗ ନେଇଥିଲେ। ଏଥିରେ ଜାମ୍ବିଆର ରୋଡା ଏନ୍‌ଜୋବିଭୁ ୨୩.୮୫ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ଏବଂ ଉଗାଣ୍ଡାର ଜାସେଣ୍ଟ ନ୍ୟାମ୍‌ହୁଙ୍ଗେ (୨୪.୦୭) ତୃତୀୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ୬ଟି ହିଟ୍ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ୧୬ ଜଣ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ହିମା ୨ ନମ୍ବର ହିଟ୍ ଜିତିଥିଲେ ମଧ୍ୟ ନାଇଜେରିଆର ଫେଭର ଓଫିଲି (ହିଟ୍-୧ରେ ୨୨.୭୧ ସେକେଣ୍ଡ) ଏବଂ ଥମ୍ପସନ ହେରା (ହିଟ୍-୫ରେ ୨୨.୮୦ ସେକେଣ୍ଡ)ଙ୍କର ତାଙ୍କଠାରୁ ଯଥେଷ୍ଟ ଉନ୍ନତ ଟାଇମିଂ ରହିଛି। ସେମିଫାଇନାଲ ପଥରେ ଅତି କମ୍‌ରେ ୬ ଆଥଲେଟ୍ ହିମାଙ୍କଠାରୁ ଉନ୍ନତ ଟାଇମିଂ ରଖିଛନ୍ତି।

**ସିନ୍ଧୁ, ଶ୍ରୀକାନ୍ତ ପ୍ରି କ୍ୱାର୍ଟରରେ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ ସେମାନଙ୍କ ସିଙ୍ଗଲ୍ସ ଇଭେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ମାଳଦ୍ୱୀପର ଫାଥିମାଥ୍ ନାବାହା ଅବ୍‌ଦୁଲ ରାଜାକଙ୍କୁ ୨୧-୪, ୨୧-୧୧ରେ ହରାଇ ଦେଇଥିଲେ। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଶ୍ରୀକାନ୍ତ ଉଗାଣ୍ଡାର ଡାନିଲ ୱାନାଗାଲିୟାଙ୍କୁ ୨୧-୯, ୨୧-୯ରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମିକ୍ସଡ ଟିମ୍ ଫାଇନାଲରେ ଶ୍ରୀକାନ୍ତ ତାଙ୍କଠାରୁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଜିୟଙ୍ଗ୍ ଏଙ୍ଗ୍‌ଠାରୁ ହାରିଯାଇଥିଲେ। ବିଶ୍ୱର ୧୩ ନମ୍ବର ର୍‍ୟାଙ୍କିଂ ପ୍ରାପ୍ତ ଖେଳାଳି ଗୁରୁବାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସହଜରେ ହରାଇ ଦେଇଥିଲେ। ସେ କ୍ରସ୍ କୋର୍ଟ ଆଙ୍ଗଲ ଡ୍ରପ୍ ଶଟ୍ ଖେଳି ପଏଣ୍ଟ ପକେଟସ୍ଥ କରିଥିଲେ। ଉଗାଣ୍ଡା ବ୍ୟାଡ୍‌ମିଣ୍ଟନ ଖେଳାଳି ତାଙ୍କର ଅଧିକାଂଶ ପଏଣ୍ଟ ଶ୍ରୀକାନ୍ତଙ୍କ ଅପ୍ରତ୍ୟାଶିତ ତ୍ରୁଟିରୁ ସଂଗ୍ରହ କରିଥିଲେ।

**ଘୋଷାଲ-ପାଲିକଲ ମିକ୍ସଡ ଡବଲ୍ସ କ୍ୱାର୍ଟରରେ**

ଟପ୍‌ସିଡ୍ ଦୀପିକା ପାଲିକଲ ଓ ସୌରଭ ଘୋଷାଲ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କ୍ୱାଶ ମିକ୍ସଡ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏହି ଯୋଡ଼ି ୱେଲ୍ସର ଏମିଲି ହ୍ୱିଟ୍‌ଲକ୍ ଓ ପିଟର କ୍ରିଡ୍‌ଙ୍କୁ ୧୧-୮, ୧୧-୪ରେ ହରାଇ ଦେଇଛନ୍ତି। ଯଙ୍ଗଷ୍ଟର ସୁନୟନା କୁରୁଭିଲା ଓ ଅନାହତ ସିଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ଡବଲ୍ସ ଇଭେଣ୍ଟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରଥମ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିବା ସୁନୟନା ଓ ୧୪ ବର୍ଷୀୟ ଅନାହତ ଶ୍ରୀଲଙ୍କାର ୟେହେନି କୁରୁପୁ ଓ ଚାନିଥମା ସିନାଲିଙ୍କୁ ୧୧-୯, ୧୧-୨ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଭାରତର ଅନ୍ୟ ଯୋଡ଼ି ଜ୍ୟୋତ୍ସ୍ନା ଚିନାପ୍ପା ଓ ଦୀପିକା ପାଲିକଲ ମଧ୍ୟ ଏହି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟପକ୍ଷରେ ଅଭୟ ସିଂ ଓ ଭେଲାଭାନ୍ ସେନ୍ଥିଲ କୁମାର ବ୍ରିଟେନର ଲୁକା ରିଚ୍ ଓ ଜୋ ଚାପମ୍ୟାନଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ଲାଭ କରି ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅଭିଜ୍ଞ ମିକ୍ସଡ ଡବଲ୍ସ ଯୋଡ଼ି ଜ୍ୟୋତ୍ସ୍ନା ଚିନାପ୍ପା ଓ ହରିନ୍ଦର ପାଲ୍ ସିଂ ସେମାନଙ୍କ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଡୋନା ଲାବାନ୍ ଓ କାମେରନ ପିଲିଙ୍କଠାରୁ ୮-୧୧, ୯-୧୧ରେ ହାରିଯାଇଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୫୦ | ୪୧ | ୩୯ | ୧୩୦ |
| ଇଂଲଣ୍ଡ | ୪୨ | ୪୩ | ୩୦ | ୧୧୫ |
| କାନାଡ଼ା | ୧୬ | ୨୦ | ୨୨ | ୫୮ |
| ନ୍ୟୁଜିଲାଣ୍ଡ | ୧୬ | ୧୦ | ୧୧ | ୩୭ |
| ସ୍କଟଲାଣ୍ଡ | ୭ | ୮ | ୧୮ | ୩୩ |
| ଦକ୍ଷିଣ ଆଫ୍ରିକା | ୭ | ୭ | ୮ | ୨୨ |
| **ଭାରତ** | **୫** | **୭** | **୭** | **୧୯** |
| ୱେଲ୍ସ | ୪ | ୪ | ୧୦ | ୧୮ |
| ମାଲେସିଆ | ୪ | ୨ | ୩ | ୯ |
| ନାଇଜେରିଆ | ୪ | ୧ | ୫ | ୧୦ |
| ସାଇପ୍ରସ୍ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୦ | ୦ | ୨ |

(ଗୁରୁବାର ରାତି ୨ ଟା ସୁଦ୍ଧା)

# ଲିଜେଣ୍ଡ୍ସ ମ୍ୟାଚ ଖେଳିବେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪।୮ (କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୭ମ ସଂସ୍କରଣ ଆସନ୍ତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚ ଗୁଡ଼ିକ ଭୁବନେଶ୍ୱର ସମେତ ୩ଟି ଭେନ୍ୟୁରେ ଖେଳାଯିବ। ଏହାର ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ଲିଜେଣ୍ଡ୍ସ ମ୍ୟାଚ ମଧ୍ୟ ଆୟୋଜନ ହେବ। ଏଥିରେ ଦେଶର ଖ୍ୟାତନାମା ଫୁଟବଲ ଖେଳାଳିମାନେ ଅଂଶଗ୍ରହଣ କରିବେ। ଲିଜେଣ୍ଡ୍ସ ମ୍ୟାଚରେ ଖେଳିବା ସହ ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଫିଫା ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଫିଫା ନିମନ୍ତ୍ରଣ ପାଇବା ପରେ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି ଶ୍ରଦ୍ଧାଞ୍ଜଳି। ଫିଫାର ଲିଜେଣ୍ଡ୍ସ ତାଲିକାରେ ଜଣେ ଓଡ଼ିଆ ଝିଅ ସାମିଲ ହୋଇଥିବାରୁ ରାଜ୍ୟ କ୍ରୀଡ଼ା ମହଲରେ ମଧ୍ୟ ଆନନ୍ଦ ପ୍ରକାଶ ପାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଟିକେଟ ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗଦେବା ସହ ଲିଜେଣ୍ଡ୍ସ ମ୍ୟାଚ ସମୟରେ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଭୁବନେଶ୍ୱର ଭେନ୍ୟୁ ହୋଇଥିବାରୁ ରାଜ୍ୟ ଫୁଟବଲ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସହିତ ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହେବ। ଭାରତ, ଆମେରିକା, ମରକ୍କୋ ଓ ବ୍ରାଜିଲ ସାମିଲ ଥିବା ଗ୍ରୁପ୍ 'ଏ' ମ୍ୟାଚ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

ପ୍ରକାଶ ଯୋଗ୍ୟ ଯେ, ୧୯୯୨ରେ ଓଡ଼ିଶାରେ ପ୍ରଥମଥରପାଇଁ ମହିଳା ଫୁଟବଲ ଆରମ୍ଭ ହେବାବେଳେ ଶ୍ରଦ୍ଧାଞ୍ଜଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତ ୩୦ ବର୍ଷ ହେଲା ସେ ନିରବଚ୍ଛିନ୍ନଭାବେ ମହିଳା ଫୁଟବଲ ସହ ଜଡ଼ିତ ଅଛନ୍ତି। ଖେଳାଳିଭାବେ ସେ ଜାତୀୟ ଦଳର ଅଧିନାୟିକା ଦାୟିତ୍ୱ ତୁଲାଇବାପରେ ଜାତୀୟ ଓ ରାଜ୍ୟ ଦଳର କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ଲିଜେଣ୍ଡ୍ସ ମ୍ୟାଚ ପାଇଁ ଖେଳିବା ସୁଯୋଗ ପାଇଥିବାରୁ ସେ ନିଜ ବୃତ୍ତିଗତ ସଂସ୍ଥା ନାଲ୍‌କୋ, ରାଜ୍ୟ ସରକାର, ସର୍ବଭାରତୀୟ ଫୁଟବଲ ଫେଡେରେଶନ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଅନୁସାରେ ଲିଜେଣ୍ଡ୍ସ ମ୍ୟାଚ ପାଇଁ ଶ୍ରଦ୍ଧାଞ୍ଜଳିଙ୍କ ସମେତ ବାଲା ଦେବୀ, ଗୁରପ୍ରୀତ ସିଂ ସାନ୍ଧୁ, ଆଶାଲତା ଦେବୀ, ଜେଜେ ଲାଲପେଖଲୁଆ, ବାଇଚୁଙ୍ଗ ଭୂଟିଆ, ମେମୋଲ ରକି, ଜୋ ପଲ୍, ଲିଣ୍ଡସେ ତାରପ୍ଲେ, ଅଦିତି ଚୌହାନ, ସୁନୀଲ ଛେତ୍ରୀ, ବେମ୍‌ବେମ୍ ଦେବୀ, ମେହରାଜୁଦ୍ଦିନ ୱାଡୋ, ବ୍ରୁନୋ କୌଟିନୋ, ସନ୍ତୋଷ, ରେନେଡି ସିଂ, ଆଇ.ଏମ୍. ବିଜୟନ ପ୍ରମୁଖଙ୍କୁ ଫିଫା ପକ୍ଷରୁ ଡାକରା ମିଳିଛି।

**ମହିଳା ଫିଫା ବିଶ୍ୱକପ ଟିକେଟ ଲଞ୍ଚ୍ ଆଜି**



## ଫ୍ଲୋରିଡାରେ ଖେଳାଯିବ ଅନ୍ତିମ ଦୁଇ ଟି୨୦

ମୁମ୍ବାଇ,୪।୮: ୱେଷ୍ଟଇଣ୍ଡିଜ୍ ସିରିଜର ଅନ୍ତିମ ଦୁଇ ମୁକାବିଲାକୁ ନେଇ ଦେଖା ଦେଇଥିବା ସଙ୍କଟର ଅବସାନ ଘଟିଛି। ଖେଳାଳିଙ୍କୁ ଭିଜା ମିଳିବାରେ ବିଳମ୍ବ ହେବା କାରଣରୁ ଏପରି ଆଶଙ୍କା ଦେଖା ଦେଇଥିଲା। ହେଲେ ଗୟାନା ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ପରେ ସମସ୍ତ ଖେଳାଳିଙ୍କୁ ଆମେରିକୀୟ ଭିଜା ପ୍ରଦାନ କରାଯାଇଛି। ଆସନ୍ତା ୬ ଓ ୭ ତାରିଖରେ ଫ୍ଲୋରିଡାର ଲାଉଡେର ହିଲରେ ଦୁଇଟି ଯାକ ମୁକାବିଲା ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଭାରତ ଏହି ସିରିଜରେ ୨-୧ରେ ଆଗୁଆ ରହିଛି। ୱେଷ୍ଟଇଣ୍ଡିଜ୍ ଦଳ ଏବଂ କିଛି ଭାରତୀୟ ଖେଳାଳି ମିଆମିରେ ପହଞ୍ଚି ସାରିଲେଣି। ଅନ୍ୟ ଖେଳାଳିମାନେ ଜର୍ଜଟାଉନରେ ଭିଜା ପାଇଁ ଅପେକ୍ଷା କରିଛନ୍ତି।

## ନିପ୍ପନ ଷ୍ଟିଲ୍ ଓଡ଼ିଶା ଜଗରନଟ୍ସର ପ୍ରମୁଖ ପ୍ରାୟୋଜକ

ଭୁବନେଶ୍ୱର, ୪।୮ (ସ୍ପୋର୍ଟ୍ସ ବ୍ୟୁରୋ): ବିଶ୍ୱର ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ରାଜ୍ୟସରକାରଙ୍କ ଓଡ଼ିଶା ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ୍ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ସହ ମିଳିତ ଉଦ୍ୟମରେ କ୍ରୀଡ଼ାର ବିକାଶ ଓ ଏହାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଓଡ଼ିଶା ଜଗରନଟ୍ସର ପ୍ରିନ୍ସିପାଲ ଟିମ୍ ସ୍ପନସର ହୋଇଛି। ମହାରାଷ୍ଟ୍ରର ପୁଣେଠାରେ ଚଳିତ ମାସ ୧୪ ତାରିଖରୁ ହେବାକୁଥିବା ଜାତୀୟ ଟୁର୍ନାମେଣ୍ଟରେ ରାଜ୍ୟର ଖୋ ଖୋ ଦଳ ଓଡ଼ିଶା ଜଗରନଟ୍ସ ଅଂଶଗ୍ରହଣ କରିବ। ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ପତ୍ରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ଓ ପ୍ରଶାସନ ବିଭାଗରେ ଉପ ନିର୍ଦ୍ଦେଶକ ସିଙ୍ଗୋ ନାକାମୁରା ଓ ରାଜ୍ୟ ସରକାରଙ୍କ ଓଏସ୍‌ଡିପିସିର ନିର୍ଦ୍ଦେଶକ ତଥା କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତପରିଡ଼ାସ୍ୱାକ୍ଷରକରିଥିଲେ।

ମନେ ପଡ଼ନ୍ତି
ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି
ଂପ୍ରବୀଣ କୁମାର ଦାଶ
କାଣ୍ଡସର, ସ୍କୁଲ ସାହି, ଅନୁଗୋଳ
ଆବିର୍ଭାବ: ୨୦।୦୭।୧୯୫୫
ତିରୋଧାନ: ୦୮।୦୮।୨୦୧୯
ବାପା, ଦେଖୁ ଦେଖୁ ତିନିବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଓ ଭଲପାଇବାକୁ ସାଉଁଟି ଆମେ ବଞ୍ଚି ରହିଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ତୃପ୍ତି, ଲିପି, ଦିପା, ରାଜା, ବୁନୁ, ସୁବୁ, ଲିଲୁ, ଟାଇନି।
ଧ-୧୧୮୩

Birthday Wish
Well , I just want to remind you that you are the best person I have ever met in my whole life. Happiest birthday to mo Lii .... May bi it's my bad luck to I can't make your day but I hope you enjoy your day and make your best Birthday forever . Again
Happy Birthday Rita
D-1179

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

India's No.1 Company
ପ୍ରଥମ ଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ ଭଡା 80,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
Call or SMS
7735130553

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚେସ୍ ଗ୍ଲାମର

ଚେନ୍ନାଇର ମହାବଳିପୁରମ୍‌ଠାରେ ଚାଲିଥିବା ଚେସ୍ ଅଲିମ୍ପିଆଡ୍‌ରେ ବିଭିନ୍ନ ଦେଶର ଖେଳାଳିଙ୍କ ହେୟାର ଷ୍ଟାଇଲ।

















# କ୍ରୀଡ଼ା: ଦକ୍ଷତା ପ୍ରଦର୍ଶନର ଅନ୍ୟତମ ମାର୍ଗ



ରମେଶ ସାହୁ

ସମଗ୍ର ବିଶ୍ୱରେ କ୍ରୀଡ଼ାର ମହତ୍ତ୍ୱ ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହେବା ଲାଗି ବିଭିନ୍ନ ଦେଶ କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ଏବେ ସେମାନଙ୍କର ଏକମାତ୍ର ଲକ୍ଷ୍ୟ। ଲକ୍ଷ୍ୟପଥକୁ ତ୍ୱରାନ୍ୱିତ କରିବା ସକାଶେ ପର୍ଯ୍ୟାପ୍ତ ପାଣ୍ଠି ବିନିଯୋଗ କରାଯାଉଛି। ଏସିଆ ମହାଦେଶରେ ଚାଇନା, ଜାପାନ, କୋରିଆ, ଭାରତ, ମାଲେସିଆ, ଇଣ୍ଡୋନେସିଆ ପ୍ରମୁଖ କ୍ରୀଡ଼ା କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛନ୍ତି। ବିଶ୍ୱର ଅଗ୍ରଣୀ ଦେଶଗୁଡ଼ିକ ସହିତ ସେମାନେ ମୁକାବିଲା କରୁଛନ୍ତି। ଏଥିପାଇଁ ଦେଶଗୁଡ଼ିକର ସରକାର ସ୍ୱତନ୍ତ୍ର କ୍ରୀଡ଼ା ନୀତି ପ୍ରସ୍ତୁତ କରିଛନ୍ତି। ବ୍ୟକ୍ତିଗତ ବା ଏକକ କ୍ରୀଡ଼ାଗୁଡ଼ିକ ମଧ୍ୟରେ କୁସ୍ତି, ବକ୍ସିଂ, ଲନ୍ ଟେନିସ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ତୀର ଚାଳନା ଆଦି ଜନପ୍ରିୟତା ହାସଲ କରିଛି। ଦୌଡ଼କୁଦ ଶୃଙ୍ଖଳା ଅନ୍ତର୍ଗତ ଏକକ କ୍ରୀଡ଼ାଗୁଡ଼ିକ ମଧ୍ୟ ଲୋକପ୍ରିୟ। ବିଭିନ୍ନ ଦୂରତାର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଟ୍ରିପଲ୍ ଜମ୍ପ, ଜାଭେଲିନ୍ ଥ୍ରୋ, ଶଟ ପୁଟ୍ ଓ ଡିସକସ୍ ଆଦି ଏକକ କ୍ରୀଡ଼ା। ଏକକ କ୍ରୀଡ଼ା ପାଇଁ ବଛା ବଛା କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବାକୁ ପଡ଼େ। ସେହିପରି ଦଳଗତ କ୍ରୀଡ଼ା ପାଇଁ ଏକାଧିକ ଦଳକୁ ପ୍ରସ୍ତୁତ କରାଯାଇ ତାଲିମ ଦିଆଯାଏ। ଯେପରି କି କ୍ରିକେଟ, ହକି, ଫୁଟବଲ, ଭଲିବଲ ଅଥବା ବାସ୍କେଟ ବଲ। ଏକକ କ୍ରୀଡ଼ାରେ ଜଣେ ପ୍ରତିଯୋଗୀର ସଫଳତା ସମ୍ଭାବନା ଯେତିକି ରହେ ତାହା ଦଳଗତ କ୍ରୀଡ଼ାରେ ଦେଖାଯାଏ ନାହିଁ। କାରଣ ପୂରା ଟିମ୍‌ର ଏକକାଳୀନ ପ୍ରସ୍ତୁତି ସମାନ ହୋଇ ନ ଥାଏ। ଖେଳାଳିର ଉପସ୍ଥିତ ଫର୍ମ ଏବଂ ତାକୁ କେନ୍ଦ୍ର କରି ମାନସିକତାକୁ ନେଇ ପ୍ରଦର୍ଶନ ପ୍ରତିଫଳିତ ହୋଇଥାଏ। ସବୁବେଳେ ଗୋଟିଏ ପ୍ରକାର ଫର୍ମ ବଜାଏ ରଖିବା ଖେଳାଳି ପକ୍ଷେ ସମ୍ଭବ ହୋଇ ନ ଥାଏ। ଆଜି ଜଣେ ଖେଳାଳି ଯେଉଁ ମାନର ଦକ୍ଷତା ପ୍ରଦର୍ଶନ କରେ ପରେ ତାହା ଦୋହରାଇବାରେ ବିଫଳ ହୋଇପାରେ। ଖେଳର ସବୁ ଦିଗରେ ସର୍ବଦା ସ୍ଥିର ପ୍ରଦର୍ଶନ ପାଇଁ ଖେଳାଳିର ମନସ୍ତାତ୍ତ୍ୱିକ ପ୍ରସ୍ତୁତି ଜରୁରୀ। ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଦେଶର ଦୁର୍ବଳ ଅର୍ଥନୀତି ଯୋଗୁ ଲୋକମାନଙ୍କର ମାନସିକ ସ୍ଥିତି ଅପେକ୍ଷାକୃତ ଦୁର୍ବଳ। ଏସିଆ ଓ ଆଫ୍ରିକା ମହାଦେଶର କୌଣସି ଦଳ ଫୁଟବଲ ବିଶ୍ୱକପ୍ ବିଜୟୀ ହୋଇ ପାରିନାହାନ୍ତି। ମାତ୍ର ଭାରତୀୟ ଉପମହାଦେଶରେ ହକିଖେଳର ପ୍ରସାର ଥିବାରୁ ଉଭୟ ଭାରତ ଓ ପାକିସ୍ତାନ ସଂଖ୍ୟାଧିକ ଥର ହକି ବିଶ୍ୱକପ୍ ଜିତି ପାରିଛନ୍ତି। ଦକ୍ଷିଣ ଆମେରିକାର ବିଭିନ୍ନ ଦେଶର ଅର୍ଥନୀତି ଭିନ୍ନ ଭିନ୍ନ ହୋଇପାରେ, ମାତ୍ର ଫୁଟବଲ ଖେଳର ଅତୀତ ବହୁ ପୁରୁଣା। ସେଇଥିପାଇଁ ଉରୁଗୁଏ, ଆର୍ଜେଣ୍ଟିନା, ବ୍ରାଜିଲ ଫୁଟବଲ ବିଶ୍ୱକପ୍ ଜିଣିବାରେ ସଫଳ ହୋଇଛନ୍ତି। ଭାରତରେ ହକି ଏବେ ହୃତ ଗୌରବ ଫେରିପାଇବା ପଥରେ ରହିଛି। ଟୋକିଓ ଅଲିମ୍ପିକ୍ସ ଏବଂ ଗତ ବିଶ୍ୱକପ୍ ଏହାର ପ୍ରକୃଷ୍ଟ ପ୍ରମାଣ। ଟୋକିଓରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା ବେଳେ ଭାରତୀୟ ମହିଳା ହକି ଦଳ ଚତୁର୍ଥ ସ୍ଥାନ ହାସଲ କରି ଅଗ୍ରଣୀ ଦଳଗୁଡ଼ିକ ପାଇଁ ଆଶଙ୍କା ସୃଷ୍ଟି କରିପାରିଛି।

### ବିଶ୍ୱ ଦୌଡ଼କୁଦରେ ଚାମ୍ପିୟନମାନଙ୍କ ଆଧିପତ୍ୟ

ଇତିମଧ୍ୟରେ ଆମେରିକାର ୟୁଜିନ୍‌ଠାରେ ଶେଷ ହୋଇଛି ୧୮ଶ ବିଶ୍ୱ ଦୌଡ଼କୁଦ ଚାମ୍ପିୟନଶିପ୍। ଏଥିରେ ଆୟୋଜକ ଦେଶ ଆମେରିକା ପୁଣି ଥରେ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବାରେ ସଫଳ ହୋଇଛି। ଆଫ୍ରିକୀୟ ଦେଶ ଇଥିଓପିଆ ମଧ୍ୟ ନିଜର ଆଧିପତ୍ୟ ବଜାୟ ରଖିଛି। ପଦକ ବିଜୟୀ ତାଲିକାରେ ଇଥିଓପିଆ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଭାରତୀୟ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଦେଶର ସମ୍ମାନ ରକ୍ଷା କରିଛନ୍ତି। ଚାମ୍ପିୟନଶିପ୍‌ର ଶେଷ ଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ନୀରଜ ୮୮.୧୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ରୌପ୍ୟ ପଦକ ହାସଲ କରିଥିଲେ। ଗ୍ରେନେଡାର ଆଣ୍ଡରସନ ପିଟର୍ସ ଫାଇନେଲ ରାଉଣ୍ଡରେ ୯୦.୫୪ ମିଟର ଦୂରକୁ ଜାଭେଲିନ ଫିଙ୍ଗି ସମସ୍ତଙ୍କଠାରୁ ଅଗ୍ରଣୀ ରହିଥିଲେ। ତାହା ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା। ଅନ୍ୟପକ୍ଷରେ ନୀରଜ ଓ ଜାକ୍ୟୁବ୍‌ଙ୍କ ମଧ୍ୟରେ ୨ୟ ଓ ୩ୟ ସ୍ଥାନ ପାଇଁ ମୁକାବିଲା ହୋଇଥିଲା। ଏହି ସମୟରେ ନୀରଜ କିଛି ମୁହୂର୍ତ୍ତ ଉତ୍କଣ୍ଠା ଦେଇ ଗତି କରିଥିଲେ। ଶେଷରେ ସେ ୮୮.୧୩ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ରୌପ୍ୟ ଏବଂ ଜାକ୍ୟୁବ୍ ୮୮.୮ ମିଟର ଦୂରତାରେ ସୀମିତ ରହି ବ୍ରୋଞ୍ଜ ପଦକ ଜିତିଥିଲେ। ଫଳରେ ଦୀର୍ଘ ୧୯ ବର୍ଷ ପରେ ଭାରତ ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ୍ ଚୋପ୍ରାଙ୍କ ମାଧ୍ୟମରେ ଦ୍ୱିତୀୟ ଆଥ୍‌ଲେଟିକ୍ ପଦକ ଜିଣିପାରିଥିଲା। ଏହା ପୂର୍ବରୁ ପ୍ୟାରିସ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜ ମହିଳା ଲଙ୍ଗ୍ ଜମ୍ପରେ ବ୍ରୋଞ୍ଜ ପଦକ ବିଜୟିନୀ ହୋଇ ଭାରତକୁ ଗର୍ବିତ କରିଥିଲେ। ୭ଜଣ ଭାରତୀୟ ଆଥଲେଟ୍ ବିଭିନ୍ନ ଇଭେଣ୍ଟରେ ସେମି ଫାଇନାଲକୁ ଉଠିଥିଲେ। ଏଣୁ ଏହାକୁ ଶ୍ରେଷ୍ଠ ପ୍ରଦର୍ଶନ କୁହାଯାଉଛି। ତେବେ ଭାରତ ପାଇଁ ଲଜ୍ଜାଜନକ ଘଟଣା ବି ଘଟିଛି। ଭାରତୀୟ ମହିଳା ଆଥଲେଟ୍ ଏସ. ଧନଲକ୍ଷ୍ମୀ (୧୦୦ମି, ୨୦୦ମି ଦୌଡ଼) ଓ ଲଙ୍ଗ ଜମ୍ପର୍ ଐଶ୍ୱର୍ଯ୍ୟ ବାବୁ ଡୋପ୍ ଟେଷ୍ଟରେ ଶକ୍ତି ବର୍ଦ୍ଧକ ଔଷଧ ଖାଇଥିବା ଜଣାପଡ଼ିବା ପରେ ଭାରତୀୟ ଦୌଡ଼କୁଦ ମହାସଂଘ ସମସ୍ୟାରେ ପଡ଼ିଯାଇଛି।

**ସମଗ୍ର ବିଶ୍ୱରେ କ୍ରୀଡ଼ାର ମହତ୍ତ୍ୱ ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହେବା ଲାଗି ବିଭିନ୍ନ ଦେଶ କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ...**

ଗ୍ରୋଇନ୍ ଇଞ୍ଜୁରୀ ଯୋଗୁ ନୀରଜ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇପାରି ନାହାନ୍ତି। ତାଙ୍କ ଅନୁପସ୍ଥିତି ଯୋଗୁ ଭାରତ ଜାଭେଲିନ ଥ୍ରୋରେ ଏକ ନିଶ୍ଚିତ ପଦକ ହରାଇଲା ବୋଲି କୁହାଯାଇପାରିବ। ଗତ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ଚାମ୍ପିୟନ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ମରୋକୋର ସୌଫିଆନ୍ ଏଲ୍ ବକାଲି ପୁରୁଷ ୩ ହଜାର ମିଟର ଷ୍ଟିପଲଚେଜ୍ ରେସ୍‌ରେ କେନିଆର ଆଧିପତ୍ୟକୁ ପଣ୍ଡ କରି ଚାମ୍ପିୟନ ହୋଇଛନ୍ତି। କାତାରୀ ହାଇଜମ୍ପର୍ ବରଶୀମ୍ ୨.୩୭ ମିଟର ଉଚ୍ଚତା ଡେଇଁ କ୍ରମାଗତ ୩ଥର ବିଶ୍ୱ ଚାମ୍ପିୟନ୍ ହୋଇ ହ୍ୟାଟ୍ରିକ ହାସଲ କରିଥିଲେ। ଟୋକିଓରେ ବରଶୀମ୍ ଇଟାଲୀର ଜିଆନ୍‌ମାର୍କୋ ଟମ୍ବାରୀଙ୍କ ସହିତ ମିଳିତ ଭାବେ ହାଇଜମ୍ପ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ମହିଳା ଟ୍ରିପଲଜମ୍ପ ଇଭେଣ୍ଟରେ ଭେନିଜୁଏଲାର ୟୁଲିମାର ରୋଜାସ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅଲିମ୍ପିକ୍ ଚାମ୍ପିୟନ୍ ରୋଜାସ୍ ୧୫.୪୭ମିଟର ଲମ୍ଫ ପ୍ରଦାନ କରି କ୍ରମାଗତ ୩ୟ ଥର ଟାଇଟଲ୍ ଜିତିଥିଲେ। ସେ ଏହି ଶୃଙ୍ଖଳାରେ ନିଜକୁ ବିଶ୍ୱର ଶ୍ରେଷ୍ଠ ପ୍ରମାଣିତ କରିଛନ୍ତି। ଇଥିଓପିଆର ଗୋଟିଟମ୍ ଗାବ୍ରେସ୍ଲାସ୍ ମହିଳା ମାରାଥନ ଦୌଡ଼ରେ ୨ଘଣ୍ଟା ୧୮ ମିନିଟ ୧୧ସେକେଣ୍ଡ ନେଇ ଚାମ୍ପିୟନ୍ ହୋଇଛନ୍ତି। ଇଥିଓପିଆର ତମିରାଟ୍ ତୋଲା ପୁରୁଷ ମାରାଥନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୩ ହଜାର ମିଟର ଷ୍ଟିପିଲଚେଜ୍ ଫାଇନାଲରେ ଭାରତର ଅଭିନାଶ ସାବ୍‌ଲେ ବିଫଳ ହୋଇଥିଲେ। ୨୭ ବର୍ଷୀୟ ସାବ୍‌ଲେ ୮:୩୧.୭୫ ସେକେଣ୍ଡ ସମୟ ନେଇ ରେସ୍ ପୂରଣ କରିଥିଲେ ସୁଦ୍ଧା ତାଙ୍କର ଜାତୀୟ ରେକର୍ଡ ୮:୧୨.୪୮ ସେକେଣ୍ଡ ରହିଛି। ଯେଉଁ ଦେଶର ସରକାର କ୍ରୀଡ଼ାକୁ ଯେତେ ଗୁରୁତ୍ୱ ଦେଉଛନ୍ତି ସେହି ଦେଶର ଖେଳାଳି ସେତେ ସଫଳତା ପାଉଛନ୍ତି। କ୍ରୀଡ଼ାବିତ୍‌ମାନଙ୍କୁ ଭିତ୍ତିଭୂମି ଯୋଗାଇଦେବା ସହିତ ଦୀର୍ଘସୂତ୍ରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ବୈଜ୍ଞାନିକ ପଦ୍ଧତିରେ ପ୍ରଶିକ୍ଷଣ ହେଉଥିଲାବେଳେ ମନସ୍ତାତ୍ତ୍ୱିକ ଦିଗକୁ ସର୍ବାଧିକ ଦୃଷ୍ଟି ଦିଆଯାଉଛି। ବିଜୟ ସମ୍ଭାବନା ରଖୁଥିବା ଖେଳାଳିମାନଙ୍କୁ ସ୍ୱତନ୍ତ୍ର କ୍ରୀଡ଼ା ପ୍ରତିଷ୍ଠାନରେ ରଖାଯାଉଛି, ଯେପରି କି ସେମାନେ ଗୋଟିଏ ଲକ୍ଷ୍ୟରେ ତାଲିମ ନେବେ। ଇଥିଓପିଆ ଓ କେନିଆକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇ ଆଫ୍ରିକୀୟ ଦେଶର ଲମ୍ବାଦୌଡ଼ ପ୍ରତିଯୋଗୀମାନେ ଅନ୍ୟଦେଶ ପାଇଁ ସଫଳତାର ନମୁନା ସାଜୁଛନ୍ତି। ଏହା ପଛରେ ଦୁଇ ସରକାରଙ୍କର ନିଷ୍ଠାପର ଉଦ୍ୟମ ରହୁଛି। ନିଜ ଖେଳାଳିମାନଙ୍କର ଉନ୍ନତ ପ୍ରଦର୍ଶନ ବଳରେ ଦୁଇ ଦେଶ ପ୍ରଶଂସା ସାଉଁଟୁଛନ୍ତି। ଖେଳାଳିମାନେ ଅର୍ଜୁଥିବା ପ୍ରଶଂସା ଦେଶ ନିର୍ମାଣରେ ସହାୟକ ହୋଇପାରୁଛି। ଧନୀ ଦେଶଗୁଡ଼ିକ ପାଣ୍ଠି ସହାୟତା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ନୈତିକ ମନୋବଳ ବଢ଼ାଉଛନ୍ତି।

*-ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା*



ନୀରଜ ଚୋପ୍ରା



## ଦକ୍ଷତା

ପରିବାର ପରମ୍ପରା ରଖିବାକୁ
ବନିଗଲେ ଆଥ୍‌ଲେଟ
ବା'ଷଠି ବର୍ଷରେ କୋର୍ଟକୁ ଡେଇଁଲେ
ପିନ୍ଧି ଜର୍ସି ଫଟାଫଟ
କୋଚ୍ ଭାବେ କରି ନାଟ
ଇଂଲଣ୍ଡ ଜନ୍ମିତ ଷ୍ଟିଭ୍ ରିଲି ମନ୍ତ୍ର
ଦକ୍ଷତା ବିକାଶ ବାଟ।

ଯେତେକାମ ଥାଉ ସିଡ୍ୟୁଲ ଭିତରେ
ବ୍ୟାଡ୍‌ମିଣ୍ଟନ ଖେଳ ରଖି
ହିରୋଇନ ତାପସ୍ୱୀ ପାନ୍ନୁ ପ୍ରତିଦିନ
ଖେଳନ୍ତି ସମୟ ଦେଖି
ଫ୍ଲପ୍ ହିରୋ ସଙ୍ଗେ ଲାଖି
ଦକ୍ଷତା ବଳରେ ସାଉଥ୍ ଇଣ୍ଡିଆନ
ଫିଲ୍ମରେ ହୋଇଛି ଲକି।

ଏକଦା ସୂତାର ଏମ୍ବ୍ରୋଡୋରୀ କାମ
କରୁଥିଲା ଯେଉଁ ହାତ
ସେ ହାତ ଲୁହାର ଓଜନ ଉଠାଇ
ଅଚିନ୍ତ ସେଉଲି ପ୍ରୀତ
ନିଜ ଦକ୍ଷତାର ମିତ
ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ପାଇ ସେ
ଇଣ୍ଡିଆର ଭବିଷ୍ୟତ।

-ସୁବାସ ଚନ୍ଦ୍ର ପ୍ରଧାନ

# ଭାରତ-ବାଂଲାଦେଶ ଫାଇନାଲ ଆଜି




କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଅବସରରେ ଟ୍ରଫି ସହ ଭାରତ ଓ ବାଂଲାଦେଶ କୋଚ୍ ଓ ଖେଳାଳି।

**ଭୁବନେଶ୍ୱର, ୪।୮ (କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟବଲ ଫେଡେରେଶନ) ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ। ରାତି ୭ଟାରେ ମ୍ୟାଚ ଆରମ୍ଭ ହେବ। ଗତ ସଂସ୍କରଣର ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏଥର ସେହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ। ଏଥର ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୨-୧ ଗୋଲରେ ଭାରତକୁ ହରାଇ ଦେଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ନେବା ସୁଯୋଗ ମଧ୍ୟ ଭାରତ ନିକଟରେ ରହିଛି। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶ ୧୦ ଓ ଭାରତ ୯ ପଏଣ୍ଟ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଟାଇଟଲ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ।

"ଫାଇନାଲ ଖେଳିବାର ଅନୁଭୂତି ସର୍ବଦା ଭିନ୍ନ ହୋଇଥାଏ। ଏହା ସ୍ୱତନ୍ତ୍ର। ଜଣେ ଖେଳାଳି ଓ ଅଧିନାୟକଭାବେ ମୁଁ ୩ଟି ସାଫ୍ ଚାମ୍ପିୟନଶିପ୍ ଜିତିଛି। ୨ଟି ସାଫ୍ ଫାଇନାଲରେ ଜାତୀୟ

## ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ

ସିନିୟର ଦଳର ସହକାରୀ କୋଚ୍ ଥିଲି। ଏହାର ଅନୁଭବ ସ୍ୱତନ୍ତ୍ର" ବୋଲି ଗୁରୁବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଶନମୁଗମ ଭେଙ୍କଟେଶ ପ୍ରକାଶ କରିଛନ୍ତି। କୌଣସି ପରିସ୍ଥିତିରେ ଖେଳକୁ ହାଲ୍‌କାଭାବେ ନ ନେଇ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ମ୍ୟାଚ ବିଜୟୀ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ଭାରତର ସମସ୍ତ ମ୍ୟାଚ ଦେଖି ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି ବାଂଲାଦେଶ ମୁଖ୍ୟ କୋଚ୍ ପଲ୍ ସ୍ମଲି। " ଭାରତ ଆମ ବିପକ୍ଷରେ ଯେପରି ଖେଳିଥିଲା ମାଳଦ୍ୱୀପ ବିପକ୍ଷରେ ସେହି ରଣନୀତିରେ ନଜର ଆସି ନ ଥିଲା। ସେମାନେ ଖେଳରେ ଭିନ୍ନତା ଆଣୁଛନ୍ତି। ତେଣୁ ଆମେ ସେହି ଅନୁସାରେ ପ୍ରସ୍ତୁତ ହୋଇଛୁ" ବୋଲି ସ୍ମଲି କହିଛନ୍ତି। ଭାରତୀୟ ଦଳର ଦୁର୍ବଳତା ଉପରେ ଆମର ନଜର ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ଫାଇନାଲ ପୂର୍ବରୁ ଉଭୟ ଦଳର ଜଣେ ଲେଖାଏ ଖେଳାଳି ସସ୍‌ପେଣ୍ଡ ହୋଇଛନ୍ତି। ବାଂଲାଦେଶ ଶହିଦୁଲ ଇସଲାମ ଏବଂ ଭାରତ ପାର୍ଥିବ ଗୋଗୋଇଙ୍କ ଅନୁପସ୍ଥିତି ଅନୁଭବ କରିବ। " ଆମେ ପାର୍ଥିବଙ୍କୁ ଆଗାମୀ ମ୍ୟାଚରେ ମିସ୍ କରିବୁ। ତେବେ ଏହା ଫୁଟବଲ। ଦଳରେ ୨୩ ଖେଳାଳି ରହିଛନ୍ତି। ଆମେ ଦଳଗତଭାବେ ଖେଳିବା ସହ ବିଜୟ କିମ୍ବା ପରାଜୟରେ ବିଶ୍ୱାସ କରୁ" ବୋଲି ଶନ୍‌ମୁଗମ୍ କହିଛନ୍ତି। ଦଳର ଭଲ ପ୍ରଦର୍ଶନକୁ ନେଇ ଡିଫେଣ୍ଡର ହାଲେନ ନଙ୍ଗଡୁ ମଧ୍ୟ ବେଶ୍ ଆଶାବାଦୀ। "ଆମେ ଅତ୍ୟଧିକ ଆତ୍ମବିଶ୍ୱାସରେ ନାହୁଁ। ଆମେ ଧୈର୍ଯ୍ୟର ସହ ଯୋଜନାବଦ୍ଧଭାବେ ଆଗାମୀ ମ୍ୟାଚରେ ଖେଳିବୁ। ଦଳଗତଭାବେ ଖେଳିଲେ ଯାଇ ଆମେ ବାଂଲାଦେଶକୁ ହରାଇ ପାରିବୁ ବୋଲି ଭଲଭାବେ ଜାଣିଛୁ। ପ୍ରତ୍ୟେକ ମ୍ୟାଚରେ ଆମେ କିଛିକିଛି ଶିଖିବାକୁ ପାଇଛୁ" ବୋଲି ହାଲେନ ପ୍ରକାଶ କରିଛନ୍ତି। ଏହି ଅବସରରେ ବାଂଲାଦେଶ ଅଧିନାୟକ ମହମ୍ମଦ ତନଭୀର ହୋସେନ ମଧ୍ୟ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ପାଇଁ ଏଣ୍ଟ୍ରି ଫ୍ରି

ଭାରତ-ବାଂଲାଦେଶ ଫାଇନାଲ ପାଇଁ ଦର୍ଶକଙ୍କୁ ମାଗଣାରେ ଏଣ୍ଟ୍ରି ସୁଯୋଗ ମିଳିବ। ଷ୍ଟାଡିୟମରେ ପ୍ରବେଶ ପାଇଁ ଗେଟ୍ ଅପରାହ୍ନ ୪ଟାରୁ ଉନ୍ମୁକ୍ତ ରହିବ। ୪ ଚକିଆ ଗାଡ଼ି ନେଇ ଆସୁଥିବା ଦର୍ଶକମାନେ ଗେଟ୍ ନମ୍ବର ୮ ବାଟେ ପ୍ରବେଶ କରି କ୍ଲାଇମ୍ବିଂ ୱାଲ ପଛପଟେ ପି-୬ରେ ପାର୍କିଂ କରିପାରିବେ। ସେହିପରି ୨ ଚକିଆ ଗାଡ଼ି ୩ ନମ୍ବର ଗେଟ୍‌ବାଟେ ନେଇ ସୁଇମିଂ ପୁଲ୍ ବାହାରେ ପି-୧ ଏବଂ ସୁଇମିଂ ପୁଲ୍ ସମ୍ମୁଖରେ ପି-୨ରେ ପାର୍କିଂ କରିବେ। ଦର୍ଶକଙ୍କ ପାଇଁ ସ୍କାଏ ୱାକ୍ ୪ ନିକଟସ୍ଥ ବ୍ଲକ୍ 'ବି' ଓ 'ସି' ଗ୍ୟାଲେରୀରେ ବସିବା ବ୍ୟବସ୍ଥା କରାଯାଇଛି।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବଡଝାଡ଼ ସମବାୟ ସମିତି ବୈଠକ

**କୃଷ୍ଣପ୍ରସାଦ,୪।୮(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡଝାଡ଼ ସେବା ସମବାୟ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି କାର୍ଯ୍ୟାଳୟ ପରିସରରେ ସଭାପତି ଅଭୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ସମସ୍ତ ନିର୍ବାଚିତ ନିର୍ଦ୍ଦେଶକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ପାଦକ ପ୍ରତାପ ଚନ୍ଦ୍ର ଜେନା ସ୍ୱାଗତ କରିଥିଲେ। ଏହି ବୈଠକରେ ସମ୍ପ୍ରତି ଚାଷୀଙ୍କୁ ଆବଶ୍ୟକ ପଡୁଥିବା ସାର ଓ ସରକାରଙ୍କ ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଋଣ ପ୍ରଦାନ ଏବଂ ଋଣ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସଭାପତି ସତ୍ୟଭାମା ଜେନା, ସଭ୍ୟ ଅଶୋକ କୁମାର ସାମନ୍ତସିଂହାର, ଦେବେନ୍ଦ୍ର ଜେନା, ପ୍ରଭାତ ସାହୁ, ରୁବିରାଣୀ ପଲେଇ, ବୀଣାପାଣି ତରେଇ, ଗୋପୀ ମାଝୀ, ସୁଦର୍ଶନ ମାଳି, ପ୍ରତାପ ନାୟକ, ଆର୍ତ୍ତଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ଚାରା ରୋପଣ

**ବାଲିପାଟଣା,୪।୮(ଡି.ଏନ୍.ଏ.):** ବିଶ୍ୱନାଥପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଗୁରୁବାର ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଉତ୍କଳ ସମ୍ମିଳନୀର ସଭାପତି ଡ. ଅଦ୍ୱୈତ୍ୟ କୁମାର ପାତ୍ର, ବିଦ୍ୟାଳୟ ସମ୍ପାଦକ ରବୀନ୍ଦ୍ର କୁମାର ପାତ୍ର, ପଦ୍ମନାଭ ମିଶ୍ର, ଉଷାରାଣୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଗ୍ଲୋବାଲ ୱାର୍ମିଙ୍ଗ୍‌ରୁ ବର୍ତ୍ତିବା ପାଇଁ ଚାରା ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଚାରା ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ସ୍ମୃତିଚାରଣ

**ବୋଲଗଡ଼,୪।୮(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ଦାସଙ୍କ ବିୟୋଗରେ ଉକ୍ତ ଅନୁଷ୍ଠାନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ଚରଣ ସାହୁଙ୍କ ଆବାହକତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ତେବେ ଦାସ ଶିକ୍ଷକତା କରୁଥିବା ସମୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ଭାବେ ଚାକିରି ପାଇ ଯୋଗଦାନ କରିଥିଲେ। ଅବସର ପରେ ବିଭିନ୍ନ ଜନହିତକର କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପୂର୍ବତନ ଛାତ୍ର ପ୍ରସନ୍ନ ସାମନ୍ତସିଂହାର, ହୃଷୀକେଶ ମହାପାତ୍ର, ଭାଗବତ ସାହୁ, ଭିକାରୀ ରାୟ, ବ୍ରଜକିଶୋର ନାୟକ, ସତ୍ୟବାନ ଜେନା, କ୍ଷିତିଶ୍ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ଖୋର୍ଦ୍ଧା ଅଫିସ/ ନିରାକାରପୁର, ୪।୮ (ଡି.ଏନ୍.ଏ.)**

- ଅଭିଯୁକ୍ତ ଗିରଫ, ଆଜି ଡେମୋ ଦେଖାଇବେ
- ମୋବାଇଲ ଟ୍ରାକିଂରୁ ଧରାପଡ଼ିଲେ
- ବେପାରରୁ ବନ୍ଧୁତା, ପାରିବାରିକ ସମ୍ପର୍କ ଥିଲା

ପରକୀୟା ପ୍ରୀତିରୁ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଜଙ୍କିଆ ଥାନା ଅଧୀନ ମୋଟା ଗ୍ରାମ ତଳସାହିର ଅକ୍ଷୟ ସାମନ୍ତରାୟ ଓରଫ ରଘୁ। ଖବର ପାଇ ଜଙ୍କିଆ ପୋଲିସ ଗୁରୁବାର ସକାଳେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲ ପଠାଇଛି। ମୃତଦେହ ନିକଟରୁ ପୋଲିସ ଏକ ମୋବାଇଲ ଫୋନ୍, ଇୟର କଡ୍ ଜବତ କରିଛି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ସସ୍ମିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୯/୨୨)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଟୁଟୁ ବାରିକ। ପରକୀୟା ପ୍ରୀତି ଯୋଗୁ ରଘୁଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଥିବା ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି। ତେବେ ହତ୍ୟାରେ ବ୍ୟବହୃତ ପଥରକୁ ପୋଲିସ ଜବତ କରିପାରି ନ ଥିବା ବେଳେ ଶୁକ୍ରବାର ଅଭିଯୁକ୍ତ ଘଟଣାସ୍ଥଳରେ ଡେମୋ ଦେଖାଇବେ ବୋଲି ଜଣାପଡ଼ିଛି।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ସୂଚନା ମୁତାବକ, ରଘୁ ଏବଂ ଟୁଟୁ ମିଶି ଗୋଡ଼ିପଡ଼ା ଛକରେ ଏକ ହୋଟେଲ ଖୋଲିଥିଲେ। ବେପାରରୁ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇ ବନ୍ଧୁତାରେ ନିବିଡ଼ତା ବଢ଼ିଥିଲା। ଉଭୟ ପରିବାର ମଧ୍ୟରେ ଯିବା ଆସିବା ଚାଲିଥିଲା। ଏହାରି ମଧ୍ୟରେ ରଘୁ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ସଂସ୍ପର୍ଶରେ ଆସିଥିଲେ। ପରବର୍ତ୍ତୀ ସମୟରେ ଏନେଇ ଜାଣିବା ପରେ ଟୁଟୁ ସନ୍ଦେହ କରିବା ଆରମ୍ଭ କରିଥିଲେ। ଏନେଇ ରଘୁ ଓ ଟୁଟୁଙ୍କ ମଧ୍ୟରେ ବହୁବାର ପାଟିତୁଣ୍ଡ ହୋଇଥିଲା। ଏହାର ପ୍ରଭାବ ବେପାର ଉପରେ ପଡ଼ିବା ସହ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଶେଷରେ ବେପାର ଭାଙ୍ଗିଯାଇଥିଲା। ବୁଧବାର ସନ୍ଧ୍ୟାରେ ପୁଣି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ମୁହାଁମୁହିଁ ହୋଇଥିଲେ ବୋଲି ମୃତକଙ୍କ ପରିବାର ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ରାତିରେ ଖାଇସାରିବା ପରେ ରଘୁ ଗାଁ ଭିତରେ ନିର୍ମାଣ ହେଉଥିବା ଘର ଛାତ ଉପରକୁ ଶୋଇବାକୁ ଯାଇଥିଲେ। ଗୁରୁବାର ରଘୁ ଘରକୁ ଫେରିବାରେ ବିଳମ୍ବ ହେବାରୁ ସ୍ତ୍ରୀ ସସ୍ମିତା ମୋବାଇଲ ନମ୍ବରକୁ କଲ୍ କରିଥିଲେ। ବାରମ୍ବାର କଲ୍ ସତ୍ତ୍ୱେ ସେ ନ ଉଠାଇବାରୁ ସସ୍ମିତା ସନ୍ଦେହ କରି ଛାତ ଉପରକୁ ଆସି ଦେଖିବାବେଳେ ରଘୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକଙ୍କଠାରୁ ଖବରପାଇ ସଦର ଏସ୍‌ଡିପିଓ ମିଶ୍ର, ଜଙ୍କିଆ ଥାନାଧିକାରୀ ଅନିତା ସାହୁ ଟିମ୍ ସହ ପହଞ୍ଚିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ସସ୍ମିତାଙ୍କ ଅଭିଯୋଗ ପରେ ଏସ୍‌ଡିପିଓ ମିଶ୍ରଙ୍କ ନେତୃତ୍ୱରେ ଜଙ୍କିଆ ଥାନାଧିକାରୀ ସାହୁ ଏବଂ ଅନ୍ୟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସ ଟୁଟୁଙ୍କ ମୋବାଇଲକୁ ଟ୍ରାକ୍ କରି ଅପରାହ୍ନ ସୁଦ୍ଧା ତାଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ବେଳେ ସେ ହତ୍ୟାକାଣ୍ଡ ନେଇ ସ୍ୱୀକାର କରିବା ସହ ଘଟଣା ସମ୍ପର୍କରେ କହିଥିଲେ।

## ତହସିଲ କର୍ମଚାରୀଙ୍କୁ ଧମକାଇ ଜବତ ମାଙ୍କଡ଼ା ବୋଝେଇ ଟ୍ରକ୍ ନେଇଗଲେ

**ବେଗୁନିଆ,୪।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ମୋରମ ଓ ମାଙ୍କଡ଼ା ପଥର ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସ୍ଥାନୀୟ ତହସିଲର କେତେଜଣ କର୍ମଚାରୀଙ୍କୁ ଧମକ ଦେଇ ଜବତ ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ୍‌କୁ ମାଫିଆମାନେ ନେଇଯାଇଛନ୍ତି। ଏନେଇ ଗୁରୁବାର ବାଘମାରୀ ଆର୍‌ଆଇ ମନୋଜ ଦାସ ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୯୧/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଗୁନିଆ ଅତିରିକ୍ତ ତହସିଲଦାର ମମତା ଦାସ, ବାଘମାରୀ ଆର୍‌ଆଇ ଦାସ ଏବଂ କର୍ମଚାରୀଙ୍କୁ ନେଇ ବୁଧବାର ବିଭିନ୍ନ ଖଣିରେ ଚଢ଼ାଉ କରାଯାଇଥିଲା। ଅପରାହ୍ନରେ ଚୋରା ଚାଲାଣ ହେଉଥିବା ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକ୍‌କୁ ତହସିଲ କର୍ମଚାରୀମାନେ ଚଣ୍ଡିଆପଲା କାଜୁ ବଗିଚାଠାରେ ଜବତ କରିଥିଲେ। ଥାନାକୁ ଆଣିବା ବାଟରେ ମାଫିଆମାନେ ପହଞ୍ଚି ବିଭିନ୍ନ ଧମକଚମକ ଦେଇ ଗାଡ଼ିଟିକୁ ଛଡ଼ାଇ ନେଇଯାଇଥିଲେ।





**କୃଷ୍ଣପ୍ରସାଦ:** ଗୋମଣ୍ଡିଆ ଅଙ୍ଗନୱାଡି କେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ଉଚ୍ଛେଦ ଲାଗି ଅଙ୍ଗନୱାଡି କର୍ମୀମାନେ ଶପଥ ନେଉଛନ୍ତି।

## 'ଶିଶୁଙ୍କ ପାଇଁ ଦିନଟିଏ'

**କୃଷ୍ଣପ୍ରସାଦ,୪।୮(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋମୁଣ୍ଡିଆ ଅଙ୍ଗନୱାଡି କେନ୍ଦ୍ରଠାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଲ୍ୟବିବାହର କୁପରିଣତି ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତ ଅଙ୍ଗନୱାଡି ସଭାପତି ନମିତାରାଣୀ ସାହୁ, ଝରଣା ରାଣୀ ସାହୁ, ସୁକାନ୍ତି ତରେଇ, ତୁଳସୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଅଙ୍ଗନୱାଡି କର୍ମୀ ରାଧାମଣି ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବାଲ୍ୟବିବାହ ଉଚ୍ଛେଦ ଲାଗି ସଭାରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଅଚଳ ଶୌଚାଳୟ କାର୍ଯ୍ୟକ୍ଷମ ଦାବି

**ଖୋର୍ଦ୍ଧା ଅଫିସ,୪।୮**

ଖୋର୍ଦ୍ଧା ପୌରପରିଷଦ ଦ୍ୱାରା ବିଲ୍‌ଡିଙ୍ଗ୍ ପ୍ଲାନ୍ ଅନୁମୋଦନ ଏବଂ ଅଚଳ ହୋଇପଡ଼ିଥିବା ଦୁଇଟି ସୁଲଭ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ଦାବିରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଗୁରୁବାର ଉପଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ. ଗୌରବ ଶିବାଜୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଖୋର୍ଦ୍ଧା-ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧୀନରେ ରହିଛି। ଫଳରେ ଖୋର୍ଦ୍ଧା ପୌରାଞ୍ଚଳରେ କୋଠାବାଡ଼ି, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ନିର୍ମାଣ ଲାଗି ବିଡିଏ ପ୍ଲାନ୍ ଅନୁମୋଦନର ଆବଶ୍ୟକ ପଡୁଛି। ଫଳରେ ଲୋକେ ଦଲାଲଙ୍କ ହାବୁଡ଼ରେ ପଡ଼ି ହଇରାଣ ହେଉଛନ୍ତି। ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ଅନୁଯାୟୀ ଅନୁମୋଦନ ଲାଗି ବିଡିଏ ପରିବର୍ତ୍ତେ ଖୋର୍ଦ୍ଧା ପୌରପରିଷଦ ଦ୍ୱାରା କରାଯିବା ଲାଗି ଦାବି କରିଛନ୍ତି। ଏଥିସହ ସହରର ନୂଆ ବସ୍‌ଷ୍ଟାଣ୍ଡ ଓ ପୁରୁଣା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟରେ ଥିବା ସୁଲଭ ଶୌଚାଳୟ ଦୀର୍ଘଦିନ ହେବ ବନ୍ଦ ହୋଇପଡ଼ିଛି। ଫଳରେ ଯାତ୍ରୀ ଏବଂ ସ୍ଥାନୀୟ ବ୍ୟବସାୟୀ ହଇରାଣ ହେଉଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ଦାବି କରିଛନ୍ତି। ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରଭାତ ଦାସଙ୍କ ନେତୃତ୍ୱରେ ପ୍ରଭାତ କୁମାର ପରିଡ଼ା, ଗିରିଜା ପଟ୍ଟନାୟକ, ମହମ୍ମଦ କାଲାମ, ପ୍ରହ୍ଲାଦ ସାହୁ, ସରସ୍ୱତୀ ଭଞ୍ଜ, ସୁସ୍ମିତା ଛୁଆଳସିଂହ, କବିତା ମିଶ୍ର, ଲିଲି ଛୋଟରାୟ, ଶର୍ମିଷ୍ଠା ପଟ୍ଟନାୟକ, ମାମିନା ପ୍ରଧାନ, ସଞ୍ଜୁକ୍ତା ପ୍ରସାଦ ରାମ, ଜ୍ୟୋତ୍ସ୍ନା ମହାନ୍ତି, ଗାୟତ୍ରୀ ବୋଷ୍, ଲକ୍ଷ୍ମୀପ୍ରିୟା ପ୍ରଧାନ, ଶୁଭଶ୍ରୀ ବେହେରା, ସ୍ନିଗ୍ଧାରାଣୀ ଦାଶ, ମାମିନା ସାହାଣୀ, ସନ୍ଦୀପ ବୋଷ୍ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଡମ୍ପିଂ ୟାର୍ଡ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ

**ବେଗୁନିଆ, ୪।୮ (ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ବର୍ଜ୍ୟବସ୍ତୁ ପରିଚାଳନା ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜନବସତିଠାରୁ ବହୁଦୂରରେ ବର୍ଜ୍ୟବସ୍ତୁ ଡମ୍ପିଂ ୟାର୍ଡ ନିର୍ମାଣ ପାଇଁ ସରକାର ଅନୁଦାନ ଯୋଗାଉଛନ୍ତି। ତେବେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ବଜାର ନିକଟରେ ହେଉଥିବା ନିକ୍ଷେପଣ ସ୍ଥଳୀ (ଡମ୍ପିଂ ୟାର୍ଡ) ନିର୍ମାଣକୁ ବିରୋଧ କରିଛି ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ମୋ କ୍ଲବ। ଏ ନେଇ କ୍ଲବ ପକ୍ଷରୁ ସ୍ଥାନୀୟ ତହସିଲଦାର ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଅନ୍ୟପଟେ ନିର୍ମାଣାଧୀନ ଡମ୍ପିଂ ୟାର୍ଡକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅନ୍ୟତ୍ର କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, କଣ୍ଟାବାଡ଼ ବଜାର ନିକଟରେ ଥିବା ବଗାୟତ-୨ କିସମ ଜାଗାରେ ମୋ କ୍ଲବର ସଦସ୍ୟମାନେ ବହୁ ବର୍ଷଧରି ଚାରା ପ୍ରସ୍ତୁତ କରିବା ସହ



ଡମ୍ପିଂ ୟାର୍ଡ ନିର୍ମାଣ ପାଇଁ ପଥର ଓ ବାଲି ପକାଯାଇଛି।

ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନକୁ ବିନା ମୂଲ୍ୟରେ ଯୋଗାଇ ଆସୁଛନ୍ତି। ଚାରାର ସୁରକ୍ଷା ନିମନ୍ତେ ଉକ୍ତ ସ୍ଥାନକୁ କ୍ଲବର ସଦସ୍ୟମାନେ ତାରବାଡ଼ କରି ନିବୁଜ ରଖିଥିଲେ। ଉକ୍ତ ଜାଗାରେ ସରକାରଙ୍କ ପକ୍ଷରୁ ଡମ୍ପିଂ ୟାର୍ଡ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଠିକାଦାରଙ୍କ ପକ୍ଷରୁ ଶ୍ରମିକ ନିୟୋଜିତ କରାଯାଇ ପୂର୍ବରୁ ଥିବା ତାରବାଡ଼ ଓ ସିମେଣ୍ଟ ଖୁଣ୍ଟକୁ ଭଙ୍ଗାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନିର୍ମାଣକୁ କ୍ଲବ ପକ୍ଷରୁ ବିରୋଧ କରାଯିବା ସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।





ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ।

# ଓଡ଼ିଆ ସାମ୍ବାଦିକତାରେ ଉତ୍କଳ ଦୀପିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଖୋର୍ଦ୍ଧା ଅଫିସ, ୪।୮**

ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ବରିଷ୍ଠ ଖବରଦାତା ଶୁଭ୍ରାଂଶୁ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତା ସନ୍ତୋଷ ବାରିକ, ଦିଲୀପ ପଟ୍ଟନାୟକ, ପ୍ରକାଶ ହାତୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ୍ କେଏନ୍ ସାମନ୍ତରାୟ, ପ୍ରବୀଣ ଭଞ୍ଜଦେଓ, ଆକାଶ ବିଶ୍ୱାଳ, ମନୋଜ ସାହୁ, ସଞ୍ଜୟ କର, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଗୋପାଳକୃଷ୍ଣ ଦାସ, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପାଣିଗ୍ରାହୀ କହିଥିଲେ, ଓଡ଼ିଆ ସାମ୍ବାଦିକତାରେ ଉତ୍କଳ ଦୀପିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର ଭାବେ ୧୮୬୬ରୁ ୧୯୩୬ ଯାଏ ଦୀର୍ଘ ୭୦ ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ପ୍ରକାଶ ପାଇଥିଲା। ପରେ ୧୯୨୮ରେ ପ୍ରଥମ ଦୈନିକ ଖବର ଦୈନିକ ଆଶା, ୨ବର୍ଷ ପରେ ସମାଜ ଦୈନିକ ଖବରକାଗଜ ଭାବେ ଆତ୍ମପ୍ରକାଶ କରିଥିଲା। ଉତ୍କଳ ଦୀପିକା ଦ୍ୱାରା ଅନୁପ୍ରାଣିତ ହୋଇ ପରବର୍ତ୍ତୀ ସମୟରେ ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ବାରିପଦା, ଉତ୍ରକ, ଦେବଗଡ଼ ଓ ପାରଳାଖେମୁଣ୍ଡି ଆଦି ସହରରେ ଅନେକ ଖବରକାଗଜ ପ୍ରକାଶ ପାଇବାକୁ ଲାଗିଲା। ଊନବିଂଶ ଶତାବ୍ଦୀରେ ଉତ୍କଳ ଦୀପିକାର ନେତୃତ୍ୱ ଓଡ଼ିଶାରେ ସାମ୍ବାଦିକତାର ପ୍ରସାର ପ୍ରଚାର ଦିଗରେ ବେଶ୍ ସହାୟକ ହୋଇଥିଲା। ଉତ୍କଳ ଦୀପିକାର ପ୍ରଥମ ସଂସ୍କରଣରୁ ହିଁ ସ୍ଥାନୀୟ ସମ୍ବାଦ, ସମ୍ବାଦ ସମୀକ୍ଷା, ସମ୍ପାଦକୀୟ, ସମ୍ପାଦକଙ୍କ ପତ୍ର, ବିଜ୍ଞାପନ ସହିତ ଅନ୍ତର୍ଜାତୀୟ ସ୍ତରର ଖବର ମଧ୍ୟ ସ୍ଥାନ ପାଇଥିଲା। ଉତ୍କଳ ଦୀପିକାରେ ସୁସ୍ଥ ସାମ୍ବାଦିକତା ପରମ୍ପରାର ସନ୍ଧାନ ମିଳେ। ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଉତ୍କଳ ଦୀପିକା ସାଧାରଣ ଲୋକଙ୍କ ଦୁର୍ଦ୍ଦଶାକୁ ଖବର ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବାର ମାଧ୍ୟମ ସାଜିଥିଲା। ଏଥିସହିତ ଓଡ଼ିଆ ଭାଷାର ପ୍ରଚାର ପ୍ରସାର, ପାଠ୍ୟପୁସ୍ତକ ପ୍ରଣୟନ, ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ର କରିବା ସହ ଗଠନମୂଳକ ସମ୍ବାଦ ପରିବେଷଣ ଦିଗରେ ଉତ୍କଳ ଦୀପିକାର ଭୂମିକା ଅବିସ୍ମରଣୀୟ ହୋଇ ରହିବ। ଅବହେଳିତ ଓଡ଼ିଶାବାସୀଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବା ତଥା ଏ ସମ୍ପର୍କରେ ଜନମତ ସୃଷ୍ଟି ଦିଗରେ ଉତ୍କଳ ଦୀପିକା ଅଗ୍ରଗାମୀ ଭୂମିକା ନିର୍ବାହ କରିଥିଲା। ସମ୍ପାଦକଙ୍କୁ ପତ୍ର ମାଧ୍ୟମରେ କୋଣ ଅଣୁକୋଣର ଲୋକଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟିଗୋଚର କରିପାରିଥିଲା ବୋଲି ସେ କହିଥିଲେ। ରାମନାରାୟଣ ଦାଶ ସଂଯୋଜନା ଏବଂ ବାଲାଜୀ ପାତ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

# ଗଜପତିରୁ ଭୁବନେଶ୍ୱର ଆସୁଥିଲା ଗଞ୍ଜେଇ

**ଖୋର୍ଦ୍ଧା ଅଫିସ,୪।୮**

- ୬.୩୦ ଲକ୍ଷ ଟଙ୍କାର ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ ଧରାପଡ଼ିଲା
- ୫୬ ହଜାର ଟଙ୍କା ଜବତ, ୨ ଗିରଫ

ବ୍ରାଉନ୍‌ସୁଗାର ପରେ ଏବେ ଗଞ୍ଜେଇ ଚୋରାଚାଲାଣ ବଢ଼ିବାରେ ଲାଗିଛି। ଜାତୀୟ ରାଜପଥ ମାଫିଆଙ୍କ ପାଇଁ ଗଳାବାଟ ସାଜିଛି। ଗଜପତିରୁ କିଛି ମାସ ପୂର୍ବେ ଖୋର୍ଦ୍ଧା ଅବକାରୀ ବିଭାଗ କନ୍ଧମାଳରୁ ଖୋର୍ଦ୍ଧାକୁ ଚାଲାଣ ହେଉଥିବା ଦୁଇଟି କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଗୁରୁବାର ପୁଣି ଥରେ ଅବକାରୀ ବିଭାଗ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଛତ୍ରମା ଛକସ୍ଥିତ ଏକ ଢାବା ନିକଟରୁ ଗଞ୍ଜେଇ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍‌ରୁ ୧ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ସହ ୫୬ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଆଙ୍କୋଇ ଗ୍ରାମର ଶ୍ରୀଧର ପାତ୍ର(୬୬) ଓ ଗଜପତି ଜିଲା ମୋହନା ଥାନା ବୁଡୁଣୀ ଗ୍ରାମର ସୁଜୟ ମଲିକ(୨୯)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ଲକ୍ଷ ୩୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୦(ବି)(॥)ରେ ଏକ ମାମଲା (ନଂ.୪୬/୨୨) ରୁଜୁ ହୋଇଛି।



ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ସୂଚନା ମୁତାବକ, ଗଜପତିରୁ ଭୁବନେଶ୍ୱର ଅଭିମୁଖେ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି-୨୫-ଜି-୪୫୩୬)ରେ ବିପୁଳ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଅଧୀକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁମିତ୍ରା ଓରାମ, ଅବକାରୀ ଇନ୍‌ସ୍ପେକ୍ଟର ଭୈରବ କୁମାର ସାହୁଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ଛତ୍ରମା ଛକରେ ଛପି ରହିଥିଲେ। ଦ୍ରୁତଗତିରେ ଆସୁଥିବା ଉକ୍ତ ଗାଡ଼ିକୁ ଦେଖି ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଡ୍ରାଇଭର ଅନ୍ୟ ବାଟ ଦେଇ ଖସିଯିବାକୁ ଉଦ୍ୟମ କରିବା ବେଳେ ଅବକାରୀ ଟିମ୍ ପିଛା କରି ଧରିଥିଲା। ଯାଞ୍ଚ ବେଳେ ଭ୍ୟାନ୍‌ରେ ଗଞ୍ଜେଇର ଛୋଟ ପକେଟ ରଖାଯାଇ, ତା ଉପରେ ପ୍ଲେଟ୍ ପକାଯାଇ ଚାଲାଣ କରାଯାଉଥିଲା। ଡ୍ରାଇଭର ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଗଞ୍ଜେଇ ଭର୍ତ୍ତି ଭ୍ୟାନ୍‌କୁ ଜବତ କରିଥିଲା। ତେବେ ଏତେ ପରିମାଣର ଗଞ୍ଜେଇ ଗଜପତିର କେଉଁଠାରୁ ଚାଲାଣ ହେଉଥିଲା ଓ ଭୁବନେଶ୍ୱରର କାହା ପାଖକୁ ଚାଲାଣ ହେଉଥିଲା ଏବଂ ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଏହାର ଖୋଳତାଡ଼ କରୁଛି ଅବକାରୀ ପୋଲିସ। ଏହି ଚଢ଼ାଉରେ ମୋବାଇଲ ୟୁନିଟ୍ ଇନ୍‌ସ୍ପେକ୍ଟର ସସ୍ମିତା ହୋତା, ଏସ୍‌ଆଇ ବି. ମନୋଜ କୁମାର, ଟାଙ୍ଗୀର ଆଲୋକ କୁମାର ପ୍ରଧାନଙ୍କ ସମେତ ବେଗୁନିଆ, ଜଟଣୀ ଏବଂ ଟାଙ୍ଗୀ ଅବକାରୀ ଟିମ୍ ସାମିଲ ଥିଲେ।

**ଅମୃତ ମହୋତ୍ସବରେ ବଡ଼ଦାଣ୍ଡରେ ରାଷ୍ଟ୍ରୀୟ ଗାନ ହେଉ**

ପୁରୀ ଅଫିସ- ଅମୃତ ମହୋତ୍ସବ ଉପଲକ୍ଷେ ପୁରୀ ବଡ଼ଦାଣ୍ଡରେ ରାଷ୍ଟ୍ରୀୟ ଗାନ ପରିବେଷଣ କରିବାକୁ ଅନୁରୋଧ କରି ଜଣେ ବ୍ୟକ୍ତି ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚୁଡଙ୍ଗ ସାହି ଭାଗବତ ଟୁଙ୍ଗିର ସହସମ୍ପାଦକ ଉମାକାନ୍ତ ବେହେରା ତାଙ୍କ ନିବେଦନ ପତ୍ରରେ ଦର୍ଶାଇଛନ୍ତି, ଚଳିତ ମାସ ୧୩ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେବ। ଫଳରେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଦ୍ୱାରା ରାଷ୍ଟ୍ରୀୟ ଗାନ ପରିବେଷଣ କରାଯାଉ। ସେହିପରି ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହ ଆଦି ଡକ୍ୟୁମେଣ୍ଟ ସିନେମାଗୁଡିକର ପ୍ରଦର୍ଶନ କରାଯାଉ। ଅପରପକ୍ଷେ ସ୍ୱଚ୍ଛ ସବାରି ଗାଡ଼ିରେ ରାଷ୍ଟ୍ରୀୟ ଗାନ ପରିବେଷଣ କରାଯାଉ ବୋଲି ଜିଲାପାଳଙ୍କୁ ସେ ଅନୁରୋଧ କରିଛନ୍ତି।




୪।୮।୨୦୨୨

| | |
|---|---|
| ୨,୧୮,୩୬୫ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୧.୧୩୦ ଗ୍ରାମ |

# ବଳାତ୍କାର ପୀଡ଼ିତାଙ୍କୁ ମିଳୁନି ସହାୟତା ରାଶି

ପୁରୀ ଅଫିସ,୪।୮:

ପୁରୀ ଜିଲାର ଅଧିକାଂଶ ବଳାତ୍କାର ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ମିଳିପାରୁ ନାହିଁ। ପ୍ରଶାସନଠାରୁ ଜିଲା ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ପୀଡ଼ିତାମାନେ କ୍ଷତିପୂରଣ ରାଶି ପାଉ ନ ଥିବା ଅଭିଯୋଗ ହେଉଛି। ଟାଉନ ଥାନା ଅଧୀନ ୫ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ମହେଶ ମହାନ୍ତି ଗିରଫ ହେବା ପରେ ପୀଡ଼ିତାଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ଦିଆଯାଇଥିଲା। କିନ୍ତୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅଧିକାଂଶ ବଳାତ୍କାର ପୀଡ଼ିତାଙ୍କୁ ବଡ଼ଧରଣର କ୍ଷତିପୂରଣ ଦିଆଯାଉ ନାହିଁ ବୋଲି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଅଭିଯୋଗ କରିଛନ୍ତି।

ଜିଲାରେ ବଳାତ୍କାର ମାମଲା କ୍ରମାଗତ ବଢ଼ି ଚାଲିଛି। ୨୦୨୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବଳିଆପଣ୍ଡା ଥାନା ଅନ୍ତର୍ଗତ ୫ ବର୍ଷୀୟା ବାଳିକା, ପିପିଲି ଥାନା ଅଞ୍ଚଳର ୨୧ ବର୍ଷୀୟ ଯୁବତୀ, ବ୍ରହ୍ମଗିରି ଥାନା ଅଞ୍ଚଳର ୧୭ ବର୍ଷୀୟ ବାଳିକା, ନିମାପଡ଼ା ଥାନା ଅଞ୍ଚଳର ମହିଳା, ବାସେଳି ଥାନା ଅଞ୍ଚଳର ୧୫ ବର୍ଷୀୟ ବାଳିକା, ଡେଲାଙ୍ଗ ଥାନା ଅଞ୍ଚଳର ନାବାଳିକା, ଗୋପ ଥାନା ଅଞ୍ଚଳର ୧୪ ବର୍ଷୀୟା ବାଳିକା, ସମୁଦ୍ରକୂଳ ଥାନା ଅଞ୍ଚଳର ନାବାଳିକା, ପୁରୀ ସଦରଥାନା ଅଞ୍ଚଳର ନାବାଳିକାଙ୍କୁ ବଳାତ୍କାର ମାମଲାରେ କ୍ଷତିପୂରଣ ମିଳିପାରି ନାହିଁ। ସେହିଭଳି ସମୁଦ୍ରକୂଳ ଓ ବଳିଆପଣ୍ଡା ଥାନାରେ ବଳାତ୍କାର ମାମଲା ଅଧିକ ହୋଇଥିଲେ ମଧ୍ୟ କ୍ଷତିପୂରଣ ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଓଡ଼ିଶା ପୀଡ଼ିତା କ୍ଷତିପୂରଣ

**ପୀଡ଼ିତାଙ୍କ ପାଖେ ପହଞ୍ଚିପାରୁନି ଆଇନ ସେବା ପ୍ରାଧିକରଣ**

ଯୋଜନା-୨୦୧୮ ଅଧୀନରେ ବଳାତ୍କାର ପୀଡ଼ିତାଙ୍କୁ ୪ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ଗଣବଳାତ୍କାରରେ ୫ରୁ ୧୦ ଲକ୍ଷ ମିଳିବାର ପ୍ରାବଧାନ ରହିଛି। ମାମଲା ରୁଜୁ ହେବା ପରେ ଜିଲା ଆଇନ ପ୍ରାଧିକରଣ କର୍ତ୍ତୃପକ୍ଷ ପୀଡ଼ିତାଙ୍କ ପାଖରେ ପହଞ୍ଚିବା ଉଚିତ, ମାତ୍ର ସେଭଳି ହେଉନାହିଁ। ସଚେତନତା ଅଭାବ କାରଣରୁ ଗରିବ ପୀଡ଼ିତାମାନେ ଏନେଇ ସୂଚନା ପାଇପାରୁନାହାନ୍ତି। ଏପରିକି ମାନବାଧିକାର କମିଶନ ନିକଟରେ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଜଣେ ଝିଅର ବଳାତ୍କାର ପରେ ତାଙ୍କ ପିତା ନିଜ ଆଡୁ କ୍ଷତିପୂରଣ ଦାବି କରିବାକୁ ଲଜ୍ଜାବୋଧ କରୁଛନ୍ତି। ମାତ୍ର ଜିଲା ଆଇନ ସେବା ପ୍ରାଧିକରଣ ପୀଡ଼ିତାଙ୍କ ନିକଟରେ ପହଞ୍ଚିଲେ, କ୍ଷତିପୂରଣ ମିଳିବା ସମ୍ଭବପର ହୁଅନ୍ତା। ଏ ନେଇ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ କହିଛନ୍ତି, ଅଭିଯୋଗ ପରେ ପୀଡ଼ିତା କ୍ଷତିପୂରଣ କମିଟି ଆଗରେ ତଥ୍ୟ ଉପସ୍ଥାପିତ ହୁଏ। କମିଟି ନିଷ୍ପତ୍ତିରେ କାର୍ଯ୍ୟାନୁଷ୍ଠାନ ନିଆଯାଏ। ଅନ୍ତରୀଣ କ୍ଷତିପୂରଣ ଅଧିକାଂଶ କ୍ଷେତ୍ରରେ ଦିଆଯାଉଥିବା ବେଳେ ଏବେ ଏହାର ମାତ୍ରା କମିଛି। ଅନେକ ସ୍ତରରେ ପୀଡ଼ିତାଙ୍କ ପରିବାର ଓ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ଆପୋସ ବୁଝାମଣା ହୋଇଯାଏ। ଏଣୁ ଅନ୍ତରୀଣ କ୍ଷତିପୂରଣ ଉପରେ ରୋକ୍ ଲାଗିଛି। ସେହିଭଳି ବଳାତ୍କାର ଅଭିଯୋଗର ତଥ୍ୟ ଉପରେ ଅନୁଧ୍ୟାନ କରି ଅନ୍ତରୀଣ କ୍ଷତିପୂରଣ ଦିଆଯାଏ। ମାମଲାରେ ସାକ୍ଷ୍ୟ ପ୍ରମାଣ ଦେଖିବା ପରେ ପୂର୍ଣ୍ଣ କ୍ଷତିପୂରଣ ଦିଆଯାଏ।

# ପ୍ରେରଣାର ଉତ୍ସ ଥିଲେ ନନ୍ଦିନୀ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ**

ପୁରୀ ଅଫିସ,୪।୮

ସ୍ୱର୍ଗତ ଉପେନ୍ଦ୍ର ମିଶ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ଉପେନ୍ଦ୍ର ଭବନ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ଷୋଡଶତମ ଶ୍ରାଦ୍ଧ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଲେଖିକା ଡ. ସୁଦୀପ୍ତା ମିଶ୍ର ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ, ନନ୍ଦିନୀ ଦେବୀ ଥିଲେ ବାସ୍ତବରେ ଲୌହମାନବୀ ଓ ମାଟିର ମହାନାୟିକା, ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଅମୃତୀ ପ୍ରୀତମଙ୍କର ପ୍ରଖ୍ୟାତ ଉପନ୍ୟାସ 'ରସିଦ୍ ଟିକେଟ' ଓଡ଼ିଆ ଅନୁବାଦ କରି ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଅନ୍ୟତମ ଅତିଥି ଭାବେ ଜ୍ୟୋର୍ତିର୍ବିଦ୍ ଅନାମଚନ୍ଦ୍ର ସାହୁ ଯୋଗଦେଇ କହିଥିଲେ, ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଶାସନ ଶୃଙ୍ଖଳା ଓ ଦୃଢ଼ତା ଆଜି ମଧ୍ୟ ଆମକୁ ଅନୁପ୍ରାଣିତ କରୁଛି। କାର୍ଯ୍ୟକ୍ରମରେ ହେମାଙ୍ଗିନୀ ମହାନ୍ତି, ଭବାନୀ ଶଙ୍କର ବଳିଆର ସିଂ, ରାଧାକୃଷ୍ଣ ପ୍ରଧାନୀ, ଭଗବତ ପଟ୍ଟନାୟକ, କବି ଯୋଗେଶ୍ୱର ପ୍ରହରାଜ, ପ୍ରତିମା ସୁଆର ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିକାଶର କଥା କହିବ ଗାଁ ଚିତ୍ର

ଗୋପ,୪।୮(ଡି.ଏନ୍.ଏ.): 'ଦୀର୍ଘବର୍ଷ ଧରି ନବୀନ ସରକାର କେବଳ ଗାଁର ବିକାଶ କଥା ଚିନ୍ତା କରିଛନ୍ତି। ଯଦି ବିକାଶ ଦେଖିବ ତେବେ ମୋ' ନିର୍ବାଚନମଣ୍ଡଳୀର ଯେଉଁ ଗାଁକୁ ଯାଅ ସେଠି ରାସ୍ତାଘାଟଠାରୁ ଆରମ୍ଭ କରି ପାନୀୟଜଳ, କୋଠଘର, ସ୍ୱୟଂ ସହାୟକ ଗୋଷ୍ଠୀ ଗୃହ ସହିତ ଶିକ୍ଷା ବ୍ୟବସ୍ଥାକୁ ଦେଖ'। ଗୋପ ବ୍ଲକ ଅନ୍ତର୍ଗତ ବନ୍ତଲିଗ୍ରାମ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀଠାରେ ବୁଧବାର ଆୟୋଜିତ ବିଜେଡି ପଞ୍ଚାୟତସ୍ତରୀୟ ସମୀକ୍ଷା ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ନିମାପଡ଼ା -ଗୋପ ନିର୍ବାଚନମଣ୍ଡଳୀରେ ମନ୍ତ୍ରୀ ଦାଶ ପ୍ରସ୍ତୁତି ବୈଠକ ଆରମ୍ଭ କରିଛନ୍ତି। ପଞ୍ଚାୟତ ସଭାପତି ଶରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ, ସରପଞ୍ଚ ମହେଶ୍ୱର ସ୍ୱାଇଁ, ସମିତିସଭ୍ୟା ଜୟଶ୍ରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ସେହିପରି ଗୋପସ୍ଥିତ କୁଶୁପୁରୁ ବିଜେଡି କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଧାରଣ ନିର୍ବାଚନ ପାଇଁ ରଣ କୌଶଳ ସ୍ଥିର ହୋଇଥିବାବେଳେ ଗାଁରେ ଥିବା ଯୁବକଙ୍କୁ କିଭଳି ବିକାଶ କ୍ଷେତ୍ରରେ ଆଗକୁ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୧୪ ଜଣିଆ ଯୁବଗୋଷ୍ଠୀଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

### ବକେୟା ଦରମା ଦାବି କଲା ପାଚିକା ସଂଘ

ପୁରୀ ଅଫିସ,୪।୮ - ଦୁଇ ମାସର ବକେୟା ଦରମା ପ୍ରଦାନ ଦାବି କରି ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପୁରୀ ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବା ସହ ଅନ୍ୟ ସମସ୍ତ କାମ ପାଚିକାମାନେ କରିଥାନ୍ତି। ମାତ୍ର ଦରମା ଠିକ୍ ଭାବେ ଦିଆଯାଉ ନାହିଁ। ଅପରପକ୍ଷେ ଯେତିକି ଦରମା ପ୍ରଦାନ କରାଯାଉଛି, ତାହା ବର୍ତ୍ତମାନ ସମୟରେ ପରିବାର ଚଳାଇବା ସମ୍ଭବପର ନୁହେଁ। ତେଣୁ ପ୍ରଶାସନ ବକେୟା ଥିବା ଦୁଇମାସର ଦରମା ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଜଗନ୍ନାଥ ଦେଓ, ଟୁନା ନାୟକ, ସୁଜାତା ବିଷୋଇ, ନମିତା ନାୟକ, ବିଟୁ ମିର ଏବଂ ସୁନିତା ମଣ୍ଡଳଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପୁରୀ କ୍ଲବ ପରିସରରେ ଗୁରୁବାର ଆୟୋଜିତ ଇନରହୁଇଲ୍ କ୍ଲବ ଶ୍ରୀକ୍ଷେତ୍ର ପକ୍ଷରୁ ଜିଲାସ୍ତରୀୟ କର୍ମଶାଳା ଓ ସ୍ୱାସ୍ଥ୍ୟ ଶିବିର ।

## ଇନ୍‌ରହୁଇଲ କ୍ଲବର ଜିଲାସ୍ତରୀୟ କର୍ମଶାଳା

ପୁରୀ ଅଫିସ ୪।୮

ଇନରହୁଇଲ୍ କ୍ଲବ ଶ୍ରୀକ୍ଷେତ୍ର ପକ୍ଷରୁ ଜିଲାସ୍ତରୀୟ କର୍ମଶାଳା ଓ ସ୍ୱାସ୍ଥ୍ୟ ଶିବିର ପୁରୀ କ୍ଲବ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଇନରହୁଇଲ୍ କ୍ଲବ୍ ସଭାନେତ୍ରୀ ରୋଜି ଦତ୍ତମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଜିଲା ଚେୟାରପର୍ସନ ମିସେସ୍ ଟି.ଚିରଞ୍ଜିବୀ ଉଦ୍‌ଘାଟନ କରି କ୍ଲବର ବିଭିନ୍ନ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ପାଦିକା ସବିତା ହରିଚନ୍ଦନ ବିବରଣୀ ପାଠ କରିଥିଲେ। ନିଜ ଶରୀରର ଆଠଗୋଟି ଅଙ୍ଗଦାନ କରିଛନ୍ତି ବୋଲି ଚିରଞ୍ଜିବି ଘୋଷଣା କରିଥିଲେ ଏବଂ ଏହି ମହତ୍ କାର୍ଯ୍ୟରେ ଯୋଗଦାନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଅପରାହ୍ନରେ କ୍ଲବ ପକ୍ଷରୁ ବଳିଆପଣ୍ଡାସ୍ଥିତ ବସ୍ତିରେ ମହିଳାଙ୍କର ଋତୁସ୍ରାବଜନିତ ସମସ୍ୟା ଓ ସ୍ତନକର୍କଟ ନିରୂପଣ କଥା ତଥା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଭୁବନେଶ୍ୱରର ସ୍ପର୍ଶ ହସ୍ପିଟାଲର ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଶିବିରକୁ କଳ୍ପନା ଦାସ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ୍‌ର ସଦସ୍ୟ, ରୂପଶ୍ରୀ ଧଳ, ପ୍ରଭାତୀ ମହାପାତ୍ର, ମଧୁସ୍ମିତା ମହାପାତ୍ର, ରାଜଲକ୍ଷ୍ମୀ ଦାସ, ସସ୍ମିତା ଖୁଣ୍ଟିଆ, କୋଷାଧ୍ୟକ୍ଷ ଶରଧା ମେକାପ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ରିୟା ଫାଉଣ୍ଡେଶନ ପରିଚାଳନା କରିଥିଲା।

## କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍‌ର ପ୍ରତିଷ୍ଠା ଦିବସ

ପୁରୀ ଅଫିସ, ୪।୮:

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍‌ର ୩୫ତମ ପ୍ରତିଷ୍ଠା ଦିବସ ତଥା ପ୍ରତିଷ୍ଠାତା ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୧ତମ ଜନ୍ମଦିବସ ଏବଂ ସ୍ନାତକ ଶେଷବର୍ଷ ଫାର୍ମାସୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସଭା ଟାଉନ ହଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ଆଇନଜୀବୀ ପୁଷ୍କର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଫୁଲ୍ଲ ବାବୁ ସମାଜସେବାକୁ ପାଥେୟ କରିବା ସହ ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ ନେଇଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ପଛୁଆବର୍ଗ, ଗରିବ ଓ ଅବହେଳିତ ପିଲାଙ୍କୁ ଶିକ୍ଷାଦାନ କରାଇବାକୁ ପ୍ରଫୁଲ୍ଲ ବାବୁ ପଦକ୍ଷେପ ନେଉଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରଫୁଲ୍ଲ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ସିଦ୍ଧେଶ୍ୱର ପାଟଯୋଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶିକ୍ଷକ ନିଯୁକ୍ତି ପରେ ଧାରଣା ପ୍ରତ୍ୟାହୃତ

ପିପିଲି,୪।୮(ସ୍ୱ.ପ୍ର.)

ପିପିଲି ବ୍ଲକ ଅନ୍ତର୍ଗତ ସହଜପୁର ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଦିଆଯାଇଥିବା ଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି। ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ବିଦ୍ୟାଳୟର ଚିଠି ନଂ-୧୫୫୪ ନିର୍ଦ୍ଦେଶନାମା ଅନୁଯାୟୀ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ନିକଟସ୍ଥ ସାନ ସରଗାଇଲୋ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଏକାଦଶୀ ବେହେରାଙ୍କୁ ସହଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି କରାଯାଇଛି। ଏ ନେଇ ପିପିଲି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସହଦେବ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ନାୟକ ଧାରଣାରତ ବ୍ୟକ୍ତିମାନଙ୍କୁ ଅର୍ଡର ଚିଠି ପ୍ରଦାନ କରିଛନ୍ତି। ଏଥିସହ ସେପ୍ଟେମ୍ବର ୧୦ତାରିଖ ସୁଦ୍ଧା ଉକ୍ତ ବିଦ୍ୟାଳୟକୁ ଆଉ ଜଣେ ଶିକ୍ଷକ ପ୍ରଦାନ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ କହିଛନ୍ତି। ନିଜ ଗାଁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇ ସହଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ମହାନ୍ତି, ଦେବରାଜ ମୁଦୁଲି, ଆଲୁମନି କମିଟି ସଦସ୍ୟ ଶାନ୍ତନୁ ବିଶ୍ୱାଳ, ଗ୍ରାମ ମୁରବି ମିହିର ରଞ୍ଜନ ମୁଦୁଲିଙ୍କ ସହ ଧାରଣାକୁ ସମର୍ଥନ ଦେଇଥିବା ଆଇନଜୀବୀ ଅନୁପ ପରିଡା, ସୁଦର୍ଶନ ପ୍ରଧାନ ପ୍ରମୁଖ ବିଇଓ କାର୍ଯ୍ୟାଳୟ ଆଗରୁ ଉଠି ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଥାଉକି, ଉକ୍ତ ସହଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜକୁ ଦୀର୍ଘ ୧୫ ମାସ ହେବ ବିଦ୍ୟାଳୟରେ ପିଲାଙ୍କୁ ଅଧ୍ୟୟନ ପାଇଁ କୌଣସି ଶିକ୍ଷକ ନ ଥିଲେ।

## ଯୋଗ, ଆୟୁର୍ବେଦ ଉପରେ ଗୁରୁତ୍ୱ

ପୁରୀ ଅଫିସ,୪।୮

ଆଚାର୍ଯ୍ୟ ବାଳକୃଷ୍ଣ ମହାରାଜଙ୍କ ଜନ୍ମଦିନରେ ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ପୁରୀ ଶାଖା, କୃଷକ ସମିତି, ମହିଳା ସମିତି, ଯୁବ ଭାରତ ଆନୁକୂଲ୍ୟରେ ଗୁରୁବାର ସେନାପତି ବଗିଚାର ମା ମଙ୍ଗଳା ସେବା ଉପବନରେ ଜଡ଼ିବୁଟି ଦିବସ ପାଳିତ ହୋଇଛି। ଉତ୍ସବରେ ଭାରତ ସ୍ୱାଭିମାନର ସଭାପତି ଭାସ୍କର ପାତ୍ର, ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ମହେଶ ପ୍ରସାଦ ରଥ, ପରାମର୍ଶଦାତା ଡ. କୈଳାସ ଟିକାୟତରାୟ, ଯୋଗ ବିଶ୍ରାମ୍ପକ ଡା. ମହେଶ୍ୱର ଦାଶ ପ୍ରମୁଖ ଯୋଗଦେଇ ଔଷଧୀୟ ଚାରାରୋପଣ କରିଥିଲେ। ପତଞ୍ଜଳି ଚିକିତ୍ସାଳୟର ଚିକିତ୍ସକ ଡା. ପରେଶ ମହାପାତ୍ର ରୋଗ ନିଦାନ ସମ୍ପର୍କରେ ବୁଝାଇଥିଲେ। ଚକ୍ରଧର ମହାପାତ୍ର, ପ୍ରସନ୍ନ ମିଶ୍ର, ବିପିନ ବିହାରୀ ଦଳାଇ, ଚନ୍ଦ୍ରଶେଖର ମହାରଣା, ବୀରେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ମିଶ୍ର ଏବଂ ଦେବୀ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଯୋଗ ଏବଂ ଆୟୁର୍ବେଦ ସମ୍ପର୍କରେ ମତ ରଖିଥିଲେ। ସେନାପତି ବଗିଚା ସାହି କମିଟିର ସଭାପତି ନାରାୟଣ ଜେନା, ସମ୍ପାଦକ ଦାମୋଦର ସ୍ୱାଇଁ, ଲୋକନାଥ ଦଳାଇ, ପୂଜକ ନିରଞ୍ଜନ ପଣ୍ଡା ଓ ଗୀତିକାର ବିଜୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜଡ଼ିବୁଟି ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ବଟି ଆଦାୟ କରି ଜଣେ ଗିରଫ

ପୁରୀ ଅଫିସ,୪।୮:

ବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଉନଥାନା ଅନ୍ତର୍ଗତ ମାଟିମଣ୍ଡପ ସାହିର ମହାବୀର ପ୍ରଧାନ(୨୭)। ମହାବୀରଙ୍କ ନିକଟରୁ ଗୋଟିଏ ଛୁରି ଏବଂ ନଗଦ ୬୩୦ ଟଙ୍କା ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୮୧/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା ସମୟରେ ମହାବୀର ଚୈତନ୍ୟ ଛକ ନିକଟରେ ଯାତ୍ରୀ ଏବଂ ଅଟୋ ଡ୍ରାଇଭରଙ୍କୁ ଛୁରି ଦେଖାଇ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହାବୀରଙ୍କୁ ଗିରଫ କରିଛି।

## ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ ଅଫିସ ୪।୮

ପୁରୀ ଜିଲାସ୍ତରୀୟ ଏବଂ ତାଲୁକସ୍ତରୀୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧୩ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା ଏବଂ ତାଲୁକସ୍ତରୀୟ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା- ଦେୱାନୀ ଓ ଫୌଜଦାରୀ (ସାଲିସ୍‌ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ହୋଇପାରିବ। ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ବହୁଦିନ ଧରି ଚାଲୁ ରହିଥିବା ମକଦ୍ଦମାର ଏହି ଅଦାଲତ ଦ୍ୱାରା ସମାଧାନ ହୋଇପାରିବ। ଏହି ଲୋକ ଅଦାଲତରେ ମାମଲାର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଅଧିକ ସୂଚନା ନିମନ୍ତେ ଜନସାଧାରଣ ଜିଲା ବା ତାଲୁକସ୍ତରୀୟ ଆଇନ ସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ ବୋଲି ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକ ଏବଂ ପ୍ରାଧିକରଣ ସଚିବ ଦେବାଶିଷ ଦାଶ ଅନୁରୋଧ କରିଛନ୍ତି।

## କାର କାଚ ଭାଙ୍ଗି ଚୋରି: ଯୁବକ ଗିରଫ

ପୁରୀ ଅଫିସ,୪।୮:

କାର୍ କାଚ ଭାଙ୍ଗି ଗାଡ଼ିରୁ ମ୍ୟୁଜିକ୍ ସିଷ୍ଟମ୍ ଚୋରି କରିବା ଅଭିଯୋଗରେ ଗୁରୁବାର ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଝାଡଖଣ୍ଡ ଜାମସେଦ୍‌ପୁର ଜିଲା ଦାସନଗର ବସ୍ତି ଅଞ୍ଚଳର ସନି ଦାସ(୨୫)। ପୋଲିସ ସନିଙ୍କ ନିକଟରୁ ଚୋରି ହୋଇଥିବା ମ୍ୟୁଜିକ୍ ସିଷ୍ଟମ୍ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୮୦/୨୨)ରୁଜୁ କରିଛି।

## ଅଞ୍ଚଳର ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି

ଅସ୍ତରଙ୍ଗ,୪।୮(ଡି.ଏନ୍.ଏ.):

ଅସ୍ତରଙ୍ଗ ଥାନାରେ ବୁଧବାର ନୂତନ ଥାନା ଅଧିକାରୀ ଭାବେ ପଞ୍ଚାନନ ପରିଡ଼ା ଯୋଗ ଦେଇଛନ୍ତି। ଏହି ଅବସରରେ ଏକ ସଭା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ପରିଡ଼ାଙ୍କୁ ଅଞ୍ଚଳର ସମସ୍ତ ସମସ୍ୟା ବାବଦରେ ଜଣାଇଛନ୍ତି। ପର୍ଯ୍ୟଟନ ସ୍ଥଳୀ ପୀରଜାହାନିଆଠାରେ ଆସୁଥିବା ମହିଳା ପର୍ଯ୍ୟଟକଙ୍କୁ ଅସାମାଜିକ ବ୍ୟକ୍ତିଙ୍କ ଅସଦାଚରଣ କରୁଛନ୍ତି। ଏହାକୁ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ବ୍ଲକର ବିଭିନ୍ନ ଛକଗୁଡିକରେ ଚାଲୁଥିବା ଅବାଧ ଚୋରା ମଦ କାରବାର, ବ୍ରାଉନସୁଗାର କାରବାର, ଖୋଲାଖୋଲି ଗଞ୍ଜେଇ ବିକ୍ରି, ଅସ୍ତରଙ୍ଗର ମୁଖ୍ୟ ବଜାରରେ ପ୍ରତିଦିନ ଉପୁଜୁଥିବା ଟ୍ରାଫିକ ସମସ୍ୟାଗୁଡିକ ଉପରେ ଗୁରୁତ୍ୱ ଦେବେ ବୋଲି ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ। ଥାନା ଅଧିକାରୀ ପରିଡ଼ାଙ୍କୁ ଅସ୍ତରଙ୍ଗ ଖବରଦାତା ସଂଘ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି।


ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ।

# ପୁରୀ ଜିଲା: ୯୯ ପ୍ରତିଶତ ନିଅଣ୍ଟିଆ ବର୍ଷା

ପୁରୀ ଅଫିସ,୪।୮:

ଗତ ୭ ଦିନରେ ପୁରୀ ଜିଲାର ନିଅଣ୍ଟିଆ ବର୍ଷା ସ୍ଥିତି ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଶ୍ରାବଣ ମାସରେ ପୁରୀ ସ୍ୱାଭାବିକ ବର୍ଷାରୁ ବଞ୍ଚିତ ହେଉଛି। କାଁ ଭାଁ ଅସରାଏ ବର୍ଷା ପରେ ଟାଣ ଖରାରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ମୌସୁମୀ ପ୍ରବାହରେ ଆବଶ୍ୟକ ପରିମାଣର ବର୍ଷା ହେଉ ନ ଥିବାରୁ ଜିଲାର ପ୍ରମୁଖ ନଦୀର ଜଳସ୍ତର ପ୍ରଭାବିତ ହେଉଛି। ରାଜ୍ୟରେ ଗତ ୭ଦିନରେ ସବୁଠାରୁ କମ୍ ବର୍ଷା ପୁରୀରେ ହୋଇଛି। ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ମଧ୍ୟରେ ୦.୬୬ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୭୫.୫ ମିମି ତୁଳନାରେ ୯୯ ପ୍ରତିଶତ କମ୍। ଏବେ ସୁଦ୍ଧା ୩୯୭.୮ ମିମି ବର୍ଷା ହୋଇଛି। ଯାହାକି ଜୁନ୍ ପହିଲାରୁ ଏପର୍ଯ୍ୟନ୍ତ ହେବାକୁ ଥିବା ସ୍ୱାଭାବିକ ବର୍ଷାର ପରିମାଣଠାରୁ ୧୭ ପ୍ରତିଶତ କମ୍। ପୁରୀ ଜିଲା ସ୍ୱାଭାବିକ ବର୍ଷା ଶ୍ରେଣୀରେ ରହିଥିବା ପାଣିପାଗ ଦର୍ଶାଉଥିଲେ ମଧ୍ୟ ଗତ ୭ଦିନର ବୃଷ୍ଟିପାତ କମ୍ ରହିଛି। ସ୍ୱାଭାବିକ ବୃଷ୍ଟିପାତ ପରିମାଣଠାରୁ ୧୯ ପ୍ରତିଶତ ଅଧିକ କିମ୍ବା କମ୍ ବର୍ଷାକୁ ପୂର୍ବବତ୍ ସ୍ୱାଭାବିକ ବର୍ଷା ଶ୍ରେଣୀରେ ଗଣନା କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ପୁରୀରେ ସ୍ୱାଭାବିକ ବର୍ଷା ପାଇଁ ପାଣିପାଗ ବିଭାଗ ପକ୍ଷରୁ ବୃଷ୍ଟିପାତର ନିର୍ଦ୍ଦିଷ୍ଟ ପରିମାଣ ସ୍ଥିର ହୋଇଛି। ଜୁନରେ ୧୫୬.୨, ଜୁଲାଇରେ ୨୮୧.୭, ଅଗଷ୍ଟରେ ୩୪୭.୩ ଓ ସେପ୍ଟେମ୍ବରରେ ୨୨୯.୫ ମିମ ବର୍ଷା ହେଲେ ତାହାକୁ ସ୍ୱାଭାବିକ ବୃଷ୍ଟିପାତ ବୋଲି କୁହାଯିବ। ବର୍ଷାଭାବ କାରଣରୁ କାଦୁଆ ନଦୀ ପ୍ରଭାବିତ ହେଉଛି। ପୁରୀ ସହରକୁ ପାନୀୟ ଜଳ ଯୋଗାଣର ଏକ ପ୍ରମୁଖ ଉତ୍ସ ହେଉଛି କାଦୁଆ ନଦୀ। ଏହି ନଦୀର ଜଳସ୍ତର କମିଲେ ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବ। ସେହିଭଳି କାଦୁଆ ନଦୀର ଜଳ ମୌସୁମୀ ପ୍ରଭାବରେ ଫୁଲି ପ୍ରାଚୀ ନଦୀକୁ ଚାଲିଯାଏ। ପ୍ରାଚୀର ଜଳସ୍ତର ମଧ୍ୟ ବଢ଼ିଥାଏ। ତେବେ ବର୍ଷାଭାବ ପ୍ରାଚୀ ନଦୀକୁ ପୂର୍ଣ୍ଣ କରିପାରୁନି। ହିମାଳୟ ପର୍ବତମାଳାରେ ମୌସୁମୀ ମାଡ଼ ହୋଇ ଫେରିବା ପରେ ଯେଉଁ ବର୍ଷା ହେବ ତାହା ଉପରେ ପ୍ରମୁଖ ନଦୀର ଭାଗ୍ୟ ନିର୍ଭର କରିବ। ବର୍ଷାଭାବ ଯୋଗୁ ଦୟା, ଭାର୍ଗବୀ, କୁଶଭଦ୍ରା ଓ ଦେବୀ ନଦୀ ପଠାରେ ଉର୍ବର ଭୂମି ସୃଷ୍ଟି ହେବାରେ ମଧ୍ୟ ସମସ୍ୟା ହେଉଛି।

## ଜମି ଫାଟି ଆଁ, ମରୁଡ଼ି ଆଶଙ୍କାରେ ଚାଷୀ

ଅସ୍ତରଙ୍ଗ, ୪।୮(ଡି.ଏନ୍.ଏ.):

ଆଉ ଅଳ୍ପ କେଇଟା ଦିନ ପରେ ଶ୍ରାବଣ ମାସ ଶେଷ ହେବ। କିନ୍ତୁ ବିଡ଼ମ୍ବନାର ବିଷୟ, ଯେଉଁ ମାସରେ ପ୍ରବଳ ବର୍ଷା ହେବା କଥା ସେହି ମାସରେ ବର୍ଷା ଉଭେଇ ଯାଇଛି। ଟାଣ ଖରାରେ ଧାନ ଜମି ଫାଟି ଆଁ କଲାଣି। ଶ୍ରାବଣ ମାସରେ କୃଷକମାନେ ନିଜ ନିଜ କ୍ଷେତରେ ବେଉଷଣ ସାରି ଘରେ ବିଶ୍ରାମ ନେବା କଥା। କିନ୍ତୁ ଏହି ସମୟରେ ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତର ହଜାର ହଜାର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ଏଜେନ୍ସି ଜରିଆରେ ଚାଷୀଙ୍କୁ ବିହନ ମିଳିଥିଲା। ହେଲେ ସେଥିରୁ ତଳି ଉଠିଲା ନାହିଁ। ପରେ ଚାଷୀ ଅନ୍ୟ ଆଡୁ ବିହନ ସଂଗ୍ରହ କରି ତଳି ପକାଇଥିଲେ। ସ୍ୱାଭାବିକ ବର୍ଷା ହୋଇଥିଲେ ବେଉଷଣ କାର୍ଯ୍ୟ ଶେଷ ହୋଇଥାନ୍ତା। ହେଲେ ବର୍ଷା ଅଭାବରୁ ଏବେ ସମ୍ଭାବ୍ୟ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଛି। ଗତବର୍ଷ ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ଉଜୁଡ଼ି ଯାଇଥିଲା। ଫଳରେ ଚାଷୀ ବହୁ କ୍ଷତି ସହିଥିଲେ। ଏବର୍ଷ ମଧ୍ୟ ବିହନ ଓ ବର୍ଷା ଅଭାବରୁ ଚାଷୀକୁଳ କ୍ଷତି ସହିବାକୁ ଯାଉଛି। ଅନ୍ୟପଟେ କେନାଲରୁ ପାଣି ପାଇବା ଆଶାରେ ଚାଷୀ ଚାଷ କରିଥିଲେ ମଧ୍ୟ କେନାଲ ଶୁଖିଲା ପଡ଼ିଛି। ଫଳରେ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ସୂଚନା ମୁତାବକ, ଅସ୍ତରଙ୍ଗ-ରାଇବେରୁହାଁ- ସୁନ୍ଦର ରାସ୍ତା ପାର୍ଶ୍ୱସ୍ଥ କଲଭର୍ଟରେ ଗେଟ୍ କବାଟକୁ କେତେଜଣ ଦୁର୍ବୃତ୍ତ ଚୋରି କରି ନେବା ଫଳରେ ଅସ୍ତରଙ୍ଗ, ସୁନ୍ଦର, ବାରଜଙ୍ଗା, ବରଡି, ଆଦିକନ୍ଦପୁର ଓ ଗୁଡୁବଣାଇର ଶହ ଶହ ଏକର ଜମିରେ ଲୁଣିପାଣି ମାଡ଼ିଯାଇଛି। ଫଳରେ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି। ଖବର ପାଇ ଜଳସେଚନ ବିଭାଗର କର୍ମଚାରୀ ସେଠାକୁ ଯାଇ ନୂଆ କବାଟ ଲଗାଇଥିଲେ ମଧ୍ୟ ଜମିରେ ଲୁଣିପାଣି ପଶିବା ବନ୍ଦ ହେଉ ନ ଥିବା ଅସ୍ତରଙ୍ଗର ପୁରନ୍ଦର ବେହେରା, ସିଦ୍ଧେଶ୍ୱର ବସ୍ତିଆ, ମଙ୍ଗୁଳି ବସ୍ତିଆ, ପୁରନ୍ଦର ମହାନ୍ତି, ମହେଶ୍ୱର ଓଝା, ସୁନ୍ଦର ଗ୍ରାମର ଭାସ୍କର ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ଏବଂ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କେନାଲରେ ପାଣି ଛାଡ଼ିବା ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।



## ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ବଣ୍ଟନ

ମାହାଙ୍ଗା,(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଅଳିଯୋଡାସ୍ଥିତ ବିଧାୟକ ପ୍ରତାପ ଜେନାଙ୍କ ବାସଭବନରେ ଦିବ୍ୟାଙ୍ଗମାନଙ୍କୁ ୨୫ରୁ ଊର୍ଦ୍ଧ୍ୱ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଜେନା ଯୋଗଦେଇ ଟ୍ରାଇ ସାଇକେଲ ପାଇବା ଦ୍ୱାରା ଦିବ୍ୟାଙ୍ଗମାନେ ସ୍ୱାବଲମ୍ବୀ ହୋଇ ନିଜ କାର୍ଯ୍ୟ କରିପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୀପା ମଲିକ, ଉମାଶଙ୍କର ବିଶ୍ୱାଳ, ରାଜକିଶୋର ଜେନା, ଶରତ ନାୟକ,ଅଶୋକ ଓଝା, ସତ୍ୟ ନାରାୟଣ ମହାନ୍ତି,ଜଗବନ୍ଧୁ ସେଠୀ,ମୁର୍ସିଦ ରିଆଜୁଲ ହୋଦା, ଶରତ ମହାପାତ୍ର,ନିରଞ୍ଜନ ବିଶ୍ୱାଳ, କମଳାକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ମୋବାଇଲ ଟାୱାରରେ ଯୁବକଙ୍କ ଆତ୍ମହତ୍ୟା

କଟକ ଅଫିସ,୪।୮: ସିଡିଏ ସେକ୍ଟର-୯ ଅଞ୍ଚଳରେ କାମ କରୁଥିବା ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଏକ ମୋବାଇଲ ଟାୱାରରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସନ୍ଦୀପ ପାତ୍ର (୨୨) ଓ ତାଙ୍କ ଘର ଗୋବିନ୍ଦପୁର ଥାନା ଅନ୍ତର୍ଗତ ଖଲର୍ଦ୍ଧା ଅଞ୍ଚଳର ବୋଲି ପୋଲିସ କହିଛି। ସେ ଏଠାରେ ଏକ କଫିସେଣ୍ଟରରେ କାମ କରୁଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ଜଣାପଡ଼ିନାହିଁ। ଏନେଇ ମର୍କତନଗର ଥାନାରେ ଏକ ମାମଲା ରୁଜୁ ହେବା ସହ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ବିଜେଡି ପଞ୍ଚାୟତ ସଭାପତି ନିଲମ୍ବିତ

କଟକ ସଦର,୪।୮(ଡି.ଏନ୍.ଏ.): ଦଳ ବିରୋଧୀ କାର୍ଯ୍ୟ ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ ବରଦା ପଞ୍ଚାୟତ ବିଜେଡି ସଭାପତି ତ୍ରିଲୋଚନ ଭୋଇଙ୍କୁ ଦଳରୁ ଗୁରୁବାର ନିଲମ୍ବନ କରାଯାଇଛି। କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ଅନୁମୋଦନ କ୍ରମେ ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଏହି ପଦକ୍ଷେପ ନେଇଛନ୍ତି।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ମଙ୍ଗୁଳି,୪।୮(ଡି.ଏନ୍.ଏ.): ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ଶମ୍ଭୁପୁର ଗ୍ରାମର ବନମାଳୀ ଭୋଇ (୨୬)। ଏ ନେଇ ପୋଲିସ ଏକ ମାମଲା (ନଂ.୩୨୬/୨୨) ରୁଜୁ କରିଛି। ସୂଚନା ମୁତାବକ, ଜଗତପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ବନମାଳୀଙ୍କ ବନ୍ଧୁତା ଥିଲା। ଗତ ୨୧।୯।୨୧ ତାରିଖରେ ବନମାଳୀ ଯୁବତୀଙ୍କୁ ଦେଖା କରିବାକୁ ଗାଁ ପାଖ ବିଲକୁ ଡାକିଥିଲା। ଯୁବତୀ ସେଠାରେ ପହଞ୍ଚିବାରୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଏଥିରେ ଯୁବତୀ ରାଜି ନ ହେବାରୁ ବନମାଳୀ ଜୋରଜବରଦସ୍ତ ବଳାତ୍କାର କରିବା ସହ ଏକଥା କାହାକୁ କହିଲେ ମାରିଦେବାକୁ ଧମକ ଦେଇଥିଲେ। ଯୁବତୀ ଅଧିକାଂଶ ସମୟ ଭୟରେ ରହୁଥିବାବେଳେ ବୁଧବାର କୌଣସିମତେ ପରିବାର ଲୋକ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରି ବନମାଳୀଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲା।

### ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ ଅଫିସ, ୪।୮: ଭୁବନେଶ୍ୱରର କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲି ବସ୍ତି ଅଞ୍ଚଳରେ ଗୁରୁବାର ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଚଢାଉ କରି ୧୧୨ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କ୍ୟାପିଟାଲ ଥାନା ଅଧୀନ କେଦାରପଲ୍ଲି ଅଞ୍ଚଳର ପପୁ ନାୟକ (୨୪)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କା ବୋଲି ସ୍କ୍ୱାଡ ପକ୍ଷରୁ କୁହାଯାଇଛି।

### ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ସମାଧି ଦିବସ

କଟକ ଅଫିସ,୪।୮: ଫିରିଙ୍ଗିବଜାରସ୍ଥିତ ଚିନ୍ମୟ ମିଶନ ସଭାଗୃହରେ ବୁଧବାର ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ୩୦ତମ ସମାଧି ଦିବସ ପାଳିତ ହୋଇଯାଇଛି। ମିଶନର ମୁଖ୍ୟ ଡ. ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ସ୍ୱାମୀ ଚିନ୍ମୟାନନ୍ଦଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ମିଶନର ମୁଖ୍ୟ ସଂଯୋଜକ ଉତ୍କଳ ଭୂଷଣ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। କୈଳାଶ ଚନ୍ଦ୍ର ଜେନା, ମିଶନର ସମ୍ପାଦକ ସପତ୍ନୀକ, ଶରତ ଚନ୍ଦ୍ର ଦେବତା, ଅଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଚୌଦ୍ୱାର,୪।୮(ଡି.ଏନ୍.ଏ.): ଓଟିଏମ୍ ସମ୍ପର୍କରେ ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ଚୌଦ୍ୱାରବାସୀ ଖୁସି ଜାହିର କରିଛନ୍ତି। ଚୌଦ୍ୱାର ବିଜୁ ଜନତା ଦଳ ପକ୍ଷରୁ ହାଇକୋର୍ଟ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ପୌରୋହିତ୍ୟରେ ଗାନ୍ଧୀ ଛକସ୍ଥିତ ପୌର ଟାଉନ୍ ହଲରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ତାପସ ମହାନ୍ତି, ଅର୍ଜୁନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଫି ବୃଦ୍ଧିକୁ ବିରୋଧ: ଛାତ୍ରୀଛାତ୍ରଙ୍କ ଧାରଣା

କଟକ ଅଫିସ,୪।୮



ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଫି ବୃଦ୍ଧି ପ୍ରତିବାଦରେ ବିଶ୍ୱବିଦ୍ୟାଳୟରେ ଧାରଣା ଦିଆଯାଇଛି।

ଫିସ୍ ବୃଦ୍ଧିକୁ ବିରୋଧ କରି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍ଏଲ୍‌ୟୁ)ରେ ତିନିବର୍ଷିଆ ଏଲ୍ଏଲ୍‌ବି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମିଷ୍ଟରରେ ବର୍ଦ୍ଧିତ ଫି ଆଦାୟ କରି ପିଲାଙ୍କ ଟଙ୍କାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍ୟ କାର୍ଯ୍ୟ କରୁଥିବା ଅଭିଯୋଗ କରି ଗୁରୁବାର ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। କୋଭିଡ୍ ପାଇଁ ପରିବାରର ଆର୍ଥିକ ସ୍ଥିତି ପ୍ରଭାବିତ ହୋଇଛି। ଏପରି ସ୍ଥିତିରେ କର୍ତ୍ତୃପକ୍ଷଙ୍କ ବାରମ୍ବାର ଫି' ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ। ତେଣୁ ଫି ବୃଦ୍ଧି ବିରୋଧରେ ଆନ୍ଦୋଳନର ପନ୍ଥା ଆପଣାଇଥିବା ଛାତ୍ରୀଛାତ୍ର କହିଛନ୍ତି। ଆନ୍ଦୋଳନ ପରେ ଛାତ୍ରୀଛାତ୍ରମାନେ କ୍ଲାସ୍‌ରୁମ୍‌କୁ ଯାଇ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନରତ ଛାତ୍ରୀଛାତ୍ର କହିଛନ୍ତି, ଯଦି ତୁରନ୍ତ ପଦକ୍ଷେପ ନ ନିଆଯାଏ, ତାହାହେଲେ ଆନ୍ଦୋଳନ ତୀବ୍ର ହେବ। ଅନ୍ୟପକ୍ଷରେ କୁଳସଚିବ ନିରୁପମା ସ୍ୱାଇଁ କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା। ଭର୍ଚୁଆଲ ମୋଡ୍‌ରେ ବିସିଆଇ ମିଟିଂ ଚାଲିଥିବା ବେଳେ ଛାତ୍ରୀଛାତ୍ର ଆସି କ୍ୟାମେରା ସମ୍ମୁଖରେ ପ୍ରତିବାଦ କରିଥିଲେ। ଫଳରେ ମିଟିଂ ଅଧାରୁ ବନ୍ଦ ହୋଇଥିଲା। ଏଥିସହ ସିଣ୍ଡିକେଟରେ ଫି' ଧାର୍ଯ୍ୟ କରାଯାଇଥାଏ। ଏଥିରେ ପରିବର୍ତ୍ତନ କରିବା ଆମ ହାତରେ ନାହିଁ। ସେହିପରି ଆରମ୍ଭ ଦିନରୁ ଅଦ୍ୟାବଧି ବିଶ୍ୱବିଦ୍ୟାଳୟରେ ଅନେକ ପରିବର୍ତ୍ତନ ଆସିଛି। ସେଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତରବର ଭାବେ କୌଣସି ପଦକ୍ଷପ ନିଆଯାଇପାରିବ ନାହିଁ।

# ୨ ଗୋରୁ ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ଟିଗିରିଆ,୪।୭(ଡି.ଏନ.ଏ)

ଟିଗିରିଆ ପୋଲିସ ନରସିଂହପୁରର ଚମ୍ପେଶ୍ୱର ଅଞ୍ଚଳରୁ ୨ଟି ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଉଭୟ ଗାଡ଼ିର ଚାଳକଙ୍କୁ ଗିରଫ କରିବା ସହ ୧୩ଟି ବଳଦଙ୍କୁ ଉଦ୍ଧାର କରିଛି। ଗୋରୁମାନଙ୍କୁ ଗୋଶାଳାକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ କାମାକ୍ଷାନଗର ଅରଖପାଳସ୍ଥିତ ପିଣ୍ଟୁ ଜେନା ଓରଫ୍ ସଞ୍ଜୁ ଏବଂ କେନ୍ଦୁମୁଣ୍ଡି କରଞ୍ଜିଆର ସୁମନ୍ତ ନାୟକ। ଏନେଇ ଟିଗିରିଆ ଥାନାରେ ମାମଲା (ନଂ. ୧୫୬/୨୨) ରୁଜୁ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଗୋରୁ ଚାଲାଣ ସମ୍ପର୍କରେ ଟିଗିରିଆ ପୋଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ଏହାପରେ ଥାନା ଅଧିକାରୀ ସୁଚିତ୍ରା ଜେନା ସଦଳବଳ ଚଢ଼ାଉ କରି ଥାନା ଅନ୍ତର୍ଗତ ଚମ୍ପେଶ୍ୱରସ୍ଥିତ ଗୋଡ଼ିଝରିଆ ନିକଟରେ ଉଭୟ ଗାଡ଼ିକୁ ଅଟକାଇଥିଲେ। ଏହି ସମୟରେ ଗୋଟିଏ ଗାଡ଼ିରୁ ୭ ଏବଂ ଆଉ ଗୋଟିଏ ଗାଡ଼ିରୁ ୬ଟି ବଳଦ ଜବତ କରାଯାଇଥିଲା। ଗୋରୁଗୁଡ଼ିକୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଅଞ୍ଚଳକୁ ଚାଲାଣ କରାଯାଉଥିଲା ବୋଲି ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି।

# ଜନମାନସରେ ସ୍ମରଣୀୟ ରହିବେ ରାଜେନ୍ଦ୍ର ସିଂ

କଟକ ଅଫିସ, ୪।୮

ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସହିଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜନୈତିକ ଦଳ, ଶ୍ରମିକ କର୍ମଚାରୀ ସଙ୍ଗଠନ, ଗଣ ସଙ୍ଗଠନ ଓ ବୁଦ୍ଧିଜୀବୀ, କଟକ ମ୍ୟୁନିସିପାଲ କର୍ମଚାରୀ ସଂଘ ଏବଂ ମେହେନ୍ତର ସଂଘ ପରିଚାଳନାରେ ଉକ୍ତ ସଭା ଆୟୋଜିତ ହୋଇଥିଲା। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ସଭାପତିତ୍ୱ କରି ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହ ତାଙ୍କର ସେବା ଓ ସଂଗ୍ରାମ ପାଇଁ ଜନମାନସରେ ସ୍ମରଣୀୟ ହୋଇରହିବେ ବୋଲି କହିଥିଲେ। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ମହମ୍ମଦ ମୋକିମ, ପ୍ରତାପ ଜେନା, ଶଶୀ ଭୂଷଣ ବେହେରା, ସୌଭିକ ବିଶ୍ୱାଳ, କଟକ ଡେପୁଟି ମେୟର ଦମୟନ୍ତୀ ମାଝି, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଏଚଏମଏସ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଏଚ୍‌ଏମ୍ଏସ୍ ନେତା ଯୁଗଳ ନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ବିଜେଡି ନେତା ମଧୁସୂଦନ ସାହୁ, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଭାଜପା ନେତା ଲଲାଟେନ୍ଦୁ ବଡୁ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି, କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ନେତା କିଶୋର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଦିନକରେ ୪ ପ୍ରତିଯୋଗିତାମୂଳକ ପରୀକ୍ଷା

କଟକ ଅଫିସ, ୪।୮

**ଦ୍ୱନ୍ଦ୍ୱରେ ପରୀକ୍ଷାର୍ଥୀ**

ଗୋଟିଏ ଦିନରେ ୪ଟି ପ୍ରତିଯୋଗିତାମୂଳକ ପରୀକ୍ଷା ହେବାକୁ ଥିବାରୁ ଆଶାୟୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି । ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ), ଏସ୍ଏସ୍‌ସି ସିଜିଏଲ୍, ବ୍ୟାଙ୍କ ପିଓ ଏବଂ ରେଳ ବିଭାଗର ଗ୍ରୁପ୍ 'ଡି' ପରୀକ୍ଷା ରହିଛି। ଆସନ୍ତା ୨୧ ତାରିଖରେ ଏହି ପରୀକ୍ଷା ହେବାକୁ ଯାଉଛି। ଏନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ତେବେ ଗୋଟିଏ ଦିନରେ ୪ଟି ପରୀକ୍ଷା କିପରି ଦେବେ ନେଇ ଆଶାୟୀମାନେ ଆଶଙ୍କାରେ ରହିଛନ୍ତି। ପରୀକ୍ଷାର୍ଥୀମାନେ ବିଭିନ୍ନ ପରୀକ୍ଷା ପାଇଁ ଦୀର୍ଘଦିନ ହେବ ପ୍ରସ୍ତୁତି ଚଳାଇଛନ୍ତି। ଏଥିମଧ୍ୟରେ ଗୋଟିଏ ଦିନରେ ୪ଟି ପରୀକ୍ଷା ନେଇ ବିବାଦ ଦେଖାଦେଇଛି। ଏପରି ହେଲେ ଅନେକ ଆଶାୟୀ ବାଦ୍ ପଡ଼ିବେ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେବାକୁ ଥିବା ପରୀକ୍ଷା ତାରିଖ ପରିବର୍ତ୍ତନ କରିବା ସମ୍ଭବ ନ ଥିବା ବେଳେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ହେବାକୁ ଥିବା ପରୀକ୍ଷା ତାରିଖ ବଦଳାଇବା ପାଇଁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। କରୋନା ପ୍ରଭାବରେ ବିଶେଷକରି ଶିକ୍ଷା ଓ ନିଯୁକ୍ତି ବ୍ୟବସ୍ଥା ବେଶ୍ ପ୍ରଭାବିତ ହୋଇଛି। ତେବେ ଗୋଟିଏ ଦିନରେ ୪ଟି ପରୀକ୍ଷା ଅନୁଷ୍ଠିତ ହେଲେ ଅନେକ ପିଲା ୩ଟି ପରୀକ୍ଷା ଦେଇପାରିବେ ନାହିଁ। ଆଶାୟୀ ପରୀକ୍ଷାର୍ଥୀ ବିଚଳିତ ଅବସ୍ଥାରେ ସରକାର ଏବଂ ଓପିଏସ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏନେଇ କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜଡ଼ିବୁଟି ଦିବସ ଉପଲକ୍ଷେ ଚାରା ରୋପଣ

ଫୁଲନଖରା,୪।୮(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ନଛିପୁର ଗ୍ରାମ ବଡେଇ ସାହି ଅନ୍ତର୍ଗତ ବାବା ଗୋଦାବରୀ ପୀଠରେ ଜଡ଼ି ବୁଟି ଦିବସ ଉପଲକ୍ଷେ ଔଷଧୀୟ ଚାରା ରୋପଣ ହୋଇଯାଇଛି। ପତଞ୍ଜଳି କିଶାନ ସେବା ସମିତି ତଥା ପତଞ୍ଜଳି ଯୋଗପୀଠ ପରିବାର କଟକ ଶାଖା, ମହିଳା ଶାଖା, ଭାରତ ସ୍ୱାଭିମାନ ସେବା ସମିତି ଆନୁକୂଲ୍ୟରେ ଜଡ଼ିବୁଟି ଦିବସ ପାଳନ ହୋଇଛି। ନିମାଇଁ ଚରଣ ଜେନାଙ୍କ ନେତୃତ୍ୱରେ ୨୦୦ରୁ ଉର୍ଦ୍ଧ୍ୱ ଔଷଧୀୟ ଚାରା ରୋପଣ ହୋଇଛି। ପତଞ୍ଜଳି କିଶାନ ସେବା ସମିତିର ରାଜ୍ୟ ପ୍ରଭାରୀ ସ୍ୱୟଂ ପ୍ରକାଶ ମହାପାତ୍ର, ସହ ପ୍ରଭାରୀ ପୃଥ୍ୱୀରାଜ ପ୍ରଧାନ, ସିଏମ୍‌ସି ଚାରାରୋପଣ ଅଧିକାରୀ ବୃନ୍ଦାବନ ସାହୁ, ସୁନୀଲ ଶର୍ମା, ସ୍ୱରୁପ ସାହୁ, କିଶୋର ସାଗର, ପ୍ରିୟବ୍ରତ ରାଉତରାୟ, ଶିଶିର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ଏକ ସମ୍ବର୍ଦ୍ଧନା ସଭାରେ ପରିବେଶ ସମ୍ବନ୍ଧୀୟ ସଚେତନତା ବିଷୟରେ ଆଲୋଚିତ ହୋଇଥିଲା। ରାଜଶ୍ରୀ ମହାପାତ୍ର, ବନ୍ଦିତା ମହାପାତ୍ର, କବିତା ପରିଡା, ବାସୁଦେବ ପାତ୍ର, ମାନସ ରଞ୍ଜନ ନାୟକ, ଅତୁଲ୍ୟ ସାମଲ, ସମୀର ନାୟକ ଧନ୍ୟବାଦ ଦେଇଥିଲେ।

# ଏନ୍‌ସିସି ପକ୍ଷରୁ ଫାୟାରିଂ ରେଞ୍ଜ ଉଦ୍‌ଘାଟିତ




ଏନ୍‌ସିସିର ଫାୟାରିଂ ରେଞ୍ଜ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଫିସର।

କଟକ ଅଫିସ, ୪।୮

ଏନ୍‌ସିସି କ୍ୟାଡେଟ୍‌ଙ୍କ ପାଇଁ କଟକସ୍ଥିତ ଏନ୍‌ସିସି ଗ୍ରୁପ ହେଡକ୍ୱାର୍ଟର ପକ୍ଷରୁ ଏକ ଉତ୍କୃଷ୍ଟ ଫାୟାରିଂ ରେଞ୍ଜ ନଜର ଅରିଲୋସ୍ଥିତ ଶ୍ରୀ ଶ୍ରୀ ୟୁନିଭର୍ସିଟି ପରିସରରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୟୁନିଭର୍ସିଟିର ନିର୍ଦ୍ଦେଶକ ଉକ୍ତ ଫାୟାରିଂ ରେଞ୍ଜକୁ ଉଦ୍‌ଘାଟନ କରିଥିଲେ। ପରେ କ୍ୟାଡେଟ୍‌ମାନେ ଆୟୋଜିତ ଫାୟାରିଂ ପ୍ରତିଯୋଗିତାରେ ଭାଗନେଇଥିଲେ। ସୂଚନାଯୋଗ୍ୟ, ଉକ୍ତ ରେଞ୍ଜରେ ରାଷ୍ଟ୍ରୀୟ ସ୍ତର ସୁଟିଂ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ କ୍ୟାଡେଟ୍‌ମାନେ ନିଜକୁ ପ୍ରସ୍ତୁତ କରିପାରିବେ। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ଅବସ୍ଥିତ ୧୦ ଏନ୍‌ସିସି ୟୁନିଟର କ୍ୟାଡେଟ୍‌ମାନେ ଉପକୃତ ହେବେ।

# ବୀମା ପେନ୍‌ସନ୍‌ଭୋଗୀଙ୍କ ବିକ୍ଷୋଭ




ବିଭିନ୍ନ ଦାବି ନେଇ ଅଖିଳ ଓଡ଼ିଶା ଏଲ୍‌ଆଇସି ପେନସନର୍ସ ଆସୋସିଏଶନ ପକ୍ଷରୁ କଟକ ମାଛୁଆବଜାରସ୍ଥିତ ଏଲ୍‌ଆଇସି କାର୍ଯ୍ୟାଳୟରେ ବିକ୍ଷୋଭ।

କଟକ ଅଫିସ, ୪।୮

ରାଷ୍ଟ୍ରାୟତ୍ତ ଜୀବନ ବୀମା ଓ ସାଧାରଣ ବୀମା ପେନସନଭୋଗୀଙ୍କ ଅକାଳରେ ମୃତ୍ୟୁବରଣ ହେଲେ ସେମାନଙ୍କ ସ୍ତ୍ରୀ କିମ୍ବା ପତିଙ୍କୁ ୧୫ ପ୍ରତିଶତ ପାରିବାରିକ ପେନସନ ମିଳୁଛି। ଉକ୍ତ ପେନସନକୁ ୩୦ ପ୍ରତିଶତକୁ ବୃଦ୍ଧି କରିବାକୁ ଅଖିଳ ଭାରତ ବୀମା ପେନସନର ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବି ନେଇ ଗୁରୁବାର ସଂଘ ଦେଶବ୍ୟାପୀ ଦାବି ଦିବସ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଅଖିଳ ଓଡ଼ିଶା ଏଲ୍‌ଆଇସି ପେନସନର୍ସ ଆସୋସିଏଶନ ପକ୍ଷରୁ କଟକ ମାଛୁଆବଜାରସ୍ଥିତ ଏଲ୍‌ଆଇସି ଡିଭିଜନାଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏଲ୍‌ଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକଙ୍କ ମାଧ୍ୟମରେ ଚେୟାରମ୍ୟାନଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ବିକ୍ଷୋଭରେ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସଦାନନ୍ଦ ପରିଜା ଯୋଗଦେଇ କହିଥିଲେ, ଦାବିକୁ ଏଲ୍‌ଆଇସି ଓ ଜିଆଇସି କର୍ତ୍ତୃପକ୍ଷ ସ୍ୱୀକୃତି ଦେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ପଠାଇଛନ୍ତି। ହେଲେ ଏଥିପ୍ରତି ଅର୍ଥ ମନ୍ତ୍ରଣାଳୟ କର୍ଣ୍ଣପାତ କରୁନାହିଁ। ଏହା କ୍ଷୋଭ ଓ ପରିତାପର ବିଷୟ ବୋଲି ସେ କହିଥିଲେ। ବିକ୍ଷୋଭରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଗଜେନ୍ଦ୍ର ନାଥ ମହାନ୍ତି, ସର୍ବଭାରତୀୟ ଯୁଗ୍ମ ସମ୍ପାଦକ ରବିନାରାୟଣ ମଲ୍ଲିକ, କଟକ ଡିଭିଜନ ବୀମା କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରମୁଖ ସାମିଲ ଥିଲେ।

# ମାସିକ ୧୦୦ ଲିଟର ଡିଜେଲର ମିଳିଲାନି ହିସାବ

କଟକ ସଦର,୪।୮(ଡି.ଏନ୍.ଏ.)

୨୦୧୭- ୨୦୨୨ ମସିହା ଅବଧିର କଟକ ସଦର ବ୍ଲକର କାର୍ଯ୍ୟଧାରାକୁ ନେଇ ଚର୍ଚ୍ଚାକୁ ଆସିଥିଲା। ଏହି ଅବଧିରେ ବ୍ଲକର ବୈଠକ ଠିକ୍ ଭାବେ ହୋଇପାରୁ ନ ଥିବାବେଳେ ଅଧକ୍ଷାଙ୍କୁ ମଧ୍ୟ ବିଭିନ୍ନ ଉନ୍ନୟନମୂଳକ କାମରେ ଭାଗନେବାର ଦେଖାଯାଉ ନ ଥିଲା। ତେଣୁ ତାଙ୍କ ପାଇଁ ଉଦ୍ଦିଷ୍ଟ ୧୦୦ ଲିଟର ଡିଜେଲ କିଏ ବ୍ୟବହାର କରୁଥିଲା, ତାହା ଜଣା ପଡୁ ନ ଥିଲା। ତେବେ ଉକ୍ତ ୧୦୦ ଲିଟର ଡିଜେଲର ବ୍ୟବହାର କିପରି କରାଯାଇଥିଲା ସେ ସମ୍ପର୍କରେ ବିଡିଓଙ୍କୁ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ତା୩।୨।୨୦୨୧ରିଖରେ ମଗାଯାଇଥିଲା। ଇତିମଧ୍ୟରେ ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ଯଥାର୍ଥ ତଥ୍ୟ ମିଳିପାରି ନାହିଁ। ତେଣୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ଜଣକ ପ୍ରଥମ ଅପିଲରେ ଯାଇଛନ୍ତି। ବିବରଣୀରୁ ପ୍ରକାଶ, ଜଣେ ରାଜ୍ୟର ଯେକୌଣସି ପଞ୍ଚାୟତ ସମିତିର ଅଧକ୍ଷ ନିର୍ବାଚିତ ହେବା ପରେ ସରକାରୀ ନିୟମ ଅନୁଯାୟୀ ବ୍ଲକରେ ଥିବା ଗାଡ଼ି ବ୍ୟବହାର କରିବା ପାଇଁ ଅଧିକାର ପାଇଥାନ୍ତି। ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ କାମର ତଦାରଖ ପାଇଁ ବିଡିଓ ମାସିକ ୧୦୦ ଲିଟର ଡିଜେଲ ଯୋଗାଇଦେବେ। ଏ ନେଇ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ର ସଂଖ୍ୟା ନଂ.୩୭୮୦୯/୧୬।୯।୨୦୦୮ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିସହ ବିଡିଓ ମଧ୍ୟ ସରକାରୀ କାମ ପାଇଁ ମାସରେ ୯ ଦିନ ବ୍ଲକ ଗାଡ଼ି ବ୍ୟବହାର କରିବେ ବୋଲି ଉକ୍ତପତ୍ରରେ ଉଲ୍ଲେଖ ରହିଛି। ଅଧିକ ଦିନ ପାଇଁ ଗାଡିର ଆବଶ୍ୟକ ହେଲେ ଅଧକ୍ଷଙ୍କ ଅନୁମତି ନେଇପାରିବେ। ଏହି ନିୟମରେ କୌଣସି ପରିବର୍ତ୍ତନ ଅଦ୍ୟାବଧି ହୋଇ ନାହିଁ ବୋଲି ଜଣେ ଅବସର ପ୍ରାପ୍ତ ବିଡିଓ ନିଜର ପରିଚୟ ଗୋପନ ରଖି କହିଛନ୍ତି। ଏ ନେଇ ପୂର୍ବତନ ବ୍ଲକ ଅଧକ୍ଷା ଶ୍ରୀମନ୍ତିନୀ ବେହେରା କହିଛନ୍ତି, ୫ବର୍ଷ ଅବଧି ମଧ୍ୟରେ ଦିନକ ପାଇଁ ବ୍ଲକ ଗାଡ଼ି ବ୍ୟବହାର କରିବାର ସୁଯୋଗ ପାଇ ନାହିଁ,ତେଣୁ ଡିଜେଲ କଥା ଜାଣି ନାହିଁ। ଅନ୍ୟପଟେ ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା କୌଣସି ମନ୍ତବ୍ୟ ଦେବା ପାଇଁ ମନା କରିଦେଇଥିଲେ।

# ଲୁଟ୍ ମାମଲାରେ ୨ କୋର୍ଟ ଚାଲାଣ

କଟକ ଅଫିସ,୪।୮

**୩ ମୋବାଇଲ, ୨ ଗାଡ଼ି, କ୍ୟାମେରା, ୧୦ ହଜାର ଟଙ୍କା ଜବତ**

ମଧୁପାଟଣା ଥାନା ଅଞ୍ଚଳରେ ଗତ ୨ତାରିଖରେ ଘଟିଥିବା ଏକ ଲୁଟ୍ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶୁଭ ଜାଲି ଓ ପିଣ୍ଟୁ ଓରଫ ଚନ୍ଦ୍ରଶେଖର ସାହୁ। ସେମାନଙ୍କଠାରୁ ଡିଏସ୍ଏଲ୍‌ଆର୍ କ୍ୟାମେରା, ମୋବାଇଲ ଫୋନ, ସୁନା ଲକେଟ, ନମ୍ବରବିହୀନ ଗାଡ଼ି ସମେତ ନଗଦ ୧୦ ହଜାର ଟଙ୍କା ଜବତ ହୋଇଛି। ଏନେଇ କଲ୍ୟାଣୀନଗର ଦୁଲାଦେବୀ ରୋଡ୍ ଅଞ୍ଚଳର ଶରିଧା ସାସମଲଙ୍କ ଅଭିଯୋଗ କ୍ରମେ ଏକ କେସ୍ (ନଂ. ୨୨୦/୨୨) ରୁଜୁ କରାଯାଇଛି।

ସୂଚନା ଅନୁସାରେ, ଶରିଧାଙ୍କଠାରୁ ଶୁଭ ଓ ତାଙ୍କର ଦୁଇଜଣ ସହଯୋଗୀ କ୍ୟାମେରା, ସୁନା ଲକେଟ ଓ ୧୦ ହଜାର ଟଙ୍କା ଛଡ଼ାଇ ନେବା ସହ ତାଙ୍କୁ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ଏ ନେଇ ମଧୁପାଟଣା ଥାନାରେ ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ କରି ବୁଧବାର ଶୁଭ ଓ ଚନ୍ଦ୍ରଶେଖରଙ୍କୁ ରାଜେନ୍ଦ୍ରନଗରରୁ ଗିରଫ କରିଥିଲା। ଶୁଭଙ୍କଠାରୁ କ୍ୟାମେରା, ସୁନା ହନୁମାନ ଲକେଟ, ବାଇକ୍, ୩ ମୋବାଇଲ ଏବଂ ପିଣ୍ଟୁଙ୍କଠାରୁ ସ୍କୁଟି ଜବତ କରାଯାଇଛି। ଶୁଭଙ୍କ ଘର ଗଞ୍ଜାମ ଜିଲା ଖଲିକୋଟ ଥାନା ସମଲା ଅଞ୍ଚଳରେ ହୋଇଥିବା ବେଳେ ସେ କଟକ ଚାଉଳିଆଗଞ୍ଜ ଥାନାର ଶିଖରପୁର ଗୋଲବଜାର ଅଞ୍ଚଳରେ ରହୁଥିଲେ। ସେହିପରି ପିଣ୍ଟୁଙ୍କ ଘର ଜଗତସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ମଲିକାପୁରରେ ହୋଇଥିବା ବେଳେ ସେ ମଧୁପାଟଣା ଥାନା ଅଧୀନ କାଜିଡିହ ଅଞ୍ଚଳରେ ରହୁଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ, ୧୪ ଗିରଫ

କଟକ ଅଫିସ,୪।୮



**୧୪ ମୋବାଇଲ, ୩୯,୬୪୫ ଟଙ୍କା, ୩୩୫ ତାସ୍ ଜବତ**

ମଙ୍ଗଳାବାଗ ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ବଣିଆ ସାହି ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟୁଟୁ ଦଳେଇ(୫୫), ଟୁଲୁ ସେଠି(୫୧), ଇକବଲ ଖାନ(୨୪), ଚିତ୍ତରଞ୍ଜନ ପାତ୍ର(୩୩), ରମେଶ ଦାସ(୪୩), ଆପ୍ପା ରାଓ(୪୫), ରାଜକିଶୋର ରାଉତ(୪୮), ମାଧବ ଚନ୍ଦ୍ର ସାହୁ(୩୮), ରାକେଶ କୁମାର ସାହୁ(୩୨), ମନୋଜ କାହାଳି(୩୦), ବିଦ୍ୟାଧର ଦଳେଇ(୨୯), ରଞ୍ଜନ କୁମାର ପଲେଇ(୩୧), ଦିଲ୍ଲୀପ ସିଂହ(୬୫) ଓ ସେକ ଶେଖର(୨୦)। ସେମାନଙ୍କ ଠାରୁ ନଗଦ ୩୯,୬୪୫ ଟଙ୍କା ସମେତ ୧୪ଟି ମୋବାଇଲ ଫୋନ ଓ ୩୩୫ଟି ତାସ ଜବତ କରାଯାଇଛି। ଏ ନେଇ ମଙ୍ଗଳାବାଗ ଥାନାରେ ୪୨୦, ୩୪ ଆଇପିସି ଧାରାରେ କେସ ନଂ. ୧୮୯/୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ବୁଧବାର ରାତିରେ ମଙ୍ଗଳବାଗ ଥାନା ପୋଲିସ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ବଣିଆ ସାହିରେ ଏକ ବଡ଼ଧରଣର ଜୁଆଆଡ୍ଡା ଚାଲୁଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। ଫଳରେ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରିବା ବେଳେ ଅଭିଯୁକ୍ତମାନେ ଦୌଡ଼ିବାକୁ ଲାଗିଥିଲେ। କିନ୍ତୁ ପୋଲିସ ସମସ୍ତଙ୍କୁ ଧରିବାରେ ସଫଳ ହୋଇଥିଲା।